R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୭୬
ତିଥି : ତୃତୀୟା
୧୩ ଜୁଲାଇ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 276
13 July 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଅଧ୍ୟାପକଙ୍କ ନିର୍ଯାତନା ଅସହ୍ୟ

## ଦେହରେ ନିଆଁ ଲଗାଇ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ



ବାଲେଶ୍ୱର, ୧୨।୭ (ସବ୍ୟୁ) : ଓଡ଼ିଶାରେ ଥିବା ବିଭିନ୍ନ ସୁନାମଧନ୍ୟ କଲେଜମାନଙ୍କ ମଧ୍ୟରୁ ଫକୀରମୋହନ କଲେଜ ଅନ୍ୟତମ। ତେବେ ଏହି କଲେଜରେ କାର୍ଯ୍ୟରତ ଜଣେ ଅଧ୍ୟାପକଙ୍କ ନିର୍ଯାତନା ଅସହ୍ୟ ହେବାରୁ ଶନିବାର ସୌମ୍ୟାଶ୍ରୀ ବିଶି ନାମକ ଜଣେ ଇଣ୍ଟିଗ୍ରେଟେଡ୍ ବିଇଡ଼ି ପଢୁଥିବା ୨ୟ ବର୍ଷର ଛାତ୍ରୀ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ସାଧାରଣରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣା ଫକୀରମୋହନ କଲେଜ ପ୍ରତି ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି । ତେବେ ଘଟଣା ପରେ ଏହାକୁ ଗୁରୁତର ଭାବେ ଉଚ୍ଚଶିକ୍ଷା ବିଭାଗ ଗ୍ରହଣ କରିଛି। କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ନିଲମ୍ବିତ କରାଯାଇଥିବାବେଳେ ଅନ୍ୟତମ ବିଭାଗୀୟ ମୁଖ୍ୟ ସମୀର ସାହୁଙ୍କୁ ନିଲମ୍ବନ କରାଯିବା ପରେ ଗିରଫ କରାଯାଇଛି। ସମ୍ପୃକ୍ତ ଛାତ୍ରୀଙ୍କର ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହି ମର୍ମରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏମ୍ସ ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହାକୁ ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ବୋଲି କହିଛନ୍ତି। ଚିକିତ୍ସିତ ଛାତ୍ରୀଙ୍କୁ ସେ ମଧ୍ୟ ଏମ୍ସରେ ଭେଟି ସ୍ୱାସ୍ଥ୍ୟବସ୍ଥା କଥା ବୁଝିଛନ୍ତି। ସମ୍ପୃକ୍ତ ଛାତ୍ରୀଙ୍କୁ ଟ୍ରମାକେୟାର ୟୁନିଟରୁ ବର୍ଣ୍ଣ ୟୁନିଟକୁ ସ୍ଥାନାନ୍ତର କରାଯାଇଛି। ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ତଦନ୍ତ କରାଯାଉଛି। କମିଟି ରିପୋର୍ଟ ମିଳିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଛନ୍ତି। (୯ ପୃଷ୍ଠାରେ)

- କଲେଜ ଅଧ୍ୟକ୍ଷ ନିଲମ୍ବିତ
- ସମ୍ପୃକ୍ତ ଅଧ୍ୟାପକ ଗିରଫ
- ଛାତ୍ରୀଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବେ ସରକାର
- ତଦନ୍ତ ଲାଗି କମିଟି ଗଠନ
- ଘଟଣା ସମ୍ବେଦନଶୀଳ : ମନ୍ତ୍ରୀ

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୨।୭ : ନୂଆଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ଓଡିଶାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ, ଭବିଷ୍ୟକ କାର୍ଯ୍ୟପନ୍ଥା, କେନ୍ଦ୍ର ଓ ରାଜ୍ୟ ସୁସମନ୍ୱୟ ତଥା ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ସାକ୍ଷାତ ସମ୍ପର୍କରେ ତାଙ୍କ ସୋସିଆଲ ମିଡିଆ ଏକ୍ସରେ ଏହା ଉଲ୍ଲେଖ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବାର ସୌଭାଗ୍ୟ ଲାଭ କଲି। ଓଡିଶାର ବିକାଶ ପାଇଁ ତାଙ୍କ ପ୍ରେରଣା ଓ ଅତୁଟ ସମର୍ଥନ ନିମନ୍ତେ କୃତଜ୍ଞ। କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ସମୃଦ୍ଧ ଓଡିଶା ବିକଶିତ ଭାରତ ଲକ୍ଷ ହାସଲ କରିବା ନିମନ୍ତେ ପ୍ରତିଶ୍ରୁତି ବଦ୍ଧ। ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହଙ୍କୁ ସାକ୍ଷାତ କରିସାରିଛନ୍ତି। ଏହାଛଡା ସେ ଗତକାଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିଲେ। ତେବେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଉଭୟ ଦିଲ୍ଲୀରେ ଅଛନ୍ତି। ଉଭୟଙ୍କ ଦିଲ୍ଲୀ ଗସ୍ତ ଏକ ସମୟରେ ହୋଇଥିବାରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ବିଭିନ୍ନ ନିଗମରେ ନିଯୁକ୍ତି ନେଇ କଳ୍ପନାଜଳ୍ପନା ମଧ୍ୟ ପ୍ରକାଶ ପାଉଛି।

## ନ୍ୟାୟିକ ଅଧିକାରୀଙ୍କ ଅସମୟ ଅବସରକୁ ରଦ୍ଦ

କଟକ, ୧୨ ।୭ (ସବ୍ୟୁ) : ପୂର୍ଣ୍ଣାଙ୍ଗ କୋର୍ଟ ଦ୍ୱାରା ଅସମୟରେ ଅବସର ଦିଆଯାଇଥିବା ଜଣେ ନ୍ୟାୟିକ ଅଧିକାରୀଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ।

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ନ୍ୟାୟିକ ଅଧିକାରୀ ସଞ୍ଜୟ କୁମାର ସାହୁଙ୍କ ଅସମୟ ଅବସରକୁ ରଦ୍ଦ କରିଦେବା ସହ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ମାମଲାର ପୁନଃବିଚାର କରିବାକୁ ବିଚାରପତି ଦୀକ୍ଷିତକୃଷ୍ଣ ଶ୍ରୀପଦ ଏବଂ ମୃଗାଙ୍କଶେଖର ସାହୁଙ୍କ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ତାଙ୍କୁ ଅସମୟରେ ଅବସର ଦେବାର ନିଷ୍ପତ୍ତି ଦଣ୍ଡମୂଳକ ଏବଂ କଳଙ୍କିତ ମନେ ହେଉଛି, ବୋଲି ଅଦାଲତ ରାୟରେ ମତ ରଖିଛନ୍ତି । ଆବେଦନକାରୀଙ୍କ କ୍ଷେତ୍ରରେ, ପ୍ରକୃତ ନ୍ୟାୟର ନୀତିଗୁଡ଼ିକ ପାଳନ କରାଯାଇ ନଥିଲା ଏବଂ ନିଷ୍ପତ୍ତି ନେବା ପୂର୍ବରୁ ଆବେଦନକାରୀଙ୍କୁ ନିଜର ପ୍ରତିନିଧିତ୍ୱ କରିବାର ସୁଯୋଗ ଦିଆଯିବା ଉଚିତ ଥିଲା ବୋଲି ଅଦାଲତ ରାୟରେ ମତ ରଖିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୧୭ ନଭେମ୍ବର ୧୯୯୭ ମସିହାରେ ଅତିରିକ୍ତ ସିଭିଲ୍ ଜଜ୍ (ଜୁନିୟର ଡିଭିଜନ)-କମ୍-ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଦ୍ୱିତୀୟ ଶ୍ରେଣୀ ଭାବରେ ନ୍ୟାୟପାଳିକାରେ ଯୋଗ ଦେଇଥିବା ଶ୍ରୀ ସାହୁ ପରିବାର କୋର୍ଟ ନବରଙ୍ଗପୁରର ପ୍ରିଜାଇଡିଂ ଅଫିସର ଭାବରେ କାର୍ଯ୍ୟ କରୁଥିଲେ । ଯେତେବେଳେ ତାଙ୍କର ୫୫ ବର୍ଷ ବୟସ ସେହି ସମୟରେ ତାଙ୍କୁ ଚାକିରିରୁ ଅବସର ଘୋଷଣା କରାଯାଇଥିଲା । ନ୍ୟାୟିକ ଅଧିକାରୀଙ୍କ ପାଇଁ ଅବସର ବୟସ ୬୦ ବର୍ଷ । ଅର୍ଥାତ୍ ଅବସରର ୫ ବର୍ଷ ପୂର୍ବରୁ ତାଙ୍କୁ ଅସମୟରେ ଅବସର ଦିଆଯାଇଥିଲା । ସରକାରଙ୍କ ୧୧ ମାର୍ଚ୍ଚ, ୨୦୨୨ ତାରିଖରେ ଜାରି (୯ ପୃଷ୍ଠାରେ)

### ଅହମ୍ମଦାବାଦ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ରିପୋର୍ଟ

## ଉଡାଣ ବେଳେ ଅଫ୍ ହେଲା ଇନ୍ଧନ ସୁଇଚ୍



ନୂଆଦିଲ୍ଲୀ, ୧୨।୭ : ଅହମ୍ମଦାବାଦ ବିମାନ ଦୁର୍ଘଟଣାକୁ ମାସେ ବିତିଗଲା ପରେ ପ୍ରାରମ୍ଭକ ତଦନ୍ତ ରିପୋର୍ଟରେ ଅନେକ ଚାଞ୍ଚଲ୍ୟକର ତଥ୍ୟ ସାମନାକୁ ଆସିଛି। ଉଡାନ ଭରିବାର ମାତ୍ର ୩ ସେକେଣ୍ଡ ପରେ ବିମାନର ଉଭୟଇଞ୍ଜିନକୁ ଇନ୍ଧନ ଯୋଗାଣ ବନ୍ଦ ହୋଇଯାଇଥିଲା। ଏୟାର ଇଣ୍ଡିଆ ବୋଇ -୭୨୭ ବିମାନକୁ ଇନ୍ଧନ ଯୋଗାଣ ବନ୍ଦ ହେବା ପରେ ଏହା ଉପରକୁ ଉଠିପାରନଥିଲା ।ଫଳରେ ବିମାନଟି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। କେନ୍ଦ୍ର ବେସମାରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି ଯେ, ଏହା ହେଉଛି ପ୍ରାରମ୍ଭିକ ରିପୋର୍ଟ । ତେଣୁ ଲୋକ ଓ ଗଣମାଧ୍ୟମକୁ ସେ ଅନୁରୋଧ କରିଛନ୍ତି ଯେ, ଏହି ତଥ୍ୟ ଉପରେ କୌଣସି ଚୂଡାନ୍ତ ସବିଶେଷ ମତ ଦିଅନ୍ତୁ ନାହିଁ।

ରିପୋର୍ଟ ଅନୁଯାୟୀ ଉଡାନ ଭରିବାର ମାତ୍ର କେତେ ସେକେଣ୍ଡ ପରେ ବିମାର ଦୁଇ ଇଞ୍ଜିନ୍ କାର୍ଯ୍ୟ କରିନଥିଲା। ବିମାନରେ ଥିବା ଇନ୍ଧନ ନିୟନ୍ତ୍ରଣ ସୁଇଚ୍ କେଇ ସେକେଣ୍ଡ ପରେ 'ରନ୍'ରୁ 'କଟକ ସ୍ଥିତିକୁ ପଳାଇଆସିଥିଲା। ସକାଳ ପ୍ରାୟ ୮ ଟା ୮ ମିନିଟ୍ ସମୟରେ ବିମାନଟି ୧୮୦ ନଟ୍ସର ସର୍ବାଧିକ ଇଣ୍ଡେକ୍ସ ଏୟାର ସ୍ପିଡ୍ ହାସଲ କରିଥିଲା। ତେବେ ଉଡାନ ଭରିବା ପରେ ଇଞ୍ଜିନକୁ ତେଲ ଯୋଗାଇବା ପାଇଁ ଥିବା ସୁଇଚଟି ବନ୍ଦ ହୋଇଯାଇଥିଲା। ଉଭୟ ଇଞ୍ଜିନ ଏନ୍ ୧ ଓ ଏନ୍ ୨ ରୋଟେସନ ଦ୍ରୁତ ଗତିରେ ହ୍ରାସ ପାଇଥିଲା। ଯଦିଓ ଇଞ୍ଜିନରେ କିଛି ମାତ୍ରାରେ କାର୍ଯ୍ୟ କରୁଥିଲା ଇଞ୍ଜିନ ଦୁଇ ସମ୍ପୂର୍ଣ୍ଣ ଭାବେ ଗତି ହାସଲ କରିପାରୁନଥିଲା। ଏହା ଭିତରେ ଅକ୍ସିଲାରି ପାୱାର ୟୁନିଟ୍ ମଧ୍ୟ ଅଟୋ ଷ୍ଟାର୍ଟ ମୋଡରେ ସକ୍ରିୟ ଥିଲା। ମାତ୍ର ତାହା ବିମାନକୁ ସ୍ଥିର କରିନପାରିବାରୁ ଏଭଳି ଘଟଣା ଘଟିଲା। ବିମାନରେ ଥିବା ଦୁଇ ପାଇଲଟଙ୍କ ବାର୍ତ୍ତାଳାପ ମଧ୍ୟ କପପିଟ୍ ଭୟସ ରେକର୍ଡରେ ରହିଛି। ସେଥିରୁ ଜଣାପଡୁଛି ଯେ, ଜଣେ ପାଇଲଟ ଅନ୍ୟ ପାଇଲଟକୁ କହିଥିଲେ ତୁମେ ଇଞ୍ଜନ କାହିଁକି ବନ୍ଦ କଲ। ତେଣୁ ଦ୍ୱିତୀୟ ପାଇଲଟି କହିଥବଲେ ଯେ, (୯ ପୃଷ୍ଠାରେ)

## ଡେଲାଙ୍ଗରେ ବାର୍ଡ ଫ୍ଲୁ

ଡେଲାଙ୍ଗ, ୧୨।୭ (ସବ୍ୟୁ) : ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ବାର୍ଡ ଫ୍ଲୁ ଆଶଙ୍କା କରାଯାଇ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ବଡ ଆଙ୍କୁଲା ଗ୍ରାମର ପ୍ରଶାନ୍ତ ପ୍ରଧାନଙ୍କ କୁକୁଡା ଫାର୍ମରୁ ମୃତ କୁକୁଡା ମାନଙ୍କର ଲାଳ ଓ ରକ୍ତ ନମୁନା ପରୀକ୍ଷା ନିମନ୍ତେ ଭୋପାଳ ପଠାଯାଇଥିଲା । ଆଜି ଏହି ନମୁନାର ରିପୋର୍ଟ ଆସିବା ପରେ ଏହା ବାର୍ଡ ଫ୍ଲୁ । ବୋଲି ସ୍ପଷ୍ଟ ହୋଇଛି । ତେବେ ବାର୍ଡ ଫ୍ଲୁ ସ୍ପଷ୍ଟ ହେବା ପରେ ବିଭାଗ ପକ୍ଷରୁ ୭ଟି ର୍ୟାପିଡ୍ ରେସ୍ପନ୍ସ ଟିମ ଗଠନ କରାଯାଇ କୁକୁଡା ମାନଙ୍କୁ ମରାଯିବା ଆରମ୍ଭ ହୋଇଛି ।

### ମରାଗଲା ୩୫୦୦ କୁକୁଡା

ପୁରୀ ଜିଲ୍ଲାର ପିପିଲି, ସତ୍ୟବାଦୀ, କଣାସ ସହିତ କେନ୍ଦ୍ରାପଡା ଜିଲ୍ଲାରୁ ୨ ଓ ଜଗତସିଂହପୁରରୁ ୨ଟି ମୋଟ ୭ଟି ୪ଜଣିଆ ଦଳ ମାନଙ୍କ ମଧ୍ୟରୁ ୫ଟି ଦଳ ଆଜି କୁକୁଡାମରା ଅଭିଯାନରେ ସାମିଲ ହୋଇଥିବା ବ୍ଲକ ପ୍ରାଣୀଚିକିତ୍ସା ବିଭାଗ ପକ୍ଷରୁ ସୂଚନା ମିଳିଛି । ସଂକ୍ରମିତ ଫାର୍ମ ଠାରୁ ୧ କି.ମି ପରିଧି ମଧ୍ୟରେ ଥିବା ଫାର୍ମ ଗୁଡିକର କୁକୁଡା ମାନଙ୍କୁ ମରାଯିବା ନିମନ୍ତେ ନିୟମ ରହିଛି । ବଡ ଆଙ୍କୁଲା ଗ୍ରାମର ଶ୍ରୀ ପ୍ରଧାନଙ୍କ ଫାର୍ମ ଠାରୁ ୧ କି.ମି ପରିଧି ମଧ୍ୟରେ ମୋଟ ୧୪ ଟି ଫାର୍ମ ରହିଥିବା ବେଳେ ମାତ୍ର ୨ଟି ଫାର୍ମରେ ବର୍ତ୍ତମାନ କୁକୁଡା ଜୀବିତ ଅଛନ୍ତି । ପ୍ରଥମ ଦିନରେ ଡେଲାଙ୍ଗ-କୋଠବାଡ ପଞ୍ଚାୟତ ଅଧୀନ ବେନୁପଡା ଗ୍ରାମର (୯ ପୃଷ୍ଠାରେ)

## ସୁସ୍ଥ ହୋଇ ଫେରିଲେ ନବୀନ



ଭୁବନେଶ୍ୱର, ୧୨।୭ (ସବ୍ୟୁ) : ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଅସ୍ତ୍ରୋପଚାର ପରେ ସୁସ୍ଥ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ଓଡ଼ିଶା ଫେରିଛନ୍ତି। ନିର୍ଦ୍ଧାରିତ ସମୟ ଠାରୁ ୧ ଘଣ୍ଟା ବିଳମ୍ବ ପରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ସେ ଅବତରଣ କରିଥିଲେ। ନବୀନ ଆସିବା ଖବର ପାଇ ବିମାନ ବନ୍ଦରରୁ ନବୀନ ନିବାସ ଯାଏ ଲୋକାରଣ୍ୟ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଲୋକେ ନବୀନଙ୍କୁ ଦେଖିବା ପାଇଁ ଧୈର୍ଯ୍ୟର ସହ ସେଠାରେ ଅପେକ୍ଷା କରିଥିଲେ। ୨୨ ଦିନ ପରେ ନବୀନ ସୁସ୍ଥ ହୋଇ ଓଡ଼ିଶା ଫେରିଛନ୍ତି।

ସୂଚନାଯୋଗ୍ୟ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିକିତ୍ସା ପାଇଁ ଗତମାସ ୨୦ ତାରିଖରେ ମୁମ୍ବାଇ ଯାଇଥିଲେ। ସର୍ଭିକାଲ୍ ଆର୍ଥ୍ରାଇଟ୍ସ ସମସ୍ୟା ନେଇ ଜୁନ୍ ୨୨ରେ ତାଙ୍କର ସେଠାରେ ଅସ୍ତ୍ରୋପଚାର କରାଯାଇଥିଲା। ଅସ୍ତ୍ରୋପଚାର ପରେ ସେ ସୁସ୍ଥ ହୋଇ ଆଜି ଓଡ଼ିଶା ଫେରିଛନ୍ତି। ନବୀନଙ୍କୁ ସ୍ୱାଗତ କରିବା ପାଇଁ ବିମାନ ବନ୍ଦର ଠାରୁ ନବୀନ ନିବାସ ଯାଏ ବ୍ୟାପକ ଜନଗହଳି (୯ ପୃଷ୍ଠାରେ)

## ବଜ୍ରାଘାତରେ ୩ ମୃତ

ନୀଳଗିରି, ୧୨।୭ (ସବ୍ୟୁ) : କେନାଲ କାମରେ ନିୟୋଜିତ ଥିବା ବେଳେ ବଜ୍ରାଘାତରେ ଟଳି ପଡ଼ିଲେ ୩ଜଣ ଶ୍ରମିକ । ଏମାନଙ୍କ ମଧ୍ୟରେ ୨ ଜଣ ମହିଳା ଥିବାବେଳେ ତୃତୀୟ ବ୍ୟକ୍ତି ହେଉଛନ୍ତି ଜଣେ ଜେସିବି ଅପରେଟର ।

ସୂଚନା ଅନୁସାରେ ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅଧିନ ଅଶୋକନାଳ ଗ୍ରାମର ମାମି ସିଂ(୩୦), ବଢେଇପଲା ଗ୍ରାମର ଆଲାମଣି ସିଂ(୫୦) ଓ ବସ୍ତା ଥାନା ଅଧିନ ନଳବାହାର ଅଞ୍ଚଳର ଜେସିବି ଅପରେଟର ଅଜିତ କୁମାର ହାଜିରା(୨୮) ରଷିଆ ଡ୍ୟାମ ରାଇପାଳସ୍ଥିତ ଶାଖା କେନାଲରେ ଅନ୍ୟ ୧୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ସହିତ ମରାମତି କାର୍ଯ୍ୟରେ ନିୟୋଜିତ ଥିଲେ । ବର୍ଷାହେବାରୁ ଶ୍ରମିକମାନେ ନିକଟସ୍ଥ କ୍ୟାମ୍ପକୁ ଚାଲିଆସିଥିଲେ । (୯ ପୃଷ୍ଠାରେ)

## ଆତ୍ମସମର୍ପଣ କଲେ ୪୫ ମାଓବାଦୀ

ଭୁବନେଶ୍ୱର, ୧୨।୭ (ସବ୍ୟୁ): ଛତିଶଗଡରେ ଆତ୍ମସମର୍ପଣ କରିଛନ୍ତି ୪୫ଜଣ ମାଓବାଦୀ। ବସ୍ତର, ନାରାୟଣପୁର ଓ ସୁକମା ଅଞ୍ଚଳର ମୋଟ ୪୫ଜଣ ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩୭ଜଣ ପୁରୁଷ ଓ ୮ଜଣ ମହିଳା ଅଛନ୍ତି। ୨୨ହାର୍ଡକୋର ମାଓବାଦୀଙ୍କ ନାଁରେ ୩୭ଲକ୍ଷର ପୁରସ୍କାର ରାଶି ଘୋଷଣା ରହିଥିଲା। ଆଉ ୨୩ମାଓବାଦୀଙ୍କ ନାଁରେ ୧କୋଟି ୧୮ ଲକ୍ଷର ପୁରସ୍କାର (୯ ପୃଷ୍ଠାରେ)

### କଞ୍ଚାମଯୋଡି ଗ୍ରାମର କଙ୍ଗାରୁକୋର୍ଟ ଘଟଣା

## ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ, ୬ ଜଣଙ୍କ ନାମରେ ମାମଲା



ରାୟଗଡା, ୧୨।୭ (ସବ୍ୟୁ): ପିଯୁସୀ-ପୁତୁରା ପ୍ରେମ ପାଇଁ କଙ୍ଗାରୁ କୋର୍ଟରେ ବଳଦ ହୋଇ ଚାଷ କରାଇବା ଘଟଣାରେ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି । ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ କଞ୍ଚାମଯୋଡି ଗ୍ରାମରେ ପ୍ରେମୀ ଯୁଗଳଙ୍କୁ ବଳଦ କରି ଜମି ଚାଷ କରାଇବା ଭଳି ଘଟଣା କଙ୍ଗାରୁ କୋର୍ଟରେ ଗ୍ରାମବାସୀଙ୍କ ଦ୍ୱାରା ନିର୍ଯାତନା ଦିଆଯିବା ଘଟଣାରେ ଶନିବାର ପ୍ରଶାସନ ମୁହଁ ଖୋଲିଛି । ଏହି ଘଟଣାକୁ ଜିଲ୍ଲା ପ୍ରଶାସନ ନିନ୍ଦା କରିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ରାୟଗଡା ଉପଜିଲ୍ଲାପାଳ ରମେଶ କୁମାର ଜେନା । ତାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ହେବ । ଏହି ଟିମ୍‌ରେ କଲ୍ୟାଣସିଂହପୁର ବିଡିଓ, ତହସିଲଦାର, ସିଡିପିଓ ଓ ସମାଜ ମଙ୍ଗଳ ଅଧିକାରୀ କଞ୍ଚାମଯୋଡି ଗ୍ରାମକୁ ଯାଇ ତଦନ୍ତ କରିବେ ।

ତଦନ୍ତ ପରେ ଘଟଣାରେ ସଂପୃକ୍ତ ବ୍ୟକ୍ତି ମାନଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାୟଗଡା ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ପିଯୁସି - ପୁତୁରାଙ୍କ ମଧ୍ୟରେ ପ୍ରେମ ସମ୍ପର୍କକୁ ବିରୋଧ କରି କିଛି ଦିନତଳେ କଞ୍ଚାମଯୋଡି ଗ୍ରାମବାସୀ ଦୁଇ ପ୍ରେମୀ ଯୁଗଳକୁ ଅକଥନୀୟ ନିର୍ଯାତନା ଦେବା ସହ ବେକରେ ଲଙ୍ଗଳ ଲଗାଇ ଜମିରେ ଚାଷ କରିଥିଲେ । ଯାହା ମାନବଅଧିକାରକୁ କ୍ଷୁର୍ଣ୍ଣ କରିଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ଉକ୍ତ ଗ୍ରାମର ଲୋକେ ଅତି ସାଧାରଣ ଭାବେ ଗ୍ରହଣ କରିଥିବା ବେଳେ ଏହା ଆମ ଆଦିବାସୀ ପରମ୍ପରା ବୋଲି ପ୍ରକାଶ କରିଥିଲେ । ଏଥିସହ ଏମିତି ହଳ ବୁଲାଇଲେ ଗାଁରେ କେବେ ବିପତ୍ତି ଆସିବ ନାହିଁ ଓ ଭଲ ଫସଲ ହେବ ବୋଲି ମତ ଦେଇଥିଲେ । ତେବେ ଏହି ଘଟଣା ପ୍ରଥମେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ହେବା ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ତଦନ୍ତକାରୀ ଟିମ୍ ଉକ୍ତ ଗ୍ରାମକୁ ଯାଇ ତଦନ୍ତ କରିବେ ବୋଲି ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ସୂଚନାରୁ ଜଣାପଡିଛି ଶୁକ୍ରବାର କଲ୍ୟାଣସିଂହପୁର (୯ ପୃଷ୍ଠାରେ)

T-

ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା. 14/07/2025 ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0169/2526

# ୮୫ ହଜାର ଟଙ୍କାର ଜଳଖିଆ ବିଲ୍

ମଧ୍ୟପ୍ରଦେଶର ଏକ ପଞ୍ଚାୟତର ବୈଠକରେ ହୋଇଥିବା ଜଳଖିଆର ବିଲ୍ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବିଲ୍ ଅନୁସାରେ ଏହି ବୈଠକରେ ୮୫ ହଜାର ଟଙ୍କାର ଜଳଖିଆ ଖିଆ ଯାଇଛି । ବିଲ୍ ଅନୁସାରେ ଏହି ବୈଠକରେ ୬କେଜି କାଜୁ, ୩କେଜି କିସ୍‌ମିସ୍, ୩କେଜି ଆଲମଣ୍ଡ, ୯କେଜି ଫଳ, ୫ ଡର୍ଜନ କଦଳୀ ଏବଂ ୩୦ କେଜିର ଅନ୍ୟ ସାମଗ୍ରୀ ଖିଆ ହୋଇଛି ଯାହାର ବିଲ୍ ୮୫ ହଜାର ଟଙ୍କା । ତେବେ ସୋସିଆଲ ମିଡିଆରେ ଘଟଣାଟି ଭାଇରାଲ ହେବାରେ ଲାଗିଛି । ଲୋକମାନେ ଏହାର ଖୁବ ମଜାକ ଉଡାଉଥିବା ମଧ୍ୟ ଦେଖିବାକୁ ମିଳୁଛି ।




## ଇତିହାସ

୧୮୦୩– ରାଜା ରାମମୋହନ ରାୟ ଏବଂ ଆଲେକଜାଣ୍ଡର ଡଫ୍ ସ୍କଟିଶ୍ ଚର୍ଚ୍ଚ କଲେଜର ଶୁଭାରମ୍ଭ କଲେ ।

୧୮୬୩– ନ୍ୟୁୟର୍କରେ ସିଭିଲ୍ ବାର୍ ଡ୍ରାଫ୍ଟ ବିରୋଧୀମାନଙ୍କ ଦଙ୍ଗାରେ ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ଆହତ ।

୧୮୭୯– ବୁଲଗେରିଆରେ ନ୍ୟାସନାଲ୍ ଗାର୍ଡ ୟୁନିଟ୍‌ର ସ୍ଥାପନା ।

୧୮୮୨– ରୁଷ୍‌ରେ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇ ୨୦୦ ଲୋକଙ୍କ ମୃତ୍ୟୁ ।

୧୯୨୯– ଜତିନ୍ଦ୍ର ନାଥ ଦାସଙ୍କ ଦ୍ୱାରା ଐତିହାସିକ ଅନଶନର ଆରମ୍ଭ ।

୧୯୪୫– ବ୍ରିଟିଶ୍ ବିଧାନସଭାରେ ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍ସ ଆକ୍ଟ ପାରିତ ।

୧୯୭୭– ଜନତା ପାର୍ଟି ସରକାର ଭାରତରତ୍ନ ସମେତ ଅନ୍ୟ ନାଗରିକ ସମ୍ମାନ ଦେବା ବନ୍ଦ କରିଦେଇଥିଲେ । ତିନିବର୍ଷ ଅନ୍ତରାଳରେ ପୁନଶ୍ଚ ଏହାକୁ ଆରମ୍ଭ କରାଗଲା ।

୧୯୯୮– ଭାରତର ଲିଏଣ୍ଡର ପେସ୍ ହଲ୍ ଅଫ୍ ଫେମ୍ ଟେନିସ ଚାମ୍ପିଅନସିପ୍‌ରେ ପ୍ରଥମ ଏଟିପି ଟାଇଟେଲ୍ ହାସଲ କଲେ ।

୨୦୦୬– ମୁମ୍ବାଇ ଲୋକାଲ୍ ଟ୍ରେନ୍ ବମ୍ ବିସ୍ଫୋରଣ ।

୨୦୧୧– ମୁମ୍ବାଇରେ ସିରିଏଲ୍ ବମ୍ ବିସ୍ଫୋରଣରେ ୨୬ ଜଣଙ୍କ ପ୍ରାଣହାନୀ ।

## ୯୦୦ କେଜିର ମାଛ



ଆମ ସମୁଦ୍ରରେ ଏଭଳି ଅନେକ ଜୀବ ଅଛନ୍ତି ଯେଉଁମାନେ ନିଜର ସ୍ୱତନ୍ତ୍ରତା ପାଇଁ ବେଶ ପରିଚିତ । ସେହିଭଳି ଏକ ମାଛ ହେଲା ବ୍ଲାକ୍ ମରିନ୍, ଯିଏ ନିଜର ଓଜନ ଓ ବେଗ ପାଇଁ ପରିଚିତ । ଏହା ମାଛଟିର ଓଜନ ୨୦୦ କେଜି ହେଲେ ମଧ୍ୟ ଏହା ନିଜର କ୍ଷୀପ୍ରବେଗ ପାଇଁ ଖୁବ ପ୍ରସିଦ୍ଧ । ଏହାକୁ ବିଶ୍ୱର ଅଧିକ ବେଗରେ ପହଁରି ପାରୁଥିବା ମାଛଙ୍କ ତାଲିକାରେ ସାମିଲ କରାଯାଇଛି । ଏହି ମାଛ ଘଣ୍ଟାକୁ ପାଖାପାଖି ୧୧୦ କିମି ବେଗରେ ପହଁରି ପାରିଥାଏ । ସେହିଭଳି ଏହି ମାଛ ପାଖାପାଖି ୫ ମିଟର ପର୍ଯ୍ୟନ୍ତ ବଢିପାରୁଥିବାବେଳେ ଓଜନରେ ୯୦୦ କେଜି ବଢିଥାଆନ୍ତି । ତେବେ ଏହା ମଣିଷଙ୍କୁ କ୍ଷତି ପହଁଞ୍ଚାଉଥିବାର ଉଦାହରଣ ଖୁବ କମ ରହିଛି । ସେହିଭଳି ଏହାକୁ ଧରିବା ସହଜ ହୋଇନଥାଏ । ଏହାସହ ଏହି ମାଛରେ ମର୍କ୍ୟୁରିର ପରିମାଣ ଅଧିକ ରହିଥାଏ ଯାହା ଏହାକୁ ମଣିଷଙ୍କ ଖାଦ୍ୟ ପାଇଁ ଅସୁରକ୍ଷିତ କରିଥାଏ । ବିଶେଷଭାବେ ଛୋଟ ପିଲା ଓ ଗର୍ଭବତୀଙ୍କ ଏହା କ୍ଷତିକାରକ ହୋଇଥାଏ ବୋଲି ସୂଚନା ରହିଛି ।

## ସୋସିଆଲ କୋଟ୍ସ



"ମୋ ପାଇଁ ହଠାତ୍ ଟିଭି ଇଣ୍ଡଷ୍ଟ୍ରୀରୁ ଫିଲ୍ମ ଲାଇନ୍‌କୁ ଆସିବା ବେଶ୍ ବଡ କଥା ଥିଲା । ଏଠିକାର କାମ କରିବାର ଶୈଳୀ ଖୁବ ଅଲଗା । ଏଠାରେ ଖାଇବା ଠାରୁ କଥା କହିବା ସବୁଥିରେ ଧ୍ୟାନ ରଖିବାକୁ ହୋଇଥାଏ ।

ବିକ୍ରାନ୍ତ ମେସି, ଅଭିନେତା



"ଗଦର–୨ର ଗୀତ ସୁଟିଂ ବେଳେ ମୁଁ କିଛି ଷ୍ଟଣ୍ଟ୍ କରିବାକୁ ଚେଷ୍ଟା କରିଥିଲି । ହେଲେ ଏହି କାରଣରୁ ମୋ ଗୋଡ ହିଁ ଭାଙ୍ଗି ଯାଇଥିଲା । ଯାହା ମୋ ପାଇଁ ନିରାଶଜନକ ଥିଲା ।

ଉତ୍କର୍ଷ ଶର୍ମା, ଅଭିନେତା



"ମୁଁ ଯେତେବେଳେ ଇଣ୍ଡଷ୍ଟ୍ରୀକୁ ଆସିଥିଲି ସେତେବେଳେ ମୋତେ ହିନ୍ଦୀ ଆସୁନଥିଲା । ଏଠାକୁ ଆସିବା ପରେ ମୁଁ ହିନ୍ଦୀ ଶିଖିଥିଲି । ମୁଁ କୌଣସି ଯୋଜନା କରି ଇଣ୍ଡଷ୍ଟ୍ରୀକୁ ଆସି ନଥିଲି ।

ଶୋଭିତା ଧୁଳିପାଲା, ଅଭିନେତ୍ରୀ



## ଭାଇରାଲ ମୋବାଇଲ କଭର

ସବୁବେଳେ ଡାକ୍ତରମାନେ ଆମକୁ ସନ୍‌ସ୍କ୍ରିନ୍ ଲଗାଇବାର ପରାମର୍ଶ ଦେଇଥାଆନ୍ତି । ହେଲେ କିଛି ଲୋକ ଏଭଳି ଥାଆନ୍ତି ଯେଉଁମାନେ ଏହାକୁ ସିରିଏସଲି ନେଇ ନଥାନ୍ତି । ତେବେ ସେହିଭଳି କିଛି ଲୋକଙ୍କୁ ସଚେତନ କରାଇବା ପାଇଁ କିଛି ବୈଜ୍ଞାନିକ ଓ ଗବେଷକ ମିଶି ଏଭଳି ଏକ ମୋବାଇଲ କଭର ପ୍ରସ୍ତୁତ କରିଛନ୍ତି ଯାହା ସନ୍‌ସ୍କ୍ରିନ୍‌ର ଉପକାର ବିଷୟରେ ଲୋକଙ୍କୁ ସଚେତନ କରିବ । ଫୋନ୍ କଭରଟିକୁ ଅବିକଳ ମଣିଷର ଚର୍ମ ଭଳି ପ୍ରସ୍ତୁତ କରାଯାଇଛି । ସେହିଭଳି ଏହି କଭରରେ ସ୍କ୍ରିନ୍ ମୋଚି ହେଲେ ଯେଉଁଭଳି ଦେଖାଯାଏ ସେଭଳି ଆକୃତ କରାଯାଇଛି । ଏହି ଆକୃତି ସନ୍‌ବର୍ଣ୍ଣକୁ ସୂଚାଇଥାଏ, ଯଦି ଆମେ ବିନା ସନ୍‌ସ୍କ୍ରିନ୍‌ରେ ବାହାରକୁ ଯିବା ତେବେ ଆମ ତ୍ୱଚା ମଧ୍ୟ ଏହିଭଳି ହେବ ବୋଲି କଭରଟି ସୂଚାଉଛି । ସୋସିଆଲ ମିଡିଆରେ ଏହି କଭରଟିକୁ ଖୁବ ପସନ୍ଦ କରାଯାଉଛି । ସମସ୍ତେ ଏଭଳି ଅଭିନବ ଉପାୟରେ ସଚେତନତାକୁ ପ୍ରଶଂସା କରିଛନ୍ତି ।

## କଖାରୁ ରାଇତା



**ସାମଗ୍ରୀ–** କଖାରୁ, ଦହି, କଞ୍ଚା ଲଙ୍କା, ସୋରିଷ, ହେଙ୍ଗୁ, ଭୃସଙ୍ଗପତ୍ର, ଘିଅ, ଚିନି, ବାଦାମ, ଲୁଣ ।

**ପ୍ରଣାଳୀ–** ପ୍ରଥମେ ଗୋଟିଏ ପାତ୍ରରେ ଦହିକୁ ଭଲ କରି ଫେଣ୍ଟି ନିଅନ୍ତୁ । ଏହାପରେ ଗୋଟିଏ ଅନ୍ୟ ପାତ୍ରର କଖାରୁ କାଟି ଭଲକରି ସିଝାଇ ନିଅନ୍ତୁ । ସିଝା କଖାରୁକୁ ହାତରେ ଭଲକରି ଚକଟି ନିଅନ୍ତୁ । ପୂର୍ବରୁ ଫେଣ୍ଟି ରଖିଥିବା ଦହିରେ ଚକଟା କଖାରୁକୁ ମିଶାନ୍ତୁ । ଏହାପରେ ଏଥିରେ କଟା କଞ୍ଚାଲଙ୍କା, ଲୁଣ ଓ ଚିନି ମିଶାନ୍ତୁ । ସମସ୍ତ ସାମଗ୍ରୀକୁ ଭଲକରି ଗୋଳାଇ ନିଅନ୍ତୁ । ଏହାପରେ ଏହି ମିଶ୍ରଣକୁ ଛୁଙ୍କ ଦେବା ପାଇଁ ପ୍ରସ୍ତୁତି କରନ୍ତୁ । ଗୋଟିଏ ପାତ୍ରରେ ଘିଅ ଗରମ କରି ଏଥିରେ ସୋରିଷ, ଭୃସଙ୍ଗପତ୍ର, ହେଙ୍ଗୁ ପକାନ୍ତୁ । ଏହି ଫୁଟଣକୁ ରାଇତାରେ ପକାଇ ଗୋଳାଇ ନିଅନ୍ତୁ । ପ୍ରସ୍ତୁତ ହୋଇଗଲା କଖାରୁ ରାଇତା । ଏହାକୁ ଭାତ, ରୁଟି, ପରଟା ସମସ୍ତ ଖାଦ୍ୟ ସହିତ ଖାଇପାରିବେ । ଏହା ସ୍ୱାସ୍ଥ୍ୟକର ହେବା ସହିତ ଖୁବ ସ୍ୱାଦିଷ୍ଟ ମଧ୍ୟ ହୋଇଥାଏ ।



## ବର୍ଷାଦିନିଆ ଯତ୍ନ



ବର୍ଷା ଦିନ ଆରମ୍ଭ ହେଲେ ଗରମରୁ ରକ୍ଷା ତ ମିଳେ ହେଲେ ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ସାଙ୍ଗରେ ଧରି ଆସିଥାଏ ବର୍ଷା ଦିନ । ଏହି ଦିନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା ବଢିଥାଏ । ଏହି ଦିନେ ଅନେକ ସଂକ୍ରମଣ ଦେଖିବାକୁ ମିଳିଥାଏ, ଯାହା ବିଶେଷଭାବେ ଛୋଟ ପିଲାଙ୍କୁ ବେଶି ପ୍ରଭାବିତ କରିଥାଏ । ତେଣୁ ଏହି ଦିନେ ଆମକୁ ଅନେକ ପ୍ରକାରର ସତର୍କତା ଅବଲମ୍ବନ କରିବାକୁ ହୋଇଥାଏ । ଆସନ୍ତୁ ଜାଣିବା ସେହିଭଳି କିଛି ସତର୍କତା ପଦକ୍ଷେପ ସମ୍ପର୍କରେ ଯାହା ଆମକୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ଦୂରେଇ ରଖିବ ।

**ସ୍ୱଚ୍ଛ ପାନୀୟ ପ୍ରତିଧାନ–** ବର୍ଷାଦିନେ ସାଧାରଣତଃ ପାଣି ଦୂଷିତ ହେବାର ସମ୍ଭାବନା ଅଧିକ ରହିଥାଏ । ତେଣୁ ଏହି ଦିନେ ଖରାପ ପାଣି ପିଇବା ଦ୍ୱାରା ଅନେକ ସଂକ୍ରମଣ ଦେଖିବାକୁ ମିଳିଥାଏ । ସେହିଭଳି ଏହି ଦିନେ କମ ଶୋଷ ଲାଗିଥାଏ ତେଣୁ ପାଣି ପିଇବା କମିଥାଏ । ଯାହା ବିଭିନ୍ନ ସଂକ୍ରମଣ ଓ ରୋଗର କାରଣ ସାଜିଥାଏ । ତେଣୁ ଏହି ଦିନେ କିଭଳି ଅଧିକ ଓ ସଫା ପାଣି ପିଇବେ ସେଥିପ୍ରତି ସତର୍କ ରୁହନ୍ତୁ ।

**ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନ–** ବର୍ଷାଦିନେ ସବୁଠାରୁ ଅଧିକ ଧ୍ୟାନ ଆମକୁ ପରିଷ୍କାର ପରିଚ୍ଛନ୍ନତା ଉପରେ ଦେବାକୁ ହୋଇଥାଏ । ଏହିଦିନେ ମାଛି ଅଧିକ ହୋଇଥାନ୍ତି ଯେଉଁମାନେ ରୋଗର ଘର ହୋଇଥାଆନ୍ତି । ତେଣୁ ଘରଦ୍ୱାର ସଫାରଖନ୍ତୁ । ସେହିଭଳି କେବେ ବି ଘର ଆଖପାଖରେ ପାଣି ଯମିବାକୁ ଦିଅନ୍ତୁ ନାହିଁ ଏଗୁଡିକ ମଶା ଓ ବିଭିନ୍ନ ରୋଗ ଜୀବାଣୁଙ୍କ ଘର ପାଲଟିଥାଏ ଏବଂ ବିଭିନ୍ନ ରୋଗକୁ ଜନ୍ମ ଦେଇଥାଏ ।

**ବାହାର ଖାଦ୍ୟ ଖାଆନ୍ତୁ ନାହିଁ–** ବର୍ଷାଦିନେ ଷ୍ଟ୍ରିଟ ଫୁଡ୍ ଠାରୁ ଦୂରେଇ ରୁହନ୍ତୁ । ଷ୍ଟ୍ରିଟ ଫୁଡ ଖାଇବା ଦ୍ୱାରା ଏହି ଦିନେ ପେଟ ଗୋଳମାଳର ଆଶଙ୍କା ଖୁବ ବଢିଥାଏ । ଏହି ଦିନେ ବାସି ଖାଦ୍ୟ ଖାଇବା ଫଳରେ ହଇଜା, ଡାଇରିଆ ହେବାର ଆଶଙ୍କା ବେଶି ହୋଇଥାଏ । ତେଣୁ ଚେଷ୍ଟା କରନ୍ତୁ ଘରେ ସତେଜ ଖାଦ୍ୟ ପ୍ରସ୍ତୁତ କରି ଖାଆନ୍ତୁ, ଏହା ଖୁବ ଭଲ ହୋଇଥାଏ । ଏହା ଆପଣଙ୍କୁ ପେଟ ଗୋଳମାଳରୁ ରକ୍ଷା କରିବ ।



## ଦର୍ଶକଙ୍କୁ ପସନ୍ଦ ଆସୁନି ଅଭିନୟ

ଅଭିନେତ୍ରୀ ସନାୟା କପୁରଙ୍କର ଡେବ୍ୟୁ ଫିଲ୍ମ ଆଖୋଁ କି ଗୁସ୍ତାଖିଆଁ ୧୧ ତାରିଖରେ ରିଲିଜ୍ ହୋଇଛି । ତେବେ ନିଜର ପ୍ରଥମ ଫିଲ୍ମରୁ ଝୁଣ୍ଟିଛନ୍ତି ସନାୟା । ଦର୍ଶକଙ୍କୁ ତାଙ୍କ ଅଭିନୟ ପସନ୍ଦ ଆସୁନଥିବା ଦେଖିବାକୁ ମିଳୁଛି । ସନାୟାଙ୍କୁ ନେପୋକିଡ୍ କହି ଲୋକମାନେ ଟ୍ରୋଲ କରୁଥିବା ଦେଖିବାକୁ ମିଳୁଛି । ଅଭିନୟ ନଆସି ମଧ୍ୟ କେବଳ ନିଜର ବାପା ସଞ୍ଜୟ କପୁରଙ୍କ ପାଇଁ ତାଙ୍କୁ ଫିଲ୍ମରେ ସୁଯୋଗ ମିଳିଛି ବୋଲି ଦର୍ଶକ ମତ ଦେଉଛନ୍ତି । କେବଳ ସନାୟା ନୁହେଁ ଏଥିରେ ବିକ୍ରାନ୍ତଙ୍କୁ ମଧ୍ୟ ଲୋକ ଟ୍ରୋଲ କରୁଥିବା ଦେଖିବାକୁ ମିଳୁଛି । କାହାଣୀ ମଧ୍ୟ ସେଭଳି କିଛି ଦମଦାର ନୁହେଁ ବୋଲି ଦର୍ଶକ ମତ ଦେଉଥିବା ଦେଖିବାକୁ ମିଳିଛି । ଫିଲ୍ମଟି ରସ୍କିନ ବଣ୍ଡଙ୍କ ସର୍ଟ ଷ୍ଟୋରୀ ଦି ଆଇଜ୍ ହାଭ ଓ୍ୱେଟକୁ ନେଇ ନିର୍ମାଣ କରାଯାଇଛି । ଫିଲ୍ମର ନିର୍ଦ୍ଦେଶନା ସନ୍ତୋଷ ସିଂ ଦେଇଥିବା ଜଣା ପଡିଛି । ସେହିଭଳି ଏହା ପୂର୍ବରୁ ସନାୟାଙ୍କର ଗୁରୁ ରନ୍ଧାୱାଙ୍କ ସହିତ ଏକ ମ୍ୟୁଜିକ୍ ଭିଡିଓ ମଧ୍ୟ ଲଞ୍ଚ ହୋଇଥିଲା । ଏହା ମଧ୍ୟ ଦର୍ଶକଙ୍କୁ ପସନ୍ଦ ଆସିନଥିଲା ।



ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ଓଡ଼ିଶାର ବିକାଶ ଯାତ୍ରା, ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାରଙ୍କ ରୋଡ଼ମ୍ୟାପ୍ ଓ କେନ୍ଦ୍ର ରାଜ୍ୟ ସୁସମନ୍ୱୟରେ ଓଡ଼ିଶାର ବିକାଶକୁ କେମିତି ଆହୁରି ତ୍ୱରାନ୍ୱିତ କରିହେବ ସେ ବିଷୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଷ୍ଟ୍ରପତିଙ୍କ ସହିତ ଆଲୋଚନା କରିଥିଲେ ।

## ରାଷ୍ଟ୍ରୀୟ ବିଦ୍ୟାର୍ଥି ଦିବସ ପାଳିତ

ଫୁଲନଖରା,(ସବ୍ୟୁ) : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କଟକ ସଦର କନ୍ଦରପୁର ଶାଖା ପକ୍ଷରୁ କନ୍ଦରପୁର ମହାବିଦ୍ୟାଳୟ ପରିସରରେରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ତଥା ଏବିଭିପିର ୭୭ ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଏବଂରାଷ୍ଟ୍ର ଶକ୍ତି ଛାତ୍ର ଶକ୍ତି ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । । ଏହି କାର୍ଯ୍ୟକ୍ରମରେ କନ୍ଦରପୁର ଶାଖାସଂଯୋଜକ ସୁମନ ଜେନା, ଅମିତ ବେହେରା,ସାଗର ବେହେରା, କାଳିଆ,ବିଶ୍ୱଜିତି, ଚନ୍ଦନ,ବାପୁନ,ଅଭିଳାଷ ବେହେରା, ରୁଦ୍ର ପରିଡ଼ା, ସାନ୍ତୁ, ଦିନେଶ, ଶୁଭ ଏବଂ ଅନ୍ୟାନ୍ୟ ବହୁ ବିଦ୍ୟାର୍ଥୀ ପ୍ରମୁଖ ଯୋଗଦାନ କରିଥିଲେ ।

# ଏମ୍ସ ଭୁବନେଶ୍ୱରର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି

## ୬୪୩ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ

ଭୁବନେଶ୍ୱର, (ସବ୍ୟୁ): ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହ ଉତ୍ସବରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ଚଳିତ ମାସ ୧୪ ତାରିଖ, ସୋମବାର ଦିନ ଅନୁଷ୍ଠିତ ହେବାକୁ ଥିବା ଏହି ସ୍ମରଣୀୟ ଉତ୍ସବରେ ରାଷ୍ଟ୍ରପତି ମହୋଦୟାଙ୍କ ଉପସ୍ଥିତି ଛାତ୍ରଛାତ୍ରୀ, ଅଭିଭାବକ ତଥା ସମସ୍ତ ଏମ୍ସ ପରିବାରକୁ ଅନୁପ୍ରେରିତ କରିବା ନେଇ ମତରଖିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ। ଶିକ୍ଷାଗତ ଉତ୍କର୍ଷତା, ସମର୍ପଣ ଏବଂ ଦେଶ ପ୍ରତି ସେବା ମନୋଭାବକୁ ପ୍ରତିପାଦିତ କରୁଥିବା ଏହି ସମାବର୍ତ୍ତନ ଉତ୍ସବକୁ, ଏମ୍ସ ଭୁବନେଶ୍ୱର ପକ୍ଷରୁ ଭାରତର ରାଷ୍ଟ୍ରପତିଙ୍କୁ ସହୃଦୟତାର ସହିତ ସ୍ୱାଗତ କରିଛନ୍ତି ଡ. ବିଶ୍ୱାସ।

ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ସହିତ ରାଜ୍ୟପାଳ ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସାଂସଦ (ଲୋକସଭା), ଭୁବନେଶ୍ୱର ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବେ ବୋଲି ଡ. ବିଶ୍ୱାସ ସୂଚନା ଦେଇଛନ୍ତି।



ଚଳିତ ବର୍ଷ, ମୋଟ ୬୪୩ ଜଣ ସ୍ୱାସ୍ଥ୍ୟସେବା ବୃତ୍ତିଗତଧାରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଏହି ସୂଚୀରେ, ୧୯୬ ଜଣ ଡାକ୍ତରୀ ଛାତ୍ରଛାତ୍ରୀ, ୧୫୮ ଜଣ ବିଶେଷଜ୍ଞ(ପିଜି) ଡାକ୍ତର, ୪୯ ଜଣ ସୁପର ସ୍ପେଷିଆଲିଟି (ଡିଏମ୍/ଏମ୍ସିଏଚ୍), ୨୧ ଜଣ ପୋଷ୍ଟ-ଡକ୍ଟରାଲ୍ ଫେଲୋ (ପିଡିଏଫ୍), ୧୧୬ ଜଣ ବିଏସ୍ସି ନର୍ସିଂ, ୬୨ଜଣ ବିଏସ୍ସି ପାରାମେଡିକାଲ୍, ୪୧ ଜଣ ଏମ୍ଏସସି ନର୍ସିଂ, ଛାତ୍ରଛାତ୍ରୀ ଅନ୍ତର୍ଭୁକ୍ତ। ଅସାଧାରଣ ଶିକ୍ଷାଗତ ପ୍ରଦର୍ଶନର ସ୍ୱୀକୃତି ସ୍ୱରୂପ, ୧୭ ଜଣ ଡାକ୍ତରୀ ଛାତ୍ରଛାତ୍ରୀ, ଜଣେ ଏମ୍ଡି/ଏମ୍ଏସ, ଜଣେ ଡିଏମ୍/ଏମ୍ସିଏଚ୍, ୩ ଜଣ ବିଏସ୍ସି ନର୍ସିଂ, ୭ ଜଣ ବିଏସ୍ସି ପାରାମେଡିକାଲ୍, ଦୁଇ ଜଣ ଏମ୍ଏସସି ନର୍ସିଂ ଛାତ୍ରଛାତ୍ରୀଙ୍କ ସମେତ ୩୧ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୫୯ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଏହି ଅବସରରେ ଡ. ପି.ଆର୍. ମହାପାତ୍ର (ଡିନ୍), ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ୍ ସରକାର (ଡିଡିଏ), ଡ. ସୁଦୀପ୍ତ ରଞ୍ଜନ ସିଂହ (କୁଳସଚିବ), ଡ. ଦିଲ୍ଲୀପ କୁମାର ପରିଡ଼ା (ମେଡିକାଲ୍ ଅଧୀକ୍ଷକ), ଏବଂ ଡ. ବିକାଶ ଭାଟିଆଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

### ନାଇଜର, ଭୁବନେଶ୍ୱର ପ୍ରତିଷ୍ଠାନର ୧୪ତମ ସ୍ନାତକ ସମାରୋହ

# ଆରାମଦାୟକ ଜୀବନ ନୁହେଁ, ଦେଶ ପାଇଁ ବଞ୍ଚିବାର ମନୋଭାବ ରଖିବା : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ମନ୍ଦିରମାଳିନୀ ଭୁବନେଶ୍ୱର ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ନାଇଜର ସମେତ ଆଇଆଇଟି, ଏମ୍ସ, ଏସଡ଼ିଆଇ, ଏବଂ ଇନଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ ଭଳି ଅନେକ ଶିକ୍ଷାନୁଷ୍ଠାନ ଗଢି ଉଠିଛି । ଭୁବନେଶ୍ୱରରେ ଦେଶର ପ୍ରତିଭାବାନ ଯୁବଶକ୍ତି ଅଛନ୍ତି । ଏହି ସମୃଦ୍ଧ ନେଟୱାର୍କ ଓଡ଼ିଶାକୁ ବଡ଼ ସ୍ୱପ୍ନ ଦେଖିବା ସହ ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନରେ ଅଧିକ ଯୋଗଦାନ ଦେବାରେ ସାହାଯ୍ୟ କରୁଛି। ଏହି ସମ୍ଭାବନାକୁ ଦେଖିଲେ ଆଗାମୀ ଦିନରେ ଭୁବନେଶ୍ୱର ଜ୍ଞାନର ପେଣ୍ଠସ୍ଥଳି ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଆରାମଦାୟକ ଜୀବନ ପାଇଁ ନୁହେଁ, ରାଷ୍ଟ୍ର ପାଇଁ ବଞ୍ଚିବାର ମନୋଭାବ ରଖିବାକୁ ଶ୍ରୀ ପ୍ରଧାନ ଯୁବବର୍ଗଙ୍କୁ ଆହ୍ୱାନ କରିଛନ୍ତି । ଭୁବନେଶ୍ୱର ସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ୧୪ତମ ସ୍ନାତକ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ଯେ ଜଟଣୀରେ ପ୍ରତିଷ୍ଠିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ ହେଉଛି ଏକ ସ୍ୱୟଂଶାସିତ ଗବେଷଣା ଅନୁଷ୍ଠାନ, ଯାହା ଆଟୋମିକ୍ ଏନର୍ଜି ସହଯୋଗରେ ସ୍ଥାପନା ହୋଇଛି । ହୋମି ଭାଭା ଜାତୀୟ ପ୍ରତିଷ୍ଠାନ ଦ୍ୱାରା ଅନୁବନ୍ଧିତ ଏହି ପ୍ରତିଷ୍ଠାନ ବହୁତ ଉଚ୍ଚକୋଟୀର ଅନୁଷ୍ଠାନ । ବହୁତ ଗୁଣାତ୍ମକ ପିଲାମାନେ ଏଠାରେ ପାଠ ପଢନ୍ତି । ଦେଶର ବୈଜ୍ଞାନିକଙ୍କ ଆବଶ୍ୟକତା ଅନୁସାରେ ଶିକ୍ଷା ପ୍ରଦାନ, ଗବେଷଣା କ୍ଷେତ୍ର ଏବଂ ଇନୋଭେସନ ପାଇଁ ଭାବା ନ୍ୟାସନାଲ ଇନଷ୍ଟିଚ୍ୟୁଟର ବଡ଼ ଭୂମିକା ଅଛି । କେବଳ ପରମାଣୁ ଶକ୍ତି ପାଇଁ ନୁହେଁ ବରଂ ବିଜ୍ଞାନର ଅନେକ ଦିଗରେ ଆନ୍ତର୍ଜାତୀୟ ସ୍ତରର ଆଧୁନିକ ଗବେଷଣା ଏହି ଶିକ୍ଷାନୁଷ୍ଠାନରେ ହୋଇଥାଏ ।

ଭୁବନେଶ୍ୱରରେ ନାଇଜର ଭଳି ଶିକ୍ଷାନୁଷ୍ଠାନ ଗଢି ଉଠିବା ଗର୍ବର ବିଷୟ । ଏକବିଂଶ ଶତାବ୍ଦୀରେ ଏକ ଜ୍ଞାନଭିତ୍ତିକ ଅର୍ଥନୀତିର ପରିକଳ୍ପନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିଛନ୍ତି । ଏଥିପାଇଁ ୫୦ ହଜାର କୋଟି ଟଙ୍କା ବିନିଯୋଗ କରି ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ ଗଠନ ହୋଇଥିବା ବେଳେ ଅନ୍ୟାନ୍ୟ ପଦକ୍ଷେପ ନିଆଯାଇଛି । ଭୁବନେଶ୍ୱରକୁ ଜ୍ଞାନର ପେଣ୍ଠସ୍ଥଳି କରିବା ପାଇଁ ଆମ ପାଖରେ ଅପାର ସମ୍ଭାବନା ଓ ଯୁବଶକ୍ତି ରହିଥିବା ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରରେ ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀ ଦେଶର ନାଗରିକ ବିଶେଷ ଭାବରେ ଯୁବପିଢ଼ିଙ୍କ ଉପରେ ଅଧିକ ବିଶ୍ୱାସ ରଖିଛନ୍ତି । ସମସ୍ତ ସ୍ନାତକ ଏବଂ ସମ୍ମାନିତ ବିଦ୍ୟାର୍ଥୀଙ୍କୁ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରତିଷ୍ଠାନର ଜୀବ ବିଜ୍ଞାନ ବିଭାଗର ନୂଆ ଜାତୀୟ ପଶୁ ଗବେଷଣା ଏବଂ ପ୍ରୟୋଗଶାଳା କେନ୍ଦ୍ର ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ ।

## ବ୍ରାହ୍ମଣଝରିଲୋ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଉଦଘାଟନ କାର୍ଯ୍ୟକ୍ରମ

ଫୁଲନଖରା (ସବ୍ୟୁ): ନିଆଳି ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକର ଫୁଲନଖରା-ନିଆଳି ରାସ୍ତା ବ୍ରାହ୍ମଣଝରିଲୋ ବଜାର ନିକଟରେ ଗଢିଉଠିଥିବାସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଶନିବାର ଦିନ ଦିନ କମ୍ପ୍ୟୁଟର ଲ୍ୟାବ,ସାଇନ୍ସ ଲାବୋରେଟୋରୀ,ପାଠାଗାର (ଲାଇବ୍ରେରୀ)ସ୍ଥାୟୀ ନୂତନ ଗୃହକୁ ମୁଖ୍ୟ ଅତିଥିଭାବେ ବରିଷ୍ଠ ନାଗରିକ କୈଳାଶ ଚନ୍ଦ୍ର ବେହେରା,ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଶେଖ ମୁସ୍ତାକଅଲ୍ଲୀ,ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା କଟକ ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ଲଳିତ କୁମାର ଦାଶ ଓଯୁବ ସମାଜସେବୀ ବିଶ୍ୱରଂଜନ ସାହୁ ପ୍ରମୁଖ ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ହାଇସ୍କୁଲରଅଧ୍ୟକ୍ଷ ସାୟଦ ସହରିୟର୍ ଅଲ୍ଲୀ,ଉପାଧ୍ୟକ୍ଷ ପ୍ରିୟଙ୍କା ନାୟକ,ପ୍ରିୟଙ୍କା ଦାସ,ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳିବିଶାଳ,ବିଜୟଲକ୍ଷ୍ମୀ ଜେନା,ଶେଖ ରିସନ ଇକବାଲ, ଶଶାଙ୍କ ଶେଖର ସେନାପତି ଓ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓକର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

### ବାହୁଡ଼ା ଯାତ୍ରାରେ ମହିଳା ପୋଲିସ ଅଧିକାରୀଙ୍କୁ ଜଗୁନିଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ

# ୭ ଦିନ ବିତି ଯାଇଥିଲେ ମଧ୍ୟ ମାମଲା ରୁଜୁ କରିବାକୁ ନାରାଜ ପୋଲିସ

ପୁରୀ (ସବ୍ୟୁ): ବାହୁଡା ଯାତ୍ରା ଦିନ ରଥ କର୍ଡନ ଡ୍ୟୁଟିରେ ଥିବା ଜଣେ ମହିଳା ପୋଲିସ ଅଧିକାରୀଣିଙ୍କୁ କାର୍ଯ୍ୟ ସମ୍ପାଦନାରେ ବାଧକତା, ଧମକ ଦେବା ନେଇ କୁମ୍ଭାରପଡ଼ା ଥାନାରେ ଜଗନ୍ନାଥଙ୍କ ବାଡ଼ଗ୍ରାହୀ ତଥା ବରିଷ୍ଠ ଦଇତାପତି ଜଗନ୍ନାଥ ସ୍ୱାଇଁ ମହାପାତ୍ରଙ୍କ ବିରୋଧରେ ଜଣେ ବ୍ୟକ୍ତି ଅଭିଯୋଗ କରିବାର ଇତି ମଧ୍ୟରେ ସାତ ଦିନ ବିତି ଯାଇ ଥିଲେ ମଧ୍ୟ ପୋଲିସ ଏ ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ କରିନି। ପୀଡ଼ିତା ଜଣେ ମହିଳା ପୋଲିସ ଅଧିକାରୀ ହୋଇ ଥିଲେ ମଧ୍ୟ ତାଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛି ପୁରୀ ପୋଲିସ । ଅଭିଯୁକ୍ତ ଜଗୁନି ଜଗନ୍ନାଥଙ୍କ ବାଡ଼ଗ୍ରାହୀ ହୋଇ ଥିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ଭୟ କରୁଛି ପୋଲିସ। ଅନ୍ୟପକ୍ଷରେ କୁମ୍ଭାରପଡ଼ା ଥାନା ଆଇଆଇସି ସୁଶାନ୍ତ କୁମାର ସାହୁଙ୍କ ପ୍ରତିକ୍ରିୟା ଲୋଡ଼ା ଯିବାରୁ ସେ କହିଛନ୍ତି ଜୟନ୍ତଙ୍କ ଅଭିଯୋଗ ଗଭୀର ଭାବେ ତର୍ଜମା ଚାଲିଛି।

ଆଇନଗତ ଅନୁଧ୍ୟାନ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଖବରରୁ ପ୍ରକାଶ ଯେ, ଗତ ୫ ତାରିଖ ଶୁକ୍ରବାର ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦିନ ରଥ କର୍ଡନ୍ ଭିତରେ କେତେକ ନୃତ୍ୟାଙ୍ଗନାମାନେ ଭକ୍ତିରେ ନୃତ୍ୟ ପରିବେଷଣ କରୁ ଥିଲେ। ଏହି ସମୟରେ ସେଠାରେ କର୍ଦନ ଡ୍ୟୁଟିରେ ଥିବା ଜଣେ ମହିଳା ପୋଲିସ ଅଧିକାରିଣୀ ନୃତ୍ୟାଙ୍ଗନା ମାନଙ୍କୁ ସେଠାରୁ ବାହାର କରି ଦେଇ ଥିଲେ। ଏହାକୁ ଦେଖି ଜଗନ୍ନାଥଙ୍କ ବାଡ଼ଗ୍ରାହୀ ତଥା ବରିଷ୍ଠ ଦଇତାପତି ଜଗନ୍ନାଥ ସ୍ୱାଇଁମହାପାତ୍ର ସଂପୃକ୍ତ ମହିଳା ପୋଲିସ ଅଧିକାରୀଣିଙ୍କୁ କାହିଁକି ନୃତ୍ୟାଙ୍ଗନା ମାନଙ୍କୁ ବାହାର କରି ଦେଉଛ । ବେଶୀ ଆଇଆଇପିଏସ ଅଫିସର ଦେଖାଉଛୁ କହି ବିଭିନ୍ନ ଧମକ ଚମକ୍ ଦେଇ ଥିଲେ। କର୍ତ୍ତବ୍ୟ ସମ୍ପାଦନ କରୁଥିବା ଜଣେ ମହିଳା ପୋଲିସ ଅଧିକାରୀଙ୍କୁ କାର୍ଯ୍ୟରେ ବାଧକତା ଦେଇ ଥିଲେ। ସେଠାରେ ଉପସ୍ଥିତ ଥିବା ବରିଷ୍ଠ ପୋଲିସ ଅଧିକାରୀମାନେ ସବୁ ଦେଖି ନ ଦେଖିଲା ପରି ଆଖି ବୁଜି ଦେଇ ଥିଲେ। ଯାହାକୁ ନେଇ ମହିଳା ପୋଲିସ ଅଧିକାରୀ ଣି ନିଜକୁ ଅସହାୟ ଓ ଲଜ୍ଜ୍ୟା ଅନୁଭବ କରି ଥିଲେ। ଅନ୍ୟ ପକ୍ଷରେ ଜଗୁନିଙ୍କ ଦୁର୍ବ୍ୟବହାର ସମସ୍ତ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରଣ ହୋଇ ଥିଲା। ଉକ୍ତ ପ୍ରସାରଣକୁ ଆଧାର କରି ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ସିଦ୍ଧମହାବିର, ସତ୍ୟନଗର ଅଞ୍ଚଳର ଜୟନ୍ତ କୁମାର ଦାସ ନାମକ ଜଣେ ବ୍ୟକ୍ତି ଅନଲାଇନ ମାଧ୍ୟମରେ କୁମ୍ଭାରପଡ଼ାରେ ଜଗୁନିଙ୍କ ବିରୋଧରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ କରି ଥିଲେ। ତେବେ ଅଭିଯୋଗ ହେବାର ଇତି ମଧ୍ୟରେ ୭ ଦିନ ଅତିକ୍ରାନ୍ତ ହୋଇଗଲାଣି ହେଲେ ମାମଲା ରୁଜୁ କରିବାକୁ ନାରାଜ ପୋଲିସ।

# ଆଉ ନିର୍ବାଚନ ଲଢିବେନି ଜୁଏଲ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଠାରେ କେନ୍ଦ୍ର ଆଦିବାସୀ କଲ୍ୟାଣ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏକ ବଡ ଘୋଷଣା କରିଛନ୍ତି। ଆଗାମୀ ଦିନରେ ହେବାକୁ ଥିବା କୌଣସି ପ୍ରତ୍ୟକ୍ଷ ନିର୍ବାଚନ ସେ ଲଢିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଯୁବବର୍ଗଙ୍କୁ ଲଢିବାକୁ ସୁଯୋଗ ଦେବେ ବୋଲି କହିଛନ୍ତି। ତେବେ ଦଳ ପକ୍ଷରୁ ଯାହା ନିଷ୍ପତି ନିଆଯିବ ସେ ତାକୁ ଗ୍ରହଣ କରିବେ। ପ୍ରତ୍ୟକ୍ଷ ରାଜନୀତିରେ ଲଢେଇ କରି ସେ ୮ଥର ସାଂସଦ ଓ ୨ଥର ବିଧାୟକ ହୋଇଛନ୍ତି। ଯୁବପୀଢିଙ୍କୁ ନିର୍ବାଚନ ଲଢିବା ପାଇଁ ନିଜର ସିଟ୍ ଛାଡିବେ। ଦଳ ଚାହିଁଲେ ତାଙ୍କୁ ରାଜ୍ୟସଭା କିମ୍ବା ରାଜ୍ୟପାଳ କରି ପଠାଇପାରେ ବୋଲି ଗଣମାଧ୍ୟମଙ୍କୁ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଜୁଏଲ ଓରାମ ସୁନ୍ଦରଗଡ ଜିଲ୍ଲାର କେନ୍ଦୁଡିହି ଗ୍ରାମରେ ଗତ ୩ମାର୍ଚ୍ଚ, ୧୯୬୧ରେ ଜନ୍ମଗ୍ରହଣ କରିଥିଲେ। ରାଜନୀତିରେ ସେ ଭାଜପାର ସକ୍ରୀୟ କର୍ମକର୍ତ୍ତା ଭାବେ ଅଛନ୍ତି। ୧୯୯୦ ଓ ୧୯୯୫ରେ ସୁନ୍ଦରଗଡ ଜିଲ୍ଲା ବଣେଇ ବିଧାନସଭା ଆସନରୁ ୨ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଲଗାତାର ୨୦୧୪, ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ସେ ମଧ୍ୟ ରାଜ୍ୟ ସଭାପତି ଦାୟିତ୍ୱ ତୁଲାଇଥିଲେ। ଗତ ସାଧାରଣ ନିର୍ବାଚନରେ ସୁନ୍ଦରଗଡ ଲୋକସଭା ଆସନରୁ ନିର୍ବାଚନ ଲଢିଥିଲେ। ସେ ସମୁଦାୟ ୪ଲକ୍ଷ ୯୪ହଜାର ୨୮୨ ଖଣ୍ଡ ଭୋଟ ପାଇଥିଲେ। ବିଜେଡି ପ୍ରାର୍ଥୀ ଦିଲ୍ଲୀପ ତିର୍କୀଙ୍କୁ ୧ଲକ୍ଷ୩୮ ହଜାର ୮୦୮ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ଅଟଳ ବିହାରୀ ବାଜପେୟୀ(୧୯୯୭-୨୦୦୪) ଓ ବର୍ତ୍ତମାନ ନରେନ୍ଦ୍ର ମୋଦିଙ୍କ ସରକାରରେ ଗୁରୁତ୍ୱପୂର୍ଣ୍ଣ ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି।

### ଘରୋଇ ହସ୍ପିଟାଲ୍ ବିରୋଧରେ ସାଂଘାତିକ ଅଭିଯୋଗ

# ଜୀବିତ ରୋଗୀଙ୍କୁ ମୃତ ଦର୍ଶାଇ ଟଙ୍କା ହଡ଼ପ, ପୁଲିସର ତନାଘନା

କଟକ,(ସବ୍ୟୁ): ବିଡ଼ାନାସୀ ଥାନା ଅନ୍ତର୍ଗତ କୃଷକ ବଜାର ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲ ବିରୋଧରେ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ରୋଗୀର ଚିକିତ୍ସା ଆଳରେ ଆୟୁଷ୍ମାନ କାର୍ଡର ଟଙ୍କା ନେବା ପରେ କାର୍ଡର ପୋର୍ଟାଲରେ ମୃତ ବୋଲି ଦର୍ଶାଇଛନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ । ଏପରିକି ରୋଗୀ ବଞ୍ଚିଥିବା ବେଳେ ତାଙ୍କୁ ମୃତ ଦର୍ଶାଇ ଟଙ୍କା ହଡପ କରିଥିବା ଅଭିଯୋଗ ଉଠିଛି । ଏବେ ରୋଗୀ ଜଣକ ଅନ୍ୟ ହସ୍ପିଟାଲକୁ ଚିକିତ୍ସା ପାଇଁ ଯିବାରୁ ସେଠାରେ ଆୟୁଷ୍ମାନ କାର୍ଡରେ ମୃତ ବୋଲି ଦର୍ଶାଯାଇଥିବାରୁ ସେ ଚିକିତ୍ସାରୁ ବଞ୍ଚିତ ରହଥିବା ଜଣାପଡ଼ିଛି । ଏହି ଘଟଣା ନେଇ ବିଡାନାସୀ ଥାନାରେ ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ କରାଯାଇଥିବା ସୂଚନା ମିଳିଛି ।

କଟକ ରାଣୀହାଟ ଅଞ୍ଚଳର ଚଞ୍ଚଳା ନାଟିଆ ଗତ ୨୫ ତାରିଖ କଟକ କୃଷକ ବଜାର ସ୍ଥିତ ଶାନ୍ତି ମେମୋରିଆଲ(ଚିକିତ୍ସା)ରେ ଭର୍ତ୍ତି ହୋଇଥିଲେ । ଚଞ୍ଚଳା ମଧୁମେହ ରୋଗରେ ଆକ୍ରାନ୍ତ ଥିବାବେଳେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିବାରୁ ଉକ୍ତ ହସ୍ପିଟାଲରେ ଅସ୍ତ୍ରୋପଚାର କରାଇଥିଲେ । ହେଲେ ତାହା ଠିକ୍ ଭାବେ ହୋଇ ନଥିବାରୁ ପରେ ହସ୍ପିଟାଲ କର୍ତ୍ତୃପକ୍ଷ ଆଙ୍ଗୁଠିକୁ କାଟିଥିଲେ ଏବଂ କିଛିଦିନ ପରେ ଗତ ୧ ତାରିଖରେ ଘରକୁ ଡିସଚାର୍ଜ କରିଥିଲେ । ହେଲେ ଶୁକ୍ରବାର ପୁଣି ଶାନ୍ତିଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ଅନ୍ୟ ଏକ ହସ୍ପିଟାଲରେ ଭର୍ତ୍ତି ପରିବାର ଲୋକ ଭର୍ତ୍ତି କରାଇଥିଲେ । ସେଠାରେ ଆୟୁଷ୍ମାନ କାର୍ଡ ଯୋଗେ ଚିକିତ୍ସା କରାଇବା ନେଇ ପଚରାଉଚରା କରିବାରୁ ଉକ୍ତ କାର୍ଡରେ ଚଞ୍ଚଳା ମୃତ ବୋଲି ପୋର୍ଟାଲରେ ଦର୍ଶାଯାଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ କହିଥିଲେ । ତେବେ ଚଞ୍ଚଳାଙ୍କ ଅବସ୍ଥା ଗୁରୁତର ଥିବାରୁ ଆୟୁଷ୍ମାନ କାର୍ଡ ଥାଇ ମଧ୍ୟ ହାତରୁ ଟଙ୍କା ଖର୍ଚ୍ଚ କରି ଚିକିତ୍ସା କରାଇଛନ୍ତି ପରିବାର ଲୋକ । ଉକ୍ତ ଘଟଣା ନେଇ ପରିବାର ଲୋକ ବିଡାନାସୀ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିବା ପରେ ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି ।

ଅନ୍ୟପଟେ କାଗଜପତ୍ରରେ ମୃତ ଘଟଣାରେ ନିଜର ଭୁଲ ଥିବା ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ ସ୍ୱୀକାର କରିଥିବା ସୂଚନା ମିଳିଛି । ଏନେଇ ଚଞ୍ଚଳାଙ୍କ ଝିଅ କହିଛନ୍ତି ଯେ, ଘରୋଇ ହସ୍ପିଟାଲର ହୀନ ଚକ୍ରାନ୍ତ ଏବେ ବଢ଼ିବାରେ ଲାଗିଛି । ସେମାନେ ଏଭଳି ଅବହେଳା କରୁଛନ୍ତି ଯେ ଆୟୁଷ୍ମାନ କାର୍ଡ ଥାଇ ମଧ୍ୟ ତାହା ଏବେ କାମରେ ଆସୁନାହିଁ । କାର୍ଡରୁ ଟଙ୍କା ନେଇ ପୋର୍ଟାଲରେ ରୋଗୀ ମୃତ ବୋଲି ଦର୍ଶାଇଛନ୍ତି । ଫଳରେ ଏବେ ତାଙ୍କ ମାଆ ଗୁରୁତର ଭାବେ ଅସୁସ୍ଥ ଥିବାବେଳେ ଅନ୍ୟ ହସ୍ପିଟାଲରେ ଏହି କାର୍ଡ ଦ୍ୱାରା ଚିକିତ୍ସା କରାଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି । ଘଟଣା ସମ୍ପର୍କରେ ବିଡାନାସୀ ଥାନା ଅଧିକାରୀ ଅସିତ ବଳବନ୍ତରାୟଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘଟଣା ନେଇ ଥାନାରେ ଅଭିଯୋଗ ଦିଆଯିବା ପରେ ତଦନ୍ତ ଆରମ୍ଭ କରାଯାଇଛି ଏବଂ ତଦନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

### ଏଚ୍ଆର୍ ମ୍ୟାନେଜରଙ୍କୁ ଅସଦାଚରଣ

# ଯୁବତୀଙ୍କ ସମେତ ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ମୁମ୍ବାଇର କର୍ପୋରେଟ୍ ଆଙ୍କ୍ୱେଙ୍ଗରରେ ଏଚ୍ଆର୍ ମ୍ୟାନେଜର ଭାବେ କାମ କରୁଥିବା ଯୁବତୀଙ୍କୁ ଭୁବନେଶ୍ୱର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଡାକି ହୋଟେଲରେ ଅସଦାଚରଣ କରିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ନନ୍ଦନକାନନ ଥାନା ପୋଲିସ୍ ଜଣେ ଯୁବତୀଙ୍କ ସମେତ ୩ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି।

ହିନା ସେକ୍ ନାମକ ଜଣେ ଯୁବତୀ ବମ୍ବେ ଠାରେ ଥିବା କର୍ପୋରେଟର ଆଙ୍କ୍ୱେଙ୍ଗର ଭାବେ ଏଚ୍ଆର୍ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ତାଙ୍କୁ ଗତ ୭ ତାରିଖ ଦିନ ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ସ୍ଥିତ କ୍ଲବ୍ ଲିଓ ତରଫରୁ ଏକ ବିଜେଇନ୍ ଇଭେଣ୍ଟ ପାଇଁ ୨୨ ହଜାର ଟଙ୍କାରେ ବୁକ୍ କରାଯାଇଥିଲା। କ୍ଲବ୍ ଲିଓର ମାଲିକ ତଥା ଅଭିଯୁକ୍ତ ରଘୁନାଥ ସାହୁ ବିମାନ ଟିକେଟ୍ ପାଇଁ ଆଗୁଆ ୧୪ ହଜାର ଟଙ୍କା ସାଙ୍ଗକୁ ଗୁଗୁଲ୍ ପେ ଜରିଆରେ ଦେଇଥିଲେ। ୧୧ ତାରିଖ ଦିନ ଇଣ୍ଡିଗୋ ଫ୍ଲାଇଟ୍‌ରେ ସେ ଭୁବନେଶ୍ୱର ଆସି କ୍ଲବ ଲିଓରେ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରେ ତାଙ୍କ ପାଇଁ ପଲ୍



ଲିଫଙ୍ଗ ହୋଟେଲରେ ରୁମ୍ ବୁକ୍ କରାଯାଇଥିଲା। ଯେଉଁଥିରେ ସେ ଯାଇ ରହିଥିଲେ। ସେଠାରେ ପହଞ୍ଚିବା ପରେ ସେ ଜାଣିବାକୁ ପାଇଥିଲେ ଲିଓ କ୍ଲବ୍‌ର ମାଲିକ ରଘୁନାଥ ସାହୁଙ୍କ ପାଇଁ ସେ ହୋଟେଲରେ ରୁମ୍ ବୁକ୍ କରାଯାଇଛି। ତାଙ୍କ ରୁମ୍ ସାମ୍ନାରେ ରଘୁନାଥଙ୍କ ପାଇଁ ରୁମ୍ ହୋଇଥିବାରୁ କିଛି ସମୟ ପରେ ସ୍ୱେତା ନାମକ ଜଣେ ଯୁବତୀ (ଅଭିଯୁକ୍ତା) ତାଙ୍କୁ ମାଲିକଙ୍କ ସହ ରାତ୍ରି ଭୋଜନ ଲାଗି ନିମନ୍ତ୍ରଣ କରିଥିଲା। ଯେତେ ବେଳେ ସେ ରଘୁନାଥ ସାହୁଙ୍କ ରୁମ୍‌କୁ ରାତ୍ରି ଭୋଜନ ପାଇଁ ଗଲେ ସେଠାରେ ରଘୁନାଥ ଓ ତାଙ୍କ ସହଯୋଗୀ ମାଙ୍କ ସହିତ ଯଥା ସ୍ୱେତା, ଆନନ୍ଦ, ରୋହିତ, ମୁନା ଓ ଅନ୍ୟ ଜଣେ ବ୍ୟକ୍ତି ମଦ୍ୟପାନ କରିଥିବା ସିଗାରେଟ୍ ପିଉଥିବା ଦେଖିଥିଲେ।

ଏହା ଦେଖି ରୁମ୍‌ରୁ ବାହାରକୁ ଆସିବା ପାଇଁ ଚେଷ୍ଟା କରିବାରୁ ସ୍ୱେତା ତାଙ୍କୁ ଅଟକାଇ ରଘୁନାଥଙ୍କ ସହ ରାତ୍ରିଯାପନ କରିବା ପାଇଁ ବାଧ କରିଥିଲା। ଏହା ନକଲେ ସେ ତୁମକୁ ହତ୍ୟା କରିବେ ବୋଲି ସ୍ୱେତା ଧମକାଥିଲେ। ସେଠାରେ ଉପସ୍ଥିତ ଥିବା ରଘୁନାଥ ତାଙ୍କ ସହିତ ଜୋର ଜବରଦସ୍ତ ଅସଦାଚରଣ କଲା। ସେ ରୁମ୍‌ରୁ ବାହାରକୁ ପଳାଇବା ଲାଗି ଚେଷ୍ଟା କରିବାରୁ ସ୍ୱେତା, ଆନନ୍ଦ, ରୋହିତ, ମୁନା ଓ ଅନ୍ୟ ଜଣେ ତାଙ୍କୁ ଅଟକାଇଥିଲେ। ତାଙ୍କୁ ଜୀବନରେ ମାରି ଦେବା ବେକକୁ ଚାପି ଧରିଥିବା ହୀନା ଅଭିଯୋଗ କରିଛନ୍ତି। ଏହା ଦେଖି ସେ କୌଶଳକ୍ରମେ ସେମାନଙ୍କ କବଳରୁ ଖସି ପଳାଇ ଯାଇ ନିଜ ରୁମ୍ ଭିତର ପଟୁ କବାଟ ଦେଇଥିଲେ। ଏହା ଦେଖି ରଘୁନାଥ ସ୍ୱେତା, ଆନନ୍ଦ, ରୋହିତ, ମୁନା ଓ ଅନ୍ୟ ଜଣେ ତାଙ୍କ କବାଟକୁ ବାଡ଼େଇ ଫିଟାଇବା ଲାଗି ପ୍ରୟାସ କରିବା ସହ ଭୟଙ୍କର ପରିଣାମ ଭୋଗିବାକୁ ପଡିବ ବୋଲି ଧମକାଇ ଥିଲେ। ଏଥିରେ ଭୟଭୂତ ହୋଇ ଅଭିଯୋଗକାରିଣୀ ୧୧୨କୁ ଫୋନ୍ କରିଥିଲେ। ପିସିଆର୍ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଥାନାରେ ସେ ଲିଖିତ ଅଭିଯୋଗ କରିବା ପରେ ପୋଲିସ୍ ରଘୁନାଥ ସାହୁ (୩୦), ଆନନ୍ଦ ସେଠୀ (୨୭) ଓ ସ୍ୱେତା ସାଲୋନୀ (୨୧)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ୩ ଜଣଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି।

### ସିଟି ହସ୍ପିଟାଲ୍‌ରେ ଶିଶୁ ମୃତ୍ୟୁ ଘଟଣା

# ତେଲେଙ୍ଗାବଜାର ରାସ୍ତାରେ ମୃତଦେହ ରଖି ଧାରଣା

କଟକ,(ସବ୍ୟୁ): ସିଟି ହସ୍ପିଟାଲରେ ଚିକିତ୍ସା ଅବହେଳାରେ ଶିଶୁ ଅନିଆ ଦାସ(୧୦)ଙ୍କ ମତ୍ୟୁ ଘଟଣାରେ ଆଜି ଏସ୍‌ସିବିରେ ଶବ ବ୍ୟବଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହା ପରେ ଅପରାହ୍ଣରେ ପୁରୀଘାଟ ଉପର ତେଲେଙ୍ଗାବଜାର ରାସ୍ତାରେ ମୃତଦେହ ରଖି ପରିବାର ଓ ସମ୍ପର୍କୀୟ ଧାରଣା ଦେବା ସହ କ୍ଷତିପୂରଣ ଦାବି କରିଥିଲେ । ପ୍ରାୟ କିଛି ସମୟ ଧରି ରାସ୍ତା ଅବରୋଧ କରିବା ପରେ ଘଟଣାର ଖବର ପାଇ ସ୍ଥାନୀୟ ପୁରୀଘାଟ ପୁଲିସ ଓ ଜୋନ-୪ ଏସିପି ଘଟଣାସ୍ଥଳରେ ପହଞ୍ଚି ମୃତକ ଶିଶୁର ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ । ନିଜର ଦାବିକୁ ଲିଖିତ ଆକାରରେ ମୃତକ ଶିଶୁର ପରିବାର ଲୋକ ଦେବା ପରେ ଧାରଣା ପ୍ରତ୍ୟାହୃତ କରିଥିବା ସୂଚନା ମିଳିଛି ।

ମୃତ ଶିଶୁର ବୁଢ଼ୀ ମାଆ ବେଲ ଦେଇ କହିଛନ୍ତି, ମେଡିକାଲରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରାଇବାରୁ ଏଭଳି ସ୍ଥିତି ଉପୁଜିଛି । ନାତିକୁ ଏସ୍‌ସିବି ନେବାକୁ କହିଥିଲେ ହେଲେ ସେଠାରେ ଆମ୍ବୁଲାନ୍ସ ଥାଇ ମଧ୍ୟ କେହି ସହଯୋଗ କରିନଥିଲେ । ନାତୀର ସ୍ଥାନ କେହି ପୁରଣ କରି ପାରିବେ ନାହିଁ । ଉକ୍ତ ମେଡିକାଲ ଓ ସେଠାକାର ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ କହିଛନ୍ତି । ଅନ୍ୟପଟେ ଘଟଣାସ୍ଥଳରେ ସ୍ଥିତି ଆୟତ୍ତ କରିବା ପରେ ଜୋନ-୪ ଏସିପି ଅଶୋକ ଗିରି କହିଛନ୍ତି ଯେ, ଘଟଣା ସମ୍ପର୍କରେ ଦରଘାବଜାର ଥାନାରେ ଅଭିଯୋଗ କରାଯାଇଛି । ଏହାର ତଦନ୍ତ ଆରମ୍ଭ ହୋଇଛି । ତଦନ୍ତ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମୃତ ଶିଶୁର ଶବ ରଖି ପ୍ରତିବାଦ କରାଯାଇଥିଲା, ପରିବାର ଲୋକଙ୍କୁ ବୁଝାସୁଝା କରିବା ପରେ ସେମାନେ ତାଙ୍କର ଦାବି ଲିଖିତ ଭାବେ ଦେଇଛନ୍ତି ଏବଂ ଏହାକୁ ଜିଲ୍ଲାପାଳଙ୍କୁ ଦିଆଯିବ ବୋଲି ସେ କହିଛନ୍ତି ।

ସୂଚନାଥାଉ କି, ପୁରିଘାଟ ଉପରତେଲେଙ୍ଗା ବଜାର ଅଞ୍ଚଳର ସୁକୁଟା ଦାସଙ୍କ ପୁଅ ଅନିଆ ଦାସ (୧୦)ଙ୍କୁ ଗୁରୁବାର ଡାଇରିଆ ହେବାରୁ ତାଙ୍କୁ ଶୁକ୍ରବାର ସିଟି ହସ୍ପିଟାଲର ଡାଇରିଆ ୱାର୍ଡରେ ଭର୍ତ୍ତି କରାଯାଇଥିଲା । ଅପରାହ୍ନ ୪ଟାରେ ଅନିଆର ସ୍ୱାସ୍ଥ୍ୟବସ୍ଥା ବିଗିଡିବାରେ ଲାଗିଥିଲା । ସେତେବେଳେ ତାଙ୍କୁ ଏସ୍‌ସିବି ସ୍ଥାନାନ୍ତର କରିବା ବଦଳରେ ରାତି ୯ଟାରେ ଡାକ୍ତର ଅନିଆକୁ ଏସ୍‌ସିବି ନେବାକୁ କହିଥିଲେ । ଏସ୍‌ସିବି ନେବା ପାଇଁ ଅନିଆଙ୍କ ପରିବାର ଲୋକ ସିଟି ହସ୍ପିଟାଲରେ ଥିବା ଦୁଇଟି ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ ହେଲେ ସେମାନେ ନେବାକୁ ମନା କରିଥିଲେ । ପରିବାର ଲୋକ ଅନିଆକୁ ଅଟୋ ଯୋଗେ ଏସ୍‌ସିବି ନେଇଥିବାବେଳେ ସେଠାରେ ଡାକ୍ତର ଅନିଆକୁ ମୃତ ବୋଲି ଘୋଷଣା କରିଥିଲେ । ପରେ ପରିବାର ଲୋକ ସିଡିଏ ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଯାଇଥିଲେ ହେଲେ ସେଠାରେ ମଧ୍ୟ ଡାକ୍ତର ସମାନ କଥା କହିଥିଲେ । ସେଠାରୁ ଅନିଆକୁ ନେଇ ପରିବାର ଲୋକ ସିଟି ହସ୍ପିଟାଲରେ ପହଞ୍ଚିଥିଲେ ଏବଂ ଭୁଲ ଇଞ୍ଜେକ୍ସନ ଓ ଚିକିତ୍ସା ଅବହେଳା ଯୋଗୁ ମୃତ୍ୟୁ ହୋଇଥିବା ଅଭିଯୋଗ କରିବା ସହ ହସ୍ପିଟାଲ ସମ୍ମୁଖରେ ଟାୟାର ଜାଳି ପ୍ରତିବାଦ କରିଥିଲେ । ଘଟଣାର ଖବର ପାଇ ସ୍ଥାନୀୟ ଦରଘାବଜାର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଆୟତକୁ ଆଣିଥିଲା ।

## ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ

# ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ନାରୀ ସଶକ୍ତିକରଣର ଅନ୍ୟତମ ପ୍ରତୀକ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ନାରୀ ସଶକ୍ତିକରଣର ଅନ୍ୟତମ ପ୍ରତୀକ । ଜଣେ ଘରୋଇ ମହିଳା ହୋଇ ସେ ସମୟର କଟକଣା ମଧ୍ୟରେ ଅନେକ କାଳଜୟୀ କବିତା ରଚନା କରିଥିଲେ, ଯାହା ତାଙ୍କୁ ଓଡ଼ିଆ ସାହିତ୍ୟ ଜଗତରେ ବିରଳ ଲେଖିକାର ପରିଚୟ ଦେଇଛି ବୋଲି ଶନିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆୟୋଜିତ "ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ" ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡ଼ିଶା ସରକାରଙ୍କ ଓଡ଼ିଆ ବିଭାଗ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ କହିଛନ୍ତି ଯେ ଜୀବନର ଖୁବ୍ କମ ସମୟ ମଧ୍ୟରେ ବାଲ୍ୟାବସ୍ଥାରୁ




ସାହିତ୍ୟ ପ୍ରତି ତାଙ୍କର ସାଧନା ଓ ସମର୍ପଣ ଭାବ ଆମ ସମସ୍ତଙ୍କୁ ପ୍ରେରିତ କରୁଛି । ଓଡ଼ିଆ ସାହିତ୍ୟରେ ନାରୀବାଦୀ କବିତାର କଥା ଉଠିଲେ ତିନିଜଣ ବିଶିଷ୍ଟ କବୟିତ୍ରୀଙ୍କ ନାମ ମନକୁ ଆସେ - ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ, ସରଳା ଦେବୀ ଓ ବିଦ୍ୟୁତପ୍ରଭା ଦେବୀ । ବିଦ୍ୟୁତପ୍ରଭା ଦେବୀ, କୁନ୍ତଳା କୁମାରୀଙ୍କ ଭଳି ସ୍ୱଳ୍ପ ଆୟୁଷ ନେଇ ଜନ୍ମିଥିଲେ ଏବଂ ସରଳା ଦେବୀଙ୍କ ଠାରୁ ପ୍ରେରଣା ଲାଭ କରି ନାରୀ ସ୍ୱାଧୀନତା ପାଇଁ ସ୍ୱର ଉତ୍ତୋଳନ କରିଥିଲେ ଲେଖନୀ ମାଧ୍ୟମରେ । । ଆଧୁନିକ କବିତା ସହ ଦେଶର ସ୍ୱତନ୍ତ୍ରତା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଶିଶୁ ସାହିତ୍ୟକାର ଭାବରେ ସେ କବିତା ଲେଖିଛନ୍ତି । ତାଙ୍କ ବିଷୟରେ ଯେତେ ବର୍ଣ୍ଣନା କଲେ ମଧ୍ୟ ଶବ୍ଦ କମ ପଡିବ ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସମାଜରେ ମାତୃଶକ୍ତିର ନେତୃତ୍ୱ ସବୁବେଳେ ଆବଶ୍ୟକତା ରହିଛି । ଓଡ଼ିଶାର ସବଡିଭିଜନ ସ୍ତରରେ ବିଂଶ ଏବଂ ଏକବିଂଶ ଶତାବ୍ଦୀର ମହିଳା ଲେଖିକାମାନଙ୍କ ଅବଦାନକୁ ନୂଆପିଢିଙ୍କ ପାଖରେ ପହଞ୍ଚାଇବା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଉଦ୍ୟମ କରିବା ଦରକାର । ବର୍ଷବ୍ୟାପୀ ଏହିଭଳି କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରାଯିବା ଦରକାର । ସାହିତ୍ୟରେ ରୁଚି ରଖୁଥିବା ନୂଆପିଢି ବିଶେଷ ଭାବରେ ନାରୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ସହ ସେମାନଙ୍କ ଅବଦାନକୁ ପରିବ୍ୟାପ୍ତ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ବର୍ତ୍ତମାନ ସମୟରେ ଏଆଇ, ଚାଟ୍ ଜିପିଟି ଟେକ୍ନୋଲୋଜିର ନୂଆ ରୂପ ନେଉଛି । ଶିଳ୍ପ ବିପ୍ଳବ ୫.୦ ଦିଗରେ ଭାରତ ଅଗ୍ରସର ହେଉଛି । ଏଆଇ ଓ ଚାଟ୍ ଜିପିଟି ସମାଜ ପାଇଁ ନୂଆ ଆହ୍ୱାନ ହୋଇଛି । ନୂଆ ଅବସର ମଧ୍ୟ ଆଣିଦେଇଛି । ଏଆଇକୁ ବ୍ୟବହାର କରି ଲୋକମାନେ ମଲଟି ଲାଙ୍ଗୁଏଜ୍ ମୋଡ୍ ମାଧ୍ୟମରେ ପ୍ରଶ୍ନ ରଖିବା ଦରକାର । ଓଡ଼ିଆ ପଖାଳ କଣ ? ଖଣ୍ଡୁଆ ପାଟ କଣ ? ଉପକୂଳ ଅଞ୍ଚଳର ଗହୀର ମଥା କଇଁଛ ବିଷୟ ହେଉ ଅବା ରଙ୍ଗବତୀ କିଏ ଲେଖିଛନ୍ତି ? ଓଡ଼ିଶା ଏବଂ ଓଡ଼ିଆତ୍ୱର ଇତିହାସ ଭଳି ଅନେକ ପ୍ରସଙ୍ଗ ଉପରେ ଏଆଇର ସାହାଯ୍ୟ ନେବାକୁ ସେ ପରାମର୍ଶ ଦେଇଛନ୍ତି । ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର ସହ ଆଗକୁ ନେବା ପାଇଁ ମଧ୍ୟ ଏଆଇର ବ୍ୟବହାର କରିବା ଦରକାର । ତେବେ ଯାଇଁ ଆମର ସାହିତ୍ୟ ବିଶ୍ୱବିଦିତ ଓ ସୁସମୃଦ୍ଧ ହୋଇପାରିବ ।ଏହି ଅବସରରେ ଶ୍ରୀ ପ୍ରଧାନ ବି.କେ କଲେଜ ଅଫ୍ ଆର୍ଟସ୍ ଆଣ୍ଡ୍ କ୍ରାଫ୍ଟସର ପ୍ରତିଭାବାନ ଛାତ୍ରୀମାନଙ୍କୁ ଭେଟିବା ସହ ସେମାନଙ୍କ ନିଖୁଣ କଳା କାରିଗରୀକୁ ପ୍ରଶଂସା କରିଥିଲେ ।

## ୨୧ ସବ୍ ଇନ୍ସପେକ୍ଟର ପଦବୀ

# ତିନୋଟି ପଦ ପୂରଣ ନକରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,(ସବ୍ୟୁ): ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ରେ ୨୧ଟି ସବ୍-ଇନ୍ସପେକ୍ଟର(ଟ୍ରାଫିକ୍) ପଦ ମଧ୍ୟରୁ ୫୦% ପଦରେ ବିଭାଗୀୟ ପଦୋନ୍ନତି ଆଧାରରେ ଏବଂ ବାକି ୫୦% ପଦରେ ସିଧାସଳଖ ନିଯୁକ୍ତି ଦେବାକୁ ଜଣିକିଆ ବିଚାରପତି ଦେଇଥିବା ଆଦେଶକୁ ଚାଲେଞ୍ଜ କରି ରୁଜୁ ମାମଲାରେ ହାଇକୋର୍ଟ ଏକ ଅନ୍ତରୀଣ ଆଦେଶରେ ତିନୋଟି ପଦ ପୂରଣ ନକରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜଣିକିଆ ବିଚାରପତିଙ୍କ ଆଦେଶକୁ ଚାଲେଞ୍ଜ କରି ରାଜ୍ୟ ସରକାର ହାଇକୋର୍ଟକୁ ଆସିଥିଲାବେଳେ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମ୍‌କୋର୍ଟରେ ରୁଜୁ ସ୍ୱତନ୍ତ୍ର ଲିଭ୍ ପିଟିସନ୍‌ର ପରବର୍ତ୍ତୀ ଶୁଣାଣି ନହେବା ପର୍ଯ୍ୟନ୍ତ ଏହି ତିନୋଟି ପଦବି ପୂରଣ କରାଯିବ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ମାମଲାରୁ ଜଣାଯାଇଛି ଯେ, ୨୧ଟି ଟ୍ରାଫିକ୍ ସବ୍-ଇନ୍ସପେକ୍ଟର ପଦବି ପୂରଣ ପାଇଁ ଏସ୍‌ଟିଏ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ୨୧ଟି ଯାକ ପଦବିରେ ସିଧାସଳଖ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। ଏହାକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା । ହାଇକୋର୍ଟର ଜଣିକିଆ ବିଚାରପତି ୨୦୨୪ ନଭେମ୍ବର ୨୭ ତାରିଖରେ ଏକ ରାୟ ପ୍ରଦାନ କରି ଏହି ୨୧ଟି ପଦ ମଧ୍ୟରୁ ୫୦% ପଦବିରେ ବିଭାଗୀୟ ପଦୋନ୍ନତି ଆଧାରରେ ନିଯୁକ୍ତି ଦେବାକୁ କହିଥିଲାବେଳେ ବାକି ୫୦% ପଦରେ ସିଧାସଳଖ ନିଯୁକ୍ତି ଦେବାକୁ କହିଥିଲେ । ଏହାକୁ ଚାଲେଞ୍ଜ କରି ଏସ୍‌ଟିଏ ପକ୍ଷରୁ ହାଇକୋର୍ଟରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିଲା । ଗୋଟିଏ ମାମଲାରେ ହାଇକୋର୍ଟ ଗତ ମାର୍ଚ୍ଚ ୧୭ ତାରିଖରେ ରାୟ ପ୍ରକାଶ କରି ଜଣିକିଆ ବିଚାରପତିଙ୍କ ଆଦେଶକୁ ରଦ୍ଦ କରିବା ସହ ସିଧାସଳଖ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶ ବିରୋଧରେ ୪ଜଣ ଆଶାୟୀ ପ୍ରାର୍ଥୀ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମ୍‌କୋର୍ଟ ମାମଲାର ଶୁଣାଣି କରି ଚାରୋଟି ପଦ ପୂରଣ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ହାଇକୋର୍ଟଙ୍କ ଆଦେଶ ଉପରେ ରହିତାଦେଶ ଜାରି କରିଥିଲେ ।

ଉକ୍ତ ମାମଲା ସୁପ୍ରିମ୍‌କୋର୍ଟରେ ବିଚାରଧୀନ ଥିଲାବେଳେ ଏସ୍‌ଟିଏର ଅନ୍ୟ ରିଟ୍ ଅପିଲ୍ ଉପରେ ହାଇକୋର୍ଟରେ ଶୁଣାଣି ହୋଇଥିଲା। ଏହି ମାମଲାରେ ଆଉ ତିନିଜଣ ଆଶାୟୀ ପ୍ରାର୍ଥୀ ନିଜର ପକ୍ଷ ରଖି ସୁପ୍ରିମ୍‌କୋର୍ଟଙ୍କ ଆଦେଶ ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରିଥିଲେ। ଯେହେତୁ ଚାରୋଟି ପଦ ଖାଲି ରଖିବା ଲାଗି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇ ସାରିଛନ୍ତି ସେହି ଆଧାରରେ ଅନ୍ୟ ତିନିଜଣଙ୍କ ଲାଗି ମଧ୍ଯ ପଦ ଖାଲି ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତିନି ଆଶାୟୀ ପ୍ରାର୍ଥୀଙ୍କ ପକ୍ଷରୁ ଆଇନଜୀବୀ ସତ୍ୟରଞ୍ଜନ ପତି ଏହି ମାମଲା ପରିଚାଳନା କରୁଛନ୍ତି ।

# କଟକ ମହାନଗର ଶାନ୍ତି କମିଟି କର୍ମକର୍ତ୍ତାଙ୍କ ଜରୁରୀ ବୈଠକ

କଟକ, (ସବ୍ୟୁ):ଆଜି କଟକ ମହାନଗର ଶାନ୍ତି କମିଟି କର୍ମକର୍ତ୍ତାଙ୍କ ଏକ ଜରୁରୀ ବୈଠକ ଦରଘାବଜାରସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା | ଏଥିରେ କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ | ସାଧାରଣ ସମ୍ପାଦକ ଭିକାରୀ ଦାସ ଚଳିତ ବର୍ଷ ଗଣେଶ ପୂଜା ଓ ବିସର୍ଜନର ତାରିଖ ଘୋଷଣା କରିଥିଲେ | ଅଗଷ୍ଟ ୨୭ ଗଣେଶ ପୂଜା | ଯେଉଁ ମଣ୍ଡପମାନଙ୍କର ଅନନ୍ତବ୍ରତ ବା ଦୂତିଆଘାଣ୍ଟ ପୂଜା ହୁଏ ନାହିଁ, ସେମାନେ ୩୧ ତାରିଖ ରବିବାର ଦିନ ବିସର୍ଜନ କରିବେ | ସେପ୍ଟେମ୍ବର ୬ ଶନିବାର ଅନନ୍ତବ୍ରତ ପୂଜା ଏବଂ ରବିବାର ଗ୍ରହଣ ପଡୁଥିବାରୁ ସେପ୍ଟେମ୍ବର ୧୪ ତାରିଖ ରବିବାର ବିସର୍ଜନ କରିବେ ଏବଂ ୧୫ ତାରିଖ ଦୂତିଆଘାଣ୍ଟ ପୂଜା ଏବଂ ୨୧ ତାରିଖ ରବିବାର ବିସର୍ଜନ କରାଯିବ ବୋଲି ସ୍ଥିର କରାଗଲା | ଚଳିତ ବର୍ଷ ଦୁର୍ଗାପୂଜା ସେପ୍ଟେମ୍ବର ୨୭ ଶନିବାର ମହାଷଷ୍ଠୀରୁ ଆରମ୍ଭ ହୋଇ ଅକ୍ଟୋବର ୩ ଶୁକ୍ରବାର ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଗଲା | ଦୁର୍ଗାପୂଜା ଓ ଭସାଣୀ ଉତ୍ସବକୁ ସଫଳ କରିବାକୁ ଅଗଷ୍ଟ ୨୪ ତାରିଖ ରବିବାର ଏକ ପ୍ରସ୍ତୁତି ସଭାର ଆୟୋଜନ କରାଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଗଲା | ଦୁର୍ଗାପୂଜା ପୂର୍ବରୁ ସହରର ବହୁବିଧ ସମସ୍ୟାର ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରି ସମାଧାନ କରିବାକୁ ଶାନ୍ତି କମିଟିର ଏକ ପ୍ରତିନିଧି ଦଳ ବିଭାଗୀୟ ଅଧିକାରୀଙ୍କୁ ଭେଟିବାକୁ ସ୍ଥିର କରାଗଲା |

# ଦୁଇ ଭାଇଙ୍କ ଠାରୁ ଲୁଟ୍ ମାମଲା : ଦ୍ୱିତୀୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,(ସବ୍ୟୁ): ଜଣେ ଟ୍ରାଭେଲ ମାଲିକଙ୍କ ଭାଇଙ୍କୁ ଭଙ୍ଗା ବିଅର ବୋତଲ ଦେଖାଇ ଭୟଭିତ କରିବା ସହ ତାଙ୍କ ପକେଟ୍‌ରେ ଥିବା ୪,୮୦୦ ଟଙ୍କା ସହ ହାତରୁ ସୁନାମୁଦି ଲୁଟି ନେବା ପରେ ଅଫିସ୍‌ରେ ପଶି ୧୮ ହଜାର ଟଙ୍କା ଲୁଟି ନେଲେ। ଅଫିସ୍‌ରେ ପଶି ଟଙ୍କା ଲୁଟିବା ବେଳେ ଟ୍ରାଭେଲ ମାଲିକ ମାନସ କୁମାର ପ୍ରଧାନ ତାଙ୍କୁ ବିରୋଧ କରିବାରୁ ବେକରେ ଥିବା ଦୁଇଟି ସୁନା ଚେନ୍ ଓ ତାଙ୍କ ହାତରୁ ମୁଦି ଲୁଟି ନେଲେ ବୋଲି ସେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ୍ ଦ୍ୱିତୀୟ ଅଭିଯୁକ୍ତ ସୀମାଞ୍ଚଳ ରେଡ଼ି(୨୭) ନାମକ ଜଣେ ଲୁଟେରାକୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଘଟଣା ଦିନ ଟ୍ରାଭେଲ ବାହାରେ ଥୁଆ ହୋଇଥିବା ଏକ ବାଇକ୍‌କୁ ନିଆଁ ଲଗାଇ ପୋଡି ଦେଇଥିବା ଅଭିଯୋଗ ହୋଇଥିଲା।

ଗତ ୨୩ ମସିହା ଜାନୁଆରୀ ୧୪ ତାରିଖ ମଧ୍ୟାହ୍ନରେ ଅଭିଯୋଗକାରୀଙ୍କ ଭାଇ ଅଫିସ୍ ବାହାରେ ମୋବାଇଲ୍ ଫୋନ୍‌ରେ କଥା ହୋଇଥିବା ବେଳେ କିଛି ଅଭିଯୁକ୍ତ ସମ୍ପ୍ରିତ ଏନ୍‌ଏଚ୍ ହୋଟେଲ ପଛ ପାଖରୁ କିଛି ନୂଆ ସାମଗ୍ରୀ ଜୋରି କରୁଥିବା ଦେଖିବାକୁ ପାଇଥିଲେ। ଏହି ସମୟରେ ଅଭିଯୁକ୍ତମାନଙ୍କରୁ ଜଣେ କାହିଁକି ଆମ ଭିଡ଼ିଓ କରୁଛ ବୋଲି କହିବା ସହ ଏକ ଭଙ୍ଗା ବୋତଲ ଦେଖାଇ ଆକ୍ରମଣ କରିବା ଲାଗି ଧମକାଇଥିଲେ ଓ ତାଙ୍କ ପକେଟ୍‌ରୁ ୪,୮୦୦ ଟଙ୍କା ଓ ହାତରୁ ସୁନା ମୁଦି ଜୋର ଜବରଦସ୍ତ କାଢ଼ି ନେଇଯାଇଥିଲେ।

ଏହା ପରେ ଅଭିଯୁକ୍ତମାନେ ଟ୍ରାଭେଲ ଭିତରକୁ ପଶି ୧୮ ହଜାର ଟଙ୍କା ନେଇ ପଳାଉଥିବା ବେଳେ ଅଭିଯୋଗକାରୀ ତାଙ୍କୁ ଅଟକାଇବାରୁ ତାଙ୍କ ବେକରୁ ଦୁଇଟି ସୁନା ଚେନ ଓ ହାତରେ ଏକ ସୁନା ମୁଦି ଛଡାଇ ନେଇଥିଲେ। ଏଥିସହ ଅଫିସ୍ ବାହାରେ ରଖାଯାଇଥିବା ଏକ ବାଇକ୍‌ରୁ ନିଆଁ ଲଗାଇ ପୋଡି ଦେଇଥିଲେ। ଅଭିଯୋଗ ହେବା ପରେ ପୋଲିସ୍ ସନିଆ କୁଞ୍ଜି ନାମକ ଅଭିଯୁକ୍ତକୁ ୨୩ ମସିହାରେ ଗିରଫ କରିବା ସହ ତାଙ୍କ ଠାରୁ କିଛି ଗହଣା ଜବତ କରିଥିବା କହିଛି। ଦ୍ୱିତୀୟ ଅଭିଯୁକ୍ତ ସୀମାଞ୍ଚଳକୁ ଶନିବାର କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# କିମ୍ସରେ ଅତ୍ୟାଧୁନିକ ଇଲେକ୍ଟ୍ରନ ବିମ୍ ଥେରାପି ଦ୍ୱାରା କର୍କଟ ରୋଗର ସଫଳ ଚିକିତ୍ସା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ କର୍କଟ ରୋଗ ଚିକିତ୍ସା ପାଇଁ ଏକ ବଡ଼ ସଫଳତା। ଅତ୍ୟାଧୁନିକ ଇଲେକ୍ଟ୍ରନ ବିମ୍ ଥେରାପି (ଇବିଟି) ପଦ୍ଧତିରେ କିମ୍ସ ଅନକୋଲୋଜି ବିଭାଗରେ ଜଣେ ରୋଗୀଙ୍କଠାରେ ଏହି ରୋଗର ସଫଳ ଚିକିତ୍ସା କରାଯାଇପାରିଛି। କ୍ୟୁଟେନିଅସ୍ ଟି-ସେଲ ଲିମ୍ଫୋମା ନାମକ ଏକ ପ୍ରକାରର କର୍କଟ ରୋଗ ସହ ଜନୈକ ରୋଗୀ ସଂଗ୍ରାମ କରୁଥିଲେ। ଏହା ରୋଗୀଙ୍କ ଚର୍ମରେ କ୍ଷତ ସୃଷ୍ଟି କରି ସମଗ୍ର ଶରୀରର ଏକାଧିକ ସ୍ଥାନରେ କିଛି ସ୍ଥାନରେ ମାଂସ ବୃଦ୍ଧି ହୋଇ ଯନ୍ତ୍ରଣା ହେଉଥିଲା। କିମ୍ସକୁ ଆସିବା ପୂର୍ବରୁ ସେ ଏଥିରୁ ରକ୍ଷା ପାଇବା ପାଇଁ ଅସ୍ତ୍ରୋପଚାର କରିସାରିଥିଲେ ଏବଂ କେମୋଥେରାପି ମଧ୍ୟ କରିଥିଲେ।

ରୋଗୀ ଜଣକ କିମ୍ସ କ୍ୟାନସର ସେଣ୍ଟରରେ ପହଞ୍ଚିବା ପରେ ଏକାଧିକ ନୋଡୁଲାର କ୍ଷତ ଯୋଗୁଁ ତାଙ୍କର ଯନ୍ତ୍ରଣା ହେବା ସହ ତରଳ ପଦାର୍ଥ ସ୍ରାବ ହେଉଥିଲା। କିମ୍ସ ବିଶେଷଜ୍ଞ ଡା ସ୍ମିତି ଦାସଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ତାଙ୍କର ପରୀକ୍ଷା କରିଥିଲେ। ଶେଷରେ ଆକ୍ରାନ୍ତ ସ୍ଥାନରେ ଇଲେକ୍ଟ୍ରନ ବିମ ଥେରାପି ପଦ୍ଧତିରେ ଚିକିତ୍ସା ପାଇଁ ଯୋଜନା





କରିଥିଲେ। ଏହି ପ୍ରକ୍ରିୟାରେ ସାଧାରଣତଃ ଉଚ୍ଚ ଶକ୍ତିଯୁକ୍ତ ଇଲେକ୍ଟ୍ରନକୁ ନେଇ ଏକ କେନ୍ଦ୍ରୀଭୂତ ବିମ ଜରିଆରେ ଆଖପାଖ ସୁସ୍ଥ ତନ୍ତୁ ଉପରେ ସର୍ବନିମ୍ନ ପ୍ରଭାବ ସହିତ ଚର୍ମରେ କର୍କଟ କୋଷଗୁଡ଼ିକୁ ନଷ୍ଟ କରିବା ପାଇଁ ବ୍ୟବହାର କରାଯାଏ। ନିରନ୍ତର ୩.୫ ସପ୍ତାହର ପ୍ରୟାସ ପରେ ରେଡିଏସନ୍ ଅଙ୍କୋଲୋଜି ଦଳ ଏହି ଚିକିତ୍ସା କରି ସଫଳତା ପାଇଥିଲେ। ଏବେ ରୋଗୀ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି ।

ଡା ସ୍ମିତି ଦାସଙ୍କ ନେତୃତ୍ୱରେ ଏହି ଅଭିଯାନରେ ଡା ମାନିକା ବର୍ମା, ଜୁନିଅର କନସଲଟାଣ୍ଟ ଶୁଭାଶିଷ ତ୍ରିପାଠୀ, କ୍ଲିନିକାଲ୍ ଆସିଷ୍ଟାଣ୍ଟ ଆଶିଷ ମସାନ୍ତ; ଅବନ୍ତୀ ଭୂୟାଁ, ବିକିରଣ ସୁରକ୍ଷା ଅଧିକାରୀ ଅସିତ ପାଣିଗ୍ରାହି, ଜେସମିନ୍ ଅହମ୍ମଦ, ବରିଷ୍ଠ ରେଡିଏସନ୍ ଥେରାପି ଟେକ୍ନୋଲୋଜିଷ୍ଟ କୃଷ୍ଣ ପ୍ରସାଦ ଶି, ଦିପ୍ତିମଞ୍ଜରୀ ଶା, ସୌହାର୍ଦ୍ଦ୍ୟ, ସୌରଭ, କିଶୋର ବିଶ୍ୱାଳ, ବିଶାଳ ତଥା ବିକିରଣ ଅଙ୍କୋଲୋଜି ବିଭାଗର ଅନ୍ୟ କର୍ମଚାରୀ ପ୍ରମୁଖ ସାମିଲ ଥିଲେ। ଇବିଟି ହେଉଛି ଏକ ପ୍ରକାରର ବିକିରଣ ଚିକିତ୍ସା ଯାହା କର୍କଟ କୋଷଗୁଡ଼ିକୁ ନଷ୍ଟ କରିବା ପାଇଁ ଉଚ୍ଚ-ଶକ୍ତି ଇଲେକ୍ଟ୍ରନ ବ୍ୟବହାର କରାଯାଇଥାଏ। ଏହା ବିଶେଷ ଭାବରେ ଚର୍ମ କର୍କଟ, ସ୍ତନ କର୍କଟ, ଏଚଏନସି (ମଥା ଏବଂ ଗଳା କର୍କଟ) ଏବଂ ଚର୍ମ ଲିମଫୋମା ଭଳି ନିକଟତର ପୃଷ୍ଠ କର୍କଟ ପାଇଁ ଉପଯୋଗୀ। ଇବିଟିର ସଠିକତା ଏବଂ ନମନୀୟତା କମ୍ ପାର୍ଶ୍ୱ ପ୍ରତିକ୍ରିୟା ସହ ରୋଗ ଶୀଘ୍ର ଉପଶମ କରାଇଥାଏ। ଏହାକୁ ବିଭିନ୍ନ କର୍କଟ ରୋଗ ବିରୋଧରେ ଲଢ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ବୋଲି କୁହାଯାଉଛି।

## ବିଜେପି ମଧ୍ୟରେ ତେଜୁଛି ଗୋଷ୍ଠୀ କନ୍ଦଳ

# ସୋସିଆଲ ମିଡିଆରେ ବିଧାୟକ ପ୍ରାର୍ଥୀଙ୍କ ଅଡିଓ ଭାଇରାଲ ଘଟଣାରେ ଥାନାରେ ଅଭିଯୋଗ

ଖୋର୍ଦ୍ଧା, (ସବ୍ୟୁ): ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ବିଜେପି ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ ତେଜିବାରେ ଲାଗିଛି। ଭୁବନେଶ୍ୱର ସାଂସଦ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କୁ ସାଂସଦ ପ୍ରତିନିଧି କରି ଥିବାରୁ ତାହା ସହଜରେ ଗ୍ରହଣ କରିପାରୁ ନାହାନ୍ତି ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି। ବେଗୁନିଆରେ ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ଆସିଥିବା ଲିଷ୍ଟ ଦେବା ସହ ୫୦ ଲକ୍ଷ ଅନୁଦାନ ଅର୍ଥ ମୋର ଜ୍ଞାତ ସାରରେ କାର୍ଯ୍ୟ ହେବ। ଏପରିକି ସାଂସଦ ପାର୍ଲିଆମେଣ୍ଟ ରହି କାର୍ଯ୍ୟ କରିବା କଥା ବେଗୁନିଆକୁ ଆସି ଉନ୍ନୟନ ମୂଳକ କାର୍ଯ୍ୟକୁ ବିକ୍ରୀ କରିବାକୁ ଚେଷ୍ଟା କରୁଛନ୍ତି। ତେବେ ବିଧାୟକ ଶ୍ରୀ ଜଗଦେବଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ପ୍ରଶ୍ରୟ ନ ଦେବାକୁ ବିଡ଼ିଓ ସନ୍ତୋଷ ଜେନାଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପ ସୋସିଆଲ ମିଡିଆରେ ଘୁରି ବୁଲୁଥିବାର ଦେଖିବାକୁ ମିଳିଥିଲା। ଅପର ପକ୍ଷରେ ଯଦି ଏଥିରୁ ବର୍ହିଭୁତ ହେବ ମନ ମୋହନ ସାମଲଙ୍କ ନିର୍ଦ୍ଦେଶ କ୍ରମେ ମୋର ୫ ଶହ ଲୋକ ଓ ବିଧାୟକ ଲୋକଙ୍କ ସହ ଯାଇ ବ୍ଲକ କାର୍ଯ୍ୟାଳୟରେ ହଙ୍ଗାମା କରିବୁ ବୋଲି କଥା ହୋଇଛି। ଏହି ଘଟଣାରେ ବିଜେପି ଦଳ ପକ୍ଷରୁ ବେଗୁନିଆ ଥାନାରେ ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳିଙ୍କ ନାମରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବେଗୁନିଆ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି, କିନ୍ତୁ ମାମଲା ରୁଜୁ ହୋଇନଥିବା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ପ୍ରକାଶ କରିଛନ୍ତି।

# ଚକ୍ରାନ୍ତ ଭଣ୍ଡୁର ହେଲା, ପଡିଆ ଉଚ୍ଛୁଳିଲା : ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ସମ୍ବିଧାନ ବଞ୍ଚାଅ ମହାସମାବେଶର ଅଭୂତପୂର୍ବ ସଫଳତାରେ ବିଜେପି-ବିଜେଡି ଚକିତ ହୋଇଛନ୍ତି ବୋଲି ପିସିସି ପକ୍ଷରୁ କୁହାଯାଇଛି । ବରମୁଣ୍ଡା ପଡିଆ ଭିତରେ ଯେତେ ଲୋକ ଥିଲେ ବାହାରେ ମଧ୍ୟ ସେତିକି ଲୋକ ରାହୁଲ ଗାନ୍ଧିଙ୍କୁ ଦେଖିବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷାରତ ଥିଲେ । ଡ୍ରାଇଭର ଧର୍ମଘଟ ନେଇ ପ୍ରଥମରୁ ଅନିଶ୍ଚିତତା ନଥିଲେ ଆହୁରି ମଧ୍ୟ ଅଧିକ ଜନସମାଗମ ହୋଇଥାନ୍ତା । ଏହା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେ ପ୍ରମୁଖଙ୍କ ନେତୃତ୍ୱାଧୀନ କଂଗ୍ରେସ ଦଳ ସପକ୍ଷରେ ଅନ୍ତଃସ୍ରୋତକୁ ଦର୍ଶାଉଛି ବୋଲି ଶନିବାର ମଧ୍ୟାହ୍ନରେ କଂଗ୍ରେସ ଭବନରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରକାଶ କରିଛନ୍ତି । ପିସିସି ମିଡ଼ିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ପୌରହିତରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ ମହାସମାବେଶ ପ୍ରତି ରାଜ୍ୟ ବାସୀଙ୍କ ଅକୁଣ୍ଠ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀ ଦାସ ସ୍ୱତନ୍ତ୍ର ଭାବେ ଡ୍ରାଇଭର ମହାସଂଘକୁ କୃତଜ୍ଞତା ଜଣାଇ କହିଥିଲେ । କେବଳ ମହାସମାବେଶ ପାଇଁ ହିଁ ମହାସଂଘ ଧର୍ମଘଟକୁ କୋହଳ କରିବା ଦ୍ୱାରା ସରକାର ଓ ବିଜେପିର ଚକ୍ରାନ୍ତ ଭଣ୍ଡୁର ହୋଇଥିଲା । ଏଥିସହିତ ସମଗ୍ର ରାଜ୍ୟରେ ଡ୍ରାଇଭର ମହାସଂଘର ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ଶ୍ରୀ ଦାସ ସମସ୍ତ କଂଗ୍ରେସ ସଂଗଠନ ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ରାଷ୍ଟ୍ରପତିଙ୍କ ବିଷୟରେ ଏଆଇସିସି ଅଧ୍ୟକ୍ଷ ଅଶାଳୀନ ଟିପଣୀ ଦେଇଥିବା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରିଥିବା ଅଭିଯୋଗକୁ ସେ ଖଣ୍ଡନ କରିଥିଲେ । ସେହିପରି, ରାହୁଲ ଗାନ୍ଧୀଙ୍କୁ 'ସାମନ୍ତବାଦୀ' ଆଖ୍ୟା ଦେଇଥିବା ଶ୍ରୀ ପ୍ରଧାନଙ୍କ ଟିପଣୀ ନେଇ ସେ ପାଲଟା ପ୍ରଶ୍ନ କରିଥିଲେ । ଏହି ଅବସରରେ ଶ୍ରୀ ଦାସ ମହାସମାବେଶର ସୁପରିଚାଳନା ପାଇଁ ନିୟୋଜିତ ପୋଲିସ ପ୍ରଶାସନ ଓ ସହଯୋଗୀ ସରକାରୀ ସଂସ୍ଥାର ନିୟୋଜିତ ଅଧିକାରୀ ମାନଙ୍କୁ ଧନ୍ୟବାଦ ଜଣାଇ ଥିଲେ । ଅନୁରୂପ ଭାବେ ଶ୍ରୀ ଦାସ ରାଜ୍ୟର ସମସ୍ତ ଜିଲ୍ଲା ସଂଯୋଜକ, ସମସ୍ତ ଛାମୁଆ ସଂଗଠନର ମୁଖ୍ୟ ଓ କର୍ମକର୍ତ୍ତା, ସମସ୍ତ ବିଭାଗ ପ୍ରକୋଷ୍ଠର ମୁଖ୍ୟ ଓ କର୍ମକର୍ତ୍ତା, କଂଗ୍ରେସ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଦେବାସହ କୃତଜ୍ଞତା ଜ୍ଞାପନ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ଉପସଭାପତି ତାରାପ୍ରସାଦ ବାହିନୀପତି, ବିଧାୟକ ରମେଶ ଜେନା, ବିଧାୟକ ସିଏସ୍ ରାଜେନ୍ ଏକ୍କା, ସନ୍ତୋଷ ସିଂହ ସାଲୁଜା, ଦେବାଶିଷ ପଟ୍ଟନାୟକ, ଡ. ଲଲାଟେନ୍ଦୁ ମହାପାତ୍ର, ସସ୍ମିତା ବେହେରା ପ୍ରମୁଖ ସମ୍ବିଧାନ ବଞ୍ଚାଅ ସମାବେଶର ସଫଳତାକୁ ନେଇ ରାଜ୍ୟବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।




# ୨୦୨୪ ସବୁଠାରୁ ଉତ୍ତପ୍ତ ବର୍ଷ, ବଢ଼ିବ ରୌଦ୍ରତାପର ପ୍ରଭାବ : ବିଶେଷଜ୍ଞ

ଭୁବନେଶ୍ୱର, (ସବ୍ୟୁ): ୧୯୦୧ ମସିହା ଠାରୁ ଏପର୍ଯ୍ୟନ୍ତ ୨୦୨୪ ସବୁଠାରୁ ଉତପ୍ତ ବର୍ଷ ଥିଲା। ବିଶ୍ୱ ତାପନ ପ୍ରଭାବ ଯୋଗୁଁ ୨୦୧୦ ରୁ ୨୦୨୪ ୧୫ ବର୍ଷ ମଧ୍ୟରେ ଦଶ ବର୍ଷ ଅନ୍ୟ ବର୍ଷ ତୁଳନାରେ ଉତପ୍ତ ବର୍ଷ ଭାବେ ପରିଗଣିତ ହୋଇଛି ବୋଲି ଜଣେ ବିଶିଷ୍ଟ ପାଣିପାଗ ବିଶେଷଜ୍ଞ କହିଛନ୍ତି। ଏହି ୫ଟି ବର୍ଷ ହେଉଛି ୨୦୨୪, ୨୦୧୬, ୨୦୦୯, ୨୦୧୦ ଏବଂ ୨୦୧୭ ବୋଲି ଭାରତୀୟ ପାଣିପାଗ ବିଭାଗ ଅନ୍ତର୍ଗତ ନ୍ୟାସ୍‌ନାଲ୍ ୱେଦର ଫୋରକାଷ୍ଟିଂ ସେଂଟରର ପାଣିପାଗ ବିଶେଷଜ୍ଞ ଡକ୍ଟର ଅଖିଳ ଶ୍ରୀବାସ୍ତବ କହିଛନ୍ତି। ପ୍ରଚଣ୍ଡ ରୌଦ୍ର ତାପର ପ୍ରଭାବ କିଛି ବର୍ଷ ହେବ ଭୀଷଣ ଭାବେ ଅନୁଭୂତ ହେଉଥିବା ବେଳେ ମୃତ୍ୟୁ ଏବଂ କ୍ଷୟକ୍ଷତି ପରିପ୍ରେକ୍ଷୀରେ ଦ୍ୱିତୀୟ ବଡ଼ କାରଣ ପାଲଟିଛି ବୋଲି କହିଛନ୍ତି ଡକ୍ଟର ଶ୍ରୀବାସ୍ତବ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ଆୟୋଜିତ 'ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପନ - ପ୍ରସଙ୍ଗ ଓ ସମ୍ଭାବନା' ଶୀର୍ଷକ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀରେ ଯୋଗ ଦେଇ ଏହା କହିଛନ୍ତି ଡକ୍ଟର ଶ୍ରୀବାସ୍ତବ। ଡକ୍ଟର ଶ୍ରୀବାସ୍ତବ କହିଛନ୍ତି ଯେ କେବଳ ଅଧିକ ତାପମାତ୍ରା ପ୍ରଚଣ୍ଡ ରୌଦ୍ରତାପ ଉପୁଜାଇ ନାହିଁ ବରଂ ଅନ୍ୟାନ୍ୟ ପାଣିପାଗ ଜନିତ କାରଣରୁ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା



ରହିଛି। ଡକ୍ଟର ଶ୍ରୀବାସ୍ତବ କହିଛନ୍ତି ଯେ ୨୦୦୦ ରୁ ୨୦୦୯ ବର୍ଷ ଗୁଡ଼ିକ ଅପେକ୍ଷା ୨୦୧୦ ରୁ ୨୦୧୯ ମଧ୍ୟରେ ରୌଦ୍ର ତାପର ସଂଖ୍ୟା ୨୪ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ଏତଦ୍ ଜନିତ ମୃତ୍ୟୁ ମଧ୍ୟ ୨୭ ପ୍ରତିଶତ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି। ସୋଆ ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଥିବା ବେଳେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ କହିଥିଲେ ଯେ ବିଶ୍ୱବିଦ୍ୟାଳୟ ଭାବେ ସମାଜର ହିତ ପାଇଁ କାର୍ଯ୍ୟ କରିବା ଏହାର ଦାୟିତ୍ୱ। ବର୍ତ୍ତମାନ ପୃଥିବୀରେ ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ତାପନ ଚିନ୍ତାର କାରଣ ପାଲଟିଥିବା ବେଳେ ଏ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଛାତ୍ରଛାତ୍ରୀମାନେ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ନିଜ ନିଜ କ୍ଷେତ୍ରରେ ସଚେତନତାର ସୃଷ୍ଟି କରନ୍ତୁ ବୋଲି କୁଳପତି କହିଥିଲେ।

ସୋଆ ପକ୍ଷରୁ ସେଂଟର ଫର ଏନଭାଇରନ୍‌ମେଂଟ ଆଣ୍ଡ କ୍ଲାଇମେଟ ଓ ସେଂଟର ଫର କ୍ଲାଇମେଟ ସ୍ମାର୍ଟ ଏଗ୍ରିକଲ୍‌ଚର (ସିସିଏସ୍‌ଏ) ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛି ବୋଲି ପ୍ରଫେସର ନନ୍ଦ କହିଥିଲେ। କାର୍ଯ୍ୟକ୍ରମରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ ଓ ଉପକୁଳପତି ପ୍ରଫେସର ପି.କେ. ପାତ୍ର ବକ୍ତବ୍ୟ ରଖିଥିଲେ। ଆଇଏଏସ୍‌ର ଆସୋସିଏଟ୍ ପ୍ରଫେସର ଡକ୍ଟର ଶୁଭପ୍ରଦ ଦାଶ ସମ୍ମିଳନୀ ସମ୍ପର୍କିତ ତଥ୍ୟ ଉପସ୍ଥାପନା କରିଥିବା ବେଳେ ଆସୋସିଏଟ୍ ପ୍ରଫେସର ସ୍ୱାତୀ ଶିଳ୍ପା ବାହୁବଳେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୮ଟି ବିଭିନ୍ନ ଦେଶର ରାଷ୍ଟ୍ରଦୂତ ଯୋଗ ଦେଇଥିବା ବେଳେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ମଧ୍ୟ ମନ୍ତବ୍ୟ ରଖିଥିଲେ।

## ଦେବଗଡ଼, ବଲାଙ୍ଗିରରେ ବସ୍ ଚଳାଚଳ ସ୍ୱାଭାବିକ

# ଜେଲ୍ ଗଲେ ଡ୍ରାଇଭର ସଂଘର କୋଷାଧ୍ୟକ୍ଷ ଆଦିତ୍ୟ

ବଲାଙ୍ଗିର/ଦେବଗଡ, (ସବ୍ୟୁ): ଶନିବାର ଦେବଗଡ ଜିଲ୍ଲା ଘରୋଇ ବସ ମାଲିକ ସଂଘର ନିଷ୍ପତ୍ତି ଅନୁଯାଇ ବିଭିନ୍ନ ସ୍ଥାନକୁ ବସ ଚଳାଚଳ ଆରମ୍ଭ ହୋଇଛି । ଡ୍ରାଇଭର ମହାସଂଘର ବନ୍ଦ ପାଳନ ଯୋଗୁଁ ମଙ୍ଗଳବାର ଠାରୁ ଜିଲ୍ଲାରେ ବସ ଚଳାଚଳ ବନ୍ଦ ରହିଥିଲା । ୪ଦିନ ପରେ ସଂଘର ନିଷ୍ପତ୍ତି କ୍ରମେ ବସ ଚଳାଚଳ ଆରମ୍ଭ ହୋଇଛି । ବିଭିନ୍ନ ରୁଟ ରେ ଯାଉଥିବା ଘରୋଇ ବସ ଗୁଡିକ ଚଳାଚଳ ଆରମ୍ଭ କରିଛନ୍ତି । ସେପଟେ ଓଡ଼ିଶା ଡ୍ରାଇଭର ମହାସଂଘ ରାଜ୍ୟ କୋଷାଧ୍ୟକ୍ଷ ତଥା ଦେବଗଡ ଜିଲ୍ଲା ସଭାପତି ଆଦିତ୍ୟ ପ୍ରସାଦ ବେହେରାଙ୍କୁ ପୋଲିସ ଗିରଫ କରିଥିବା ସୂଚନା ମିଳିଛି । ଆଦିତ୍ୟ ଦେବଗଡ ଜିଲ୍ଲା କାର୍ଯ୍ୟାଳୟରେ ଥିବା ସମୟରେ ବଲାଙ୍ଗିର ଜିଲ୍ଲା ପୋଲିସ ତାଙ୍କୁ ଗିରଫ କରି ସାଥୀରେ ନେଇଯାଇଛନ୍ତି ଆଦିତ୍ୟଙ୍କ ଗିରଫଦାରି ପ୍ରତିବାଦରେ ସଂଘ ପକ୍ଷରୁ ଦେବଗଡ ନୂତନ



ବସଷ୍ଟାଣ୍ଡ ଠାରେ ବୈଠକ କରାଯାଇଛି । ବୈଠକରେ ସଂଘର ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି ।

ମହଙ୍ଗା ପଡିଛି ଆନ୍ଦୋଳନ ନାଁରେ ଦାଦାଗିରି । ଗିରଫ ହୋଇ ଜେଲଗଲେ ଓଡିଶା ଡ୍ରାଇଭର ସଂଘର କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ବେହେରା । ଗତ ୧୦ ତାରିଖ ଦିନ ବଲାଙ୍ଗିର-ସୋନପୁର ରାଜରାସ୍ତାର ଟୋଲଗେଟ ନିକଟରେ, ମିନିଟ୍ରକ ଡ୍ରାଇଭର ଭକ୍ତ ମାଝୀଙ୍କୁ ନିସ୍ତୁକ ମାଡ଼ ମାରିଥିଲେ । ଆନ୍ଦୋଳନ କରୁଥିବା ଡ୍ରାଇଭର ସଂଘର କର୍ମକର୍ତ୍ତା ପୋଲିସ ଶୁକ୍ରବାର ଆକ୍ରମଣ ଘଟଣାରେ ୮ ଜଣ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ଓଡିଶା ଡ୍ରାଇଭର ସଂଘ ପକ୍ଷରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ଚାଲିଥିବା ବେଳେ ଟ୍ରକ୍ ଚଳାଇବାରୁ ଜଣେ ଡ୍ରାଇଭରଙ୍କୁ ଗୁରୁବାର ଆନ୍ଦୋଳନରତ କେତେଜଣ ଡ୍ରାଇଭର ସଂଘବଦ୍ଧ ଭାବେ ମାଡ ମାରିଥିବା ଅଭିଯୋଗ ହୋଇଥିଲା । ଘଟଣାରେ ପୁଇଁତଲା ଥାନା ପୋଲିସ ଶୁକ୍ରବାର ଅଭିଯୁକ୍ତ ୮ ଜଣ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପୁଇଁତଲା ଥାନା ଦଶପୁର ଗାଁର ତାରାକାନ୍ତ ବାରିକ (୨୯), କୁରେଇଭନାର ବିଜୟ ପଧାନ (୨୫), ଖଇରଭାଡିର ମିତ୍ରଭାନୁ ଦାସ (୩୬), ଡିମ୍ବେରବାହାଲର ରାମ କୁମ୍ଭାର (୩୪), ଠେ●ାମୁଣ୍ଡାର ଅର୍ଚ୍ଚ୍ୟ ସେଠ୍ (୩୯), ସୁବର୍ଣ୍ଣପୁର ଜିଲା ତରଭା ଥାନାର ମରାଡୁଗୋଛାର ନିରଞ୍ଜନ ବାଗ (୫୦), ଚନ୍ଦନପାଲିର ବାଦଲ କୁଦେଇ (୨୪) ଓ ପଦମପୁରର ମଧୁସୂଦନ ସେଠ୍ (୨୫) । ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଅନିତା ପ୍ରଧାନ । ଆକ୍ରମଣ କରିବା ପାଇଁ ଉସକାଇଥିବା ଅଭିଯୋଗରେ ଓଡିଶା ଡ୍ରାଇଭର ସଂଘର କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ବେହେରାଙ୍କୁ ଦେବଗଡ଼ରୁ ଗିରଫ କରିଥିଲା ପୁଇଁତଲା ପୋଲିସ ଗିରଫ ପରେ ବଲାଙ୍ଗିର ଏସଡିଜେଏମ କୋର୍ଟକୁ ଚାଲାଣ କରିଥିଲା ପୋଲିସ ଜାମିନ ନାମଞ୍ଜୁର ହେବାରୁ ବଲାଙ୍ଗିର ଜେଲ ଗଲେ କୋଷାଧ୍ୟକ୍ଷ ଶ୍ରୀ ବେହେରା ।

## ବିଜେପିର ପ୍ରତିକ୍ରିୟା ଉପରେ ଉତ୍ତର ରଖିଲା ଯୁବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱରରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶର ଜନସମୁଦ୍ରକୁ ଦେଖି ବିଜେପି ସରକାର ଭୟଭୀତ ହୋଇପଡ଼ିଛି ବୋଲି ରାଷ୍ଟ୍ରୀୟ ଯୁବ କଂଗ୍ରେସ ଗଣମାଧ୍ୟମ ବିଭାଗର ସଂଯୋଜକ ସୁଦିପ ସାମଲ ଏକ ପ୍ରେସବିଜ୍ଞପ୍ତରେ ଜଣାଇଛନ୍ତି । ସମାବେଶରେ କେବଳ କଂଗ୍ରେସ କର୍ମୀ ନଥିଲେ, ଏଥିରେ ଓଡ଼ିଶାର ଉପେକ୍ଷିତ, ନିର୍ଯ୍ୟାତିତ ଓ ଅତ୍ୟାଚାରିତ ଜନତା ଅଂଶଗ୍ରହଣ କରିଥିଲେ । ଅନିୟନ୍ତ୍ରିତ ମହିଳା ଅତ୍ୟାଚାର, ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଅମାନୁଷିକ ଆକ୍ରମଣ, ଦଳିତ, ଆଦିବାସୀ ଓ ଓବିସି ବର୍ଗର ଲୋକମାନଙ୍କୁ ଉପେକ୍ଷା ଓ ଅତ୍ୟାଚାରକୁ ପ୍ରତିବାଦ କରି ଓଡ଼ିଶାର କୋଣ ଅନୁକୋଣରୁ ଲୋକେ ମାଡ଼ି ଆସିଥିଲେ ରାହୁଲଙ୍କ ସମାବେଶରେ ଅଂଶଗ୍ରହଣ କରିବାପାଇଁ । ଏ ସମାବେଶ ଥିଲା ଓଡ଼ିଶାର ଅବହେଳିତ ଜନତାର ସମବେତ ସ୍ୱର ବୋଲି କହିଛନ୍ତି ।

ରାହୁଲ ଗାନ୍ଧୀ ତାଙ୍କର ଅଭିଭାଷଣରେ ଓଡ଼ିଶା ଓ କେନ୍ଦ୍ର ସରକାରର ଅସଲ ରୂପକୁ ପଦାରେ ପକାଇଦେଇଛନ୍ତି । ଏ ଦୁଇ ସରକାରର ନିର୍ଦ୍ଦେଶ ଏବଂ ପୃଷ୍ଠପୋଷକ ଆଦାନୀ ବୋଲି ସେ ସ୍ପଷ୍ଟ ଭାବରେ କହିଛନ୍ତି । ଅନ୍ୟପକ୍ଷରେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପରିଚାଳନାରେ ଓଡ଼ିଶା ସରକାରଙ୍କ ବିଫଳତାକୁ ସେ ଦୃଢ଼ ନିନ୍ଦା କରିଛନ୍ତି । ବିଜେପି ସରକାରର ବିଫଳତା, ଦୁର୍ନିତୀକୁ ରାହୁଲ ଗାନ୍ଧୀଙ୍କ ଶାଣିତ ଭାଷାରେ ଆକ୍ରମଣକୁ ସହ୍ୟ ନକରିପାରି ବିଜେପି ପକ୍ଷରୁ ଯେଉଁ ପ୍ରତିକ୍ରିୟା ପ୍ରକାଶ ପାଇଛି ତାହାକୁ ଓଡ଼ିଶାର ଜନସାଧାରଣ ନିନ୍ଦା କରୁଛନ୍ତି । ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଓଡ଼ିଶାରେ କଂଗ୍ରେସର ସ୍ଥାନ ନାହିଁ । ମନମୋହନ ସାମଲ ଏ କଥା କହିବାପୂର୍ବରୁ ଟିକିଏ ଇତିହାସକୁ ମନେପକାଇବା ଉଚିତ । ନିକଟରେ ଧରାକୋଟ ଠାରେ ଦୁଇଜଣ ଦଳିତ ଲୋକଙ୍କୁ ଗୈରିକ ସଂଗଠନର ସଭ୍ୟମାନେ ଅର୍ଦ୍ଧଲଣ୍ଡିତ କଲେ, ଘାସ ଖୁଆଇଲେ, ଡ୍ରେନପାଣି ପିଆଇଲେ, ଦୁଇକିଲୋମିଟର ଆଣ୍ଠେଇ ଆଣ୍ଠେଇ ଯିବାକୁ ବାଧ୍ୟ କଲେ ଏବଂ ପଶୁପରି ମାଡ଼ ମାରିଲେ । ରେମୁଣାରେ ଦୁଇଜଣ ଆଦିବାସୀ ମହିଳାଙ୍କୁ ଧର୍ମାନ୍ତିକରଣର ମିଥ୍ୟା ଅଭିଯୋଗରେ ଗୈରିକ ସଂଗଠନର ସଭ୍ୟମାନେ ଗଛରେ ବାନ୍ଧିଲେ, ନିର୍ମମ ପ୍ରହାର କଲେ ଏବଂ ମୁହଁରେ କାଦୁଅ ବୋଳିଲେ । ଏ ଦେଶର ସମ୍ବିଧାନ ଗଠନରେ କଂଗ୍ରେସ ଦଳର ପ୍ରମୁଖ ଭୂମିକା ରହିଛି । କଂଗ୍ରେସ ଦଳ ସବୁବେଳେ ସମ୍ବିଧାନର ନିୟମ ମାନେ । ଓଡ଼ିଶାରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଶାନ୍ତିରେ ବଞ୍ଚିବା ପାଇଁ ଦିଆଯାଉ ନାହିଁ । ମହିଳାମାନଙ୍କର ଅତ୍ୟାଚାର ଦିନକୁ ଦନ ବଢ଼ି ଚାଲିଛି । ବୋଲି ଶ୍ରୀ ସାମଲ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଗଣମାଧ୍ୟମକୁ ଜଣାଇଛନ୍ତି ।

## ପ୍ଲାଟଫର୍ମ ଫୁଟ ଓଭରବ୍ରିଜ ତଳୁ ୨ମୃତଦେହ ଜବତ

ବ୍ରହ୍ମପୁର, (ସବ୍ୟୁ) : ଜିଆରପି ପୋଲିସ ଶନିବାର ଅପରାହ୍ନରେ ପ୍ଲାଟଫର୍ମରେ ଥିବା ଫୁଟ ଓଭରବ୍ରିଜ ତଳୁ ଦୁଇଜଣଙ୍କ ମୃତଦେହ ଜବତ କରିଛି । ସେମାନଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି । ସେମାନଙ୍କ ପରିଚୟ ଜଣାପଡିନଥିବା ବେଳେ ଉଭୟଙ୍କ ବୟସ ଆନୁମାନିକ ୫୫ ରୁ ୬୦ ବର୍ଷ ହେବ ବୋଲି ପୋଲିସ କହିଛି ।

ଏସଂକ୍ରାନ୍ତରେ ୬୬/୨୫ ଓ ୬୭/୨୫ ରେ ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି । ପ୍ରାଥମିକ ତଦନ୍ତରୁ ଉଭୟେ



ବିଷପାନ କରିଥିବା ସନ୍ଦେହ କରାଯାଉଛି । ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସେମାନଙ୍କ ମୃତ୍ୟୁର କାରଣ ଜଣାପଡିବ । ପରିଚୟ ସ୍ପଷ୍ଟ ପାଇଁ ଉଭୟ ମୃତଦେହ ସଂରକ୍ଷିତ ରଖାଯାଇଛି । ସେହିପରି ପ୍ଲାଟଫର୍ମରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ପୋଲାଇ ସୂଚନା ଦେଇଛନ୍ତି ।

## ପିଆଶାଳ କାଠ ଜବତ ଘଟଣା : ଅଭିଯୁକ୍ତଦ୍ୱୟଙ୍କୁ ୩ବର୍ଷ ଜେଲ୍

ବାରିପଦା,(ସବ୍ୟୁ): ପରିବେଶ ଓ ପରିବେଶକୁ କ୍ଷତି ପହଞ୍ଚାଉଥିବା ତଥା ଜଙ୍ଗଲ ସୁରକ୍ଷା ମାମଲାର ବିଚାର କରି ଉଦଳା ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ଅନୁରାଗ ଦେହୁରୀ ଅଭିଯୁକ୍ତ ଅଜୟ ଦଣ୍ଡପାଟ ଓ ଦୟାନିଧି ବେହେରାଙ୍କୁ ଜଙ୍ଗଲ ସୁରକ୍ଷା ଆଇନ୍‌କୁ ଅନୁସାରେ ୩ବର୍ଷ କାରାଦଣ୍ଡ ଆଦେଶ ଶୁଣାଇବା ସହ ଏକହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ଏକମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୬ ଡିସେମ୍ବର ୨ତାରିଖରେ କପ୍ତିପଦା ବ୍ଲକ ଅନ୍ତର୍ଗତ ସେନ୍ଧକଟା ଗ୍ରାମର ଅଜୟ ଦଣ୍ଡାପଟ ଓ ଦାୟନିଧି ବେହେରା ଏକ ମୋଟର ସାଇକେଲ ଯୋଗେ ଦୁଇଟି ପିଆଶାଳ କାଠ ନେବା ସମୟରେ ଜଙ୍ଗଲ ବିଭାଗ ହାତରେ ଧରା ପଡିଥିଲେ। ପରେ ଓଡିଶା ଟିମ୍ବର ଓ ଜଙ୍ଗଲ ଜାତ ଦ୍ରବ୍ୟ ପରିବହନ ଆଇନ୍ ୧୯୮୦ ଜରିଆରେ ଏହି ଅଭିଯୁକ୍ତଦ୍ୱୟଙ୍କ ନାମରେ ଏକ ମାମଲା ରୁଜୁ କରି ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ମଙ୍ଗଳବାର ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିବା ସମୟରେ ପରିବେଶ ଓ ପରିବେଶ ବିଜ୍ଞାନକୁ କ୍ଷତି ପହଞ୍ଚାଥିବା ବ୍ୟକ୍ତି ବିଶେଷଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ ପରିବେଶର ସୁରକ୍ଷା ଓ ପରିବେଶର ସନ୍ତୁଳନ ରକ୍ଷା କରିବା ପାଇଁ ଉପଯୁକ୍ତ ପଦକ୍ଷେପ ବୋଲି ରାୟରେ ଉଲ୍ଲେଖ କରିଥିଲେ। ଏହି ଦଣ୍ଡବିଧାନ ଜଙ୍ଗଲରେ ଭରପୁର ମୟୂରଭଞ୍ଜ ଜିଲ୍ଲା ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି, କାରଣ ଅନେକ ଗଛ କାଟିବା ମାମଲା ବର୍ତ୍ତମାନ ବିଚାରଧିନ ଅବସ୍ଥାରେ ରହିଅଛି ଏବଂ ଆଗମୀ ଦିନରେ ଗଛ କାଟିବା କିମ୍ବା ପରିବେଶ କୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତି ମାନଙ୍କ ପାଇଁ ଏହା ଏକ ଉଦାହରଣ ସୃଷ୍ଟି କରି ଚେତାବନୀ ଭାବରେ କାର୍ଯ୍ୟ କରିବ।

## ଶିମିଳିପାଳର ଏଆଇ କ୍ୟାମେରା ଫାଶରେ ୩ ଶିକାରି, ଦେଶୀ ବନ୍ଧୁକ ଜବତ



ବାରିପଦା, (ସବ୍ୟୁ) : ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ନୋଟୋ ଅଞ୍ଚଳରେ ଏଆଇ କ୍ୟାମେରା ଦ୍ୱାରା ପୁଣି କଏଦ୍ ହୋଇଥିବା ଫୋଟୋକୁ ଆଧାର କରି ୩ଜଣ ଶିକାରୀଙ୍କୁ ଧରିବାରେ ସଫଳ ହୋଇଛି ବନ ବିଭାଗ। ଏଠାରେ ସୂଚନାଯୋଗ୍ୟ ଯେ, ଶିମିଳିପାଳ ଅନ୍ତର୍ଗତ ଦକ୍ଷିଣ ବନାଞ୍ଚଳ ଡିଭିଜନ୍‌ର ପୋଡାଡିହା ବନାଞ୍ଚଳ ରେଞ୍ଜ ଓ ବାରିପଦା (ଟି) ଡିଭିଜନ୍ ଅନ୍ତର୍ଗତ କପ୍ତିପଦା ରେଞ୍ଜ ପକ୍ଷରୁ ମିଳିତ ଭାବେ ଚଢଉ କରାଯାଇ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅନ୍ତର୍ଗତ ମନୋଭଙ୍ଗା ଗ୍ରାମର ଜଗନ୍ନାଥ ନାଏକ ଓରଫ୍ ଜଗା, ପୋଡାଡିହା ଗ୍ରାମର ବୁଧିରାମ ସିଂ ଓରଫ୍ କାଳିଆ, ଗଣ୍ଡିଧାର ଗ୍ରାମର କୁଆଁର ମୁର୍ମୁଙ୍କ ଠାରୁ ୩ଟି ଦେଶୀ ବନ୍ଧୁକ ଜବତ କରାଯିବା ସହ ଏହି ୩ଶିକାରୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅପରପକ୍ଷରେ ଏଥିରେ ସମ୍ପୃକ୍ତ ଥିବା କପ୍ତିପଦା ଥାନା ଅନ୍ତର୍ଗତ ପୋଡାଡିହା ଗ୍ରାମର ବୁଧିରାମ ନାୟକ(୪୦) ଫେରାର ଥିବାବେଳେ, ଏନେଇ ଅଧିକ ତଦନ୍ତ କରାଯାଇ ଅତିଶୀଘ୍ର ଗିରଫ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସାଙ୍ଗ ଠାରୁ ୧୦ ଲକ୍ଷ ଧାର୍ ନେଇ ଧୋକା

ବ୍ରହ୍ମପୁର,(ସବ୍ୟୁ): ପ୍ଲଟ କିଣିବା ଆଳରେ ଜଣେ ଯୁବକ ତାଙ୍କ ସାଙ୍ଗ ଠାରୁ ୧୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ଧାର ନେଇ ଧୋକା ଦେଇଛନ୍ତି । ଠକେଇର ଶିକାର ହୋଇଥିବା ବିଭୁତି କୁମାର ପଣ୍ଡା ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏସଂକ୍ରାନ୍ତରେ ୨୦୬/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଘଟଣାରୁ ପ୍ରକାଶ ଯେ,ବିଜୟ ବିହାର ଅଞ୍ଚଳରେ ରହୁଥିବା ଉକ୍ତ ବିଭୂତିଙ୍କ ସହ ଜି ମୋହନ ରାଓଙ୍କ ବନ୍ଧୁତା ରହିଥିଲା । ମୋହନ ପ୍ଲଟ କିଣିବା ଆଳରେ ତାଙ୍କ ସାଙ୍ଗକୁ ଆର୍ଥିକ ସହାୟତା ମାଗିଥିଲା । ସେ କୌଶଳକ୍ରମେ ବିଭୁତିଙ୍କ ଠାରୁ ବିଭିନ୍ନ ପର୍ଯ୍ୟାୟରେ ୧୦ ଲକ୍ଷ ୧୭ ହଜାର ୫୦୦ ଟଙ୍କା ଧାର ନେଇଥିଲେ । ବିଭୁତି ତାଙ୍କର ବନ୍ଧୁ ମୋହନ କଥାରେ ବିଶ୍ୱାସ କରି ଅନଲାଇନରେ ଉପରୋକ୍ତ ଟଙ୍କା ତାଙ୍କୁ ଦେଇଥିଲେ । ସେ ଉକ୍ତ ଟଙ୍କା ଫେରସ୍ତ ପାଇଁ ତାଙ୍କୁ ପ୍ରତିଶୃତି ଦେଇଥିଲେ । ଏପରିକି ଉକ୍ତ ଟଙ୍କା ବାବଦକୁ ମୋହନ ଦୁଇଟି ଚେକ ବିଭୁତିଙ୍କୁ ଦେଇଥିଲେ ।

ନିର୍ଦ୍ଧାରିତ ସମୟ ପରେ ବି ମୋହନ ଧାର ନେଇଥିବା ଉକ୍ତ ଟଙ୍କା ତାଙ୍କ ବନ୍ଧୁଙ୍କୁ ଫେରାଇନଥିଲେ । ଏପରିକି ବିଭୁତି ତାଙ୍କ ସାଙ୍ଗକୁ ବାରମ୍ବାର ଯୋଗାଯୋଗ କରିବା ପାଇଁ ଚେଷ୍ଟା କରି ବିଫଳ ରହିଥିଲେ । ଶେଷରେ ବିଭୁତି ଉକ୍ତ ଚେକ ଧରି ବ୍ୟାଙ୍କକୁ ଯାଇ ଯାଞ୍ଚ ବେଳେ ମୋହନାଙ୍କ ଏକାଉଣ୍ଟରେ ଟଙ୍କା ନଥିବା ଜାଣିବାକୁ ପାଇଥିଲେ । ଶେଷରେ ସେ ମୋହନଙ୍କୁ ଭେଟି ତାଙ୍କ ଟଙ୍କା ଫେରସ୍ତ ପାଇଁ କହିଥିଲେ । କିଛିଦିନର ସମୟ ମାଗି ମୋହନ ସେଠାରୁ ଚାଲିଯାଇଥିଲା । ପରେ ସେ ତାଙ୍କ ସାଙ୍ଗକୁ ବିଭିନ୍ନ ଆଳରେ ସମୟ ପରେ ସମୟ ଦେବାରେ ଲାଗିଥିଲେ । ଶେଷରେ ବିଭୁତି ଠକେଇର ଶିକାର ହୋଇଥିବା ଜାଣି ନିମଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଅଭିଯୁକ୍ତ ମୋହନଙ୍କ ମୋବାଇଲ ଟ୍ରାକିଂ କରୁଥିବା ବେଳେ ତାଙ୍କ ମୋବାଇଲ ସୁଇଚଅଫ ଥିବା ଜଣାପଡିଛି ।

## ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘର ବୈଠକ

ବୁଗୁଡ଼ା ,(ସବ୍ୟୁ) :ବୁଗୁଡ଼ା ବ୍ଲକ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ଶିକ୍ଷକ ଭବନ ପରିସରରେ ସଭାପତି ବିଶ୍ୱ ମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଯାଇଅଛି । ଏଥିରେ କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ପାତ୍ରଙ୍କ ସମେତ ସମସ୍ତ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଯୋଗ ଦେଇଥିଲେ । ବଂଶୀଧର ଦାଶ ବେଦ ପାଠ କରିଥିବାବେଳେ ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ ବିବରଣୀ ପାଠ କରିଥିଲେ । ଆଗାମୀ ଜୁଲାଇ ୨୪ ତାରିଖ ଦିନ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ପୂର୍ଣ୍ଣ ହେବାକୁ ଯାଉଥିବା ଯୋଗୁଁ ସଭାପତି ନୂତନ ଭାବେ ନିର୍ବାଚନ ତାରିଖ ଧାର୍ଯ୍ୟ କରିବାକୁ ପ୍ରସ୍ତାବ ଆଗତ କରିଥିଲେ । ଉପସ୍ଥିତ ସଦସ୍ୟ ବୃନ୍ଦ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିବାସହ ଆଗାମୀ ୦୭-୦୧-୨୦୨୬ ତାରିଖ ତଥା ସଂଘର ପ୍ରତିଷ୍ଠା ଦିବସରେ ନୂତନ କର୍ମକର୍ତ୍ତା ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏଥି ସହ ସେହି ପ୍ରତିଷ୍ଠା ଦିବସ ପାଳନ ଅବସରରେ ୧୮ ଜଣ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଶିକ୍ଷକ ସୌରଭ ସମ୍ମାନ ପ୍ରଦାନ କରିବାକୁ ପ୍ରସ୍ତାବ ଗ୍ରହଣ କରାଗଲା । ବୈଠକର ପରିଶେଷରେ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥଲେ ।

## ବ୍ରାହ୍ମଣ ମହାସଭା ପକ୍ଷରୁ ସ୍ମୃତିଚାରଣ ସଭା

ବାରିପଦା, (ସବ୍ୟୁ) : ଓଡିଶା ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖା ପକ୍ଷରୁ ମହାସଭାର ବରିଷ୍ଠ ସଦସ୍ୟ ଶତାୟୁ ପୁରୁଷ ସ୍ୱର୍ଗତଃ ରଘୁନାଥ ମିଶ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ମହାସଭାର ସ୍ଥାୟୀ ସଭାପତି ଡାଃ ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଂଗତ ମିଶ୍ରଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସଂଗଠନର ସାଧାରଣ ସମ୍ପାଦକ ଭାଗବତ ପଣ୍ଡା ସ୍ୱର୍ଗତଃ ମିଶ୍ରଙ୍କ ସ୍ମୃତିଚାରନ କରି ସେ ଜଣେ ମିଷ୍ଟଭାଷୀ ପରୋପକାରୀ ଓ ସ୍ପଷ୍ଟବାଦୀ ବ୍ୟକ୍ତିତ୍ୱ ଥିଲେ ବୋଲି କହିବା ସହିତ ମୟୂରଭଞ୍ଜ ଆୟୁର୍ବେଦ ମହାବିଦ୍ୟାଳୟ ପ୍ରତିଷ୍ଠାରେ ତାଙ୍କ ସହାୟତା ଥିଲା ବୋଲି ଉଲ୍ଲେଖ କରି ସେ ବିଭିନ୍ନ ସାମାଜିକ ସଂଗଠନ ସହିତ ଜଡିତ ଥାଇ କାର୍ଯ୍ୟ କରୁଥିଲେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଦୋଳଗୋବିନ୍ଦ ଦାଶ, ବରିଷ୍ଠ ସଭ୍ୟ ଅଚ୍ୟୁତ୍ ପ୍ରସାଦ ମହାପାତ୍ର, ସୁଦର୍ଶନ ଦ୍ୱିବେଦୀ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଶକ୍ତିବାହିନୀର ଭଗବତୀ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭାପତି ଡାଃ ଦାଶ ତାଙ୍କ ଅଭିଭାଷଣରେ ସ୍ୱର୍ଗତଃ ମିଶ୍ରଙ୍କ ବିଭିନ୍ନ ଗୁଣାବଳୀର ସ୍ମୃତିକୁ ମନେପକାଇ ଆଜିର ସମାଜରେ ସେଭଳି ବ୍ୟକ୍ତି ଆମ ପାଇଁ ଉଦାହରଣ ବୋଲି ପ୍ରକାଶ କରି ତାଙ୍କର ବିୟୋଗ ବ୍ରାହ୍ମଣ ମହାସଭା ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ। ପରିଶେଷରେ ଯୁଗ୍ମ ସମ୍ପାଦକ ନରୋତ୍ତମ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱଚ୍ଛ ସର୍ବେକ୍ଷେଣ : ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଥମ

ଆସିକା,(ସବ୍ୟୁ): କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ସଓ୍ୱଚ୍ଛ ସର୍ଭେ କ୍ଷେଣ ରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଥମ ସ୍ଥାନ ଅଧିକାର କରିଛି । ୨୦୨୪-୨୦୨୫ ବର୍ଷ ନିମନ୍ତେ ସ୍ୱଚ୍ଛ ସର୍ଭେ କ୍ଷେଣ ତାଲିକା ପ୍ରକାଶ ପାଇବା ପରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ରେ ଖୁସି ଦେଖାଦେଇଛି ।ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଏହିଭଳି ବିରଳ କୃତିତ୍ୱ ହାସଲ କରି ଗୌରବ ମୟ ଅଧାୟ ସୃଷ୍ଟି କରି ଥିବାରୁ ଆସନ୍ତା ୧୭/୦୭/୨୦୨୫ ରିଖ ଦିନ ନୂଆଦିଲ୍ଲୀ ବିଜ୍ଞାନ ଭବନ ଠାରେ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ପାଇବା ପାଇଁ ଚୂଡାନ୍ତ ହୋଇଛି ।ନଗରପାଳିକା ବିନେତା ସ୍ୱାଇଁ ଏ ସମସ୍ତ ସ୍ୱଚ୍ଛ କର୍ମୀ ଯଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର ,ସାନିଟାରୀ ଏକ୍ସପାର୍ଟ ଦୀପ୍ତିମଇ ସାହୁ,ଅଜିତ କୁମାର ପଟ୍ଟନାୟକ,ଏମ ସି ସି,ଏମ ଆର୍ ଏଫ, ଏସିଟିପି , ସଚ୍ଛ ସାଥୀ ଓ ସମସ୍ତ ସଫେଇ କର୍ମଚାରୀ ଓଆସିକା ଜନସାଧାରଣ ଙ୍କୁ ଧନ୍ୟବାଦ ଜଣାଇବା ସହିତ ଏହି ପୁରସ୍କାର ର ଶ୍ରେୟ ଏହି କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କହିଛନ୍ତି ।

## ବିତରଣ କେନ୍ଦ୍ର ବୁଲି ଦେଖିଲେ କେନ୍ଦ୍ର ଖାଉଟି କଲ୍ୟାଣ ଟିମ୍

ଫୁଲବାଣୀ ,(ସବ୍ୟୁ): କେନ୍ଦ୍ର ଖାଉଟି ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଉପ ସଚିବ ରଶ୍ମିତା ଖାଲକୋଙ୍କ ନେତୃତ୍ୱରେ ଏକ ଟିମ କନ୍ଧମାଳ ଜିଲ୍ଲାକୁ ଦୁଇ ଦିନିଆ ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ଖାଉଟି ସାମଗ୍ରୀ ଯୋଗାଣ କେନ୍ଦ୍ରମାନଙ୍କୁ ଯାଇ ସେଠାରେ ସଠିକ ଭାବେ ଖାଉଟିମାନଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଖାଉଟି ସାମଗ୍ରୀ ସବୁ ସଠିକ ଭାବେ ବିତରଣ ହେଉଛି କି ନାହିଁ ତାହା ଯାଞ୍ଚ କରିବା ସହିତ ସେହି ଅଞ୍ଚଳର ଖାଉଟିମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ଟିମରେ କେନ୍ଦ୍ରୀୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସହକାରୀ ଶାଖା ଅଧିକାରୀ, ସୋନି ଗୋୟେଲ,ଭାରତୀୟ ଖାଦ୍ୟ ନିଗମର ଗୁଣ ନିୟତା ପ୍ରବନ୍ଧକ ଚରଣ ସାହୁ ପ୍ରମୁଖ ସାମିଲ ଥିଲେ । ଏହି ଅବସରରେ ତାଙ୍କ ସହିତ କନ୍ଧମାଳ ଜିଲ୍ଲା ସହକାରୀ ଖାଦ୍ୟ ଯୋଗାଣ ଅଧିକାରୀ ସୂର୍ଯ୍ୟ କୁମାର ପାଣିଗ୍ରାହୀ ଓ ଜିଲ୍ଲା ଖାଉଟି ଯୋଗାଣ ଅଧିକାରୀ ଦାୟତ୍ୱରେ ଥିବା ପି. ଭାର୍ଗବୀ ମଧ୍ୟ ସାମିଲ ହୋଇଥିଲେ । ଏହି ଟିମ ଗତ ୧୦ ତାରିଖ ରେ ଫୁଲବାଣୀ ସର୍କିଟହାଉସରେ ପହଞ୍ଚି ଜିଲ୍ଲାର କଇଁଝର,କୋଟିମାହା,ପାବୁରିଆ, ଗୁଟିଙ୍ଗିଆ, ଖଜୁରୀପଡା,ଫିରିଙ୍ଗିଆ, ଚକାପାଦ ଓ ଫୁଲବାଣୀ ଆଦି ଅଞ୍ଚଳରେ ଥିବା ସମସ୍ତ ଖାଉଟି ଯୋଗାଣ କେନ୍ଦ୍ର ବୁଲି ସେଠାରେ ଲୋକଙ୍କୁ ଭାବରେ ଖାଉଟି ସାମଗ୍ରୀ ଠିକ ସମୟରେ ଏବଂ ସଠିକ ଓଜନ ମାପରେ ବିତରଣ ହେଉଛି କି ନାହିଁ ତାର ଯାଞ୍ଚ କରିବା ସହିତ ସେହି ଅଞ୍ଚଳର ଖାଉଟି ମାନଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଥିଲେ । ପରେ ଫୁଲବାଣୀରେ ଏଫସିଆଇ ଗୋଦାମରେ ପହଞ୍ଚି ସେଠାରେ ମଧ୍ୟ ପରିଦର୍ଶନ କରିଥିଲେ ।

# ଶିକ୍ଷକଙ୍କ ବଦଳି ବାତିଲ ଦାବି : ସ୍କୁଲ ଫାଟକରେ ତାଲା

ଛତ୍ରପୁର,(ସବ୍ୟୁ): ଶିକ୍ଷକଙ୍କ ବଦଳୀ ବାତିଲ କରିବା ଦାବୀ ନେଇ ସ୍କୁଲ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି ଛାତ୍ର/ଛାତ୍ରୀ ଓ ଅଭିଭାବକ । ଏହିପରି ଘଟଣା ଛତ୍ରପୁର ବ୍ଲକ ଟାକିରିଆ ବ୍ରହ୍ମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି ।

ଶନିବାର ହୋଇଥିବାରୁ ସକାଳୁଆ ସ୍କୁଲ ଥିଲା । ଶିକ୍ଷକ ଜେ.କୁର୍ମା ରାଓଙ୍କ ବଦଳୀ ଅନ୍ୟ ଗୋଟେ ସ୍କୁଲକୁ ହୋଇଥିବାରୁ ତାଙ୍କ ବଦଳି ବାତିଲ କରିବା ନେଇ ସ୍କୁଲ ଫାଟକରେ ତାଲା ପକାଇ ରଖିଥିଲେ ଅଭିଭାବକ ଓ ଛାତ୍ର/ଛାତ୍ରୀ ମାନେ । ଏପିରିକି ଅନ୍ୟ କୌଣସି ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ଭିତରକୁ ଛାଡିନଥିଲେ । ଫାଟକ ସମ୍ମୁଖରେ ଅଭିଭାବକ ଓ ଛାତ୍ର/ଛାତ୍ରୀ ମାନେ



ବସି ରହିବା ସହ ଆମକୁ କୁର୍ମା ସାର ଦରକାର ବୋଲି ଦାବୀ କରିଥିଲେ । କିଛି ରାଜନୈତିକ ଚାପରେ ତାଙ୍କୁ ଏଠି ବଦଳୀ କରାଯାଇଛି ତେଣୁ ଏହି ବଦଳୀକୁ ତୁରନ୍ତ ବାତିଲ ଦାବୀ କରିଥିଲେ ।

ଯେତେ ଦିନ ପ୍ରର୍ଯ୍ୟନ୍ତ ବଦଳି ବାତିଲ ହୋଇନାହିଁ, ସେତେଦିନ ପ୍ରର୍ଯ୍ୟନ୍ତ ସ୍କୁଲ ଫାଟକରେ ତାଲା ପଡି ରହିବ ବୋଲି କହିଥିଲେ । ସେ ଜଣେ ଭଲ ଶିକ୍ଷକ ତାଙ୍କ ପାଇଁ ବେସରକାରୀ ସ୍କୁଲର କିଛି ପିଲା ଚଳିତଶିକ୍ଷାବର୍ଷରେ ସେଠାରୁ ବାହାରି ଏହି ସ୍କୁଲରେ ପଢୁଛନ୍ତି । ଏବେ ଏହି ଶିକ୍ଷକଙ୍କ ବଦଳୀ ହୋଇଯାଇଥିବାରୁ ପିଲାଙ୍କ ପାଠ ପଢାରେ ବ୍ୟାଘାତ ହେବ ବୋଲି କହିଥିଲେ ।ଜେ.କୁର୍ମା ରାଓଙ୍କୁ ସୁନ୍ଦରପୁର ର ସୁନ୍ଦରେଶ୍ୱର ସ୍କୁଲକୁ ବଦଳି ହୋଇଯାଇଛି ଏବଂ ତାଙ୍କ ବଦଳୀରେ ଅନ୍ୟ ଜଣେ ଶିକ୍ଷୟତ୍ରୀ ଆସିଥିବା ବେଳେ ସେ ମଧ୍ୟ ଆଜି ସ୍କୁଲକୁ ଆସିଥିବା ବେଳେ ତାଙ୍କୁ ମଧ୍ୟ ସ୍କୁଲ ଭିତରକୁ ଛଡାଯାଇନଥିଲା ।

ଘଟଣାର ଖବର ପାଇଁ ଚମାଖଣ୍ଡି ପୁଲିସ ପହଂଚିଥିଲେ । ତାଙ୍କ ବଦଳୀ ବାତିଲ ନେଇ ଗତକାଲି ଛତ୍ରପୁର ବିଇଓଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ, ଯଦି ବଧଳି ବାତିଲ ନହେବେ ସେମାନେ ସ୍କୁଲ ଗେଟରେ ତାଲା ପକାଯିବ ବୋଲି କହିଥିଲେ ।

# ବନ୍ୟାପାଣି ଘେରରେ ଶହ ଶହ ଏକର ଚାଷଜମି



ରାଜନଗର,(ସବ୍ୟୁ) : ବ୍ରାହ୍ମଣୀ ନଦୀ ରେ ବନ୍ୟା ଆସିବା ଯୋଗୁଁ ଧୋୟା ଅଞ୍ଚଳର ଚାଷଜମି ଜଳମଗ୍ନ ହେବା ସହିତ ଗାଁ ଗୁଡିକର ରାସ୍ତା ପାଣିରେ ବୁଡ଼ିଯାଇ ଜାତାୟତ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି । ଗକାଲି ରାତିରୁ ରାଜନଗର ଅଂଚଳରେ ବନ୍ୟା ପାଣି ବଢିବାରେ ଲାଗିଛି । ରେଙ୍ଗାଲିରୁ ବନ୍ୟାଜଳ ଛାଡ଼ିବା ପରେ ବ୍ରାହ୍ମଣୀ ଫୁଲିବାରେ ଲାଗିଛି ।

ଧୋୟାଅଞ୍ଚଳର ତଳିଆ ଚାଷଜମିରେ ବନ୍ୟାଜଳ ବୁଡି ରହିବା ଯୋଗୁଁ ଧାନତଳି ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଚଳିତବର୍ଷ ରଜ ପରଠାରୁ ଲଘୁଚାପ ଜନିତ ଲଗାଣ ବର୍ଷା ତଳିଘେରା ପ୍ରସ୍ତୁତ କରିବାରେ ବାଧକ ସାଜିଛି । ବ୍ରାହ୍ମଣୀରେ ପ୍ରବାହିତ ବନ୍ୟାଜଳ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛିଛ ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତର ଚକିବାଙ୍କ, ଫିରିକିଦାଣ୍ଡି, ଗୋବିନ୍ଦପୁର, ସଛପଡ଼ା, ଟାଙ୍ଗଣତୈଳା, ବନ୍ଧପଡ଼ା, ଓସ୍ତିଆ ପଞ୍ଚାୟତର ନଗଡ଼, ନଳଦିଆ, କଟକଣା, ବନ୍ଧପାଟଣା, ଓସ୍ତିଆ, ବେଲପାଳ ପଞ୍ଚାୟତ, ରାଜପୁର ପଞ୍ଚାୟତର ରାଜପୁର, ବାଲିଚନ୍ଦ୍ରପୁର, ଚନ୍ଦନପୁର, ବଳଭଦ୍ରପ୍ରସାଦ, କେରଡ଼ାଗଡ଼ ପଞ୍ଚାୟତ, ବାଲିସାହିପାଟଣା ପଞ୍ଚାୟତର ଶହ ଶହ ଏକର ଜମିର ତଳିଘେରା ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି । ବନ୍ଧପଡା ପଞ୍ଚାୟତର ସଛପଡା ଗାଁର ଶ୍ରୀନିବାସ ବାରିକ , କିଶୋର ବାରିକ , କାଳନ୍ଦି ବାରିକ , କେଦାର ବାରିକଙ୍କ ଘର ବନ୍ୟା ପାଣି ଘେରରେ ରହିଛି ।

ଗାଁର ହନୁମାନ ମନ୍ଦିର ପାଣି ଘେରରେ ଥିବାବେଳେ ଫିରିକିଦାଣ୍ଡିସ୍ଥିତ କଣସରା ବିଦ୍ୟାଶ୍ରମ ଚାରିପାଖରେ ବନ୍ୟା ପାଣି ମାଡିଯାଇଛି । ବଳଭଦ୍ରପୁର – ରାଜପୁର ରାସ୍ତାରେ ଜୁଆର ସମୟରେ ୩ ଫୁଟ ଉଚ୍ଚତାର ପାଣି ଚାଲୁଥିଲା ଛଅଟି ପଂଚାୟତର ଧୋୟା ଅଂଚଳରେ ଥିବା ଖରିଫ ଧାନଚାଷ ଓ ପନିପରିବା ଫସଲ ବନ୍ୟା ଜଳରେ ବୁଡି ରହିଛି ।

## ବିଦ୍ୟାଳୟରେ ଅନିୟମିତତା, ଅଶ୍ଳୀଳତାକୁ ନେଇ ଅଭିଯୋଗ

ଦାନଗଦୀ,(ସବ୍ୟୁ) : ଦାନଗଦୀ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ବୀଣାପାଣି ସରକାରୀ ବିଦ୍ୟାପୀଠ, ନୀଳମଣିଦେଇପୁର ଶାସନର ପ୍ରଧାନ ଶିକ୍ଷୟତ୍ରୀଙ୍କ ନାଁ ରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଙ୍କ ସମେତ ସମସ୍ତ ସଭ୍ୟ ସଙ୍ଗିନୀ ଅଭିଯୋଗ ମାନ ଆଣିଛନ୍ତି । ସେମାନଙ୍କ ଅଭିଯୋଗ ହେଲା ଏହି ବିଦ୍ୟାଳୟ ରେ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢା ଠିକରେ ହେଉନାହିଁ । ବିଦ୍ୟାଳୟ ରେ ସମସ୍ତ ନିର୍ମାଣ କାମ ନିମ୍ନମାନର ହେବା ସହ ଦୁର୍ନୀତିରେ ବୁଡି ରହିଛନ୍ତି ପ୍ରଧାନ ଶିକ୍ଷୟତ୍ରୀ । ଏହି ପ୍ରଧାନ ଶିକ୍ଷୟତ୍ରୀ ଜଣଙ୍କ ମନମୁଖୀ ଓ ଅନିୟମିତତା କାମ ବାରମ୍ବାର ବିଗତ ଆଠ ମାସ ହେଲା କରୁଛନ୍ତି । ଯାହା ଫଳରେ ବିଦ୍ୟାଳୟ ରେ ଗତ ମାଟ୍ରିକ ପରୀକ୍ଷା ଫଳାଫଳ ରେ ଛାତ୍ର ଛାତ୍ରୀ ଭଲ ପ୍ରଦର୍ଶନ କରି ପାରିଲେ ନାହିଁ । ଏପରି ଫଳାଫଳ କେବେ ହୋଇ ନ ଥିଲା, ଏଥିରେ ସମସ୍ତ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଦ୍ୟାଳୟ ରେ କିଛି କର୍ମଚାରୀ ଅଶ୍ଳୀଳ କାର୍ଯ୍ୟରେ ଲିପ୍ତ ଥିବା ଆମ ପାଖରେ ଠୋସ ପ୍ରମାଣ ଅଛି ବୋଲି ପରିଚାଳନା କମିଟି ଅଭିଯୋଗ କରିଛି । ବିଦ୍ୟାଳୟ କୁ ଆସୁଥିବା ସରକାରୀ ଅନୁଦାନ ର ସଠିକ ବିନିଯୋଗ ହେଉନାହିଁ, ପାଠ୍ୟ ଉପକରଣ କିଣିବା ରେ ହେରଫେର ହେଉଛି । ଏହାର ହିସାବ ମାଗିଲେ ପ୍ରଧାନ ଶିକ୍ଷୟତ୍ରୀ ମୋର ଉପର ମହଲ ରେ ହାତ ଅଛି, ମୁଁ ଜଣେ ମହିଳା ତୁମକୁ କେସ ରେ ଫସାଇ ଦେବି ବୋଲି ଧମକ ଦେଉଛନ୍ତି । ଏସବୁ ଅଭିଯୋଗ ପତ୍ର କୁ ବିଦ୍ୟାଳୟ ପରିଚାଳନା କମିଟି ଯାଜପୁର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ,ବ୍ଲକ ଶିକ୍ଷା ଅଧିକାରୀ,ମନ୍ତ୍ରୀ ହସ୍ତତନ୍ତ, ସମବାୟ, ବୟନ ଶିଳ୍ପ ପ୍ରଦୀପ ବଳ ସାମନ୍ତଙ୍କୁ ଦେଇଛନ୍ତ ।

ଦୀର୍ଘ ଏକ ମାସ ରୁ ଉର୍ଦ୍ଧ୍ୱ ହେବ ଦୁଇଥର ଲିଖିତ ଅଭିଯୋଗ ଦେଲା ପରେ ଏସବୁ ଘଟଣାର କୌଣସି ତଦନ୍ତ ହେଉ ନ ଥିବାରୁ ପରିଚାଳନା କମିଟି ଏହାର ତୁରନ୍ତ ତଦନ୍ତ କରି ପ୍ରଧାନ ଶିକ୍ଷୟତ୍ରୀ ଙ୍କ ବିରୋଧ ରେ କଡା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବୀ କରିଛନ୍ତି । ଯଦି ଏହି ଘଟଣାର କୌଣସି ସମାଧାନ ନ ହୁଏ ଆଗାମୀ ଦିନରେ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀ ଙ୍କ ଅଫିସ ରେ ଆମେ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି ପରିଚାଳନା କମିଟି ର ସଭାପତି ହିମାଂଶୁ ଭୂଷଣ ପୃଷ୍ଟି ଓ ସଭ୍ୟ ମାନେ । ଏହି ଅଭିଯୋଗ ବିଷୟରେ ପ୍ରଧାନ ଶିକ୍ଷୟତ୍ରୀଙ୍କ ପ୍ରତିକ୍ରିୟା ନେବା ପାଇଁ ବାରମ୍ବାର ଯୋଗାଯୋଗ କରିଥିଲୁ ହେଲେ କୌଣସି ଯୋଗାଯୋଗ ସମ୍ଭବ ହୋଇ ନ ଥିଲା ।

## ସାତ ଦିନରେ ଗଡ଼ିଲାଣି ଚାରି ମୁଣ୍ଡ: ନାଉଗାଁରେ କୋକୁଆ ଭୟ

ନାଉଗାଁ ,(ସବ୍ୟୁ) : ସତରେ ଯେମିତି ନାଉଗାଁ ବ୍ଲକକୁ କାଳ ଗ୍ରାସିଛି । ଆଖି ଆଗରେ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡିବାରେ ଲାଗିଛି । ସବୁ ମୃତ୍ୟୁ ଅଚାନକ ହେଉଛି ଆଉ ଅକାଳ ମୃତ୍ୟୁ ଘଟୁଛି । ଗତ ସପ୍ତାହକ ମଧ୍ୟରେ ଚାରି ଚାରିଟି ଅମୂଲ୍ୟ ଜୀବନ ଦୀପ ଲିଭି ଯାଇଛି । ପ୍ରଥମ ଘଟଣାଟି ହେଉଛି ପୁରୀ ବାହୁଡା ଯାତ୍ରା ସମୟରେ ରାଧା ବଲ୍ଲଭ ମଠ ଛାତ ଉପରୁ ପଡି ମୃତ୍ୟୁ ବରଣ କରିଥିବା ବ୍ୟକ୍ତି ହେଉଛନ୍ତି ନାଉଗାଁ ବ୍ଲକ ବାବାଜୀ ଚରଣ ବେହେରା ଓ ତାଙ୍କ ଘର ଶିଖର ପଞ୍ଚାୟତର ପଟେଣୀଗାଁ ବୋଲି ଜଣାପଡିଛି । ୨ୟ ଘଟଣାଟି ହେଉଛି ରଞ୍ଜୀବ ପଢ଼ିହାରୀ ଙ୍କର ଯୁବକ ବୟସ ସାହାଯ୍ୟକାରୀ ପିଲା ନିଜ ସାଙ୍ଗ ମାନଙ୍କୁ ଧରି ସେ ନିଜ କାରରେ ଅଧରପଣା ସହ ପ୍ରଭୁ ଶ୍ରିଜଗନ୍ନାଥଙ୍କ ଦର୍ଶନ ଏବଂ ପୁରୀ ବୁଲିବାକୁ ଯାଉଥିଲେ ।

କୋଣାର୍କ ପାସ କରି ସାରିଥିଲେ ହଠାତ ମେରାଇନ ଡ୍ରାଇଭ ରାସ୍ତାରେ ଏକ ଇନୋଭା କାର ବିଦ୍ୟୁତ ଖୁଣ୍ଟ ସହ ଦୁର୍ଘଟଣା ହେବାର ଦୃଶ୍ୟ ତାଙ୍କ ଆଖିରେ ପଡିଲା । ସେ ଗାଡି ଭିତରେ ଚାପି ହୋଇ ରହିଥିବା ଡ୍ରାଇଭରଙ୍କୁ ଉଦ୍ଧାର କରିବାକୁ ସେ ତତ୍କ୍ଷଣାତ ଦୌଡ଼ିଲେ । ଗାଡି ଡ୍ରାଇଭରଙ୍କୁ ସେ ଉଦ୍ଧାର କରିଦେଲେ ସିନା କିନ୍ତୁ ବିଦ୍ୟୁତ ଖୁଂଟରେ ହାତ ବାଜିଯିବାରୁ ତାଙ୍କର ସେହିଠାରେ ଅକାଳ ବିୟୋଗ ଘଟିଲା । ତୃତୀୟ ଘଟଣା ହେଉଛି ଅରଖକୁଦ ଗ୍ରାମର ପ୍ରଭାସ ନାୟକ ସେନାରେ ଜଣେ କାର୍ଯ୍ୟରତ ଯବାନ । ଘରକୁ ଛୁଟିରେ ଆସିଥିଲେ । ପୁଣି କର୍ମକ୍ଷେତ୍ରରେ ଯୋଗଦେବାକୁ ନିଜ ସମ୍ପର୍କୀୟଙ୍କ ସହ ବାଇକ ଯୋଗେ କଟକ ଯାଇଥିଲେ ଟ୍ରେନ ଟିକେଟ କାଟିବାକୁ । ଟିକେଟ କାଟି ଆସିବା ବାଟରେ ବିରିଡ଼ି ଥାନା ଅନ୍ତର୍ଗତ ବସନ୍ତପୁର ନିକଟ ତେଲ ଟାଙ୍କି ପାଖରେ ପିକଅପ ଭ୍ୟାନ ଦୁର୍ଘଟଣାରେ ତାଙ୍କର ଜୀବନ ଚାଲିଗଲା । ଚତୁର୍ଥ ଘଟଣା ହେଉଛି ବଟକୃଷ୍ଣ ମହାନ୍ତି ଘର ଗଙ୍ଗଦା ପାଇକସାହି । ବଟକୃଷ୍ଣ ଘରୁ ଆସି ଡେରିକି ବଜାରରେ ଥିବା ଏକ ପାନ ଦୋକାନରେ ବସିଥିଲେ । ବଜାରରେ ହଠାତ ସଣ୍ଡ ଲଢେଇ ହେଲା ଆଉ ମାତ୍ର କିଛିକ୍ଷଣ ମଧ୍ୟରେ ବଟକୃଷ୍ଣ ବସିଥିବା ପାନ ଦୋକାନ ଉପରକୁ ମାଡି ଆସିଲେ ସଣ୍ଡ ଦ୍ୱୟ । ତାଙ୍କ ଦ୍ୱାରା ବଟକୃଷ୍ଣ ଗୁରୁତର ଆହତ ହେଲେ । ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯିବା ବାଟରେ ହିଁ ତାଙ୍କର ଅକାଳ ମୃତ୍ୟୁ ଘଟିଲା । ଏହି ସବୁ ଘଟଣା ଚଳିତ ମାସ ପାଞ୍ଚ ତାରିଖ ଠାରୁ ଏଗାର ତାରିଖ ମଧ୍ୟରେ ଘଟିଛି । ଏମାନଙ୍କ ମଧ୍ୟରୁ କେହି ରୋଗଗ୍ରସ୍ତ ନଥିଲେ କିମ୍ବା ଚିକିତ୍ସାଧିନ ନଥିଲେ । ସମସ୍ତେ ଥିଲେ ସୁସ୍ଥ ଆଉ ସବଳ ।

କିନ୍ତୁ ଅଚାନକ ଏହି ଚାରିଜଣ ଙ୍କର ଅକାଳ ମୃତ୍ୟୁ ଏବେ ସମଗ୍ର ନାଉଗାଁ ଅଞ୍ଚଳରେ ଏକ କୋକୁଆ ଭୟ ସୃଷ୍ଟି କରିଥିବା ଅନେକ ଆଲୋଚନା କଲେଣି । ଲୋକେ ଏବେ ଏହି ଅଞ୍ଚଳରେ ଘରୁ ବାହାରକୁ ବାହାରିବାକୁ ଶହେଥର ଚିନ୍ତା ମଧ୍ୟ କଲେଣି । ଭଲରେ ଭଲରେ ଘରୁ ବାହାରି ଯାଉଛନ୍ତି ଆଉ ଫେରିବା ବେଳକୁ ଶବ ହୋଇ ଫେରୁଛନ୍ତି । ମାତ୍ର ସାତଦିନ ମଧ୍ୟରେ ନାଉଗାଁ ବ୍ଲକ ଅଞ୍ଚଳରେ ଚାରିଟି ଅମୂଲ୍ୟ ଜୀବନ ଚାଲି ଯାଇଥିବା ବେଳେ ଏମିତି କଣ ପାଇଁ ଘଟିଲା ସମସ୍ତେ ଏହାକୁ ନେଇ ବିଭିନ୍ନ ପ୍ରକାର କଥା ଆଲୋଚନା କରିବା ଆରମ୍ଭ କଲେଣି ।

## ସରକାରୀ ଯୋଜନାଠୁ ବହୁଦୂରରେ ବେହେରାମପୁର ଦଳିତବସ୍ତି



ରଘୁନାଥପୁର,(ସବ୍ୟୁ) : ରଘୁନାଥପୁର ବ୍ଲକ ଅନ୍ତର୍ଗତ ତରିକୁନ୍ଦ ପଞ୍ଚାୟତର ବେହେରାମପୁର ଗ୍ରାମରେ ଆଜକୁ ଦୀର୍ଘ ବର୍ଷ ଧରି ରହି ଆସୁଥିବା ଏକ ଦଳିତ ବସ୍ତି ସରକାରଙ୍କ ଲୋକ କଲ୍ୟାଣ ଯୋଜନାରୁ ବହୁ ଦୂରରେ ରହି ଆସୁଥିବା ଦେଖିବାକୁ ମିଳିଛି । ଏହି ବସ୍ତିରେ ୮ଟି ପରିବାର ବାସ କରୁଥିବା ବେଳେ ଏହି ବସ୍ତିକୁ ଯାତାୟାତ କରିବା ପାଇଁ ରାସ୍ତା ଖଣ୍ଡିଏ ନାହ । ଏହି ବସ୍ତିରେ ବାସ କରୁଥିବା ବାସନ୍ତୀ ପ୍ରଧାନ, ମମତା ପ୍ରଧାନ, ସସ୍ମିତା ପ୍ରଧାନ,ପାକନ ପ୍ରଧାନ, ବିଣାପାଣି ପ୍ରଧାନ,ମୀନା ପ୍ରଧାନ, କବିତା ପ୍ରଧାନ,ଭୁଟି ପ୍ରଧାନ ପ୍ରମୁଖ ଚାଳ ଛପର କୁଡିଆ ଘରେ ରହି ଆସୁଥିବା ବେଳେ ଏମାନଙ୍କ ପାଖରେ କୋଠାଘର ଖଣ୍ଡେ ନାହିଁ । ଏହି ପରିବାରମାନଙ୍କ ନାମରେ କୈଣସି ସ୍ଥିତିବାନ ଜମି ମଧ୍ୟ ନାହିଁ । ଦୈନିକ ମଜୁରୀ ଲାଗିବା ସହ ବାର୍ଦ୍ଧକ୍ୟ ଭତ୍ତା ଓ ରାସନ ସାମଗ୍ରୀ ଏହି ପରିବାର ଗୁଡ଼ିକର ବଞ୍ଚିବାର ସାହାରା ପାଲଟିଛି । ଜରରୀକାଳିନ ପରିସ୍ଥିତିରେ ଏହି ବସ୍ତି ବାସିନ୍ଦା ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାଇଛନ୍ତି । ରାଜ୍ୟ ସରକାର ଏହି ବସ୍ତି ବାସିନ୍ଦା ମାନଙ୍କ ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ବସୁନ୍ଧରା ଯୋଜନାରେ ଏମାନଙ୍କୁ ଜମି ଯୋଗାଇ ଦେବା ସହ ମୁଖ୍ୟମନ୍ତ୍ରୀ ଆବାସ ଯୋଜନାରେ କୋଠାଘର ଖଣ୍ଡେ ଏବଂ ବସ୍ତିକୁ ଯାତାୟାତ ପାଇଁ ପକ୍କା ରାସ୍ତା ଗୋଟିଏ ନିର୍ମାଣ କରିବା ପାଇଁ ସାଧାରଣରେ ଦାବୀ ହେଉଛି ।

## ଗଛରୁ ଶୁଖିଲାଡାଳ ପଡି ବୃଦ୍ଧାଙ୍କ ମୃତ୍ୟୁ

ମାହାଙ୍ଗା ,(ସବ୍ୟୁ) : ମାହାଙ୍ଗା ବ୍ଲକର ନୃତାଙ୍ଗ ଗ୍ରାମରେ ଏକ ଅଘଟଣ ଘଟିଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ୧୨ତାରିଖ ଦିନ ୧୦ଟା ୩୦ମିନିଟ ସମୟରେ ନୃତାଙ୍ଗ ଗ୍ରାମରେ ନିରୋଧ ଚନ୍ଦ୍ର ବାରିକଙ୍କ ସ୍ତ୍ରୀ ବେଙ୍ଗଲତା ବାରିକ(୮୦) ବିଲରେ କାମ କରୁଥିବା ମୁଲିଆଙ୍କ ପାଇଁ ଖାଦ୍ୟ ନେଇ ଯାଉଥିବା ସମୟରେ ରାସ୍ତ କଡରେ ଥିବା ଗଛରୁ ଏକ ଶୁଖିଲା ଡାଳଭାଙ୍ଗି ତାଙ୍କ ମୁଣ୍ଡ ଉପରେ ପଡିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବେଙ୍ଗଲତା ବାରିକଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇଁ ମାହାଙ୍ଗା ପୋଲିସ ଡାକ୍ତରଖାନାରେ ପହଂଚି ବେଙ୍ଗଲତା ବାରିକ ମୃତ ଶରୀରକୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡମେଡିକାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ଦାଏର କରିଥିଲେ। ଶବ ବ୍ୟବଚ୍ଛେଦ ପରେ ବେଙ୍ଗଲତାଙ୍କ ମୃତ ଶରୀରକୁ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ସାନପୁଅ ଅଜୟ କୁମାର ବାରିକ ମୁଖାଗ୍ନୀ ଦେଇଥିଲେ। ଏହି ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା।

## ସାମ୍ବାଦିକ ସଂଘ ପକ୍ଷରୁ ବୃକ୍ଷରୋପଣ



ସାଲେପୁର, (ସବ୍ୟୁ) : ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ବନ ମହୋତ୍ସବ ଅବସର ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗ ଦେଇ ବୃକ୍ଷରୋପଣ କରିବା ସହିତ ସମସ୍ତେ ଗଛ ଲଗାଇ ସାଲେପୁର କୁ ସବୁଜ ସୁନ୍ଦର କରିବା ଦରକାର ବୋଲି କହିଥିଲେ। ସଂଘ ର ସମ୍ପାଦକ ହୃଷିକେଶ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ, ବିଡିଓ ଲୋପାମୁଦ୍ରା ନାୟକ ଯୋଗ ଦେଇ ବୃକ୍ଷରୋପଣ କରିବା ସହିତ ଏହାର ଯତ୍ନ ନେବା ଓ ରକ୍ଷଣାବେକ୍ଷଣ କରିବା ଆବଶ୍ୟକ ବୋଲି କହିଥିଲେ ।

ଏହି ଅବସରରେ ସାହେଶ୍ୱରୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମିହିର ଜେନା, ଆଇନଜୀବୀ ବିଜୟ କେତନ ନାୟକ, ମାନସ ରଞ୍ଜନ ସାହୁ ପହଞ୍ଚି ସାମ୍ବାଦିକ ସଂଘ ର ସମସ୍ତ ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ କୁ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ସଭ୍ୟା ମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ପ୍ରଧାନଶିକ୍ଷକ ସମେତ ବହୁ ପଦବୀ ଖାଲି
## ୪୩୧ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ଖେଳ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ନରେନ୍ଦ୍ରପୁର ପଞ୍ଚାୟତ ଗଡିଜଙ୍ଗସ୍ଥିତ କଳିଙ୍ଗ ମଡେଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମେତ ବହୁ ପଦବୀ ଖାଲି ରହିଛି । ଫଳରେ ବିଦ୍ୟାଳୟରେ ଶିକ୍ଷାଦାନରେ ଘୋର ବାଧାପ୍ରାପ୍ତ ସୃଷ୍ଟି ହୋଇଛି । ଯାହାଦ୍ୱାରା ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୪୩୧ ଜଣ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତକୁ ନେଇ ସରକାର ଖେଳ ଖେଳୁଥିବା ଅଭିଭାବକ ମହଲରେ ଅଭିଯୋଗ ହୋଇଛି । ତୁରନ୍ତ ଉକ୍ତ ସମସ୍ୟାର ସମାଧାନ କରାନଗଲେ ଆଗାମୀ ଦିନରେ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ନରେନ୍ଦ୍ରପୁର ପଞ୍ଚାୟତରେ ଶିକ୍ଷାର ବିକାଶ ପାଇଁ ବହୁ ବୁଦ୍ଧିଜୀବୀ ମାନଙ୍କ ଦ୍ୱାରା ଗତ ୧୯୬୩ ମସିହାରେ ଗଡ଼ିଜଙ୍ଗ ଠାରେ କଳିଙ୍ଗ ମଡ଼େଲ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ସରକାରଙ୍କର ନୀତି ନିୟମ ଅନୁଯାୟୀ ଏହି ବିଦ୍ୟାଳୟଟି ଚାଲୁଥିବା ବେଳେ ପ୍ରତ୍ୟେକ ବର୍ଷ ଛାତ୍ର ଛାତ୍ରୀମାନେ ଭଲ ଫଳାଫଳ ମଧ୍ୟ କରୁଛନ୍ତି । କାଳକ୍ରମେ ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଅବସର ଗ୍ରହଣ କରିବା ପରେ ବିଗତ ତିନିବର୍ଷ ହେବ ଏଠାରେ ନୂତନ ପ୍ରଧାନଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନାହିଁ । ଏହାଛଡ଼ା ବିଦ୍ୟାଳୟରେ ଖେଳ ଶିକ୍ଷକ ଅବସର ଗ୍ରହଣ କରିଥିଲେ ମଧ୍ୟ କେହି ନୂଆ ଖେଳ ଶିକ୍ଷକ ନିଯୁକ୍ତି ହୋଇନାହାଁନ୍ତି । ସଂସ୍କୃତି ଶିକ୍ଷକ ପ୍ରସୂତିକାଳୀନ ଛୁଟିରେ ୯ମାସ ଯାଇଥିଲା ବେଳେ ଛାତ୍ର ଛାତ୍ରୀ ମାନେ କିଭଳି ସଂସ୍କୃତ ଶିକ୍ଷା କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି । ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୦ଟି ଶ୍ରେଣୀ ରହିଥିଲା । ଜାତୀୟ ଶିକ୍ଷାନୀତି ଅନୁଯାୟୀ ଏଠାରେ ନୂତନ ଭାବେ ବାଲବାଟିକା ଶ୍ରେଣୀ ଖୋଲାଯାଇଛି। ବର୍ତ୍ତମାନ ଏହି ବିଦ୍ୟାଳୟରେ ଅଷ୍ଟମ,ନବମ ଓ ଦଶମ ଶ୍ରେଣୀରେ ୩ଶହ ଛାତ୍ର ଛାତ୍ରୀ ପଢୁଥିବା ବେଳେ ଅନ୍ୟ ଶ୍ରେଣୀ ମାନଙ୍କରେ ୧୩୧ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରନ୍ତି। ଗୋଟିଏ ଶ୍ରେଣୀରେ ୧୦୦ ଜଣ ଛାତ୍ର ଛାତ୍ରୀ ବସି ପାଠ ପଢିବା ପାଇଁ ସୁବିଧା ନଥିବାରୁ ସେକସନ କରିବା ପାଇଁ ଶ୍ରେଣୀ ଗୃହର ବହୁ ଅଭାବ ରହିଛି । ଏହାଛଡ଼ା ୬ଜଣ ଶିକ୍ଷକ ପଦବୀ ଓ ଦୁଇ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ମଧ୍ୟ ଖାଲି ପଡ଼ିଛି । ସରକାର ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ଏହି ବିଦ୍ୟାଳୟରେ ଦୀର୍ଘ ଦିନ ହେଲା ଆବଶ୍ୟକୀୟ ଶିକ୍ଷକ ଶିକ୍ଷୟିତ୍ରୀ ନଥିବା ଓ ସଠିକ୍ ଭାବେ ଶ୍ରେଣୀ ଗୃହ ନଥିବା ଯୋଗୁ ଶିକ୍ଷାଦାନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଯଦିଓ ଏହି ବିଦ୍ୟାଳୟଟି ୫ଟି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି ସେଥିରେ ମଧ୍ୟ ସଠିକ୍ ଭାବେ ଭିତ୍ତିଭୂମିର ବିକାଶ ହୋଇପାରିନାହିଁ। ବିଦ୍ୟାଳୟର କୌଣସି ସମ୍ମିଳନୀ କକ୍ଷ ନଥିବା କାରଣରୁ ସଭା ସମିତି ହେବାରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି। ତେବେ ଏହି ବ୍ଲକର ବହୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକତା ଠାରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ରହିଥିଲେ ମଧ୍ୟ ସେଠାରୁ ରହସ୍ୟ ଜନକ ଭାବେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବଦଳୀ କରାଯାଉନାହିଁ। ଏପରିକି ଶିକ୍ଷକ ଅଭାବଥିବା ବିଦ୍ୟାଳୟ ଗୁଡ଼ିକୁ ମଧ୍ୟ ଅଧିକ ଶିକ୍ଷକ ଯୋଗାଇ ଦିଆନଯିବା ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟର ସମସ୍ୟା ସମାଧାନ କରାନଗଲେ ଆଗାମୀ ଦିନରେ ଛାତ୍ରାଭିଭାବକ ମାନେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ମୋକଦ୍ଦମା ସମାଧାନ ପାଇଁ ମଧ୍ୟସ୍ଥତା ଅଭିଯାନ

ଜଗତସିଂହପୁର,(ସବ୍ୟୁ): ଜାତୀୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ରାଷ୍ଟ୍ର ପାଇଁ ମଧ୍ୟସ୍ଥତା ଶୀର୍ଷକରେ ଏକ ୯୦ ଦିନିଆ ମଧ୍ୟସ୍ଥତା ଅଭିଯାନ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆରମ୍ଭ ହୋଇଛି । ଏହି ଅଭିଯାନ ଅନୁଯାଇ ଜିଲ୍ଲା ଓ ତାଲୁକ ସ୍ତରୀୟ ବିଭିନ୍ନ ଅଦାଲତରେ ଥିବା ପ୍ରାୟ ସମସ୍ତ ପ୍ରକାରର ବିଚାରଧିନ ମୋକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ବାଣିଜ୍ୟିକ ବିବାଦ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ, ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଗୁଡିକ ଜୁଲାଇ ୩୧ ତାରିଖ ଭିତରେ ଚିହ୍ନଟ କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ ପାଇଁ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରକୁ ପଠାଯିବ ।

ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର ତରଫରୁ ତାଲିମପ୍ରାପ୍ତ ବିଚାର ବିଭାଗୀୟ ଅଧିକାରୀ ଓ ଅଭିଜ୍ଞ ଆଇନଜୀବୀମାନଙ୍କୁ ନିୟୋଜିତ କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ମାମଲା ଗୁଡିକୁ ସମାଧାନ କରାଯିବ । ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି ।

## ଜିଲ୍ଲାପାଳଙ୍କୁ ଭେଟିଲେ ଲ' କଲେଜ କଲୋନୀ ଉନ୍ନୟନ ପରିଷଦ ବାସିନ୍ଦା

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଲ' କଲେଜ କଲୋନୀ ଉନ୍ନୟନ ପରିଷଦ ର ସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଉପ ସଭାପତି ସୁଶାନ୍ତ କୁମାର ସେଠୀ, ସଂପାଦକ ନରେନ୍ଦ୍ର ମହାରଣା, ଅତିରିକ୍ତ ସଂପାଦକ ବିଚିତ୍ର କୁମାର ନାୟକ, କୋଷାଧ୍ୟକ୍ଷ ଅଜୟ କୁମାର ନାୟକ ପ୍ରମୁଖ ଜିଲ୍ଲପାଳଙ୍କୁ ଭେଟି ୨ ଶହରୁ ଉର୍ଦ୍ଧ୍ୱ ପରିବାର ଏହି କଲୋନୀରେ ରହୁଥିବା ବେଳେ କଲୋନୀର ମୁଖ୍ୟତଃ ରାସ୍ତା, ପାନୀୟ ଜଳ ଯୋଗୁଁ କଲୋନୀ ବାସିନ୍ଦା ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥି ସହିତ ସ୍ଥାନୀୟ ଅଂଚଳରେ ଏକ ପ୍ଲାଷ୍ଟିକ କାରଖାନା ଥିବାରୁ ତାହାର ପ୍ରଦୂଷଣ ଯୋଗୁଁ କଲୋନୀ ରେ ବସବାସ କରୁଥିବା ବରିଷ୍ଠ ନାଗରିକ, ଶିଶୁ, ବାସିନ୍ଦା ମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି କାରଖାନାକୁ ସେଠାରୁ ଉଠାଇବାକୁ ଦାବି କରି ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ନାଥ ମଲିକଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଆଲେଚନା ସମୟରେ ନଟବର ସେନାପତି, ରଂଜନ କୁମାର ସାହୁ, ବିଜୟ କୁମାର ନାୟକ, ପ୍ରମୋଦ କୁମର ସେଠୀ, ପଫୁଲ୍ଲ କୁମାର ମିଶ୍ର, ବିଧାନଚନ୍ଦ୍ର ମହାପାତ୍ର, ନାରାୟଣ ପ୍ରଧାନ, ନିରଂଜନ ମଲିକ, ପୁନାନନ୍ଦ ମୁଦୁଲି, ଉପେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବସୁନ୍ଧରା ଯୋଜନାରେ ଭୂମିହୀନ ପରିବାରକୁ ଘରଡିହ ଦେବାକୁ ସମୀକ୍ଷା ବୈଠକ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅକ୍ଷତା ରେ ଏକ ରାଜସ୍ୱ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲପାଳ ରବିନ୍ଦ୍ର କୁମାର ମଲିକଙ୍କ ତତ୍ତ୍ୱବଧାନ ରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ବସୁନ୍ଧରା ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଘରଡିହ ନଥିବା ପରିବାରକୁ ଚିହ୍ନଟ କରି ସେମାନଙ୍କୁ ଜାଗା ଯୋଗାଇବା, ଜବରଦଖଲ ରେ ଥିବା ସରକାରୀ ଜମିକୁ ମୁକ୍ତ କରିବା, ସରକାରୀ ଜମି ଗୁଡିକର ସୁରକ୍ଷା ପାଇଁ ତାର ବାଡ ଦେବା, ଡେରାବିଶ, କେନ୍ଦ୍ରାପଡା, ରାଜନଗର, ମାର୍ଶାଘାଇ ତହସିଲ ଅଂଚଳରେ ହାଇଟେକ ସର୍ଭେ କରି ଚାଷ ଜମି, ସରକାରୀ ଜାଗା, ଘରବାଡି ଇତ୍ୟାଦି ଗୁଡିକୁ ଚିହ୍ନଟ କରିବା, ମ୍ୟୁଟେସନ ମାମଲା ଗୁଡିକୁ ଯଥାଶିଘ୍ର ସମାଧାନ କରି ତୁରନ୍ତ ପଟା ପ୍ରଦାନ କରିବା ଆଦି ସଂପର୍କରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲିକ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ସାମ୍ବାଦିକଙ୍କ ମାନବିକତା ଫେରାଇ ଦେଲେ ଟଙ୍କା

କୁଆଁପାଳ ,(ସବ୍ୟୁ) : ଆଜି ବି ସମାଜରେ ମାନବିକ ମୂଲ୍ୟ ବୋଧ ବଂଚି ରହିଛି । ଯାହା ଆଜି ମାହାଙ୍ଗା ବ୍ଲକ ଅଂଚଳରେ ଦେଖିବାକୁ ମିଳିଛି ।ଖବରରୁ ପ୍ରକାଶ ,ମାହାଙ୍ଗା ବ୍ଲକ ଅଂଚଳର ବରିଷ୍ଠ ସାମ୍ବାଦିକ ରଶ୍ମିରଞ୍ଜନ ମହାନ୍ତିଙ୍କ ଫୋନ ପେ' କୁ ଭୁବନେଶ୍ୱର ବରମୁଣ୍ଡା ଅଂଚଳର ପ୍ରସନ୍ନ କୁମାର ନାୟକଙ୍କ ଆକାଉଂଟରୁ ୩୨ ହଜାର ୫ ଶହ ଟଙ୍କା ଭୁଲବଶତଃ ପଳାଇ ଆସିଥିଲା । ତେବେ କିଛି ସମୟ ପରେ ନିଜର ତ୍ରୁଟି ଜାଣିପାରି ସଂପୃକ୍ତ ବ୍ୟକ୍ତି ଶ୍ରୀ ମହାନ୍ତିଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରିଥିଲେ । ଏହା ଜାଣିବା ପରେ ସାମ୍ବାଦିକ ଶ୍ରୀ ମହାନ୍ତି ତୁରନ୍ତ ଖନ୍ଦୋଳ ଠାରେ ପହଂଚି ଟଙ୍କା ଫେରାଇ ନେବା ପାଇଁ କହିଥିଲେ । କିଛି ସମୟ ପରେ ବ୍ୟକ୍ତି ଜଣକ ଖନ୍ଦୋଳ ଠାରେ ପହଂଚିବା ପରେ ଜୈନିକ ବ୍ୟବସାୟୀଙ୍କ ଉପସ୍ଥିତିରେ ସମସ୍ତ ଅର୍ଥ ଫୋନ ପେ ମାଧ୍ୟମରେ ପ୍ରଦାନ କରାଯାଇଥିଲା । ଅର୍ଥ ଫେରି ପାଇବା ପରେ ଏକ ଠିକାଦାର ସଂସ୍ଥାରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ପ୍ରସନ୍ନ ଖୁସିରେ କୃତଜ୍ଞତା ଜଣାଇଥିଲେ ।

## ଧର୍ମଶାଳା–ବୁଦ୍ଧଛକ ରାସ୍ତା ପ୍ରଶସ୍ତିକରଣ ବିଳମ୍ବ ଯୋଗୁଁ ଜନଅସନ୍ତୋଷ



ଧର୍ମଶାଳା ,(ସବ୍ୟୁ) : ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ ଷୋହଳ ନମ୍ବର ଜାତୀୟ ରାଜପଥର ବୁଦ୍ଧଛକଠାରୁ ଧର୍ମଶାଳା ବଜାର ଦେଇ ବ୍ରାହ୍ମଣୀ ନଦୀବନ୍ଧ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ନିମନ୍ତେ ଦୀର୍ଘ ଦିନ ହେବ କାମ ଆରମ୍ଭ ହୋଇଥିଲେ ମଧ୍ୟ ଏହା ଶେଷ ହେବାକୁ ନେଇ ପ୍ରଶ୍ନବାଚୀ ଛିଡା ହୋଇଛି । ଅବଧି ଶେଷ ହୋଇ ଯାଇଥିଲେ ବି ଦିନ ପରେ ଦିନ ଓ ବର୍ଷ ପରେ ବର୍ଷ ବିତୁଛି କିନ୍ତୁ ରାସ୍ତା କାର୍ଯ୍ୟ ଶେଷ ହେଉନାହିଁ।ଏହି ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧୪କୋଟି ୬୪ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ୨୦୨୩ ଡିସେମ୍ବର ୮ତାରିଖରେ ଏହାର ଶିଳାନ୍ୟାସ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା ।

କିନ୍ତୁ ଆରମ୍ଭ ରୁ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଥିଲା। ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରୁଥିବା ବାରମ୍ବାର ଅଭିଯୋଗ ପରେ ବି କୌଣସି ସମାଧାନ ଦେଖିବାକୁ ମିଳିନଥିଲା। ଏହି ରାସ୍ତା ଟି ବୁଦ୍ଧ ଛକ ଠାରୁ ଶାନ୍ତିବଜାର ଛକ ଏବଂ ସେଠାରୁ ଧର୍ମଶାଳା ବଜାର ମଧ୍ୟ ଦେଇ ବ୍ରାହ୍ମଣୀ ନଦୀବନ୍ଧ ପର୍ଯ୍ୟନ୍ତ କରିବା ପାଇଁ ଠିକାଦାର ଚୁକ୍ତି କରିଥିଲା । ଏହି ରାସ୍ତାଟି ଧର୍ମଶାଳା ଥାନା, ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ର, ତହସିଲ୍ କାର୍ଯ୍ୟାଳୟ, ଏବଂ ରାସ୍ତା ପାର୍ଶ୍ୱରେ ବିଭିନ୍ନ ମଣ୍ଡପ ଥିବା ସହ ସ୍କୁଲ୍ କଲେଜ ଛାତ୍ରଛାତ୍ରୀ ମାନେ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି । କାର୍ଯ୍ୟ କୁ ସମୟ ସୀମା ମଧ୍ୟରେ କରିବା ପରିବର୍ତ୍ତେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଅଂଚଳବାସୀ ଙ୍କ ଚିନ୍ତା ର କାରଣ ପାଲଟିଛି। ଏହି ରାସ୍ତା ସଂପର୍କ ରେ ବାରମ୍ବାର ଖବର ପ୍ରସାରଣ ପରେ ଗତ ମାର୍ଚ୍ଚ ମାସ ରେ ଠିକାଦାର ଚତୁରତାର ସହ ଶାନ୍ତିବଜାର ଠାରୁ ଧର୍ମଶାଳା ବଜାର ପର୍ଯ୍ୟନ୍ତ ଅଧା ରାସ୍ତା ଟିକୁ ତରବରିଆ ଭାବରେ ପିଚୁ କରି ଦେଇଥିବା ବେଳେ ଶାନ୍ତିବଜାର ଠାରୁ ବୁଦ୍ଧଛକ ପର୍ଯ୍ୟନ୍ତ ରାସ୍ତା ଟି ଖୋଳି ତାଡ଼ି ହୋଇ ବିପଦ ପୂର୍ଣ୍ଣ ଭାବେ ପଡିଛି। ଯାହା ଫଳରେ ଯାତାୟତରେ ନାନା ସମସ୍ୟା ହେଉଥିବା ଅଭିଯୋଗ ହୋଇଛି। ରାସ୍ତା ର ମଝି ରେ କିଛି ବାଟ ପାଇଁ ଏକ ଡିଭାଇଡର ଅର୍ଦ୍ଧ ନିର୍ମିତ ଭାବେ ରହିଛି। ରାସ୍ତାର ପିଚୁ ଖୋଳି ଦିଆଯାଇଛି ।

ଯାହା ଫଳରେ ବାଇକ୍ ଓ ସାଇକେଲ ଆରୋହୀ ବିଭିନ୍ନ ସମୟରେ ଦୁର୍ଘଟଣା ର ସମ୍ମୁଖୀନ ହେଉଛନ୍ତି। ରାତି ସମୟ ପାଇଁ କୌଣସି ଲାଇଟ ବ୍ୟବସ୍ଥା ନାହିଁ କି ରାସ୍ତା କାର୍ଯ୍ୟ ଚାଲୁଥିବା ପାଇଁ କୌଣସି ସର୍ତକ ସୂଚନା ର ବ୍ୟବସ୍ଥା ମଧ୍ୟ ନାହିଁ। ପୂର୍ବରୁ ବିଦ୍ୟୁତ୍ ଖୁଂଟ ରାସ୍ତା ଉପରେ ଥିବା ଯୋଗୁ ରାସ୍ତା କାର୍ଯ୍ୟ ବିଳମ୍ବ ହେଉଥିବା ବେଳେ ବର୍ତମାନ ବର୍ଷା ସମସ୍ୟା ଯୋଗୁ କାର୍ଯ୍ୟ ବନ୍ଦ ହୋଇ ରହିଥିବା ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି । ତେବେ ଦୀର୍ଘ ଦେଢ ବର୍ଷ ହେଲା ଚାଲିଥିବା ରାସ୍ତା କାମ ଅଦ୍ୟାବଧି ନସରିବା ନେଇ ସାଧାରଣରେ ଅସନ୍ତୋଷ ବଢିବାରେ ଲାଗିଛି । ଯଥାଶିଘ୍ର ଏହି କାମକୁ ଶେଷ କରିବାକୁ ଦାବି ହୋଇଛି ।

# ଗଚ୍ଛିତ ବାଲି ଗଦା ଖୋଜୁଛି ଡ୍ରୋନ

ବାଙ୍କୀ ,(ସବ୍ୟୁ) :ମହାନଦୀରେ ବନ୍ୟା ପାଣି ଆସିବା ପୂର୍ବ ରୁ ବାହାରେ ଶହ ଶହ ଟ୍ରିପ ବାଲି ବାହାରେ ଗଚ୍ଛିତ କରିଥିବା ବାଲି ସବୁ ନିଲାମ କରିଛି କଟକ ଖଣି ବିଭାଗ । ଆଉ ଯେଉଁ ଯେଉଁ ସ୍ଥାନରେ ଗଦା ହୋଇ ରହିଛି ତାହାକୁ ନିଲାମ କରିବା ପାଇଁ ଏବଂ ଖୋଜି ବାହାର କରିବା ପାଇଁ ଡ୍ରୋନ କ୍ୟାମେରାରେ ରେ ଖୋଜୁଛି ଖଣି ବିଭାଗ ।ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ଅନୁସାରେ ବାଙ୍କୀ ତହସିଲ ଅନ୍ତର୍ଗତ ବୈଦେଶ୍ୱର ବାଲି ସବୁ ନିଲାମ ପ୍ରକ୍ରିୟା ଶେଷ ହୋଇଛି। ସେହିପାରି ଡମପଡ଼ା ତହସିଲ ଅନ୍ତର୍ଗତ ପାଥପୁର, ଓ ଜାତମୁଣ୍ଡିଆ ବାଲି ଘାଟ ବାହାରେ ଗଚ୍ଛିତ ବାଲି କୁ ନିଲାମ କରିଛି କଟକ ଖଣି ବିଭାଗ । ହେଲେ ଓସ୍ତିଆ ବାଲିଘାଟ ଯେଉଁ ଘାଟ ଟି ଓସ୍ତିଆ ଗ୍ରାମ ନିକଟ ରୁ ଉଠାଣ ନ କରି ଓସ୍ତିଆ ପରିବର୍ତ୍ତେ ସୁବର୍ଣ୍ଣପୁର ଠାରେ ମହାନଦୀର ଜଳସମ୍ପଦ ବିଭାଗ ନଦୀ ବନ୍ଧ କୁ କାଟି ବେଆଇନ ଭାବେ ବାଲି ଉଠାଣ କରୁଥିଲା। ସେହି ଘାଟ ବାହାରେ ଶହ ଶହ ଟ୍ରିପ ବାଲି ଗଦା ହୋଇ ରହିଛି । ଦୀର୍ଘ ଦିନ ଧରି ରହିଥିବା ବେଳେ ବାଙ୍କୀ ତହସିଲଦାର୍ ବାଲି ଜବତ କରି ନାଲି ପତକା ମାରିଥିବା ବେଳେ ନିଲାମ କାହିଁକି ହେଉ ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। କଟକ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିର ରେ ଅଭିଯୋଗ କରିଥିଲେ। ଗତ ଦୁଇ ଦିନ ଧରି ରଗଡ଼ି ଗ୍ରାମ ପଞ୍ଚାୟତ ଓ ସୁବର୍ଣ୍ଣପୁର ଅଂଚଳରେ ଡ୍ରୋନ କ୍ୟାମେରା ମାଧ୍ୟମରେ ଖଣି ବିଭାଗ ଖୋଜୁଛି ବାଲି ଗଦା। ଡ୍ରୋନ ଉଡ଼ିବା ସମ୍ପର୍କ ରେ କଟକ ଖଣି ବିଭାଗ ସହକାରୀ ଅଧିକାରୀ ରଞ୍ଜିତ ବେହେରାଙ୍କୁ ପଚାରିବାରେ ସେ କହିଲେ ଆଉ କେଉଁ କେଉଁ ସ୍ଥାନରେ ଲୁକାୟିତ ଭାବେ ବାଲି ଗଚ୍ଛିତ ରହିଛି ତାହାର ନିଲାମ ସର୍ବ ସାଧାରଣରେ ହୋଇ ରାଜସ୍ୱ ଆଦାୟ କରାଯିବ । ଓସ୍ତିଆ ବାଲିଘାଟର ଲିଜ ଧାରୀ ତେବେ ରାସ୍ତା କଡ଼ରେ ଶହ ଶହ ଟ୍ରିପ ବାଲି ଗଦା କରି ରଖି ଥିବା ବେଳେ ତୁରନ୍ତ ନିଲାମ କରିବା ପାଇଁ ଦାବି କରିଛନ୍ତି ସ୍ଥାନୀୟ ଲୋକେ ।

# ବାଲିପାଟଣା–ଭିଙ୍ଗାରପୁର ରାସ୍ତା ମରଣଯନ୍ତା

ବାଲିପାଟଣା ,(ସବ୍ୟୁ) : ଜୟଦେବ ନିର୍ବାଚନ ମଣ୍ଡଳୀ ର ଦୁଇ ବ୍ଲକ କୁ ସଂଯୋଗ କରୁଥିବା ବାଲିପାଟଣା –ଭିଙ୍ଗାରପୁର ରାସ୍ତା ର୍ଦିଘ ଦିନ ଧରି ମରାମତି ଅଭାବରୁ ଏବେ ମରଣଯନ୍ତା ପାଲଟିଛି । ପୂର୍ତ୍ତ ବିଭାଗ ଅଧିନରେ ଥିବା ଏହି ରାସ୍ତା ଉପରେ ପ୍ରାୟ ୨୦ ଟି ପଞ୍ଚାୟତ ର ଜନସାଧାରଣ ନିର୍ଭର କରିଥାଆନ୍ତି । ୮ କି.ମି ଲମ୍ବା ଏହି ରାସ୍ତା ପ୍ରାୟ ୨ ବର୍ଷ ଧରି ମରାମତି ନ ହେବାରୁ ରାସ୍ତା ମଝିରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି । ଯାହାଦାରା ପ୍ରତିଦିନ ଏହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟିବା ସହିତ କିଛି ବ୍ୟକ୍ତିଙ୍କର ଅଘଟଣ ଘଟୁଥିବାର ନଜର ସାମ୍ନାକୁ ଆସିଛି । ଏହା କଟକ ଯିବା ପାଇଁ କମ ରାସ୍ତା ହୋଇଥିବାରୁ ପ୍ରତିଦିନ କୋଣାର୍କ ,ନିମାପଡ଼ା , ବନମାଳିପୁରରୁ ହଜାର ହଜାର ଲୋକ ଯାତାୟତ କରିଥାଆନ୍ତି । ବର୍ଷେ ହେବ ବିଜେପି ସରକାର ଶାସନ କୁ ଆସିଲେଣି ହେଲେ ଏହି ରାସ୍ତା ମରାମତି ନ ହେବାରୁ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି । ତୁରନ୍ତ ଉକ୍ତ ରାସ୍ତାକୁ ଚଉଡା କରାଯିବା ସହିତ ମରାମତି କରିବାକୁ ଜୟଦେବ ନିର୍ବାଚନ ମଣ୍ଡଳୀ ଜନସାଧାରଣ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ରେଳ ମନ୍ତ୍ରଣାଳୟର ସଂସ୍କାର କାର୍ଯ୍ୟକ୍ରମ

ଭୁବନେଶ୍ୱର:ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ, ଦକ୍ଷ ଏବଂ ପ୍ରଯୁକ୍ତିବିଦ୍ୟାଚାଳିତ କରିବା ପାଇଁ ରେଳ ମନ୍ତ୍ରଣାଳୟ ଅନେକ ସଂସ୍କାର ହାତକୁ ନେଇଛି । ଏହି ସଂସ୍କାରଗୁଡ଼ିକ ଅଧିକାରୀ, ପ୍ରାର୍ଥୀ, କୋଚିଂ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହିତ ବ୍ୟାପକ ପରାମର୍ଶ ମାଧ୍ୟମରେ ବିକଶିତ ହୋଇଛି ।ପ୍ରଥମ ଥର ପାଇଁ ଏଏଲପି , ଟେକ୍ନିସିଆନ୍, ଏନଟିପିସି, ଆରପିଏଫ ପାରାମେଡିକାଲ୍ ଏବଂ ସ୍ତର-୧ ବର୍ଗ ସମେତ ସମସ୍ତ ଗ୍ରୁପ୍-ଇ ପଦବୀ ପାଇଁ ୨୦୨୪ ରୁ ଏକ ବାର୍ଷିକ ନିଯୁକ୍ତି କ୍ୟାଲେଣ୍ଡର ପ୍ରଚଳନ କରାଯାଇଛି । ଏହା ସ୍ୱଚ୍ଛତା ସୁନିଶ୍ଚିତ କରେ ଏବଂ ପ୍ରାର୍ଥୀମାନଙ୍କୁ ବିଜ୍ଞପ୍ତି ଠାରୁ ଶେଷ ପରୀକ୍ଷା ପର୍ଯ୍ୟନ୍ତ ସମୟସୀମା ବିଷୟରେ ସ୍ପଷ୍ଟତା ପ୍ରଦାନ କରେ ।

# ଉପକାରାଗାର ସ୍ଥାନାନ୍ତରିତ ପ୍ରସଙ୍ଗ: ଧାରଣା ପ୍ରତ୍ୟାହୃତ କଲେ ସାମ୍ବାଦିକ




ଖଣ୍ଡପଡ଼ା,(ସବ୍ୟୁ): ଖଣ୍ଡପଡ଼ା ଉପକାରାଗାର ନୟାଗଡ଼ ଜିଲ୍ଲା କାରାଗାରକୁ ସ୍ଥାନାନ୍ତରିତ ପ୍ରସଙ୍ଗକୁ ବିରୋଧ କରି ଯେଉଁ ଧାରଣା ଜାରି ରହିଥିଲା ଶନିବାର ଦିନ ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସ୍ଥାନୀୟ ବିଧାୟକ ଧାରଣା ସ୍ଥଳରେ ପହଞ୍ଚି ଧାରଣାରତ ଦୁଇ ଯୁବ ସାମ୍ବାଦିକଙ୍କୁ ବୁଝାସୁଝା କରିବା ପରେ ସେମାନେ ଧାରଣା ପ୍ରତ୍ୟାହୃତ କରିଛନ୍ତି। ସାଧୀନତା ପୂର୍ବରୁ ୧୯୩୮ ମସିହାରେ ଖଣ୍ଡପଡ଼ାରେ ସ୍ଥାପନ ହୋଇଥିବା ଏହି ଉପକାରାଗାରରେ ବହୁ ସାଧୀନତା ସଂଗ୍ରାମୀ, ରାଜନେତା (ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ମଧ୍ୟ ସ୍ଥାନ ପାଇଥିଲେ) ବର୍ଷ ବର୍ଷ ଧରି କାରାବରଣ କରିଥିଲେ। ତେଣୁ ପ୍ରାୟ ୮୭ ବର୍ଷର ଏହି ଐତିହାସିକ ପୁରୁଣା ଉପକାରାଗାରକୁ ନୟାଗଡ ସ୍ଥାନାନ୍ତର ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ନିଷ୍ପତ୍ତିକୁ ସବୁଆଡୁ ପ୍ରତିବାଦ ଆରମ୍ଭ ହୋଇଥିଲା। ଗୃହ ବିଭାଗର ଏଭଳି ନିଷ୍ପତିକୁ ବିରୋଧ କରି ଗତ ଦୁଇଦିନ ଧରି ବିଭିନ୍ନ ଅନୁଷ୍ଠାନ ଏବଂ ସଂଗଠନ ପକ୍ଷରୁ ଆନ୍ଦୋଳନ ଜାରି ରହିଥିଲା। ନିଷ୍ପତି ବିରୋଧରେ ଭାରତୀୟ ବିକାଶ ପରିଷଦ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ଖଣ୍ଡପ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଧ୍ୟ ପ୍ରତିବାଦର ସ୍ୱର ଉତ୍ତୋଳନ କରାଯାଇଥିଲା। ଏଥିସହ ସ୍ଥାନୀୟ ଅଞ୍ଚଳର ଶିବନାରାୟଣ ଦାସ ଏବଂ ଜ୍ୟୋତିରଞ୍ଜନ ମହାରଣା ଦୁଇ ସାମ୍ବାଦିକ ଏଭଳି ନିଷ୍ପତ୍ତି ବିରୋଧରେ ଗୁରୁବାର ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ପରେ ଶୁକ୍ରବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜେଲ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଶନିବାର ଦିନ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଖଣ୍ଡପଡ଼ା ଜେଲ ସମ୍ମୁଖରେ ଧାରଣାରେ ବସିଥିବା ଦୁଇ ସାମ୍ବାଦିକଙ୍କ ନିକଟରେ ପହଞ୍ଚି ବୁଝାସୁଝା କରିବା ପରେ ସେମାନେ ଧାରଣା ପ୍ରତ୍ୟାହୃତ କରିଥିବା ଜଣାପଡ଼ିଛି। ଏଥିସହ ସହରାଞ୍ଚଳ ଅଧୀନ ଏନଏସି କଲ୍ୟାଣ ମଣ୍ଡପ ପରିସରରେ ସ୍ଥାନୀୟ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଏବଂ ଯୁବଗୋଷ୍ଠୀ ମାନଙ୍କୁ ନେଇ ଉପକାରାଗାର ସ୍ଥାନାନ୍ତରିତ ପ୍ରସଙ୍ଗ ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବିଧାୟକ ଶ୍ରୀ ସ୍ୱାଇଁ ଅଂଶଗ୍ରହଣ କରି ଉପକାରାଗାର ସ୍ଥାନାନ୍ତରିତ ନିଷ୍ପତି ପରିବର୍ତ୍ତନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା କହିଛନ୍ତି। ତେଣୁ ଖଣ୍ଡପଡ଼ାରେ ଥିବା ସର୍ବ ପୁରାତନ ଉପକାରାଗାର ସ୍ଥାନାନ୍ତର ପ୍ରକ୍ରିୟାରେ ନିଶ୍ଚୟ ରୋକ ଲାଗିବ ବୋଲି ଖଣ୍ଡପଡ଼ା ଅଞ୍ଚଳ ବାସୀ ଆଶା ପ୍ରକଟ କରିଛନ୍ତି।

# ହାଇସ୍କୁଲ ପରିସରରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ




ରଣପୁର,(ସବ୍ୟୁ) : ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଖତିଆ ଗ୍ରାମପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଦିନ ଗୋପବନ୍ଧୁ ଆଦି ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିବା ଜଣାପଡିଛି। ପୁରୀ ଉତ୍କଳ ସ୍ୱାଭିମାନ ମଞ୍ଚ ସଭାପତି ରାଧାକାନ୍ତ ଦାଶ,ଯୁଗ୍ମ ସମ୍ପାଦକ ମନୋରଞ୍ଜନ ମିଶ୍ର, ବାସୁଦେବ ସାହୁ,ଉପ ସଭାପତି ଅର୍ଜୁନ ପରମଗୁରୁ, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଶନ୍ନ କୁମାର ରଥ, ଲକ୍ଷ୍ମୀଧର ସାମନ୍ତରାୟ, ରଣପୁରଗଡ ସମାଜ ପ୍ରତିନିଧି ବିଶ୍ୱରଂଜନ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ପଣ୍ଡିତ ଙ୍କ ଦାରା ହୋମ ଆହୁତି ପୂଜନ ସହ ସଙ୍କୀର୍ତ୍ତନ କରାଯାଇ ଜାତିର ଜନକ ମହାତ୍ମାଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଓ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ସଦସ୍ୟ ସହ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ। ସାମ୍ବାଦିକ ଆଚାର୍ଯ୍ୟଙ୍କ ସହ ସମସ୍ତ ଅତିଥି ମହାପୁରୁଷ ମାନଙ୍କ ସ୍ମୃତି ଚାରଣ କରିବା ସହ ପିଲା ମାନଙ୍କୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଆହ୍ୱାନ କରିଥିଲେ। ଉତ୍କଳ ସ୍ୱାଭିମାନ ମଞ୍ଚ ସଭାପତି ଦାଶ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଦାୟିତ୍ୱ ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ଙ୍କ ହାତରେ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଥିଲା। ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁ ସମସ୍ତ ଙ୍କୁ ଧନ୍ୟବାଦ ଦେବା ସହ ସହକାରୀ ଶିକ୍ଷୟିତ୍ରୀ ସ୍ୱପ୍ନା ପ୍ରଧାନ, ସସ୍ମିତା ବିଶ୍ୱାଳ, ମୋନାଲିସା ଭଞ୍ଜ,ଚନ୍ଦ୍ରିକା ସାମନ୍ତରାୟ ଆଦି ପରିଚାଳନା କମିଟି ସହଯୋଗ କରିଥିଲେ।

# ଶ୍ୱେତପଦ୍ମା ସାହିତ୍ୟାନୁଷ୍ଠାନ ପରିସରରେ ବନମହୋତ୍ସବ

ବୋଲଗଡ଼,(ସବ୍ୟୁ): ବେଗୁନିଆ ସଦର ମହକୁମାସ୍ଥିତ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଶ୍ୱେତପଦ୍ମା ସାହିତ୍ୟ, ସେବା ସଂସଦ ନିଜସ ଅନୁଷ୍ଠାନ ପରିସରରେ ବନ ମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ ଚାରାରୋପଣ ଓ ଆଲୋଚନ ଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନର ସଭାପତି ଭାଗୀରଥି ପରିଡ଼ା ସଭାପତିତ୍ୱ କରିଥିଲେ।ଏଥିରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ସାହୁ, ମୁଖ୍ୟବକ୍ତା ଭାବରେ ରାଜ କିଶୋର ସାହୁ ଯୋଗଦାନ କରି ଆଗାମୀ ଜୀବନରେ ଭଲ ଭାବରେ ବଞ୍ଚିବାକୁ ହେଲେ ପରିବେଶକୁ ସୁସ୍ଥ ରଖିବାକୁ ପଡିବ ।ସେଥିପାଇଁ ସମସ୍ତେ ଗୋଟିଏ ଗୋଟିଏ ଚାରା ପୋତି ତା'ର ଯତ୍ନ ନେବା ଆବଶ୍ୟକ ବୋଲି, ମତ ରଖିଥିଲେ ।ଏଥିରେ ଅନୁଷ୍ଠାନର ସମ୍ପାଦିକା ସୁଶ୍ରୀ ପ୍ରତିମା ପ୍ରଧାନ,ସମୀର ପ୍ରଧାନ,ବିଜୟ କୁମାର ମହାନ୍ତି, ବାସନ୍ତୀ ସାହୁ,କୋଷାଧ୍ୟକ୍ଷ ସୋମନାଥ ସାହୁ , ସାଇରାମ ପାତ୍ର,ଶରତ ପ୍ରଧାନ, ରାଜସ୍ମିତା ଗୁମାନସିଂହ, ଶୁଭସ୍ମିତା ଗୁମାନସିଂହ ଉପସ୍ଥିତ ଥିଲେ। ପ୍ରାରମ୍ଭରୁ ଗାୟକ ପ୍ରଦୀପ୍ତ କିଶୋର ତ୍ରିପାଠୀ ବୃକ୍ଷ ଆମର ବନ୍ଧୁ ସମ୍ବନ୍ଧୀୟ ଆବାହନି ସଙ୍ଗୀତ ଗାନ କରି ମାନବ ସମାଜକୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ । ଶେଷରେ ଅନୁଷ୍ଠାନରେ ସହ ସଂପାଦକ ଜଗଦୀଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୁରୁ ପୂର୍ଣିମାରେ ଗୁରୁପୂଜନ

ସାକ୍ଷୀଗୋପାଳ ,(ସବ୍ୟୁ) : ମହର୍ଷି ବେଦବ୍ୟାସଦେବଙ୍କ ପୂଣ୍ୟ ତିଥିରେ ପବିତ୍ର ଗୁରୁପୂର୍ଣ୍ଣମା ଅବସରରେ ପୁରୀଜିଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଲୋକକଳା ଗ୍ରାମ ସାରଙ୍ଗଯୋଡି ବାଇଶିବାଡିର ମା କ୍ଷେତ୍ରପାଳୀ ମୃଦଙ୍ଗବାଦ୍ୟନୃତ୍ୟ ପରିଷଦ ଆନୁକୂଲ୍ୟରେ ବାଇଶିବାଡିର ପ୍ରଖ୍ୟାତ ମୃଦଙ୍ଗବାଦ୍ୟ ଗୁରୁ, ସଂକୀର୍ତ୍ତନ ଗୁରୁ,ପାଲା ଗୁରୁ, ରାମଲୀଲା ଗୁରୁ,ପରିଜାଟ ଗୁରୁ, ନୃତ୍ୟନାଟିକା ଗୁରୁ ଶ୍ରୀ କୁଳମଣି ବିଶ୍ୱାଳଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ-୨୦୨୫ ଗ୍ରାମର ଆର୍ତ୍ତତ୍ରାଣ ଗାଦିଗୃହ ପୀଠରେ ଅନୁଷ୍ଠିତ ହୋଇଯାଇଛି।ଗୁରୁ ଶ୍ରୀ ବିଶାଳଙ୍କ ନିକଟକୁ ଲୋକବାଦ୍ୟ(ମୃଦଙ୍ଗ),ଲୋକକଳା, ଲୋକନୃତ୍ୟ ଶିକ୍ଷା ଗ୍ରହଣ କରି କଳା ଜଗତରେ ପ୍ରତିଷ୍ଠା ଅର୍ଜନ କରିଥିବା ଛାତ୍ରମାନେ ପୂର୍ବାହ୍ନରେ ମିଳିତ ହୋଇ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ।ଆର୍ଶୀବଚନ ପ୍ରଦାନ କରି ଗୁରୁଶ୍ରୀ ବିଶ୍ୱାଳ ସମସ୍ତଙ୍କର ମଙ୍ଗଳ ଭବିଷ୍ୟତ କାମନା କରିଥିଲେ।କୈଳାସ ଗୋଟିପୁଅ ନୃତ୍ୟ ପରିଷଦର ସଭାପତି କବି ଶବ୍ଦଭାରତୀ ଦେବଦତ୍ତ ପ୍ରଧାନ ,ସମ୍ପାଦକ କୈଳାସ ଚନ୍ଦ୍ର ବିଶାଳଙ୍କ ସମେତ ଶିଷ୍ୟ ଶ୍ରୀ ସୁଦର୍ଶନ ପରିଡା, ରମେଶ ଚନ୍ଦ୍ର ଦାସ, ଜୟନ୍ତ ବିଶାଳ, ଅଭିମନ୍ୟୁ ନାୟକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଯୁବ ମର୍ଦ୍ଦଳ ବାଦକ ସମୀର କୁମାର ପଲେଇ, ଶିଶୁ ମୃଦଙ୍ଗ ବାଦକ ପ୍ରକାଶ ଓଝା, କୁନି ସଂକୀର୍ତ୍ତନ ଗାୟକ ବାସୁଦେବ ସାହୁ, କୈଳାଶ ଚନ୍ଦ୍ର ଓଝାଙ୍କ ସମେତ ଅନେକ ଶିଷ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କବିଚନ୍ଦନ ଶ୍ରୀ ପ୍ରଧାନ ଗୁରୁଶିଷ୍ୟ ପରମ୍ପରା ଓ ସମ୍ପର୍କ ଉପରେ ଆଲୋକପାତ କରିଥିବା ସ୍ଥଳେ ଶିଷ୍ୟମାନେ ଗୁରୁଙ୍କୁ ନେଇ ସଂକୀର୍ତ୍ତନ ପରିବେଷଣ କରି ଗ୍ରାମ୍ୟ ପରିକ୍ରମା କରିଥିଲେ।ଅନୁଷ୍ଠାନର ଉପସଭାପତି ତଥା ପଞ୍ଚଶିଷ୍ୟ ଭାସ୍କର ସାଇଁ ଏବଂ ସମ୍ପାଦକ ରମେଶ ଚନ୍ଦ୍ର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିମାପଡା ପୌରପରିଷଦର ସ୍ୱତନ୍ତ୍ର ବୈଠକ

ନିମାପଡା,(ସବ୍ୟୁ): ନିମାପଡା ପୌର ପରିଷଦର ସ୍ୱତନ୍ତ୍ର ବୈଠକ ଶୁକ୍ରବାରଦିନ ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉପନଗରପାଳ ସନ୍ତୋଷ ଦାଶ,ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି,କାଉନସିଲର ଧନୁର୍ଦ୍ଧର ଦାସ,ଟିକିନା ପଣ୍ଡା,ନିରଂଜନ ନାୟକ,ନିବେଦିତା ପଟ୍ଟନାୟକ,ମାଧବ ବେହେରା,କବିତା ତରାଇ,ରାଜକିଶୋର ସାହୁ ,ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ପ୍ରମୁଖ ଉପସ୍ଥିତଥିଲେ । ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ପରିଷଦ ଇଲାକାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ଚିଠା ପ୍ରସ୍ତୁତ,ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ,ଚଳିତ ବର୍ଷା ଋତୁରେ ବର୍ଷାଜଳ ନିଷ୍କାସିତ,ରାସ୍ତା ଆଲୋକୀକରଣ ଆଦି ସଂପର୍କରେ ଆଲୋଚନା କରାଯାଇଥିଲା ।ବୈଠକରେ ୧୧ ଜଣ କାଉନସିଲରଙ୍କ ମଧ୍ୟରୁ ଜଣେ କାଉନସିଲର ୧୦ ନଂ ୱାର୍ଡର ଅନୁପସ୍ଥିତ ଥିବା ଜଣାପଡିଛି ।

# ପଦ୍ମପୁର ପେଟ୍ରୋଲ ପମ୍ପ ନିକଟରେଜଗନ୍ନାଥ ସଡ଼କ ମରଣଯନ୍ତା

ନିରାକାରପୁର,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ପଦ୍ମପୁର ପେଟ୍ରୋଲ ପମ୍ପ ସମ୍ମୁଖରେ ଅନେକ ଦିନ ଧରି ବର୍ଷା ପାଣି ଜମି ରହିଥିବା କାରଣରୁ ପିଚୁ ରାସ୍ତା ଖୋଳି ହୋଇ ବିରାଟ ଗାତ ସୃଷ୍ଟି ହୋଇଛି । ଯାହା ଫଳରେ କି ପ୍ରତ୍ୟେକ ଦିନ କିଛି ନା କିଛି ଦୁର୍ଘଟଣା ଘଟୁଛି । ନିକଟସ୍ଥ ସ୍କୁଲ ଏବଂ କଲେଜକୁ ପାଠ ପଢ଼ିବା ପାଇଁ ଯିବା ଆସିବା କରୁଥିବା ବିଦ୍ୟାର୍ଥୀ ମାନେ ସେଇ ଅଣଓସାରିଆ ତଥା ଟର୍ନିଂ ରାସ୍ତାରେ ଥିବା ଖାଲରେ ପଡ଼ି ଦୁର୍ଘଟଣାର ଶୀକାର ହେଉଛନ୍ତି । ଆଜି ଜନୈକ ଏକ କଲେଜ ଛାତ୍ରୀ ସ୍କୁଟି ଚଳାଇ ଘରକୁ ଫେରୁଥିବା ବେଳେ ସେହି ପେଟ୍ରୋଲ ପମ୍ପ ସାମ୍ନାରେ ପାଣି ଜମିଥିବା ଖାଲରେ ପଡ଼ି ମଝି ରାସ୍ତାକୁ ଛିଟିକି ତଳେ ପଡ଼ି ଯାଇଥିଲେ । ସେଇ ସମୟରେ ହଠାତ୍ ଏକ କାର୍ ରାମେଶ୍ୱର ଆଡୁ ଦ୍ରୁତ ଗତିରେ ଆସୁଥିବା ବେଳେ କାର୍ ଚାଳକ ଜଣଙ୍କ ଉପସ୍ଥିତ ବୁଦ୍ଧି ଖଟାଇ କାର୍‌କୁ ନିୟନ୍ତ୍ରଣ କରି ବ୍ରେକ ମାରିଥିଲେ । ଯାହା ଫଳରେ କି ଏକ ବଡ଼ ଦୁର୍ଘଟଣା ହେବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ସେଇ ଛାତ୍ରୀ ଜଣକ । ତୁରନ୍ତ ଏହାର ମରାମତି ପାଇଁ ଦାବି ହେଉଛି।

# ଧର୍ମପ୍ରାଣା ମହିଳା ରେବିକା ମହାପାତ୍ରଙ୍କ ପରଲୋକ

ଫୁଲନଖରା,(ସବ୍ୟୁ) : ବରିଷ୍ଠ ସମାଜସେବୀ ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସୁରେନ ମହାପାତ୍ରଙ୍କ ଧର୍ମପତ୍ନୀ ଧର୍ମପ୍ରାଣା ମହିଳା ରେକା ମହାପାତ୍ର (୭୮)ଙ୍କ ପରଲୋକ ଘଟିଛି । ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ ।। ବେଳେ ଖାନନଗର ସ୍ୱର୍ଗଧାମରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା ।ଜ୍ୟେଷ୍ଠପୁତ୍ର ସମାଜସେବୀ ଅସିତ ଦାସ ମହାପାତ୍ର ମୁଖାଗ୍ନି ଦେଇଥିଲ ।ତାଙ୍କ ବିୟୋଗରେ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନୟାଳିଶମୌଜା ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି,କବୀ ସରୋଜ ନଳିନୀ ପରିଜା,ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ ଶୋକ ବ୍ୟକ୍ତ କରିବା ସହ ସଦଗତି କାମନା କରିଛନ୍ତି । ସ୍ୱର୍ଗତା ମହାପାତ୍ର ପୁରୀ ଜିଲ୍ଲାର ମୂଳ ବାସିନ୍ଦା ହେଇଥିବା ବେଳେ ଅଧୁନା କଟକ ସଦର ୟାଳିଶମୌଜା ଅନ୍ତର୍ଗତ ପଟଣା ଗ୍ରାମରେ ପରିବାର ସହ ଅବସ୍ଥାନ କରୁଥିଲେ । ସୂଚନାଯୋଗ୍ୟ ସେ ଜଣେପରୋପକାରୀ,ମେଳାପି,ମିଷ୍ଟଭାଷୀ, ସ୍ନେହୀ,ଶାସ୍ତ୍ର ଜ୍ଞନୀ ମହିଳା ଥିଲେ ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



ନୟାଗଡ଼, (ସବ୍ୟୁ) : ନୟାଗଡ଼ ମୁନିସିପାଲିଟି ଅନ୍ତର୍ଗତ ୧୫ ନମ୍ବର ୱାର୍ଡ଼ ନିବାସୀ ଧର୍ମପ୍ରାଣା ମହିଳା କାଞ୍ଚନବାଳା ସାହୁଙ୍କ ପରଲୋକ ଘଟିଛି। ନୟାଗଡ଼ ନାଗରିକ ମଞ୍ଚ ସମ୍ପାଦକ, ନୟାଗଡ଼ ଜିଲ୍ଲା ଚେସ ଆସୋସିଏସନର ସାଧାରଣ ସମ୍ପାଦକ ତଥା ଦୈନିକ ଖବର କାଗଜ ସୂର୍ଯ୍ୟପ୍ରଭାର ପୂର୍ବତନ ଜିଲ୍ଲା ପ୍ରତିନିଧି ତଥା ଶିକ୍ଷକ ଲକ୍ଷ୍ମୀଧର ସାହୁଙ୍କ ମାତା ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସାରଥବନ୍ଧୁ ସାହୁଙ୍କ ଧର୍ମପତ୍ନୀ ଥିଲେ। ସେ କିଛିଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।ଜ୍ୟେଷ୍ଠ ପୁତ୍ର ଲକ୍ଷ୍ମୀଧର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ସାହୁ ଜଣେ ମେଳାପି ଓ ପରୋପକାରୀ ଧର୍ମ ପରାୟଣା ମହିଳା ଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ବିଦ୍ୟାଳୟରେ ବନ ମହୋତ୍ସବ

ବାଲିପାଟଣା, (ସବ୍ୟୁ) : ବାଗଲପୁର ସ୍ଥିତ ବିପିନ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଛାତ୍ର, ଛାତ୍ରୀ,ଶିକ୍ଷକ ଶିକ୍ଷୟତ୍ରୀ ଓ ଅତିଥି ମାନଙ୍କ ଗହଣରେ ବନ ମହୋତ୍ସବ ସପ୍ତାହ ଅବସରରେ ବୃକ୍ଷ ରୋପଣ କରାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତପନ କୁମାର ସାହୁଙ୍କ ସଭାପତିତ୍ୱର ଆୟୋଜିତ ଏକ ସଚେତନତା ସଭାରେ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ,ସହ ଶିକ୍ଷା ଅଧିକାରୀ ଯଶୋଦା ସାହୁ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା,ପ୍ରଧାନ ଶିକ୍ଷକ ବିଜୟ ବେହେରା,ସଞ୍ଜୀବ ପଟ୍ଟନାୟକ ,ଅରୁଣ ଶତପଥୀ,ପୂର୍ଣ୍ଣଚନ୍ଦ୍ର ପଣ୍ଡା,ଅରୁଣ କୁମାର ଦାସ,ସୁନୀତା ରାଉତରାୟ ପ୍ରମୁଖ ଯୋଗଦେଇ ବୃକ୍ଷ ଲଗାଇବାର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ କିସମର ଉପକାରୀ ବୃକ୍ଷ ଲଗାଯିବା ପରେ ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

# ତେଜିଲା ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଆନ୍ଦୋଳନ

ବାଲୁଗାଁ,(ସବ୍ୟୁ) ଐତିହାସିକ ଦୃଷ୍ଟିକୋଣରୁ ଖୋର୍ଦ୍ଧା ଜିଲ୍ଲା ବାଣପୁର ସମସ୍ତ ମାନଦଣ୍ଡ ପୁରଣ କରୁଥିବାରୁ ଏହାକୁ ରାଜସ୍ୱ ଉପଖଣ୍ଡ ଘୋଷଣା ନିମନ୍ତେ ୧୯୭୩ ମସିହା ଠାରୁ ଦାବୀ ହୋଇଆସୁଥିବା ବେଳେ ଏହି ଦାବୀ କ୍ରିୟାଶିଳ କରିବା ପାଇଁ ୧୦ବର୍ଷ ପୂର୍ବେ ୨୦୧୬ ମସିହାରେ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବୀ ନେଇ ଆନ୍ଦୋଳନ ଜୋରଦାର କରାଯାଇଥିଲା । ଦୀର୍ଘ ୫୨ ବର୍ଷ ହେଲା ଦାବୀ ହୋଇଆସୁଥିବା ବେଳେ କ୍ରିୟାନୁଷ୍ଠାନ କମିଟି ଗଠନ ହେବା ପରେ ଦାବୀକୁ ଜୋରଦାର କରାଯାଇଥିଲା । ହେଲେ ଏଥିପ୍ରତି ସରକାରଙ୍କର ଆନ୍ତରିକତା ନଥିବା ବେଳେ ଚିଲିକା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ଜନପ୍ରତିନିଧି ତଥା ବିଭିନ୍ନ ଉଚ୍ଚ ପଦ ପଦବୀରେ ରହିଆସିଥିବା ଅଞ୍ଚଳର ନେତୃମଣ୍ଡଳି ମାନଙ୍କ ବାଣପୁରକୁ ରାଜସ୍ୱ ଉପଖଣ୍ଡ ଦାବୀ ପ୍ରତି ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଅଦ୍ୟାବିଧି ବାଣପୁର ରାଜସ୍ୱ ଉପଖଣ୍ଡ ମାନ୍ୟତାରୁ ବଂଚିତ ହୋଇଛି । ଏପରିସ୍ଥଳେ ୫୨ ବର୍ଷ ବିତିଯାଇଥିବା ବେଳେ ବର୍ତ୍ତମାନ ପୁଣିଥରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତେଜିଲା ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବୀ। ଏହି ପରିପ୍ରେକ୍ଷୀରେ ଶନିବାର ବାଣପୁର ନିକଟସ୍ଥ ମା'ମେଘାମ୍ବରୀଙ୍କ ପୀଠରେ କ୍ରିୟାନୁଷ୍ଠାନ କମିଟର ସଭାପତି ନଳିନୀକାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବାଲୁଗାଁ ବାଣପୁର ଓ ଚିଲିକା ଅଞ୍ଚଳର ବହୁ ସଂଖ୍ୟକ ମହିଳା ଓ ପୁରୁଷ ତଥା କମିଟିର ସଦସ୍ୟ, ଜନପ୍ରତିନିଧି, ବୁଦ୍ଧିଜୀବୀ, ବିଭିନ୍ନ ସଂଘର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ମାନେ ସାମିଲ ହୋଇ କ୍ରିୟାନୁଷ୍ଠାନ କମିଟିର ଦାବୀକୁ ସମର୍ଥନ ଜଣାଇ ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ମିଳିବା ପର୍ଯ୍ୟନ୍ତ ବିଭିନ୍ନ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ନିଜର ମତବ୍ୟକ୍ତ କରିଛନ୍ତି । ବର୍ତ୍ତମାନର ଡବଲ ଇଂଜିନ ବିଜେପି ସରକାର ଯଦି ବାଣପୁରର ନ୍ୟାଯ୍ୟ ଦାବୀ ଉପଖଣ୍ଡ ମାନ୍ୟତା ପ୍ରଦାନ ନକରନ୍ତି ତେବେ ପୁନଃର୍ବାର କ୍ରିୟାନୁଷ୍ଠାନ କମିଟି ମାଧ୍ୟମରେ ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇ ବିଭିନ୍ନ ଆନ୍ଦୋଳନାତ୍ମ୍ ପନ୍ଥା ଗ୍ରହଣ କରିବା ସହ ଆମରଣ ଅନଶନ କରି ଧାରଣାରେ ବସିବାକୁ ସର୍ବସମ୍ମତି ନିଷ୍ପତି କ୍ରମେ ନିଆଯାଇଛି ।

# ପ୍ରଧାନ ଶିକ୍ଷକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



ନିରାକାରପୁର,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ବଡପୋଖରିଆ ନିଗମାନନ୍ଦ ବିଦ୍ୟାନିକେତନ ପରିସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟରଞ୍ଜନ ପାଟଶାହାଣୀ ଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାର ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ପାଇକରାୟ ।ସମ୍ମାନୀତ ଅତିଥି ରୂପେ ବିଦ୍ୟାଳୟର ପୁରାତନ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ସ୍ନେହଲତା ସାମନ୍ତରାୟ, ଖୋର୍ଦ୍ଧା ଜିଲ୍ଲାର ଜଣେ ସୁପ୍ରସିଦ୍ଧ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଜାନକୀ ବଲ୍ଲଭ ପଟ୍ଟନାୟକ, ପୂର୍ବତନ କ୍ରୀଡା ଶିକ୍ଷକ ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ଜେନା, ପୂର୍ବତନ କିରାଣୀ ଶିବ ମହାପାତ୍ର, ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ର ସଭାପତି ଦିଲୀପ କୁମାର ବିଧାର, ସଭ୍ୟ ରସାନନ୍ଦ ବେହେରା, ଶକ୍ତି ସ୍ୱରୂପା ସ୍ୱୟଂ ସହାୟକ ଗୋଷ୍ଠୀ ର ବରିଷ୍ଠ ସଦସ୍ୟା ସନ୍ଧ୍ୟାସିନୀ ଜେନା ଆଦି ଉପସ୍ଥିତ ଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶ୍ରୀଯୁକ୍ତ ସରୋଜ କୁମାର ମିଶ୍ର, ଝରଣା ବେହେରା, ସଂହିତା ସୁଭଦର୍ଶିନୀ ଏବଂ ବିଶାମିତ୍ର ଜେନା ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ କୈଳାଶ ଚନ୍ଦ୍ର ସାହୁଙ୍କ ମିଳିତ ପ୍ରାୟସରେ ସଭାର ସଫଳ ରୂପାୟନ ହୋଇଥିଲା ବିଦ୍ୟାଳୟର ଅବସର ହେଉଥିବା ପ୍ରଧାନ ଶିକ୍ଷକ ପାଟଶାହାଣୀ ଙ୍କ ସହଧର୍ମିଣୀ ତଥା ଦଧିମାଛଗାଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ଶ୍ରୀମତୀ ନିରୁପମା ବିଧାର ମଧ୍ୟ ଏହି ଅବସର ରେ ଉପସ୍ଥିତ ଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ର ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ବନ୍ଧ ବିମଳେଶ୍ୱରଙ୍କ ପୀଠରେ ବନମହୋତ୍ସବ

ଖଣ୍ଡପଡ଼ା ,(ସବ୍ୟୁ) :ଖଣ୍ଡପଡା ସହରର ପ୍ରାଚୀନ ଶୈବପୀଠ ବନ୍ଧ ବିମଳେଶରଙ୍କ ପୀଠରେ ବୁଧବାର ବନମହୋତ୍ସବ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ,ଶିକ୍ଷାବିତ ପ୍ରଦୀପ୍ତ କୁମାର ମିଶ୍ର, ଅବସରପ୍ରାପ୍ତ କଳାଶିକ୍ଷକ ଲଡୁକିଶୋର ସିଂହସାମନ୍ତ ,ପଞ୍ଚାନନ ମିଶ୍ର, ନିରଞ୍ଜନ ସ୍ୱାଇଁ, ପୂର୍ବତନ କାଉନସିଲର ଚନ୍ଦ୍ରଶେଖର ପାଣି, ଡାକ୍ତର ପ୍ରଦୀପ କୁମାର ପାଇକରାୟ ପ୍ରମୁଖ ଉପସ୍ଥିତ ରହି ମନ୍ଦିରର ଚତୁଃପାର୍ଶରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଗ୍ରହଙ୍କ ନିକଟରେ ପୂଜାର୍ଚ୍ଚନା ସହ ବୃକ୍ଷ ଦେବତାଙ୍କୁ ପୂଜା କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସଦସ୍ୟ ଜୟୀରାମ ଦାସ, ସଂଗଠକ ମହେନ୍ଦ୍ର କୁମାର ବାରିକଙ୍କ ସମେତ ଖଣ୍ଡପଡ଼ା ବନପାଳ ବନମାଳୀ ରାଉତ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗ୍ରାମୀଣ କୃଷକ ତାଲିମ ଶିବିର

ବଳଙ୍ଗା, (ସବ୍ୟୁ):ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ଠାରେ ଗ୍ରାମୀଣ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସୂଚନା ମୂତାକ ଉଚ୍ଛୁପୁର ଠାରେ ନିମାପଡ଼ା ଉଦ୍ୟାନ କାର୍ଯ୍ୟାଳୟ ସମ୍ପ୍ରସାରଣ କର୍ମୀ ସିଲଭା ନାୟକ, ନିମାପଡ଼ା କୃଷି କାର୍ଯ୍ୟାଳୟର ଏଟିଏମ ବିକ୍ରମ ପ୍ରତିହାରୀ,ବିଟିଏମ ଶ୍ରୀକାନ୍ତ କୁମାର ବଢେଇ କୃଷକ ମାନଙ୍କୁ ଖରିଫ ଋତୁ ପାଇଁ ସରକାରୀ ଯୋଜନା ପ୍ରୋତ୍ସାହନ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ପ୍ରସନ୍ନ କୁମାର ଦାଶ, ନିମାପଡ଼ା ଆତ୍ମା କମିଟିର ସଭ୍ୟ ପ୍ରଭାକର ନାୟକ, ମମତା ସ୍ୱାଇଁଙ୍କ ସହ ୩୦ ରୁ ଉର୍ଦ୍ଧ୍ୱ କୃଷକ କାର୍ଯ୍ୟ କ୍ରମରେ ଉପସ୍ଥିତ ଥିଲେ।



ଶ୍ରାବଣ ପ୍ରଥମ ସୋମବାର : କଣ୍ଟିଲୋ ନୀଳମାଧ ପୀଠରେ ବୋଲବମ ଭକ୍ତଙ୍କ ଭିଡ଼

# ବନ୍ୟା ପାଣିରେ ଉଜୁଡିଲା ଫସଲ : ପରିବା ଦର ଆକାଶଛୁଆଁ

କଣାସ,(ସବ୍ୟୁ) :ହୀରାକୁଦର ବନ୍ୟା ଜଳ ବିଭିନ୍ନ ନଦୀରେ ପ୍ରବାହିତ ହେଉଥିବାରୁ ଫସଲ ଜମିରେ ଏବେ ଅଣ୍ଟାଏ ଉଚ୍ଚର ପାଣି ଲହଡ଼ି ଭଗୁଛି । ଫଳରେ ପନିପରିବା ଫସଲ ସମ୍ପୂର୍ଣ୍ଣ ମାତ୍ରାରେ ନଷ୍ଟ ହୋଇଯାଇଛି ।ସେପଟେ ପରିବା ଦର ଏବେ ଆକାଶଛୁଆଁ ହୋଇଛି ଲୋକମାନେ ହାଟ ଭିତରେ ପଶିବାକୁ ଡରୁଛନ୍ତି।କଣାସ ବ୍ଲକର ବିଜିପୁର, ବାଲିପଡା,କଣାସ,ଜଙ୍କିଆ ଗଡସାହି, ଗଡିଶାଗୋଦା ,କରମଳା ଆଦି ବଜାରରେ ଆଳୁ ପିଆଜକୁ ଛାଡ଼ିଦେଲେ ସବୁଜ ପରିବା ୫୦ ଟଙ୍କା ଉପରେ ରହିଛି ।ଟମାଟୋ କେଜି ପ୍ରତି ୫୦ ଟଙ୍କା, କଟିକି ପୋଟଳ ୬୦ , ବାଇଗଣ କିଲୋ ପିଛା ୮୦, କଲରା ୬୦ ରହିଥିବା ବେଳେ ଜହ୍ନି ୬୦,ଭେଣ୍ଡି ୬୦ ଓ କଙ୍କଣ ୬୦ ଟଙ୍କା ରହିଛି । ଆଳୁ କିଲୋ ପିଛା ୨୦ ଟଙ୍କା ଓ ପିଆଜ କେଜି ୨୦ରୁ ୨୫ ଟଙ୍କା ରହିଥିବା ହେତୁ ସବୁଜ ପରିବାରରେ ହାତ ମାରୁନାହାନ୍ତି ଗ୍ରାହକ । ଅନେକ ଲୋକେ ଆଳୁ ପିଆଜ କିଣି କାମ ଚଳାଉଛନ୍ତି । ସବୁଜ ପରିବା ଦର ଆକାଶ ଛୁଆଁ ରହିଥିବା ବେଳେ ଗରିବ ଶ୍ରେଣୀର ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ବର୍ଷା ଦିନ ଆରମ୍ଭରୁ ପରିବା ଦର ଏଭଳି ବଢିବା ଲୋକମାନେ ମନରେ ଛନକା ପସିଛି । ପ୍ରତି ଦିନ ସବୁଜ ପନିପରିବା ଉପରେ ଲୋକଙ୍କ ଚାହିଦା ଅଧିକ ଥିବାରୁ ଦର ହୁ ହୁ ହୋଇ ଦ୍ରୁତ ଗତିରେ ବଢିଚାଲିଛି କମିବାର ନାଁ ଧରୁନି । କଣାସ ଅଞ୍ଚଳରେ ଏହି ସମୟରେ ପନିପରିବା ଫସଲ ଅମଳ ଭଲ ହୋଇଥାଏ ହେଲେ ଚଳିତ ବର୍ଷେ ବନ୍ୟା ପାଣି ଆସିବା ଯୋଗୁଁ ପନିପରିବା ଫସଲ ସମ୍ପୂର୍ଣ ମାତ୍ରାରେ ଉଜୁଡି ଯାଇଛି ।ଧାର କରଜ କରି ଚାଷ କରିଥିବା ଚାଷୀ ଏବେ କିଭଳି କରଜ ସୁଝିବ ସେ ନେଇ ମୁଣ୍ଡରେ ହାତ ଦେଇ ବସିଛି ।

ସମୟ

# କବିଗୁରୁ ରବୀନ୍ଦ୍ରନାଥ ଓ କବି ମାନସିଂହ

## (ଶିଳ୍ପଦୃଷ୍ଟି ଓ ଶିଳ୍ପାଦର୍ଶ)



ଡ. ମନୋରମା ବିଶ୍ୱାଳ ମହାପାତ୍ର

କବି ମାୟାଧର ମାନସିଂହଙ୍କ ସଂପର୍କରେ କବି ସଚ୍ଚିଦାନନ୍ଦ ରାଉତରାୟ ଲେଖିଛନ୍ତି, 'କବି ମାନସିଂହ ଥିଲେ ସେଇ ମୁହୂର୍ତ୍ତ ଯାହା ଏକ ଐଶ୍ୱର୍ଯ୍ୟମୟ ଅତୀତକୁ ଏକ ବଛିନ୍ନ ଦୂରତ୍ୱରୁ ନିରୀକ୍ଷଣ କରିବାର ଆନନ୍ଦ ଓ ଅଭିମାନରେ ପୂର୍ଣ୍ଣ ।' ବୈଚିତ୍ର୍ୟମୟ ଜୀବନ ଭିତରେ ତାଙ୍କ କାବ୍ୟ କବିତାର ବୈଶିଷ୍ଟ୍ୟ କବି ସୀତାକାନ୍ତ ମହାପାତ୍ରଙ୍କର ଏହି ଉକ୍ତିରୁ ସ୍ପଷ୍ଟ ହୋଇଥାଏ । 'ସେ ଓଡ଼ିଆ କାବ୍ୟ ଜଗତକୁ ଆସିଥିଲେ ଗୋଟିଏ ନୂଆ ସ୍ୱର ନେଇ ।

ସେ ସ୍ୱର ଥିଲା ଅତି ବ୍ୟକ୍ତିଗତ ଅନୁଭବର ସ୍ନେହ ଓ ପ୍ରେମର । ସୁନ୍ଦରର ଉପାସନାର । ମାପଚୁପ କାଣ୍ଟଛାଣ୍ଟ, ଜଗିରଖି ଚଳିବା ଦୁନିଆଠାରୁ ସେ ସ୍ୱର ଖୁବ୍ ଦୂରରେ । ସେ ସ୍ୱର ଥିଲା ଆନ୍ତରିକତାର, ଉଦ୍ଦାମ ଅନୁଭବର । ସଂପୂର୍ଣ୍ଣ ନିର୍ଭିକତାର ।' ମାନସିଂହଙ୍କ ସୃଷ୍ଟି ସଂପଦ ଏତେ ବିପୁଳ ଏବଂ ସଂପ୍ରସାରିତ ଯେ ବେଳେବେଳେ ଗଭୀର ସଂବେଦନାରେ ସେ ସବୁ ପ୍ରାଣକୁ ସ୍ପର୍ଶ କରିଥାଏ। ମହାପାତ୍ର ନୀଳମଣି ସାହୁଙ୍କ ମତରେ 'ଆପଣ ମଧୁ ବାରିଷ୍ଟର ଓ ଉତ୍କଳମଣି ଗୋପବନ୍ଧୁଙ୍କ ମାର୍ଗରେ ଥିଲେ ଓଡ଼ିଆ । ଗାନ୍ଧୀ ଓ ରବୀନ୍ଦ୍ରନାଥଙ୍କ ମାର୍ଗରେ ଥିଲେ ଭାରତୀୟ ।' ଟଲଷ୍ଟୟ ଓ ରସେଲ ଆଦିଙ୍କ ଧାରାରେ ଥିଲେ ଆନ୍ତର୍ଜାତିକ ଓ ଅତିମାନବବାଦୀ ଏବଂ ଶେଷରେ ଶ୍ରୀଅରବିନ୍ଦ ଶ୍ରୀମାଙ୍କ ମାର୍ଗରେ ଥିଲେ ମହାଜାଗତିକ ଓ ଅତିମାନବବାଦୀ ।

ପଦ୍ମଚରଣଙ୍କ ପରି ସେ ଅତୀତକୁ ବାହୁନି ଗୁଡ଼ାଏ କାନ୍ଦି ନାହାନ୍ତି ସତ କିନ୍ତୁ ଏ ଦେଶର ମହାନ ଐତିହାସିକ ଚିତ୍ର ଯେପରି ଭାବମୂର୍ତ୍ତି ମଧ୍ୟରେ ଫୁଟାଇ ପାରିଛନ୍ତି, ସେପରି ଅନ୍ୟ କେହି କହିପାରିନାହାନ୍ତି । ଆମ ସମସ୍ତଙ୍କ ଅପେକ୍ଷା ମାନସିଂହ ଥିଲେ ଅତି ଅଧିକ ମାତ୍ରାରେ ଓଡ଼ିଶାର ସ୍ଥାୟୀ ବାସିନ୍ଦା । ତାଙ୍କୁ ମନେହୁଏ ସେ ଯେପରି ଏଠାରେ ପ୍ରାଚୀନତମ ଅଧିବାସୀ ଆଉ ଆମେ ସମସ୍ତେ କେଉଁ ପରବର୍ତ୍ତୀ ପର୍ଯ୍ୟାୟର ଲୋକ ଏଠାକୁ ଆସି ଆସ୍ଥାନ ଜମାଇଛୁଁ । ପୈତୃକ ଭିଟା ଭୂମିକୁ ଶେଷ ପର୍ଯ୍ୟନ୍ତ ଏପରି ଜାବୁଡ଼ି ଧରି ପଡ଼ି ରହିଥିବାର ଧୈର୍ଯ୍ୟ ଓ ପ୍ରବୃତ୍ତିରେ ସେ ଥିଲେ ସତରେ ଅଟଳ ଓ ଅପରିବର୍ତ୍ତନୀୟ । ମାନସିଂହ ଉତ୍କଳୀୟ ଚେତନାରେ ସୀମାବଦ୍ଧ ନଥିଲେ । ତାଙ୍କ ସାହିତ୍ୟରେ ମହାଭାରତୀୟ ଚେତନା ସହିତ ଉତ୍କଳୀୟ ଚେତନାର ଅପୂର୍ବ ସମନ୍ୱୟ ଘଟିଥିଲା ।

କବି ମାନସିଂହ ତାଙ୍କର 'କବି ଓ କବିତା' ପୁସ୍ତକରେ ରବୀନ୍ଦ୍ରନାଥଙ୍କୁ ସହସ୍ରଥର ତାଙ୍କର ପ୍ରିୟ କବି ଭାବରେ ବର୍ଣ୍ଣନା କରିଛନ୍ତି । କାରଣ ରବୀନ୍ଦ୍ରନାଥଙ୍କ ବାଣୀରେ ଭାରତର ବହୁ ଯୁଗର ଆତ୍ମା ବିସ୍ମୟକର ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ଦେଇ ଏହା ପ୍ରକାଶ ଲାଭ କରିଛି, ଯାହା ପୂର୍ବେ କୌଣସି କବିର ଲେଖନୀ ଦେଇ ଘଟି ନଥିଲା। ପୃଥିବୀ ଇତିହାସରେ ଅଳ୍ପ କେତେଜଣ ମାତ୍ର କବି ଦେଖାଦେଇଛନ୍ତି ଯାହାଙ୍କ ବାଣୀରେ ସମଗ୍ର ଏକ ବିରାଟ ଜାତିର ଆତ୍ମା ଏପରି ଆତ୍ମପ୍ରକାଶ ଲାଭ କରିଥାଏ ପୁଣି ରବୀନ୍ଦ୍ରନାଥ କେବଳ ଗୋଟିଏ ଯୁଗର ଜଣେ ବଡ଼ କବି ନୁହଁନ୍ତି, ସେ ପୃଥିବୀର କତିପୟ ଶ୍ରେଷ୍ଠ କବିମାନଙ୍କ ମଧ୍ୟରୁ ଜଣେ, କାରଣ ତାଙ୍କ ବାଣୀଦେଇ କେବଳ ଭାରତବର୍ଷ ନୁହେଁ, ସମଗ୍ର ମାନବଜାତିର ଆଶା ଆକାଂକ୍ଷା ପ୍ରକାଶ ଲାଭ କରିଛି । ଏଇ ବ୍ୟକ୍ତିଗତ କାରଣରୁ ହିଁ ରବୀନ୍ଦ୍ରନାଥ ମୋର ପ୍ରିୟତମ କବି। କୌଣସି କବି ନୋବେଲ ପୁରସ୍କାର ପାଇଛନ୍ତି ବା ଏକ ଦେଶର ବାଣୀର ପ୍ରଚାରକ ବୋଲି ସ୍ୱାଭାବିକ ଭାବରେ ମୋର ପ୍ରିୟ କବି ହେବାର କଥା ନୁହେଁ । କବିର ପ୍ରକୃତ ପୂଜା ସ୍ମୃତିମନ୍ଦିର ବା ମେଳା ମଉଚ୍ଛବରେ ମଧ ନୁହେଁ । ତା'ର ସ୍ୱର୍ଣ୍ଣ ଆସନ ତା ପାଠକର ନିଭୃତ ଅନ୍ତରରେ । ସେହି ସମ୍ବନ୍ଧ ଘେନି ରବୀନ୍ଦ୍ରନାଥ ମୋର ଅତି ପ୍ରିୟ କବି । ଅତି ମାନ୍ୟ ଓ ପ୍ରଣମ୍ୟ କବି । ସେ ମୋର ପ୍ରିୟ, କାରଣ ସେ ମୋ ନିଜ ଅନ୍ତରର ଅବ୍ୟକ୍ତ ଆଶା, ତୃଷ୍ଣା, ବ୍ୟଥା, ବେଦନାକୁ ଏପରି ବ୍ୟକ୍ତ କରିଛନ୍ତି, ଯେପରିକି ମୁଁ ମନେ କରିଥାଏ ରବୀନ୍ଦ୍ରନାଥ ମୋର କଥା ଗୁଡ଼ିକ ଯେପରି ଲେଖିଯାଇଛନ୍ତି । ସର୍ବୋପରି ସେ ମୋର ମାନ୍ୟ ଓ ପ୍ରଣମ୍ୟ ଏଇଥିପାଇଁ ଯେ କବିତା ରଚନାରେ ସେ ଯେଉଁ ଅଲୌକିକ କଳା କୌଶଳ ଦେଖାଇଛନ୍ତି, ତାହା ଅସାମାନ୍ୟ ଓ ଲୋକୋତ୍ତର । ସେ ମୋର ପରମ ପ୍ରଣମ୍ୟ କବି କାରଣ ଜୀବନର ବହୁ ଦୁର୍ଦ୍ଦିନରେ ତାଙ୍କରି କବିତା ପଂକ୍ତି ଅନ୍ତରରେ ଜାଳିଦେଇଛି ଦମ୍ଭ ଓ ସାହସର କ୍ଷୀଣ ବର୍ତ୍ତିକା । ସେଇ କାଳଜୟୀ କବିତାର ଦୁଇଟି ଧାଡ଼ି –

*'ଯଦି ତୋର୍ ଡାକ୍ ଶୁନେ କେଉ ନା ଆସେ,*
*ତବେ ଏକ୍ଲା ଚଲୋ, ଏକ୍ଲା*
*ଚଲୋରେ।'*





ପିତା ମହର୍ଷି ଦେବେନ୍ଦ୍ରନାଥଙ୍କର ସେ କନିଷ୍ଠ ପୁତ୍ର ଥିଲେ । ମହର୍ଷିଙ୍କ ସନ୍ନ୍ୟାସୀ ଜୀବନରେ ରବୀନ୍ଦ୍ରନାଥ ପିତାଙ୍କର ସହଚର ଥିଲେ । ଯେଉଁ ଭଗବଦ୍ ଭକ୍ତି ଲାଗି ରବୀନ୍ଦ୍ରଙ୍କ କବିତା ପୃଥିବୀରେ ନୂତନ ଚେତନା ଆଣିଛି ତାହା ସେ ପିତାଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ଲାଭ କରିଛନ୍ତି । ମହର୍ଷି ଦେବେନ୍ଦ୍ର ନାଥଙ୍କ ଗୃହରେ ପ୍ରତ୍ୟହ ଉପନିଷଦ ପାଠ କରା ହେଉଥିଲା । ରବୀନ୍ଦ୍ରନାଥଙ୍କ କବିତା ଯେ ଉପନିଷଦୀୟ ଭାବରେ ଅଭିଷିକ୍ତ ହୋଇ ଉଠିଛି, ତାହାର କାରଣ ଶୈଶବରୁ ହିଁ ଉପନିଷଦ ସଂଗେ ତାଙ୍କର ପରିଚୟ ।

ମାନସିଂହ ତାଙ୍କ କବି ଓ କବିତାରେ ଲେଖିଛନ୍ତି

*'ରବୀନ୍ଦ୍ରନାଥ ପରମ ଦିବ୍ୟ–ଦୃଷ୍ଟିସଂପନ୍ନ ଅସାଧାରଣ ପ୍ରତିଭାଶାଳୀ କବି ।'*

ତାଙ୍କ କବିତାର ଅବୋଧତାର ଏକ କାରଣ, ସେ ଯାହା ଦେଖୁଛନ୍ତି, ଭାବୁଛନ୍ତି, ଅନୁଭବ କରୁଛନ୍ତି ତାହା ଲୋକୋତ୍ତର । ରବୀନ୍ଦ୍ରନାଥ ଅତୀନ୍ଦ୍ରିୟ ରାଜ୍ୟର ଅଧିବାସୀ । ତାଙ୍କ କବିତା ବିଶ୍ୱ ସାହିତ୍ୟରେ ନବଚେତନା ଆଣିଛି । ୟୁରୋପ ଏବଂ ଆମେରିକାରେ ରବୀନ୍ଦ୍ରନାଥ ବିପୁଳ ଭାବରେ ଆଦୃତ ଓ ବନ୍ଦିତ ।

ରବୀନ୍ଦ୍ରନାଥ ଏକାଧାରରେ ଥିଲେ କବି ଏବଂ ଦାର୍ଶନିକ । 'ଗୀତାଞ୍ଜଳି'ରେ ଏହି ଜୀବନତତ୍ତ୍ୱ ଗଭୀର ଓ ବ୍ୟାପକଭାବରେ ଆମ ଆଗରେ ଉନ୍ମୋଚିତ ହୋଇପାରିଛି । ଗୀତାଞ୍ଜଳି ମଧ୍ୟରେ ମଣିଷ ସହିତ ଈଶ୍ୱରଙ୍କର ଅପରୂପ ସଂପର୍କ ବିଭିନ୍ନ ରୂପରେ କବି ଉଦ୍ଘାଟନ କରିବାକୁ ଚେଷ୍ଟା କରିଛନ୍ତି । ମନୁଷ୍ୟ ପ୍ରତି ସାମାନ୍ୟ ଅବିଚାର ତାଙ୍କୁ ମର୍ମାହତ କରୁଥିଲା । ମହାତ୍ମା ଗାନ୍ଧି ହରିଜନ ଆନ୍ଦୋଳନ ଆରମ୍ଭ କରିବାର ବହୁ ପୂର୍ବରୁ କବି ନିଜ ଦେଶବାସୀଙ୍କୁ ତିରସ୍କାର କରି ଲେଖିଥିଲେ–

*'ହେ ମୋର ଦୁର୍ଭାଗା ଦେଶ, ଯାଦେର୍ କରେ । ଅପମାନ୍ / ଅପମାନେ ହତେ ହବେ ତାହାଦେର୍ ସବାର୍ ସମାନ୍। ମାନୁଷେର୍ ଅଧିକାରେ ବଞ୍ଚିତ କରେ । ଯାରେ... ।'*

ରବୀନ୍ଦ୍ରନାଥ କେବଳ ସାଧାରଣ ମଣିଷଠାରେ ମଣିଷ ଦେବତାର ସନ୍ଧାନ କରି ନୀରବ ରହିନାହାନ୍ତି ସମାଜର ଘୃଣ୍ୟ ଗଣିକାଠାରେ ମଧ ସେହି ମହାମନ୍ତ୍ର ଶୁଣିଛନ୍ତି । ତାଙ୍କ ଆଖିରେ ଗଣିକା ଘୃଣ୍ୟ ନୁହେଁ ।

ରବୀନ୍ଦ୍ରନାଥଙ୍କ 'ପତିତା' କବିତାରେ ନାରୀତ୍ୱର ଯେଉଁ ମର୍ଯ୍ୟାଦା ଆରୋପ କରିଛନ୍ତି, ତାହା ପୁରାଣର ବିଭିନ୍ନ ଆଖ୍ୟାୟିକା ଓ କିମ୍ବଦନ୍ତୀକୁ ଅବଲମ୍ବନ କରି ବହୁ ଓଡ଼ିଆ କବିଙ୍କ ହାତରେ ବିଭିନ୍ନ ରୂପରେ ରୂପାନ୍ତରିତ ହୋଇଛି । ମାନସିଂହ ମଧ ଏହାର ବ୍ୟତିକ୍ରମ ନୁହଁନ୍ତି । ତାଙ୍କର 'ବିନ୍ଦୁ ଓ ସିନ୍ଧୁ' କବିତା ଗ୍ରନ୍ଥରେ 'ଆମ୍ରପଲ୍ଲୀ' ପତିତା ନିକଟରେ ମହତ୍ତ୍ୱ ପ୍ରଦର୍ଶନ କରିଛନ୍ତି ।

ପତିତା ପ୍ରତି କବି ରବୀନ୍ଦ୍ରନାଥଙ୍କର ସହାନୁଭୂତି ମାନସିଂହଙ୍କ ସୃଷ୍ଟିର ମଣିଷ ପ୍ରତି ପ୍ରଯୁକ୍ତ । ନରକଗାମୀ ଦେବଶିଶୁକୁ ପାପପଙ୍କରୁ ଉଦ୍ଧାର କରିବା ପାଇଁ ମହାନ ଶକ୍ତିଠାରେ ତାଙ୍କର ପ୍ରାର୍ଥନା ଅତି ମର୍ମସ୍ପର୍ଶୀ ।

*'ଦେବଶିଶୁ ଚଳେ ନରକର ଅଭିସାରେ / ଭଗବାନ ତୁମେ ନିଦ୍ରିତ କେଉଁଠାରେ (ନିଦ୍ରିତ ଭଗବାନ ମାନସିଂହ ଗ୍ରନ୍ଥାବଳୀ ପୃ–୩୮୪)*

ରବୀନ୍ଦ୍ରନାଥ ଯେ ବିଶ୍ୱକବି ତାହା ଯଥାର୍ଥ । ତାଙ୍କ ଉଦାର କଳ୍ପନାରେ ସାରା ବିଶ୍ୱ ହିଁ ଥିଲା ତାଙ୍କର ଜନ୍ମଭୂମି ଏବଂ ମନୁଷ୍ୟ ହିଁ ଥିଲା ତାଙ୍କର ବର୍ଣ୍ଣନାର ବିଷୟ । ରବୀନ୍ଦ୍ରନାଥଙ୍କ ପରି ମାନସିଂହ ଚିନ୍ତାରେ ଏବଂ ଚେତନାରେ ଥିଲେ ମହାଭାରତୀୟ । ଏହା ମହାଭାବର ପ୍ରେରଣା ସେ ସ୍ୱକୀୟ ଅସାଧାରଣ ପ୍ରତିଭା ଦ୍ୱାରା ଲାଭ କରିଥିଲେ ।

ବିଶ୍ୱକବି ରବୀନ୍ଦ୍ରନଥ ଥିଲେ ଜୀବନଶିଳ୍ପୀ ସେ ମଧ ଥିଲେ ବିଶ୍ୱଯାତ୍ରୀ । ପୂର୍ବ ପଶ୍ଚିମ ଉତ୍ତର ମଧ୍ୟ ଭୂଭାଗର ପ୍ରତ୍ୟେକ ଦେଶ ସହିତ ତାଙ୍କର ଯୋଗ ଥିଲା ନିବିଡ଼ । ମନୁଷ୍ୟ ଆତ୍ମା ଯେଉଁଠି ମାଟିପରି ଅଚଳ, ପାଣିପରି ଗତିଶୀଳ ଓ ଆକାଶ ପରି ଶକ୍ତିମାନ ତାହା ଉପନିଷଦ ଯୁଗର ଭାରତ ଓ ଯନ୍ତ୍ରବିପ୍ଳବ ଯୁଗର ୟୁରୋପ ସର୍ବତ୍ର ସେ ଲକ୍ଷ୍ୟ କରିଥିଲେ । ରବୀନ୍ଦ୍ର ନାଥଙ୍କର ବିପୁଳ ଆତ୍ମାର ପ୍ରକାଶ ସାହତ୍ୟର ଅଜସ୍ର ଧାରାରେ ଘଟିଛି ।

ଦୀର୍ଘ ଷାଠିଏ ବର୍ଷ ଧରି ତାଙ୍କର ନିରବଚ୍ଛିନ୍ନ ସାଧନା ଭିତରେ ବିଶ୍ୱଭାରତୀର ବୀଣା ଅଜସ୍ର ଛନ୍ଦରେ ବାଜିଛି । ରବୀନ୍ଦ୍ରନାଥଙ୍କ ଭିତରେ ପୃଥିବୀ ଏବଂ ଆକାଶ ଏକାକାର ହୋଇଯାଇଥିଲା । ଏକ ଦିଗରେ ସ୍ୱଦେଶ, ଗ୍ରାମର ଚଣ୍ଡିମଣ୍ଡପ, ଅନ୍ୟଦିଗରେ ବିଶ୍ୱଜ୍ଞାନ ବିଜ୍ଞାନର ଶ୍ରେଷ୍ଠ କୌଶଳ ବିଶ୍ୱଭାରତୀ ସର୍ବତ୍ର ଥିଲା ତାଙ୍କର ସ୍ନେହ ଶ୍ରଦ୍ଧାର ନିଳୟ । ରବୀନ୍ଦ୍ରନାଥ ଭାରତୀୟ ଋଷିମୁନିଙ୍କ ଦୃଷ୍ଟିରେ ଜୀବନକୁ ଦେଖୁଥିଲେ । ଭାରତର ପୁଣ୍ୟ ମହାମାନବ ତୀର୍ଥ ଭୂମିରେ ଉଭା ହୋଇ ସେ ନରଦେବତାଙ୍କୁ ପ୍ରଣାମ ଜଣାଇଛନ୍ତି ।

*ହେ ମୋର୍ ଚିତ୍ତ ପୁଣ୍ୟତୀର୍ଥେ ଜାଗରେ*
*ଧୀରେ, ଏଇ ଭାରତେର୍ ମହାମାନବେର୍*
*ସାଗର ତୀରେ।*

*(ଶେଷ ଭାଗ ଆସନ୍ତା ସପ୍ତାହରେ)*

**୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର–୭୫୧୦୧୩,**
**ମୋ–୦୯୩୪୩୭୦୧୧୦୦୩**

# ସୁଖନିଦ

ଗଳ୍ପ



ଡଃ. ଚନ୍ଦ୍ରକଳା ନାୟକ

ମାଣିକ ବାହାଘରକୁ ପ୍ରାୟ ୭ ବର୍ଷ ବିତି ଗଲାଣି। ସେ ନିଜ ଇଛାରେ ନୁହେଁ ବରଂ ବାପା, ମାଆଙ୍କ ପସନ୍ଦକୁ ନିଜ ଜୀବନର ଅନ୍ତିମ ସିଦ୍ଧାନ୍ତ ଭାବେ ଆଦରି ନେଇଛି । ଜଣେ ଅଜଣା ଅପରିଚିତ ପୁରୁଷର ହାତ ଧରି ଦିନ କେଇଟାରେ ସେ ସହରକୁ ଚାଲି ଆସିଥିଲା । ଜୀବନଟାକୁ ଏତେ କଷ୍ଟରେ ବିତେଇବାକୁ ପଡିବ , ସେ କେବେ ଭାବି ନଥିଲା। ଶାଶୁଘରେ ପହଞ୍ଚିବା ପରେ ଆର୍ଥିକ ଜଞ୍ଜାଳରୁ ମୁକ୍ତି ପାଇଁ ଅଗତ୍ୟା ସ୍ୱାମୀ କାଳିଆ ସହିତ ସହର ଆସିଲା। କାଳିଆ ସହରରେ ମଜୁରିଆ କାମ କରେ । ସହରରେ ମାତ୍ର ପାଞ୍ଚଶହ ଟଙ୍କାରେ ବଖୁରାଏ ଘର । ଘର ମଝିରେ ଗୋଟିଏ ପରଦା ।

ପରଦା ଏପଟେ ସ୍ୱାମୀ ସ୍ତ୍ରୀ, ପରଦା ସେପଟେ ଏବେ ତାର ପୁଅ ଝିଅ । ଝିଅ ସ୍କୁଲ ଯାଏ । ସରକାରୀ ସ୍କୁଲରେ ପାଠ ପଢେ । ପୁଅଟା ୪ ବର୍ଷର । ସେ ଘରେ ରହେ । ଦିନସାରା ମାଣିକ ଘର ଘର ବୁଲି ପାଇଟି କରେ । ସ୍ୱାମୀ ସ୍ତ୍ରୀ ସକାଳ ହେଲେ ଘରୁ ବାହାରି ଯାଆନ୍ତି । ପଡୋଶୀ ନାରଣ ମା' ୨୦ ଟଙ୍କା ନେଇ ତା ପୁଅକୁ ଜଗେ । ମାଣିକ ନିଇତି ଦଶ ଘର ପାଇଟି କରେ । ତା ଝିଅକୁ ବଡ ମଣିଷ କରିବାର ସ୍ୱପ୍ନ ଦେଖେ। ଦିନରାତି ପରିଶ୍ରମ କରି ଅର୍ଥ ଉପାର୍ଜନ କରେ। ରାତି ୪ ଟାରୁ ଉଠି ଘର କାମ କରେ । ରାତି ପାହିଲେ ବଡବାବୁଙ୍କ ଘରକୁ ଯାଏ । ପ୍ରଧାନବାବୁ ଜିଲ୍ଲାପାଳ କାର୍ଯ୍ୟାଳୟର ବଡବାବୁ । ତାର ପ୍ରଥମ ପାଇଟି ସେଇଠାରୁ ଆରମ୍ଭ ହୁଏ ।

ସକାଳୁ ସକାଳୁ କଲିଂବେଲ ଶବ୍ଦରେ କବାଟ ସହଜରେ ଫିଟେନି । ମାଣିକ ତ ସବୁବେଳେ ବ୍ୟସ୍ତ। ଦୁଆର ମୁହଁରେ ଠିଆ ହୋଇ ଖାଲି ବ୍ୟତିବ୍ୟସ୍ତ ହୁଏ । ପାଞ୍ଚ ଦଶ ମିନିଟ ଅନ୍ତରରେ ପ୍ରଧାନଙ୍କ ସ୍ତ୍ରୀ ପୂଜା ମାଡାମ ଆଖି ମଳି ମଳି କବାଟ ଖୋଲନ୍ତି । ନିଦୁଆ ଆଖିରେ ମାଣିକକୁ ଦେଖି କୁହନ୍ତି – ବୁଝିଲୁ କାଲି ରାତି ସାରା ଶୋଇନି । ଆଖି ଜମା ଖୋଲି ପାରୁନି । ଆଖି ଦି'ଟା ଖାଲି ପୋଡୁଛି । ସେଥିପାଇଁ ଭୋର ଭୋର ଶୋଇ ପଡିଥିଲି । ଏତିକି କହି ପୂଜା ମାଡାମ ପୁଣି ଡ୍ରଇଁ ରୁମର ବିଭାନ ଉପରେ କୁଶନଟା ଧରି ଘୁମେଇ ପଡିଲେ । ମାଣିକ ଖାଲି ମାଲିକାଣୀକୁ ତେରେଛା ନଜରରେ ଅନାଇ ଦେଲା । ଚିରଚରିତ କଥାର କୌଣସି ଉତ୍ତର ଦେବାକୁ ଚାହୁଁ ନଥିଲା । ତା' ବାସି ପାଇଟିରେ ସେ ମନୋନିବେଶ କଲା । କାରଣ ମାଣିକ ଜାଣେ, ଏଠୁ କାମ ସରିଲେ ଆଉ ତିନି ଘର କାମ କରିବ। ଏମିତି ତ ପୂଜାଦେବୀଙ୍କ ଏଇଟା ନିଇତି ଉତ୍ତର। ଏଇଟା ତା ପାଇଁ ଶୁଣିବା ଜମାରୁ ନୁଆ ନୁହେଁ। ମାଣିକ ବାସନ ମାଜୁ ମାଜୁ ଭାବେ – ରାତିଟା ଜମା ସରନ୍ତାନି ଯଦି, ସେ ନିଜେ ବି ଖୁବ ନିଘୋଡ ନିଦରେ ଶୁଅନ୍ତା । ହେଲେ କଣ ହେବ, ତା କପାଳରେ କଣ ଶୋଇବା ଅଛି ? ସକାଳୁ ଉଠି ନିଜ ଘରର ସବୁ କାମ ତାକୁ କରିବାକୁ ପଡେ । ତତଲା ନାଲି ଚାହା ସାଙ୍ଗକୁ ମୁଠାଏ ଅଟାଭଜା ଖାଇ ସ୍ୱାମୀ, ସ୍ତ୍ରୀ ଯେଝା କାମରେ ବାହାରି ପଡନ୍ତି । ପିଲା ଦୁହିଁଙ୍କ ପାଇଁ ବାସି ପଖାଳ ଆଉ ଆଳୁ ସିଝା ରଖି ଦେଇଥାଏ । ବେଳେବେଳେ ତା' ଝିଅ ବାସି ପଖାଳ ସାଙ୍ଗରେ ଖଟା ଚକଟି ଖାଇ ସ୍କୁଲକୁ ଯାଏ । ତା ପୁଆ ବାବୁ ତିନି ବରଷର । ତା ପାଇଁ ଛତୁଆ ନାରଣ ମା ପାଖରେ ମାଣିକ ଦେଇଆସେ ।

କାମ ସାରି ମାଣିକ ଘରକୁ ଫେରୁ ଫେରୁ ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଯାନ୍ତି । କାମ ବେଳେ ବାବୁଘରମାନେ ତାକୁ ନିଇତି ବାସିସଜ ମିଶାଇ କିଛି ନା କିଛି ଦେଇଥାନ୍ତି । ମା' ପୁଅ ସେଥିରୁ ପେଟେ ଖାଇ ନିଃଶ୍ୱାସ ମାରନ୍ତି । ମାଣିକ ତା ଲୁଗା କାନି ପାରି ନିଘୋଡ ନିଦରେ ଶୋଇଯାଏ । ହେଁସ ଖଣ୍ଡକ ପକାଇବାକୁ ତାର ବଳ ପାଏନା । ଉଠିଲା ବେଳକୁ ବେଳ ରତ ରତ । ଦିନରେ ତା' ଗେରସ୍ତ ଘରକୁ ଆସେନା । ଯେଉଁଠି କାମ କରେ, ସେହିଠାରେ ଖାଏ । ଆଉ ମାଣିକର ଝିଅ ମଧ୍ୟାହ୍ନ ଭୋଜନରେ କାମ ଚଳାଏ । ଦିନ ବେଳା ରାନ୍ଧିବାରୁ ମାଣିକ ତ୍ରାହି ପାଇଯାଏ । ଏଥର ଝିଅ ପାଖରେ ମୁଢିଡବା ରଖି ପୁଅକୁ ବୋକ ଦେଇ ଉପର ବେଳା କାମରେ ବାହାରି ଯାଏ । ତା' ଝିଅ ସନ୍ଧ୍ୟା ସମୟରେ ତା ପୁଅର ଯତ୍ନ ନିଏ । ମାଣିକ କାମ ସାରୁ ସାରୁ ଆକାଶରେ ଜହ୍ନ ଉଙ୍କି ମାରେ ।

ଏଥର ପାଖରେ ବସି ତା ଗେରସ୍ତ ଚୁଲି ଜାଳେ । ମାଣିକ ଚୁଡା ଭାଜେ । ସନ୍ଧ୍ୟାରେ ଟିକେ ଖିର ଚାହା ପିଇ ସ୍ୱାମୀ ସ୍ତ୍ରୀ ଦି' ପ୍ରାଣୀ ଦିନ ତମାମର କଥା ଆଲୋଚନା କରନ୍ତି । ତା' ଗେରସ୍ତ ଆଗରେ ବେଳେ ବେଳେ ମାଣିକ ବାବୁ ଘରର ଗୁମର ଖୋଲେ । ତାରି ଭିତରେ ଗରମ ଗରମ ଭାତ, ଡାଲି, ତରକାରୀ ରନ୍ଧା ହୋଇଯାଏ । ପୁଅ ଝିଅ ଦୁହିଁଙ୍କୁ ନିଜ ହାତରେ ପେଟ ପୁରା ମାଣିକ ମନଭରି ଖୁଆଇ ଦିଏ । ଦିନସାରା ଛୁଆ ଦି'ଟା ଶାନ୍ତିରେ ଖାଇ ପାରନ୍ତି ନାହିଁ ବୋଲି ମାଣିକର ଭାରି ଦୁଃଖ । ନିଉଚ୍ଛୁଣା ଜୀବନରେ କେବେ ତାର ଶାନ୍ତି ଆସିବ ସେକଥା ଭାବି ବସେ । ମାଣିକ ରାତିର ଖାଇବା ଶାନ୍ତିରେ କରେ ଓ ଖୁଆଏ । ତା ଗେରସ୍ତକୁ ପେଟପୁରା ଖାଇବାକୁ ଦେଇ ତାରି ଅଇଁଠା ଥାଳିରେ ସେ ବି ଖାଇଦିଏ । ସବୁଦିନେ ସେ ଥାଳିରେ ଅଧାଖିଆରେ ମାଣିକର ଆଖି ମାଡି ପଡେ । ଥକାପଣରେ ଶରୀରଟା ଅବଶ ହୋଇଯାଏ । ଅଇଁଠା ଗୋଟାଇବାକୁ ତାର ବଳ ପାଏନା । ଯଥେ ତଥା ହାତ ଧୁଏ । ଏଇଟା ମାଣିକ ଜୀବନର ନିତିଦିନର କାହାଣୀ । କେବେ ସେ ଶାନ୍ତିରେ ନିଃଶ୍ୱାସ ମାରି ପାରେନା ।

ମାଣିକ ଆଜି ବିଛଣାରେ ଶୋଇବାବେଳେ ପୂଜା ମାଡାମଙ୍କ କଥା ଗଭୀର ଭାବରେ ମନେ ପକାଇଛି । ପୂଜା ମାଡାମଙ୍କ ଘରେ ତ ମଖମଲର ବିଛଣା । କୋଠରୀକୁ ଥଣ୍ଡା କରୁଥିବା ଯନ୍ତ୍ର ସାଙ୍ଗକୁ ମଶା ମରା ଯନ୍ତ୍ର । ନରମ ଗଦି ତକିଆ । ସେଠି ତ ଗୋଟିଏ ସୁନ୍ଦର ସୁଖ ନିଦ୍ରା ହୋଇ ପାରିବ । ମୋତେ ଯଦି ଶୋଇବାର ସୁଯୋଗ ମିଳନ୍ତା, ଦିନ ରାତି ଖାଲି ସୁଖ ନିଦରେ ଶୁଅନ୍ତି । ମୋ ଭାଗ୍ୟରେ କଣ ଏହା ଅଛି ? ମୋ ଭଙ୍ଗା କୁଡିଆରେ ବିନା ବିଛଣାରେ ମୋତେ ସାଙ୍ଗେ ସାଙ୍ଗେ ନିଦ ଆସୁଥିବାବେଳେ ପୂଜା ମାଡାମଙ୍କୁ କାହିଁକି ନିଦ ଆସେନି ? ନା ନା... ସୁଖନିଦ ପାଇଁ ଆରାମ ଜୀବନଶୈଳୀ ନୁହେଁ ଭଲ କର୍ମ ଆବଶ୍ୟକ । ଏତିକି ଭାବୁ ଭାବୁ ମାଣିକକୁ କେତେବେଳେ ନିଦ ହୋଇ ଯାଇଛି । ଫୁକିଆ ତାରା ଆକାଶରେ ଉଙ୍କି ମାରୁଥିଲା । ମାଣିକ ଗେରସ୍ତ ଡାକ ଛାଡିଥିଲା, ଆରେ ଉଠୁ ବା... ଆଜି କାମକୁ ଯିବୁନି କି ? ମାଣିକ ସେଇ ସୁଖ ନିଦର ଭାବନା ଗୋଟିଏ ବିରାଟ ପୂର୍ଣ୍ଣଛେଦ ଟାଣିଥିଲା ।

**ଅଧାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର**
**ମୋ–୯୪୩୭୯୫୭୬୧୭**

# କବିତା

## ଦୁର୍ଘଟଣା



ଡ. ପଦ୍ମାଳୟା ପଣ୍ଡା

ସଡକ ପଥରେ ଷ୍ଟିୟରିଂ
ଧରି ଅତି ବେଗେ ଗଡି,
ଆଗେଇ ଚାଲିଛି ଗାଡି ତା ସହିତେ ସାଇଟ୍
ଦେଇ ଛୁଟେ ସାନ ଗାଡି ।
ଛିଡା ହୋଇ ଥିବା ଯାତ୍ରୀ ରାସ୍ତା କଡରେ,
ଦେଖେ କେତେ ଘଟଣା
ଦୁର୍ଘଟଣା ଯାତ୍ରୀର ।
ପାଖ କାଟି ଯେବେ ଯାତ୍ରୀବାହୀ ବସ୍ ଯାଏ,
ସମନାରୁ ହର୍ଣ୍ଣ ଦେଇ ମାଡି ଆସେ ଟ୍ରକ୍,
ନିମିଷକେ ଭୟ ଲାଗିଯାଏ ।
ଯେବେ ସଡକ ପଥେ ମୁଁ ଯାଏ,
ଲାଗେ ଅଛି ସତେ ଯେପରି
ମୃତ୍ୟୁର ଯନ୍ତା ଏ ।
ଶିଘ୍ର ଯିବା ଆଶା ନେଇ
ଜୀବନକୁ ବାଜି ଦେଇ,
ଛୁଟେ ପବନ ବେଗେ ଗାଡି ଉଭୟେ
ପହଞ୍ଚିବା ଭିନ୍ନ ଭିନ୍ନ ସ୍ଥାନ ଦେଇ ।
ତଥାପି ଛୁଟେ ସମୟର
ଧାରେ ବାଟ ଅବାଟ ଦେଇ,
ଅମାନିଆଁ ହୋଇ କ୍ଷଣିକେ ଧକ୍କା ଦେଇ ଗାଡି
ମୃତ୍ୟୁକୁ ଆବୋରି ନେଇଛ ।
ପଥପ୍ରାନ୍ତେ ଚାଲିଥିବା ଯାତ୍ରୀ ଗାଡିକୁ ଧକ୍କା
ଦେଇ ଛୁଟେ ଅନ୍ୟ ଏକ ଦିଶା ଦେଇ,
ବୁଲି ଚାହିଁଲେ ଯାତ୍ରୀ ଯେତେ କୁଆଡେ ଗଲେ
ଦେଖିଲେ ଯାତ୍ରୀ କାହିଁ କେତେଦୂରେ
ଘୋଷାଡି ନେଇଛି ସେଠି,
ରକ୍ତାକ୍ତ ଛିଟା ରାସ୍ତାରେ ଖିନଭିନ ହୋଇ ପଡି
ଥାଏ ମୃତଯାତ୍ରୀର ଶବ ସେଠି ।
ସେଇ ତ ମୃତ୍ୟୁ ଏଠି ।
ସ୍ତବ୍ଧ ରାଜପଥ ନିସ୍ତବ୍ଧ ଆକାଶ ଏଠି,
ଚାରିଆଡେ ଖାଆଁ ଖାଆଁ ଶୂନ୍ୟ ଏଠି ।
ଏଇତ ଦୁର୍ଘଟଣା ... ।
ଫେରିବାର ଆଶା ନେଇ ଯାତ୍ରୀ ଚାଲିଥାଏ,
ଫେରେ ନାହିଁ କେଉଁଠି ସେ,
ଲୀନ ହୋଇ ଯାଏ ।
ରାମ ନାମ ସତ୍ୟ ।
ଯାହା ଗୁମୁରି ହେଉଥାଏ, ଭିତରେ ଭିତରେ ।

**ପ୍ରଗତି କଲେଜ**
**ରାଏପୁର, ହୀରାକୁଦ**

## ସାଜିଥାଏ ବତୀଘର

ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି

ଆଙ୍କି ଦେଇଛିକେ ତରୁ ଲତା ଓଠେ
ଖୁସିର ଅମୀୟଧାର
ଆକୁଳ ହୃଦୟେ କରୁଣା କାହାର
ସାଜିଛି ତ ବତୀଘର ।
କିଏ ସେ ଦେବତା ଦେଉଳରେ ଥାଇ
ବଢାଏ ବିଶାଳହାତ
କୋଟିକୋଟି ତୁଣ୍ଡ ନିତି ଭଜୁଥାଇ
ତା ଆଶୀଷ ଭାଗବତ ।
ସୂରୁଜ ଦେବତା କାହିଁ ଦୂରେ ଥାଇ
ଢାଳିଦିଏ ତାର କର
ସବୁଜ ବନାନୀ କୋଟି କୋଟି ପ୍ରାଣୀ
କେହି ନୁହେଁ ତାର ପର ।
ଅବୋଧ ଓଠରେ ସାଜୁଥାଏ ସିଏ
ରକ୍ତ ଗୋଲାପର ଗୀତି ।
ଅସୀମ ତାହାର କରଣୀ ମହିମା
ସତ୍ୟ ସିଏ ନୁହେଁ ଭ୍ରାନ୍ତି ।
ଯଜ୍ଞ ବି ସିଏ ସମିଧ ବି ସିଏ
ସିଏ ଚରୁ ଅନ୍ନ ସାର
ଆକୁଳ ହୃଦୟେ କରୁଣା ତାହାର
ସାଜିଥାଏ ବତୀଘର ।

**ଦଶରଥପୁର, ଯାଜପୁର,**
**ମୋ– ୭୩୭୭୩୧୮୭୮୯**

## ଭିନ୍ନ ଭାଷା

ଡକ୍ଟର ତପନ କୁମାର ଦାଶ

ଛାତିତଳ'ର ଭାବନା ଗୁଡ଼ାକୁ
ସତରେ କଣ
ଶବ୍ଦରେ ଉତାରି ହୁଏ ??
ନା...!
ଖାଲିଯାହା ନାନାବାୟା ଗପ ଗୁଡ଼ାଏ କହି
ମନ ବାଁରେଇବା କଥା.
ହୃଦୟ ବର୍ଣ୍ଣବୋଧର
ବର୍ଣ୍ଣମାଳା, ବ୍ୟାକରଣ, ଉଚ୍ଚାରଣ
ସବୁକିଛି ଏକଦମ ନିଆରା !
ତା' ନ ହୋଇଥିଲେ
ଉଧାରି ଶବ୍ଦାବଳୀରେ ବନେଇ ଚୁନେଇଁ
କୁହାଯାଉଥିବା
ମନ ମତାଣିଆ ରସିକିଆ କଥାଗୁଡ଼ାକ
କିଛିକ୍ଷଣ ଉନ୍ମାଦନା ସୃଷ୍ଟି କରିପାରେ
ହେଲେ
ଅନ୍ତରକୁ ଛୁଇଁପାରେନା
ଅଥଚ...
ବିଲକୁଲ ଶାନ୍ତ ଦିଶୁଥିବା ଉଦାସୀ ଆଖି
ଦୁଇଟାରେ
ଉଙ୍କି ମାରୁଥିବା ଆକର୍ଷଣର ସୂକ୍ଷ୍ମ ତରଙ୍ଗ
ଆଉ
ଚୁପଚାପ ଓଠ ଆଢୁଆଳରେ
ଫୁଟିଉଠୁଥିବା ଚେନାଏ ହାଲକା ହସ
ସମସ୍ତଙ୍କ ଅଲକ୍ଷ୍ୟରେ, ମିଠା ଛୁରୀ ସାଜି
ଆପଣା ମଣିଷର ହୃଦୟଟାକୁ, କେମିତି
ଗୋଟାଏ ବିଦାରିପକାଏ !!!

**ମାଧିପୁର, ପିପିଲି, ପୁରୀ**
**ମୋ –୯୪୩୯୮୭୦୫୧୬**

## ଝରି ବରଷାର ବେଳ

ସୁହଂସ ଭୋଇ

ସଞ୍ଜ ବେଳଟାରେ କଳାମେଘ ଦେଖି
ମାଆ ମନଗୋଟି ଡରେ
ବରଷା ଆସିଲେ କେମିତି ଚଳିବ
ଝାଟିମାଟି ଚାଳଘରେ ।
ବୁନ୍ଦା ବୁନ୍ଦା ହୋଇ ଘରଦେହ ସାରା
ପାଣି ଝରିଯିବ କାଳେ
ଆଗରୁ ସେ ହାତପାଖରେ ରଖିଛି
ଛୋଟବଡ କଂସା ହଳେ ।
ପଛପଟ କାନ୍ଥ କେବେଠୁ ଫାଟିଛି
ଭିଜି ପଡିଯିବ ତଳେ
ଦୁଆର ମୁହଁରେ ଏକୁଟିଆ ବସି
ଆକାଶକୁ ଚାହିଁ ଭାଳେ ।
ଭାତହାଣ୍ଡି ପରି ଶାଗ କିଆରୀକୁ
ପାଣି ମାଡିଯିବ ଯେବେ
ଜାଣିଛି ନିଶ୍ଚିତ ଏଇ କଥା ସତ
ଚୁଲୀ ନ ଜଳିବ କେବେ ।
କିଏ'ବା ଡାକିବ ହାଜିରୀ ମଜୁରୀ
ଝରି ବରଷାର ବେଳେ
ପେଟ ଚିନ୍ତା ଦୂରେ ଛାଡିକି ଯାଆନ୍ତା
ଅଣ୍ଟାରେ କଉଡି ଥିଲେ
ଖରା ହେଉ ଅବା ବରଷା କାକର
ଗରିବକୁ ଏକା ମାରେ
ତଥାପି ସବୁକୁ ପିଇଯାଏ ସିଏ
ଆଖୁବୁଜି ନିରବରେ ।

**ପହଣ୍ଡି,ବିଜେପୁର, ବରଗଡ**
**ମୋ–୯୪୩୭୫୨୨୪୫୫**



*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*

samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦେହରେ...

ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଜଣେ ମିହଳା ଯୁଗ୍ମ ସଚିବ ଓ ମହିଳା ଶିକ୍ଷାବିତ୍ ଅଛନ୍ତି। ଏହି ଘଟଣାରେ ସରକାର ଅଧ୍ୟକ୍ଷଙ୍କୁ ନିଲମ୍ବିତ କରିଥିବାବେଳେ ପୋଲିସ ଅଭିଯୁକ୍ତ ଅଧ୍ୟାପକଙ୍କୁ ଗିରଫ କରିଛି । ମିଳିଥିବା ସୂଚନା ଅନୁଯାୟୀ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗତ ୩୦ ତାରିଖ ଦିନ ହୋଇଥିବା ଏକ ସମ୍ବେଦନଶୀଳ ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗର ବିଭାଗ ପ୍ରମୁଖ ସମୀର କୁମାର ସାହୁଙ୍କ ନାମରେ ଉଭୟ ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ ଛାତ୍ରୀ ସୌମ୍ୟାଶ୍ରୀ ବିଶି । ସୂଚନା ମୁତାବକ ପାଖାପାଖି ୬ ମାସ ତଳେ ଅଧ୍ୟାପକ ଜଣକ ଛାତ୍ରୀଙ୍କ ଠାରୁ ଶାରୀରିକ ପ୍ରାପ୍ୟ ଆଶା କରିଥିଲେ । ମାତ୍ର ଛାତ୍ରୀ ଜଣକ ଅସ୍ୱୀକାର କରିବାରୁ ସମୀର ସାହୁ ଛାତ୍ରୀ ଜଣଙ୍କୁ ପ୍ରଥମେ କ୍ଲାସ ଅନୁପସ୍ଥିତିକୁ କେନ୍ଦ୍ରକରି ଫେଲ୍ କରିଦେବାର ଧମକ ଦେଇଥିଲେ ଏବଂ ତାଙ୍କର ବ୍ୟକ୍ତିଗତ ଜୀବନର କିଛି ଘଟଣାବଳୀକୁ ତାଙ୍କ ପିତାମାତାଙ୍କୁ ଫୋନ ସାହାଯ୍ୟରେ ଜଣାଇଥିଲେ । ଯାହାକି ସମ୍ପୂର୍ଣ୍ଣ ରୂପେ ଅଯୌକ୍ତିକ ଥିଲା । ଛାତ୍ରୀ ଜଣକ ଆତ୍ମରକ୍ଷା ପ୍ରଶିକ୍ଷଣରେ ଜଣେ ତାଲିମ ପ୍ରାପ୍ତ ଟ୍ରେନର । ସରକାରୀ ପ୍ରଶିକ୍ଷଣ ଶିବିର ଏବଂ ନିଜର ବ୍ୟକ୍ତିଗତ କାରଣରୁ ବହୁ ସମୟରେ ଅନୁପସ୍ଥିତ ରୁହନ୍ତି । ଏହି ସୁଯୋଗର ଫାଇଦା ଉଠାଇ ବାରମ୍ବାର ଛାତ୍ରୀ ଜଣକୁ ଅପମାନ କରିବା ସହ ଦୀର୍ଘ ମାସ ଧରି ନିର୍ଯାତନା ଦେଇ ଆସୁଥିଲେ । ଏଥିରେ ଅତିଷ୍ଠ ହୋଇ ଛାତ୍ରୀ ଜଣକ ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ ମଧ୍ୟ କରିଥିଲେ ।ଏ ନେଇ ଛାତ୍ରୀ ଅଭିଯୋଗ କରିବା ପରେ ଏଏସପି ନିରଞ୍ଜନ ବେହେରା, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁଙ୍କ ଉପସ୍ଥିତିରେ କଲେଜ କର୍ତ୍ତୃପକ୍ଷ ଏ ଘଟଣାର ତଦନ୍ତ କରିବା ସହିତ କାର୍ଯାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର କୌଣସି ପଦକ୍ଷେପ ନିଆ ନଯିବାରୁ ବାଧ୍ୟ ହୋଇ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା କରିବା ପନ୍ଥାକୁ ଆପଣେଇ ନେଇ କଲେଜ ଅଧ୍ୟକ୍ଷକ ଅଫିସ ଆଗରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଉଦ୍ଧାର କରିବା ଯାଇ ଅନ୍ୟ ଜଣେ ଛାତ୍ର ଆହତ ହୋଇଥିବା ଜଣାପଡ଼ିଛି । ଛାତ୍ରୀଜଣଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରେ ପ୍ରାଥମିକ ଚିକିତ୍ସାପରେ ଭୂବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି । ଛାତ୍ରୀ ସୌମ୍ୟାଶ୍ରୀ ଏବେ ଆଇସିୟୁରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଖବର ମିଳିଛି । ଏହି ଘଟଣାରେ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷକୁ ନିଲମ୍ବିତ କରାଯାଇଥିବା ବେଳେ ଶିକ୍ଷକ ଶିକ୍ଷାବିଭାଗ ପ୍ରମୁଖ ସମୀର କୁମାର ସାହୁଙ୍କୁ ଗିରଫ କରାଯାଇଛି । ଏହି ପ୍ରସଙ୍ଗକୁ ନେଇ ଫକୀରମୋହନ କଲେଜ ପରିସରରେ ଉତ୍ତେଜନା ଲାଗି ରହିଥିବା ବେଳେ ଘଟଣାସ୍ଥଳରେ ସଶସ୍ତ୍ର ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇ । ।

## ନ୍ୟାୟିକ...

ହୋଇଥିବା ବିଜ୍ଞପ୍ତିରେ ୨୦୦୭ ମସିହାରେ ହୋଇଥିବା ଅତୀତର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ଜାତିଭିତ୍ତିକ ଏବଂ ଅପମାନଜନକ ଭାଷା ବ୍ୟବହାର ଅଭିଯୋଗରେ ଜଣେ ରାତ୍ରି ଜଗୁଆଳୀଙ୍କ ଅଭିଯୋଗ ଆଧାରରେ ତାଙ୍କୁ ଅସମୟରେ ଅବସର ଦିଆଯାଇଥିଲା । ଏପରି ସମସ୍ତ ଅଭିଯୋଗ ଯାଞ୍ଚ କରାଯାଇଥିଲା, ତାହାକୁ ବାଦ ଦିଆଯାଇଥିଲା । ଏବଂ ତାଙ୍କ ବିରୋଧରେ କୌଣସି ପ୍ରତିକୂଳ ନିଷ୍କର୍ଷ ବାହାରିନଥିଲା ବୋଲି ଆବେଦନକାରୀଙ୍କ ଆଇନଜୀବୀ ଅଦାଲତଙ୍କୁ ଅବଗତ କରାଇଥିଲେ । ଏପରିକି ଆବେଦନକାରୀଙ୍କ ଓକିଲ ଯୁକ୍ତିରେ ଦର୍ଶାଇଥିଲେ ଯେ ପରେ ମଧ୍ୟ ତାଙ୍କ ମହକିଲ ଶ୍ରୀ ସାହୁ ଜିଲ୍ଲା ଜଜ୍ ଚୟନ ଗ୍ରେଡ୍ ସମେତ କ୍ରମାଗତ ପଦୋନ୍ନତି ପାଇଥିଲେ ଏବଂ ୨୦୧୭ରେ ୫୦ ବର୍ଷ ବୟସରେ ମଧ୍ୟ ପଦୋନ୍ନତି ପାଇଥିଲେ । ତାଙ୍କର ଅବସର ଆଦେଶର ମାତ୍ର ଗୋଟିଏ ବର୍ଷ ପୂର୍ବରୁ ୨୦୨୧ ମସିହାରେ ତାଙ୍କର ଅନ୍ତିମ ପଦୋନ୍ନତି ଦିଆଯାଇଥିଲା ବୋଲି ସେ ଯୁକ୍ତିରେ ଦର୍ଶାଇଥିଲେ । ତେବେ ୨୦୨୨ ମସିହାରେ ପୂର୍ଣ୍ଣାଙ୍ଗ କୋର୍ଟ ତାଙ୍କୁ ଅସମୟରେ ଅବସର ଦେଇଥିଲେ । ଏହାକୁ ବିରୋଧ କରି ଶ୍ରୀ ସାହୁ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଖଣ୍ଡପୀଠ ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ଉଡାଣବେଳେ...

ସେ ବନ୍ଦ କରିନାହାଁନ୍ତି । ଯେହେତୁ ଉଭୟ ପାଇଲଟ ଇଞ୍ଜିନ ବନ୍ଦ କଥାକୁ ସ୍ୱୀକାର କରିଛନ୍ତି । ଏହା ସାମ୍ଭାବ୍ୟ ବୈଶୟିକ ତ୍ରୁଟି ହୋଇପାରେ ।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି, ଏହା କାହିଁକି ହେଲା ଏହାକୁ ପ୍ରମାଣ କରିବା ଏକ ଆହ୍ୱାନ ରହିଛି । ଏଥିରେ ଅନେକ ବୈଶୟିକବିତ୍ ତର୍ଜମା କରୁଛନ୍ତି । ବେସମାରିକ ବିମାନ ମନ୍ତ୍ରାଳୟ ରିପୋର୍ଟକୁ ଭଲଭାବେ ବିଶ୍ଳେଷଣ କରୁଛନ୍ତି । ଯେତେବେଳେ ଚୂଡାନ୍ତ ରିପୋର୍ଟ ଆସିବ ସେତେବେଳେ ସଠିକ ସିଦ୍ଧାନ୍ତରେ ପହଞ୍ଚିହେବ । ପାଇଲଟ ଉପରେ ଦେଶର ବିଶ୍ୱାସ ରହିଛି । ଆମର ମଧ୍ୟ ଚମତ୍କାର ଦେଖାଇପାରୁଥିବା ପାଇଲଟ ଓ କ୍ରୁ୍ୟ ସଦସ୍ୟ ଅଛନ୍ତି । ପାଇଲଟ କ୍ରୁ୍ୟ ସଦସ୍ୟ ହେଉଛନ୍ତି ବେସମାରିକ ବିମାନ ଶିଳ୍ପର ମେରୁଦଣ୍ଡ । ଏଏଆଇବି ଏହି ତଦନ୍ତ କରୁଛନ୍ତି । ଏଥିରେ କାହାର ହସ୍ତକ୍ଷେପ କରାଯାଉନାହିଁ । ଆମେ ବ୍ଲାକ୍ ବକ୍ସକୁ ବିଦେଶକୁ ପଠାଇନାହୁଁ । ଏହାକୁ ଆମ ଦେଶରେ ଡିକୋର୍ଡ କରାଯାଇଛି । ପାଇଲଟଙ୍କ ବାର୍ତ୍ତାଳାପରେ କୌଣସି ସିଦ୍ଧାନ୍ତ ମିଳିପାରୁନାହିଁ ।

## ଡେଲାଙ୍ଗ...

ରୀତା ରାୟଙ୍କ କୁକୁଡା ଫାର୍ମରୁ ୩୩୧୬ଟି କୁକୁଡା ମାନଙ୍କୁ ମରାଯାଇ ଚୁନ ଓ ବ୍ଲିଚିଂ ପକାଇ ଏକ ନିରାପଦ ସ୍ଥାନରେ ପୋତାଯିବା ସହିତ ଫାର୍ମକୁ ବିଶୋଧନ କରାଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରାଣୀପାଳନ ଓ ଚିକିତ୍ସା ବିଭାଗ ଉପନିର୍ଦ୍ଦେଶିକା ଦୀପ୍ତିମୟୀ ମହାପାତ୍ର, ପୁରୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶରତ କୁମାର ବେହେରା, ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଦାଶ, ଡେଲାଙ୍ଗ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ ଡା. ପ୍ରିତିତୋଷ ମହାପାତ୍ର, ଅତିରିକ୍ତ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ ଡା. ସାମନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଗତବର୍ଷ ଠିକ ଏହି ସମୟରେ ଡେଲାଙ୍ଗ ବ୍ଲକରେ ବାର୍ଡ ଫ୍ଲୁ ବ୍ୟାପିଥିବା ବେଳେ ଅଦ୍ୟାବଧି ସଂକ୍ରମଣ ବ୍ୟାପିବାର କାରଣ ଅସ୍ପଷ୍ଟ ରହିଛି । ବିଭିନ୍ନ କମ୍ପାନୀମାନେ ଅଂଚଳର କୁକୁଡା ଚାଷିମାନଙ୍କୁ ଚିଆଁ ଦେବା ସହିତ ଦାନା ଓ ଔଷଧ ପ୍ରଦାନ କରୁଥିବା ଦେଖିବାକୁ ମିଳୁଛି । ତେବେ ଏହି ସଂକ୍ରମଣ ଚିଆଁ ଓ ଦାନା ପ୍ରସ୍ତୁତ କରାଯାଉଥିବା କାରଖାନା, କୁକୁଡା ମାନଙ୍କୁ ଦିଆଯାଉଥିବା ଔଷଧ, ପାଣି ଅଥବା ପବନରୁ ବ୍ୟାପୁଛି । ଏହାର ତୁରନ୍ତ ତଦନ୍ତ କରି ବିସ୍ତୃତ ବିବରଣୀ ପ୍ରଦାନ କରିବାକୁ ଗତକାଲି ଶୁକ୍ରବାର ଦିନ ଡେଲାଙ୍ଗ ବ୍ଲକ ଗସ୍ତରେ ଆସିଥିବା ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଜିଲ୍ଲା ଓ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀମାନଙ୍କୁ ତାଗିଦ କରିଥିଲେ । ଏହା ସହିତ ଧାର କରଜ ଓ ବିଭିନ୍ନ ସରକାରୀ ବେସରକାରୀ ବ୍ୟାଙ୍କ ମାନଙ୍କରୁ ଋଣ ନେଇ କୁକୁଡା ଚାଷ କରିଥିବା ଚାଷୀମାନଙ୍କର ଏହି ସଂକ୍ରମଣ କାରଣରୁ ଲକ୍ଷ ଲକ୍ଷ ଟଙ୍କା କ୍ଷତି ହେଉଛି । ଗତବର୍ଷ ଠାରୁ ଅନେକ ଚାଷୀ ଏପର୍ଯ୍ୟନ୍ତ ସେମାନଙ୍କ କ୍ଷତିପୂରଣ ପାଇନଥିବା ବେଳେ ଚଳିତବର୍ଷ ପୁନର୍ବାର କୁକୁଡା ମଡକ ଚାଷୀମାନଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି । ଏହାର ସମାଧାନ ସ୍ୱରୂପ କୁକୁଡା ଚାଷୀମାନଙ୍କ ସହିତ ବ୍ଲକ ସ୍ତରୀୟ ବୈଠକ କରି ଚାଷୀମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ବୁଝିବା ଏବଂ ତୁରନ୍ତ ଜିଲ୍ଲାପାଳଙ୍କୁ ଭେଟି ଚାଷୀମାନଙ୍କର ସମସ୍ୟା ସମ୍ପର୍କରେ ଅବଗତ କରାଇ ସେମାନଙ୍କ କ୍ଷତି ପୁରଣ ପାଇବାର ବନ୍ଦୋବସ୍ତ କରାଇବାକୁ ଜିଲ୍ଲା ଓ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀ କୁଲାଙ୍ଗେ । ଏହି ସଂକ୍ରମଣର ମୁଳୋତ୍ପାଟନ କରାଯିବା, ଚାଷୀମାନଙ୍କୁ ତୁରନ୍ତ କ୍ଷତିପୁରଣ ପ୍ରଦାନ କରିବା, ସରକାରଙ୍କ ପକ୍ଷରୁ କୁକୁଡା ଚାଷୀମାନଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବା ପାଇଁ ଜିଲ୍ଲା କୁକୁଡା ଚାଷୀ ବିକାଶ ଫୋରମର ଉପଦେଷ୍ଟା ଅଶୋକ ପ୍ରଧାନ, ଡେଲାଙ୍ଗ ବ୍ଲକ କୁକୁଡା ଚାଷୀ ସଭାପତି ଗୋପାଳ ସ୍ୱାଇଁ, ସମ୍ପାଦକ ପ୍ରଶାନ୍ତ ପ୍ରଧାନ ପ୍ରମୁଖଙ୍କ ସମେତ ବ୍ଲକର କୁକୁଡା ଚାଷୀମାନେ ନିର୍ଦ୍ଦେଶକଙ୍କ ନିକଟରେ ଦାବୀ କରିଛନ୍ତି ।

## ସୁସ୍ଥ ହୋଇ...

ଦେଖିବାକୁ ମିଳିଥିଲା । ବିଜେଡି ଉପସଭାପତି ଦେବୀ ମିଶ୍ର କହିଛନ୍ତି ଯେ ନବୀନଙ୍କ ନେତୃତ୍ୱରେ ରାଜ୍ୟରେ ବିକାଶର ଗାଡି ଆଗକୁ ବଢ଼ିଛି । ନବୀନଙ୍କ ସମୟରେ ଯେଉଁ ବିକାଶ କାର୍ଯ୍ୟ ହୋଇଛି, ରାଜ୍ୟର ଜନତା ତାକୁ କେବେ ଭୁଲିପାରିବେ ନାହିଁ । ସେଥିପାଇଁ ନବୀନଙ୍କ ପ୍ରତି ସେମାନଙ୍କ ଭଲପାଇବା ରହିଛି । ବିମାନ ବନ୍ଦରରେ ନବୀନ ଅବତରଣ କରିବା ପରେ ହୁଳହୁଳି ପକାଇ, ଶଙ୍ଖ ପକାଇ ମହିଳାମାନେ ସ୍ୱାଗତ କରିଥିଲେ । ଦଳର ବରିଷ୍ଠ ନେତାମାନେ ଉପସ୍ଥିତ ଥବଲେ ।

## ବଜ୍ରପାତରେ...

ସେଠାରେ ଶ୍ରମିକମାନେ ମଧ୍ୟାହ୍ନ ଭୋଜନ କରୁଥିବା ବେଳେ ପ୍ରାୟ ଅପରାହ୍ନ ୨ଟାରେ ହଠାତ କ୍ୟାମ୍ପ ଉପରେ ବଜ୍ରପାତ ହୋଇଥିଲା । ଯେଉଁଥିରେ ଉପରୋକ୍ତ ୩ଜଣ ହଠାତ ଚେତାଶୂନ୍ୟହୋଇ ପଡ଼ିଯାଇଥିଲେ ଏବଂ ଦୁଇଜଣ ମହିଳା ଆହତ ହୋଇଥିଲେ । ସ୍ଥାନୀୟ ଲୋକ ଏବଂ ଶ୍ରମିକମାନେ ୩ଜଣଙ୍କୁ ବରହମପୁର ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ବରହମପୁର ଏବଂ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବ୍ୟବଚ୍ଛେଦ ପାଇଁ ମୃତକଙ୍କ ଶବଗୁଡ଼ିକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି । ଅନ୍ୟ ଦୁଇଜଣ ଆହତ ମହିଳାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତିକରାଯାଇ ଚିକିତ୍ସା ଚାଲିଥିବା ଜଣାଯାଇଛି । ତେବେ ପେଟପାଇଁ ପିଲାଛୁଆ ଏବଂ ପରିବାରକୁ ଛାଡି ମଜୁରୀ ଖଟିବାକୁ ଯାଇଥିବା ଅଭାବୀ ମଣିଷର ଅନ୍ତ ଏପରି ହୋଇଥିବାରୁ ତୁରନ୍ତ ଉକ୍ତ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ଠାରେ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।

## ପ୍ରଶାସନିକ...

ପୋଲିସ କଞ୍ଚାମଯୋଡି ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିଛି । ପୋଲିସର ପ୍ରାରମ୍ଭିକ ସୂତ୍ରରୁ ଜଣାଯାଇଛି ୬ ଜଣଙ୍କ ନାମ ସହ ଅନ୍ୟ କିଛି ଲୋକଙ୍କ ନାମରେ ମାମଲା ରୁଜୁ ହୋଇଛି । ଏହା ସହ ପ୍ରେମୀ ଯୁଗଳଙ୍କ ଅବସ୍ଥିତି ନେଇ ପୋଲିସ ଓ ପ୍ରଶାସନ ଛାନଭିନ ଆରମ୍ଭ କରିଛି । ଏନେଇ ରାୟଗଡ଼ା ବିଧାୟକ କାଡ୍ରାକା ଆପାଲାସ୍ୱାମି ସାମାଜିକ ଗଣମାଧ୍ୟମରେ ଘଟଣାଟି ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି କହିଛନ୍ତି । କଞ୍ଚାମଯୋଡି ଗାଁରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିବା ସହ ସଚେତନତା ଅଭାବ ଯୋଗୁଁ ଏଭଳି ଘଟଣା ଗୁଡିକ ଦେଖିବାକୁ ମିଳିଥାଏ ବୋଲି କହିଛନ୍ତି । ପ୍ରତ୍ୟେକ ପଞ୍ଚାୟତ ସଦର ମହକୁମା ମାନଙ୍କରେ ଲୋକଙ୍କୁ ସଚେତନତା କରିବା ପାଇଁ ଗୋଟିଏ ନକ୍ସା ପ୍ରସ୍ତୁତ କରାଯାଉ । ଏଭଳି ଘଟଣାମାନ ପୁନରାବୃତ୍ତି ନହେବା ପାଇଁ ଯାହା ସହଯୋଗ ଦରକାର ତାହା ମୁଁ କରିବା ପାଇଁ ପ୍ରସ୍ତୁତ ଅଛି ବୋଲି ବିଧାୟକ ଆପାଲସ୍ୱାମୀ କହିଛନ୍ତି ।

## ଆତ୍ମସମର୍ପଣ...

ରାଶି ଘୋଷଣା ହୋଇଥିଲା ବୋଲି ଛତିଶଗଡ଼ର ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି ଗତ ୨ ଦିନ ପୂର୍ବେ ମଧ୍ୟ ୨୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ । ଯେଉଁମାନେ ଆତ୍ମସମର୍ପଣ କରୁଛନ୍ତି ସେମାନଙ୍କୁ ନିର୍ଦ୍ଧାରିତ ସହାୟତା ଓ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି ।

# କବି ଚନ୍ଦ୍ର କୁମାର ମହାନ୍ତି ସ୍ମୃତି ଉତ୍ସବ

ବାଲେଶ୍ୱର,(ସବ୍ୟୁ): ସ୍ଥାନୀୟ ଷ୍ଟେସନ କ୍ଲବରେ ଅନୁଷ୍ଠିତ କବି ଚନ୍ଦ୍ର କୁମାର ମହାନ୍ତି ସ୍ମୃତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ କବି ବିପିନ ନାୟକ କବି ଚନ୍ଦ୍ର କୁମାର ମହାନ୍ତି ଜଣେ ଅବିଚଳିତ କାବ୍ୟ ପୁରୁଷ ଥିଲେ ବୋଲି ସେ କହିଥିଲେ । ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସୁଖ୍ୟାତ କବି କେ. ଶ୍ୟାମବାବୁ ଦୋରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ କବି ଚନ୍ଦ୍ର କୁମାର ମହାନ୍ତିଙ୍କ କବିତାରେ ଯେଉଁ ବେସାଲିସ ଭାବ ପରିଦୃଶ୍ୟ ହୁଏ ତାଙ୍କ ବ୍ୟକ୍ତିତ୍ୱ ମଧ୍ୟ ସେହିପରି ବୋଲି କହିଥିଲେ । ପ୍ରାରମ୍ଭରେ ଆୟୋଜକ କବିପୁତ୍ର ଉତ୍ପଳ ମହାନ୍ତି ମଞ୍ଚ ଆହ୍ୱାନ କରିବା ସହିତ ସ୍ମୃତି ଉତ୍ସବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କବି ଶ୍ରୀଦେବ ଅତିଥି ପରିଚୟ ଦେଇଥିବା ବେଳେ କବି ପ୍ରଶାନ୍ତ ଦାସ ଓ ଗଙ୍ଗାଧର ବିଶ୍ୱାଳ କବି ଚନ୍ଦ୍ର କୁମାର ମହାନ୍ତିଙ୍କ କବିତ୍ୱ ଉପରେ ସାରଗର୍ଭକ ଭାଷଣ ଦେଇଥିଲେ । ଏହି ଅବସରରେ ଯୁବକବି ଶୁଭଶ୍ରୀ ଶୁଭସ୍ମିତା ମିଶ୍ରଙ୍କୁ ଚଳିତ ବର୍ଷର କବି ଚନ୍ଦ୍ର କୁମାର ମହାନ୍ତି କବିତା ପୁରସ୍କାର ପ୍ରଦାନ କରାଯାଇଥିଲା । କୃଷ୍ଣ କୁମାର ମହାନ୍ତି ମାନପତ୍ର ପାଠ କରିଥିଲେ ।କବି ସୁନୀଲ ମିଶ୍ର ଅତିଥି ତଥା ପୁରସ୍କୃତ ପ୍ରତିଭାଙ୍କୁ ଉପହାର ପ୍ରଦାନ କରିଥିଲେ । ଶେଷରେ କବି ରଞ୍ଜନ ବାଗ ଧନ୍ୟବାଦ ଦେଇଥିଲେ ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଆଗରପଡ଼ା,(ସବ୍ୟୁ):ସ୍ଥାନୀୟ ଟିକିରା ସରକାରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ସୁମତୀ ମାଝୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଧାୟକ ସଂଜୀବ ମଲ୍ଲିକ,ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା,ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ,ବିଜେଡି ଯୁବନେତା ସତ୍ୟସାଧନ ବେଜ,ସରପଂଚ ବିନୋଦିନୀ ମହାନ୍ତି,ଶିକ୍ଷାବିତ ଖଗେଶ୍ୱର ପଣ୍ଡା,ଯୁଧିଷ୍ଠିର ବାରିକ,ନାରାୟଣ ଲେଙ୍କା,ନୀଳାଦ୍ରି ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଶିକ୍ଷକ ପଂଚାନନ ପୃଷ୍ଟିଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷୟତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଗ୍ରହଣ କରି ନିଜର ଅଙ୍ଗେଲିଭା କଥା କହିଥିଲେ ।

# ପୁଅକୁ ଜ୍ୱର, ମା'କୁ ଫୋଡ଼ିଲେ ଇଞ୍ଜେକ୍ସନ

ନୂଆପଡା (ସବ୍ୟୁ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ମେଡିକାଲରେ ଚିକିତ୍ସାରେ ତ୍ରୁଟି । ପୁଅକୁ ହୋଇଥିଲା ଜ୍ୱର, ଭୁଲରେ ମାଆକୁ ଇଞ୍ଜେକସନ ଫୋଡ଼ିଦେଲେ ନର୍ସ ।ତଦନ୍ତ କରାଯିବ କହିଲେ ମେଡିକାଲ ଇନଚାର୍ଜ । ଖଡ଼ିଆଳ ବ୍ଲକ୍ ବରଗାଁର ରାଜୁ ତାଣ୍ଡି ଓ ଅଞ୍ଜୁ ତାଣ୍ଡି ନିଜର ଦୁଇ ବର୍ଷର ପୁଅ ତୁଲେଶ୍ୱରକୁ ଜ୍ୱର ହେବାରୁ ଶୁକ୍ରବାର ଡାକ୍ତରଖାନାକୁ ନେଇଥିଲେ । ସେମାନେ ଶିଶୁ ବିଶେଷଜ୍ଞ ଡାକ୍ତର ମହେନ୍ଦ୍ର କୁମାର ମାଝୀଙ୍କୁ ଦେଖାଇଥିଲେ । ଡାକ୍ତର ଚିଠା ଲେଖି ଇଞ୍ଜେକସନ ଦେବା ପାଇଁ ନର୍ସଙ୍କ ପାଖକୁ ପଠାଇଥିଲେ । କାର୍ଯ୍ୟରତ ନର୍ସ ରଶ୍ମିତା ପଣ୍ଡା ଛୁଆ ବଦଳରେ ମାଆ ଅଞ୍ଜୁଙ୍କ ପେଟରେ ଫୋଡ଼ି ଦେଇଥିଲେ ବୋଲି ଅଭିଯୋଗ ହୋଇଛି । ଅଞ୍ଜୁଙ୍କ ପେଟରେ ମଧ୍ୟ ଛୁଞ୍ଚି ଫୋଡି ଦେବାର ଚିହ୍ନ ରହିଛି । ତାଙ୍କ ପେଟ ଦରଦ ହେଉଥିବା ମଧ୍ୟ ଅଞ୍ଜୁ କହିଛନ୍ତି । ଏନେଇ ସଂପୃକ୍ତ ନର୍ସଙ୍କୁ ପଚାରିବାରୁ ଘଟଣାକୁ ଅସ୍ୱୀକାର କରିଥିଲେ । କାଳେ ଇଞ୍ଜେକ୍ସନ୍ ଦେବା ସମୟରେ ବାଜି ଯାଇଥିବ ବୋଲି ସଫେଇ ଦେଇଥିଲେ । ଏନେଇ ମେଡିକାଲ ଇନ୍ ଚାର୍ଜ ଡାକ୍ତର ମହେନ୍ଦ୍ର କୁମାର ମାଝୀଙ୍କୁ ପଚାରିବାରୁ ଏହାର ତଦନ୍ତ କରିବେ ବୋଲି କହିଛନ୍ତି । ମାଆର ଚିକିତ୍ସା କରାଯାଇଛି । କୌଣସି ଅସୁବିଧା ହେବ ନାହିଁ ବୋଲି ଜଣାଇଛନ୍ତି ।

# ବାଙ୍କପାଟଣା ଡ଼କାୟତି : ପୋଲିସ କୁକୁର ଟିମର ତଦନ୍ତ

ସିମୁଳିଆ,(ସବ୍ୟୁ) :ବିଳମ୍ବିତ ରାତିରେ ଘରେ ପଶି ପରିବାର ଲୋକଙ୍କୁ ମୁହଁ ହାତ ବାନ୍ଧି ଗଡ଼ରେଜ ଭାଙ୍ଗି ସୁନା ଅଳଙ୍କାର ଲୁଟ ହୋଇଥିବା ଘଟଣାର ଅନୁସନ୍ଧାନି କୁକୁର ଟିମ୍ ତଦନ୍ତ କରି ଫେରିଥିବା ଜଣାଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ କ୍ଷୀରକୋଣା ପଞ୍ଚାୟତର ବାଙ୍କପାଟଣା ଗ୍ରାମର ଭଗବାନ ବେହେରାଙ୍କ ପରିବାର ଲୋକେ ଗୁରୁବାର ରାତିରେ ଖାଇ ପିଇ ଶୋଇଥିବା ଅବସ୍ଥାରେ ବିଳମ୍ବିତ ରାତିରେ ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଘର ବାଡ଼ି ପଛ ପଟ କବାଟର ତାଲା ଭାଙ୍ଗି ଘରେ ପଶି ଭଗବାନ, ସ୍ତ୍ରୀ ବାସନ୍ତୀ ଓ ବୋହୂ ଦୀପିକାକୁ ଏକ ଶାଡୀ ସାହାଯ୍ୟରେ ଖଟ ବାଡାରେ ମୁହଁ ହାତ ବାନ୍ଧି ଭୁଜାଲି ଦେଖାଇ ଗଡ଼ରେଜ ଚାବି ଭାଙ୍ଗି ସେଥିରେ ଥିବା ମଙ୍ଗଳ ସୂତ୍ର, ସୁନା ଅଳଙ୍କାର, ମୋବାଇଲ ଓ ନଗଦ ୧୯ହଜାର ଟଙ୍କା ସହ ଲକ୍ଷାଧିକ ଟଙ୍କାର ଜିନିଷ ଚୋରୀ କରି ନେଇଯାଇଥିଲେ ।ଏ ସଂକ୍ରାନ୍ତରେ ସିମୁଳିଆ ଥାନାରେ ଅଭିଯୋଗ ହେବା ପରେ ସିମୁଳିଆ ପୋଲିସ ଘଟଣାର ପ୍ରାଥମିକ ତଦନ୍ତ କରିଥିବା ବେଳେ ଆଜି ସାଇଣ୍ଟିଫିକ ଟିମ ଓ ବାଲେଶ୍ୱରରୁ ଆସିଥିବା ଅନୁସନ୍ଧାନୀ କୁକୁର ଟିମ ତଦନ୍ତ କରି ଫେରିଥିବା ଜଣାଯାଇଛି ।

# ଜାତୀୟ ମତ୍ସ୍ୟ ଚାଷ ଦିବସ -୨୦୨୫

ବାଲେଶ୍ୱର, (ସବ୍ୟୁ) :ବାଲେଶ୍ୱର ଜିଲ୍ଲା ସଦର ମହକୁମାରେ ଦିବା ୧୦.୩୦ମି ସମୟରେ ସ୍ଥାନୀୟ ଉପ ମତ୍ସ୍ୟ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ମତ୍ସ୍ୟ ଚାଷ ଦିବସ -୨୦୨୫ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ମୁଖ୍ୟ ଜିଲ୍ଲା ପଶୁଧନ ଅଧିକାରୀ ଦେବେନ୍ଦ୍ର କୁମାର ସୋଲଙ୍କି ଯୋଗ ଦେଇ ଥିବାବେଳେ ପ୍ରକଳ୍ପ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଉପ ଉଦ୍ୟାନ ନିର୍ଦ୍ଦେଶକ ପ୍ରଦୀପ କୁମାର ବଳ, ଜିଲ୍ଲା ପ୍ରକଳ୍ପ ସଂଯୋଜକ(ମିଶନ ଶକ୍ତି) କାର୍ତ୍ତିକ ଚନ୍ଦ୍ର ନାୟକ,ପୂର୍ବତନ ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର କୁମାର ଘୋଡ଼େଇ ଯୋଗ ଦେଇ ଥିଲେ ।ପ୍ରାରମ୍ଭରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ଦିବସ ପାଳନ ସମ୍ପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ ।ବାଲେଶ୍ୱର ଜୋନ ଉପ ମତ୍ସ୍ୟ ନିର୍ଦ୍ଦେଶକ ଦୀପ୍ତି କୁମାର ମହାପାତ୍ର ମତ୍ସ୍ୟ ବିଭାଗ ଦ୍ୱାରା ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅବତାରଣା କରିଥିଲେ ।ଏହି ଜାତୀୟ ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରୁ୬୫ ଜଣ ମତ୍ସ୍ୟଜିବୀ,ମତ୍ସ୍ୟ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଅଂଶ ଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ ଏବଂ ବିଭିନ୍ନ ଯୋଜନାରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ୫ ଜଣ ହିତାଧିକାରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲାର ସମସ୍ତ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ , ବରିଷ୍ଠ ଓ କନିଷ୍ଠ ବୈଷୟିକ ମତ୍ସ୍ୟ ଅଧିକାରୀ ଯୋଗ ଦେଇ ଥିବାବେଳେ ନୀଳଗିରି ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀମତୀ ପ୍ରିୟଙ୍କା ପ୍ରିୟଦର୍ଶୀ ପୃଷ୍ଟି ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଗଣ୍ଡିବେଡ ହାଇସ୍କୁଲରେ ସମ୍ବର୍ଦ୍ଧନା

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପରିସରରେ ଶନିବାର ଦିନ ମ୍ୟାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତିର୍ଣ୍ଣ ହୋଇଥିବା କୃତିଛାତ୍ରୀ ତଥା ସେବା ନିବୃତ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡଃ ଅଭୟ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ସଂସଦର ଉପଦେଷ୍ଟା ଡଃ ମଦନ ମୋହନ ମହଲା,ପ୍ରଧାନଶିକ୍ଷକ ସରୋଜ ମଲ୍ଲିକ,ଆଲୁମିନି ସଭାପତି ଇଂ ରାଜେଶ କୁମାର ମହାକୁଡ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ଏ-୧ସଫଳତା ପାଇଥିବା ଛାତ୍ରୀ ସ୍ୱର୍ଣ୍ଣ ସମୀକ୍ଷା ମହାନ୍ତି,ନମିତା ଶତପଥି,ସଞ୍ଜିବନୀ ସୁପ୍ରିୟା ମହାନ୍ତି ଙ୍କୁ ଉତ୍ତରୀୟ ଓ ଗଛ ଚାରା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଅବସର ଗ୍ରହଣ କରିଥିବା କର୍ମଚାରୀ ନିଳାମ୍ବର ଗିରିଙ୍କୁ ମଧ୍ୟସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଛାତ୍ର ସଂସଦ ଉପସଭାପତି ଅଭିମନ୍ୟୁ ରାଉଳ ମଞ୍ଚ ପରିଚାଳନା କରିଥିଲେ।

**AFFIDAVIT**

I, Kasturi Jena, aged (51), W/o- Raja Kishore Jena & D/o- Late Birakishore Biswal, permanent resident of At/Po- Bodal, Via- Nuagaon, Ps- Nuagaon Hat, Dist- Jagatsinghpur & currently residing at Qrs. No. F/33, Unit-8, near DAV Public School, Po- Nayapalli, Ps- Capital, Bhubaneswar, Dist- Khordha, Pin- 751012. Declare that this affidavit no. 104, dated. 10.07.2025. I have changed my name from Kasturi Dei to Kasturi Jena. Henceforth, She shall be known as Kasturi Jena for all purposes.

Sd/- Kasturi Jena

# ଆଦର୍ଶ ବିଦ୍ୟାଳୟରେ ଓୟୁଜେର ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଖଇରା, (ସବ୍ୟୁ) :ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାପ୍ରଦାନ ବେଳେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ଉପରେ ସଚେତନ କରାଇବା ଜରୁରୀ ବୋଲି ଖଇରା ବ୍ଲକର ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମତବ୍ୟକ୍ତ କରିଛନ୍ତି । ଓଡିଶା ସାମ୍ବାଦିକୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଖଇରା ବ୍ଲକ ଅନ୍ତର୍ଗତ ଅର୍ଜୁନପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଆୟୋଜିତ ବୃକ୍ଷ ରୋପଣ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧ୍ୟକ୍ଷା ସାହୁ କହିଲେ ଯେ,ପିଲାଟିଏ ଗଛ ଲଗାଇବା ପାଇଁ ପ୍ରଥମରୁ ପ୍ରେରଣା ଓ ଅଭିଜ୍ଞତା ହାସଲ କଲେ ତାର ଜୀବନକାଳ ମଧ୍ୟରେ ଅନେକ ବୃକ୍ଷ ସୃଷ୍ଟି କରି ପାରିବ । ତାହା ସମାଜ ପାଇଁ ଉଦାହରଣ ହୋଇ ରହିବ । ଆସନ୍ତୁ ଆମେ ସମସ୍ତେ ରାସ୍ତାକଡ଼, ଗାଁ ପଡିଆପାର୍ଶ୍ୱ, ବାଡିପଛପାଖରେ ଅର୍ଥକାରୀ ଗଛ ସଜନା, ଅମୃତଭଣ୍ଡାସହ ବର,ଅଶ୍ୱସ୍ଥ, ଲିମ୍ବ, କରଞ୍ଜ,ଆମ୍ବ, ତାଳ, ଗଛ ଲଗାଇ ପରିବେଶକୁ ସବୁଜିମାରେ ଭରିଦେଇ ଏକ ଉଦାହରଣ ସୃଷ୍ଟି କରିବା ।ୟୁନିଅନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ ମୁଦୁଲି, ଶିକ୍ଷୟିତ୍ରୀ କୌଶଲ୍ୟା ଜେନା, ସୁଜିତ କୁମାର ବେହେରା, ମୃତ୍ୟୁଞ୍ଜୟ ନାୟକ,ଅନନ୍ତ ନାରାୟଣ ପରିଡ଼ା, ନିର୍ମାଲ୍ୟ ବେହେରାୟୁନିଅନର ବରିଷ୍ଠ ଉପଦେଷ୍ଟା ଶିଶିର କୁମାର ଦାସ, ସଭାପତି ଗଙ୍ଗାଧର ରାଉତ,ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ଦାସ, ଉମେଶ ଚନ୍ଦ୍ର ଜେନା,ଅକ୍ଷୟ କୁମାର ମଲ୍ଲିକ, ସଞ୍ଜୟ କୁମାର ବେହେରା, ଶମ୍ଭୁନାଥ ନାୟକ,, ବଳରାମ ଲେଙ୍କା , ସତ୍ୟଭାମା ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ । ଉକିଳ ବନ୍ଧୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ତପୋଧନ ବାରିକ ଧନ୍ୟବାଦ ଦେଇଥିଲେ ।

**AFFIDAVIT**

By virtue of an affidavit sworn before The Executive Magistrate, Baripada, Dist - Mayurbhanj. I, Ram Chandra Mahali, Aged about 30 years, S/o - Late Lambodar Mahali, Resident of At - Basantapur, Po - Hijili, Ps - Bangriposi, Dist - Mayurbhanj, Pin - 757092, declare that this affidavit no. 4195, dated. 11.07.2025. My son's actual name is Aayansh Mahali which is mentioned in his birth certificate, but in his Aadhar card vide no. 2909-3749-3476, his name has been wrongly mentioned as Arab Kumar Beshra, S/o - Sanjib Kumar Beshra, instead of Aayansh Mahali, S/o - Ram Chandra Mahali. So, I have changed my son's name from Arab Kumar Beshra to Aayansh Mahali. Henceforth, he shall be known as Aayansh Mahali for all purposes.

Sd/- Ram Chandra Mahali

**AFFIDAVIT ( For Minor)**

By virtue of an affidavit sworn before (Executive Magistrate) Salipur, dated. 21.06.2025. I, Hasina Bibi, At/Po- Mahajanpur, PS-Jagatpur, Dist- Cuttack, Pin-754200. Odisha declare that I have changed the name of my daughter from Sarwar Khan to Samima Parbin. Henceforth, She shall be known as Samima Parbin for all purposes.

Hasina Bibi

# ମେଡିକାଲରେ ସରଞ୍ଜାମ ଖତ ଖାଉଛି

ଆଗରପଡ଼ା,(ସବ୍ୟୁ) :ସରକାର ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନାରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଏହା ଅଧିନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ପ୍ରତିଦିନ ବାହାରୁଥିବା ଆବର୍ଜନାକୁ ଯେପରିକି ଛୁଂଚି,ବ୍ୟାଣ୍ଡେଜ କପଡ଼ା,ସିରିଂଜ,ପ୍ଲାଷ୍ଟିକ ବୋତଲ ସମତେ ଅନ୍ୟାନ୍ୟ ଅବ୍ୟବହୃତ ସାମଗ୍ରୀ ଏଣେତେଣେ ପଡ଼ି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସରଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକୁ ଯୋଗାଇ ଦିଆଯାଇଥିଲା । ଉକ୍ତ ସରଞ୍ଜାମର ଉଦ୍ଦେଶ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବାହାରୁଥିବା ବିଭିନ୍ନ ଆବର୍ଜନାକୁ ସଂଗ୍ରହ କରି ତାକୁ କାଟି ଛୋଟ ଛୋଟ ନଷ୍ଟ କରିବା ସହ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା । କିନ୍ତୁ ଦୁଃଖ ଓ ଅନୁତାପର ବିଷୟ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଉକ୍ତ ସରଞ୍ଜାମ ବ୍ୟବହାର ଯୋଗ୍ୟ ହେବା ଆଗରୁ ନଷ୍ଟ ହେବାକୁ ବସିଛି । ବର୍ଷବର୍ଷ ଧରି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅଲୋଡ଼ା ହୋଇ ପଡ଼ିରହି ଖତ ଖାଉଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ପ୍ରାଥମିକ ଶିକ୍ଷାକୁ ବ୍ୟବସ୍ଥିତ ପାଇଁ ପ୍ରୟାସ : ୯ ଏକକ ସ୍କୁଲରେ ଶିକ୍ଷକ ନିଯୁକ୍ତ

ଅସୁରାଳି,(ସବ୍ୟୁ) :ଧାମନଗର ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ପାଇଁ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇଛି । ଧାମନଗର ବ୍ଲକର ୯ ଟି ବିଦ୍ୟାଳୟରେ ଏକକ ଶିକ୍ଷକ ଥିବା ବେଳେ ଏବେ ଏହି ସମସ୍ୟା ଦୂର ହୋଇଛି । । ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଗତ ଚାରି ଦିନ ମଧ୍ୟରେ ଗୋଟିଏ ବିଦ୍ୟାଳୟକୁ ଛାଡି ଅନ୍ୟ ସମସ୍ତ ସ୍କୁଲରେ ନୂତନ ଶିକ୍ଷକ/ଶିକ୍ଷୟିତ୍ରୀ ନିଯୁକ୍ତି ପାଇ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡିଛି ।କିଛି ସମସ୍ୟା ପାଇଁ ଗ୍ରାମବାସୀଙ୍କ ବିରୋଧାଭାସ ପରେ ପଧାନି ପଞ୍ଚାୟତର କଣ୍ଟିଦୋଳ ସ୍କୁଲରେ ଜଣେ ଶିକ୍ଷୟିତ୍ରୀ କାର୍ଯ୍ୟରେ ଯୋଗ ଦେଇ ନଥିବା ଜଣାଯାଇଛି ।ପ୍ରକାଶ ଯେ ଧାମନଗର ବ୍ଲକର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ୯ ଟି ବିଦ୍ୟାଳୟ କଣ୍ଟିଦୋଳ, ବୈକୁଣ୍ଠ, ଉଆସଡିହ, ଅର୍ଜୁନପୁର, ବାସୁଦେବପୁର, ରାମେଶ୍ୱରପୁର, ମଙ୍ଗଳାବାଙ୍କ, ଓଉପୁର କରଦା ଏବଂ ଅଜମତପୁର ପ୍ରାଥମିକ ବିଦ୍ୟାଳୟରେ ଗତ କିଛି ଦିନ ହେବ ଜଣେ ଲେଖାଁଏ ଶିକ୍ଷକ ଶିକ୍ଷାଦାନ କରୁଥିଲେ ।ଜଣେ ଶିକ୍ଷକଙ୍କ ଉପରେ ଶିକ୍ଷାଦାନ,ମଧ୍ୟାହ୍ନ ଭୋଜନ,କାର୍ଯ୍ୟାଳୟ ଆଦି ଏକାଧିକ ଦାଇତ୍ୱ ପଡିବା ହେତୁ ଛାତ୍ରଛାତ୍ରୀଙ୍କ ପାଠପଢା ବାଧାପ୍ରାପ୍ତ ହୋଇଥିଲା ।ଏହା ଛାତ୍ର ଅଭିଭାବକ ମହଲରେ କ୍ଷୋଭ ଓ ଅସନ୍ତୋଷ ସୃଷ୍ଟି କରିଥିଲା । ଏହି ସମସ୍ୟା ଦୂର କରିବାକୁ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ଏକକ ଶିକ୍ଷକ ସମସ୍ୟା ଦୂର ହୋଇଛି ।

OFFICE OF THE PRINCIPAL
OLAVER COLLEGE, OLAVER, KENDRAPARA
Re-accredited by NAAC-Grade "B"
E-Mail : olavercollegeolaver@gmail.com. Mob-9937861969
Letter No. ODC/286/25 Date : 12.07.25

**QUOTATION CALL NOTICE**

Sealed tenders are invited from Reputed Firms / Authorised Dealers/Agencies for Supply, installation and commissioning of "Laboratory Equipment's" & "IT Infrastructure Items." The detailed list is to be collected from the college office during working hours. Quotations should reach in this office of the undersigned within seven days from the publication of this notice via Speed Post / Regd. Post only. The authority reserves the right to reject/cancel the Tenders in whole or in part without assigning any reason thereof.

Thanking You
Yours faithfully,
Sd/- Principal

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀ
# ଭୁବନେଶ୍ୱରରେ ଏହାର ପ୍ରଥମ ଷ୍ଟୋର ଖୋଲିଲା

ଭୁବନେଶ୍ୱର, (ସବ୍ୟୁ): ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀ, ଭୁବନେଶ୍ୱରରେ ଏହାର ପ୍ରଥମ ଜୁଏଲାରୀ ଷ୍ଟୋର ଶୁଭାରମ୍ଭ କରିଛି



। ଏକ ବ୍ରାଣ୍ଡ ଭାବରେ ଇନ୍ଦ୍ରିୟାର ପରିଚୟ ସହିତ ଏହା ଗଭୀର ଭାବରେ ପ୍ରତିଫଳିତ ହୁଏ। ଏକ ସହର ଯେଉଁଠାରେ ପ୍ରାଚୀନ ମନ୍ଦିର, କଳା ଏବଂ କାଳଜୟୀ ପରମ୍ପରା ଏକତ୍ରିତ ହୁଏ, ଭୁବନେଶ୍ୱର ସେହି ଜୀବନ୍ତ ଐତିହ୍ୟକୁ ମୂର୍ତ୍ତିମନ୍ତ କରେ ଯାହାକୁ ଇନ୍ଦ୍ରିୟା ଡିଜାଇନ୍ ମାଧ୍ୟମରେ ସମ୍ମାନ କରିବାକୁ ଚାହୁଁଛି। ନୂତନ ଷ୍ଟୋରରେ ଏକ ବିବାହ ଲାଉଞ୍ଜ ଏବଂ ଏକ କାରିଗର ରୁମ୍ ଭଳି ସମର୍ପିତ ସ୍ଥାନ ରହିଛି, ଯାହା ପରିଦର୍ଶକମାନଙ୍କୁ ଏକ ନିବିଡ଼ ଅଭିଜ୍ଞତା ପ୍ରଦାନ କରେ । ୫,୦୦୦ ରୁ ଅଧିକ ସ୍ୱତନ୍ତ୍ର ଡିଜାଇନ୍ ଏବଂ ୨୦,୦୦୦ ରୁ ଅଧିକ କାରିଗରୀ ଅଳଙ୍କାରର ଏକ ସଂକ୍ଷିପ୍ତ ଚୟନ ସହିତ, ଯେଉଁଥିରେ ବ୍ରାଣ୍ଡର ନବୀନତମ ଆସମାନିୟତ କଲେକ୍ସନ ଅନ୍ତର୍ଭୁକ୍ତ, ଭୁବନେଶ୍ୱର ଷ୍ଟୋର ସମସାମୟିକ ଡିଜାଇନର ସୌନ୍ଦର୍ଯ୍ୟ ସହିତ ପୁରୁଣା କାରିଗରିର ସୂକ୍ଷ୍ମତାକୁ ଅତୁଳନୀୟ ଭାବରେ ସମନ୍ୱିତ କରେ। ସଦ୍ୟତମ ଶୁଭାରମ୍ଭ ସହିତ, ଇନ୍ଦ୍ରିୟାର ଉପସ୍ଥିତି ବର୍ତ୍ତମାନ ଉତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମ ଭାରତରେ ୨୭ଟି ଷ୍ଟୋରରେ ବିସ୍ତାରିତ, ଯେଉଁଥିରେ ଦିଲ୍ଲୀରେ ଛଅଟି; ହାଇଦ୍ରାବାଦରେ ·ରିଟି; ମୁମ୍ବାଇ ଏବଂ ପୁଣେରେ ତିନୋଟି; ଅହମ୍ମଦାବାଦ, ଜୟପୁର ଏବଂ ପାଟନାରେ ଦୁଇଟି; ଏବଂ ଇନ୍ଦୋର, ସୁରଟ, ଲକ୍ଷ୍ନୌ, ବିଜୟୱାଡା ଏବଂ ଓଡ଼ିଶାରେ ଗୋଟିଏ ଲେଖାଏଁ ରହିଛି । ଆଦିତ୍ୟ ବିର୍ଲା ଗ୍ରୁପର ବିଶ୍ୱସ୍ତ ଐତିହ୍ୟ ଏବେ ଭୁବନେଶ୍ୱରରେ ଇନ୍ଦ୍ରିୟାର ପ୍ରଥମ ଷ୍ଟୋରର ଶୁଭାରମ୍ଭ ସହିତ ଭାରତର ସବୁଠାରୁ ସ୍ପନ୍ଦନଶୀଳ ସାଂସ୍କୃତିକ ରାଜଧାନୀ ମଧ୍ୟରୁ ଗୋଟିଏକୁ ସଂପ୍ରସାରିତ ହୋଇଛି।

# କେୟାର୍ ରିବାଇଣ୍ଡ ୨.୦: ଓଡ଼ିଶାରେ ରୋଗୀ-କୈନ୍ଦ୍ରିକ ଚିକିତ୍ସାର ନୂତନ ଅଧ୍ୟାୟ

ଭୁବନେଶ୍ୱର, (ସବ୍ୟୁ): କେୟାର୍ ହସ୍ପିଟାଲ୍ସ୍, ଭୁବନେଶ୍ୱର ଓ ଦି ବିଲିୟନ ପ୍ରୋଜେକ୍ଟ ଆଣ୍ଡ ହେଲ୍ଥ ଆଣ୍ଡ ହାରମୋନି ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସମ୍ମିଳନୀ ଆୟୋଜିତ ହୋଇଯାଇଛି । କେୟାର୍‌ରିବାଇଣ୍ଡ ୨.୦ ବ୍ୟବସ୍ଥା ପିତ କରିଛି। ଏହିକନ୍‌କ୍ଲେଭ୍‌ର ଲକ୍ଷ୍ୟ ଥିଲା ଆଧୁନିକ ଚିକିତ୍ସା ପ୍ରବୃତ୍ତିବିଷୟରେ ସମ୍ବାଦ, ଶିକ୍ଷା ଓ ସଚେତନତା ବୃଦ୍ଧି କରିବା। ଇଣ୍ଡିଆନ୍ ଆସୋସିଏସନ ଅଫ୍ ଫିଜିଓଥେରାପି ଆଣ୍ଡ ହାରମୋନି ଟ୍ରଷ୍ଟ ଏଥିରେ ଜ୍ଞାନ ସହଯୋଗୀ ଭାବେ ଅଂଶ ଗ୍ରହଣ କରିଥିଲେ। କେୟାର୍‌ରିବାଇଣ୍ଡ୍ ୨.୦ ର ଉଦ୍ଦେଶ୍ୟ ଥିଲା ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶୀର୍ଷ ସ୍ୱାସ୍ଥ୍ୟବିଶେଷଜ୍ଞମାନଙ୍କୁ ଏକ ମଞ୍ଚରେ ଏକତ୍ରିତ କରି ଉତ୍‌ପ୍ରେରକ ଚର୍ଚ୍ଚା ଓ ଜ୍ଞାନ ବିନିମୟ ଆଧାରରେ ଭବିଷ୍ୟତର ସୁସ୍ଥସ୍ୱାସ୍ଥ୍ୟ



ପରିବେଶ ଗଠନ କରିବା। ଏହି ଅବସରମାଧ୍ୟମରେଏହିବାର୍ତ୍ତା ମଧ୍ୟ ଦିଆଯାଇଛି ଯେ ଆଧୁନିକ ସ୍ୱାସ୍ଥ୍ୟସେବାର ମୂଳ ଆଧାର ହେଉଛିଏକତ୍ରିତ ପ୍ରୟାସ ଓ ଅବିରତ ଶିକ୍ଷା। କେୟାର୍‌ରିବାଇଣ୍ଡ୍‌୨.୦ ର ଉଦ୍ଦେଶ୍ୟ ଥିଲା ସାରା ଓଡ଼ିଶାର ଉଚ୍ଚପଦସ୍ଥ ଡାକ୍ତର ଏବଂ ସ୍ୱାସ୍ଥ୍ୟସେବା ବିଶେଷଜ୍ଞଙ୍କ ପାଇଁ ଅର୍ଥପୂର୍ଣ୍ଣ ଆଲୋଚନାରେ ସାମିଲ ହେବା ଏବଂ ଅନ୍ତର୍ଦୃଷ୍ଟି ଆଦାନପ୍ରଦାନ କରିବା ଯାହା ଚିକିତ୍ସା ସେବାର ଭବିଷ୍ୟତ ପାଇଁ ଏକ ସୁରକ୍ଷିତ, ସୁସ୍ଥଏବଂସୂଚିତ ପରିବେଶରେ ଯୋଗଦାନ କରେ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଏବଂ ସମ୍ମାନିତ ଅତିଥି ଭାବରେ ଓଡ଼ିଶାର ବିଧାନସଭାର ବାଚସ୍ପତି ଶ୍ରୀମତି ସୁରମା ପାଢ଼ୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଅର୍ଥୋପେଡିକ୍ ବିଶେଷଜ୍ଞ ଡାକ୍ତର ସନ୍ଦୀପ ସିଂହ, ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ଏବଂ ରୋବୋଟିକ୍ ସର୍ଜରୀ ଏବଂ କ୍ରୀଡ଼ା ଆଘାତର ମୁଖ୍ୟ ପରାମର୍ଶଦାତା; କିସଲେ ଆନନ୍ଦ, ଜୋନାଲ ମୁଖ୍ୟ ପରିଚାଳନା ଅଧିକାରୀ ଲୋକନାଥ ଦାଶ, ଏଭିପି, ମାର୍କେଟିଂଏବଂ ବ୍ୟବସାୟ ବିକାଶ, କେୟାର ହସ୍ପିଟାଲ୍; ବରିଷ୍ଠ ଡାକ୍ତର ଏବଂ ଚିକିତ୍ସା ବୃତ୍ତିଗତଙ୍କ ସମେତ ପ୍ରମୁଖ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ କହିଛନ୍ତି, "କେୟାର୍ ରିବାଉଣ୍ଡ ଭଳି ପଦକ୍ଷେପ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାର ଭବିଷ୍ୟତ ଗଠନରେ ଗୁରୁତ୍ୱ ପୂର୍ଣ୍ଣ। ଏହି ଅବସରରେ ଡାକ୍ତର ସନ୍ଦିପ୍ ସିଂହ ଏକ ଚିନ୍ତନାତ୍ମକ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଫେସର (ଡାକ୍ତର) ଅମ୍ଳାନ ଜ୍ୟୋତି ମହାନ୍ତି, ଫିଜିଓ ଥେରାପିର ଅଗ୍ରଣୀ ଏବଂ ସ୍ୱାସ୍ଥ୍ୟ ଏବଂ ହାରମୋନିଟ୍ରଷ୍ଟ୍‌ର ଦୂରଦୃଷ୍ଟିସମ୍ପନ୍ନ ପ୍ରତିଷ୍ଠାତା ଦ୍ୱାରା ଉପସ୍ଥାପନ କରାଯାଇଥିଲା ।

# ଚାକିରି କରାଇ ଦେବାକୁ କହି ୧୦ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,(ସବ୍ୟୁ): ଚାକିରି କରାଇ ଦେବାକୁ କହି ୧୦ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୁକ୍ତ ଅମୀୟ ପୁଷପାଳକ (୩୭)କୁ କ୍ୟାପିଟାଲ ଥାନା ପୋଲିସ୍ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୋଗକାରିଣୀ ମନୋରମା ମିଶ୍ର ସହ ପରିବାରେ ନିଳାଦ୍ରୀବିହାର ଅଞ୍ଚଳରେ ରୁହନ୍ତି। କିଛିଦିନ ପୂର୍ବରୁ ତାଙ୍କ ପୁଅକୁ ସୁନ୍ଦରପଦା ସ୍ଥିତ ନିଶା ନିବାରଣ କେନ୍ଦ୍ରରେ ଛାଡି ଥିଲେ। ସେଠାରେ ସଂସ୍ଥାର ମାଲିକ ପ୍ରତୀକ ପଣ୍ଡା, ଅମୀୟ ପୁଷ୍ପପାଳକଙ୍କ ସହ ଭାବବିନିମୟ ହେବା ପରେ ତାଙ୍କ ପୁଅକୁ ସଚିବାଳୟରେ ଚାକିରି କରାଇ ଦେବା ପରେ ପ୍ରଲୋଭନ ଦେଖାଇଥିଲେ। ସେଥିପାଇଁ ଟଙ୍କା ଦେବାକୁ ପଡିବ ବୋଲି ଅଭିଯୁକ୍ତ କହିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ମନୋରମା ତାଙ୍କୁ ନଗଦ ୧୦ ଲକ୍ଷ ଟଙ୍କା ଦେଇଥିଲେ। ଅବଶିଷ୍ଟ କିଛି ଟଙ୍କାର ଚେକ୍ ଦେଇଥିବା ମନୋରମା ଅଭିଯୋଗ ଦର୍ଶାଇଛନ୍ତି। ଗତ ମାସ ୧୯ ତାରିଖ ଦିନ ଅଭିଯୋଗକାରୀଙ୍କ ପୁଅ ସଚିବାଳୟ ଗେଟ୍‌ରେ ପ୍ରବେଶ କରିବା ସମୟରେ ତାଙ୍କୁ ଦିଆଯାଇଥିବା ନକଲି ନିଯୁକ୍ତି ପତ୍ର ଓ ପରିଚୟ ଜାଲ ଥିବା ସେ ଜାଣିବାକୁ ପାଇଥିଲେ। ଉପାୟଶୂନ୍ୟ ହୋଇ ମା ପୁଅ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ୍ ଅମୀୟ ପୁଷପାଳକକୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# କୌଣସି ସରକାରୀ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି, ମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ଭକ୍ତ

ଭୁବେନଶ୍ୱର,(ସବ୍ୟୁ): ଓଡ଼ିଶାରେ ମହିଳା ଅସୁରକ୍ଷିତ ଥିବା କଥା ରାହୁଲ ଗାନ୍ଧୀଜୀ କହିବାର ଗୋଟିଏ ଦିନ ପରେ, ବାଲେଶ୍ୱରର ଏଫଏମ କଲେଜରେ ପୂର୍ବରୁ ଘଟିଥିବା ଏକ ଦୁଃଖଦ ଘଟଣା ଲୋକଲୋଚନକୁ ଆସିଛି । ଜଣେ ଯୁବତୀ ନ୍ୟାୟ ନପାଇବାରୁ ଆତ୍ମହତ୍ୟା କରିବାକୁ ଚେଷ୍ଟା କରି ଜୀବନ ସହିତ ସଂଘର୍ଷ କରୁଛନ୍ତି । ପ୍ରଫେସରଙ୍କ ଦ୍ୱାରା ଲୋଡ଼ାଯାଇଥିବା ଯୌନ ଅନୁଗ୍ରହ ଏବଂ ନିର୍ଯାତନା ବିଷୟରେ କର୍ତ୍ତୃପକ୍ଷ ଅବଗତ ଥିଲେ, କିନ୍ତୁ ଝିଅଟିକୁ ସୁରକ୍ଷା ଦେବା କିମ୍ବା ନ୍ୟାୟ ଦେବା ପାଇଁ କିଛି କରିନଥିଲେ । ପିସିସି ସଭାପତି ଭକ୍ତଚରଣ ଦାସ ଯୁବତୀଙ୍କ ଆଶୁ ଆରୋଗ୍ୟ ସଭାପତି ପ୍ରାର୍ଥନା କରିବା ସହ ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଓ ଅଧିକାରୀ ମଧ୍ୟ ଏ ଘଟଣା ପାଇଁ ସମାନ ଭାବେ ଦାୟୀ । ରାଜ୍ୟର କୌଣସି ସରକାରୀ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି । ମନ୍ତ୍ରୀ ନିଜ ବିଫଳତା ସ୍ୱୀକାର କରି ତୁରନ୍ତ ଇସ୍ତଫା ଦେବାକୁ ଶ୍ରୀ ଦାସ ଦାବି କରିଛନ୍ତି ।

# ବସନ୍ତପୁର ଶିରିଡ଼ି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳିତ

ଭୁବନେଶ୍ୱର (ସବ୍ୟୁ): ଗୁରୁ ପୂର୍ଣ୍ଣିମା ଅବସରରେ ଗରଦପୁର ବ୍ଲକ୍ ଅନ୍ତର୍ଗତ ତେଣ୍ଡାକୁଡ଼ା ପଂଚାୟତ ର ବସନ୍ତପୁର ଗ୍ରାମରେ ପ୍ରତିଷ୍ଠିତ ଶ୍ରୀ ଶ୍ରୀ ଶିରିଡ଼ି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ସକାଳ ୫.୩୦ ରେ କାକଡ଼ ଆରତି, ସକାଳ ୬.୩୦ ରେ ବାବାଙ୍କ ସ୍ନାନ ଆରତି,ସକାଳ ରେ ମହାଭିଷେକ ପୂଜା, ହୋମ ଓ ମଧ୍ୟାହ୍ନ ଆରତି ଅନୁଷ୍ଠିତ ହୋଇଥିଲା । ଏହି ଗୁରୁପୂର୍ଣ୍ଣିମା ମହୋତ୍ସବ ରେ ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ଶ୍ରୀମତୀ ରେଣୁପ୍ରଭା ନାୟକ ଓ ଗରଦପୁର ବ୍ଲକ୍ ର ବିଡ଼ିଓ ଆଲୋକ ରଂଜନ ସେଠି ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଟ୍ରଷ୍ଟର ସମ୍ପାଦକ ସୁନୀଲ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ ଦୀପ୍ତିରଂଜନ କାନୁନଗୋ, ଧିରେନ୍ ମିଶ୍ର, ଉମାକାନ୍ତ ପାତ୍ର ପ୍ରମୁଖ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ଗୁରୁ ପୂର୍ଣ୍ଣିମା ରେ ଶ୍ରୀ ଶ୍ରୀ ବାବାଙ୍କ ଆଶିର୍ବାଦ କାମନା କରିଥିଲେ । ଶିରିଡ଼ି ସାଇ



ଟ୍ରଷ୍ଟ ପକ୍ଷରୁ ନଳିନୀ କାନ୍ତ ମହାନ୍ତି, ଚଣ୍ଡୀ ପ୍ରସାଦ ମହାନ୍ତି, କମଳ ମହାନ୍ତି ଓ ସଂଯୁକ୍ତା ବିଶ୍ୱାଳ ପ୍ରମୁଖ ମହୋତ୍ସବ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ମନ୍ଦିର ପରିଚାଳନା ଟ୍ରଷ୍ଟ ର ମ୍ୟାନେଜିଙ୍ଗ ଟ୍ରଷ୍ଟି ଡ଼ ରୁଦ୍ର ମହାନ୍ତି ସମସ୍ତଙ୍କୁ ଟ୍ରଷ୍ଟ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ଶ୍ରୀମତୀ ନାୟକ ଓ ବିଡ଼ିଓ ଶ୍ରୀ ସେଠିଙ୍କୁ ପୁଷ୍ପ ମାଲ୍ୟ, ବାବାଙ୍କ ଅଙ୍ଗବସ୍ତ୍ର,ବାବାଙ୍କ ଫଟୋ ଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଟ୍ରଷ୍ଟ ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁ ମାନଙ୍କୁ ସୁସ୍ୱାଦୁକର ପ୍ରସାଦ ବିତରଣ କରାଯାଇଥିଲା ।

# ଟିପିଡବ୍ଲୁଓଡିଏଲ୍ ଦ୍ୱାରା ବରଗଡ଼ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତିକରଣ

ଭୁବନେଶ୍ୱର (ସବ୍ୟୁ): ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ଦ୍ୱାରା ଲଖମରା ପାୱାର୍ ସବଷ୍ଟେସନ (PSS) ଅନ୍ତର୍ଗତ ୧୧ କେ.ଭି. ବଡ଼ିକଟା ଫିଡରଠାରୁ ୧୧ କେ.ଭି. ସମ୍ବଲପୁରୀ ଫିଡରକୁ ୧୦ ଦିନର ରେକର୍ଡ ସମୟ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଲୋଡ୍ ସିଫ୍ଟିଂ ପ୍ରକଳ୍ପ ସଫଳତାର ସହ ସମାପ୍ତ କରାଯାଇଅଛି । ବରଗଡ଼ ଜିଲ୍ଲାର ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପ ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଟିପିଡବ୍ଲୁଓଡିଏଲର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ଉକ୍ତ ଅଞ୍ଚଳରେ ଅନେକ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ଯେପରି କି ବିକ୍ଷିପ୍ତ ଗ୍ରାମ, ପ୍ରକଳ୍ପ ସ୍ଥାନରେ ପହଞ୍ଚିବା ଲାଗି ସୀମିତ ରାସ୍ତା, ଏବଂ ପ୍ରବଳ ବର୍ଷା ପରି ଅନେକ ଆହ୍ୱାନପୂର୍ଣ୍ଣ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିଥିଲା । ଯାହା ଫଳରେ ସୀମିତ ଯାନ୍ତ୍ରିକ ସହାୟତା ଯୋଗୁଁ ପ୍ରକଳ୍ପଟି ଶାରୀରିକ ଶ୍ରମ ଉପରେ ଅଧିକ ନିର୍ଭର କରିଥିଲା । ଏହି ସବୁ ବାଧା ସତ୍ତ୍ୱେ, ଟିପିଡବ୍ଲୁଓଡିଏଲର ଉତ୍ସର୍ଗୀକୃତ ପ୍ରକଳ୍ପ ଦଳ ଦ୍ୱାରା ସୁଚିନ୍ତିତ ଯୋଜନା, ସଠିକ୍ ସମୟରେ ସମ୍ବଳ ସଂଗ୍ରହ ଏବଂ ସୁଗମ ସମନ୍ୱୟ ମାଧ୍ୟମରେ ସମୟସୀମା ମଧ୍ୟରେ ଏହି ପ୍ରକଳ୍ପଟି ସମାପ୍ତ ହୋଇଥିଲା ।

ଏହି ୧୧ କେ.ଭି. ବଡ଼ିକଟା ଫିଡରରେ



ଅତ୍ୟଧିକ ଲୋଡ, ଲୋ ଭୋଲ୍ଟେଜ୍ ସମସ୍ୟା, ୨୨୮ଟି ଉଠା ଜଳସେଚନ ପ୍ରକଳ୍ପର ସଂଯୋଗ, ସାମଗ୍ରିକ ଯାନ୍ତ୍ରିକ ଏବଂ ବାଣିଜ୍ୟିକ କ୍ଷତି (AT&C losses) ଏବଂ ଲଖମାରା ପାୱାର ସବ୍-ଷ୍ଟେସନରେ ଅସମତୁଳିତ ଟ୍ରାନ୍ସଫର୍ମର୍ ଲୋଡ ଭଳି ବଡ଼ ସମସ୍ୟା ଲାଗି ରହିଥିଲା । ତେବେ ଏହି ୨.୫ କିମି ଲମ୍ବା ନୂଆ ଲାଇନ୍ ପ୍ରକଳ୍ପ ପାଇଁ କମ୍ପାନୀ ପକ୍ଷରୁ ୪୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ବର୍ତ୍ତମାନ ଏହି ପ୍ରକଳ୍ପକୁ ସମାପ୍ତ କରାଯାଇ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇଅଛି । ଏହି ପ୍ରକଳ୍ପ ଦ୍ୱାରା ଉକ୍ତ ଅଞ୍ଚଳର ୨୨୮ ଉଠା ଜଳସେଚନ ପ୍ରକଳ୍ପ, ଘରୋଇ ବିଦ୍ୟୁତ୍ ଗ୍ରାହକ ଏବଂ ଛୋଟ ବଡ଼ ବ୍ୟବସାୟୀ ଲାଭପ୍ରଦ ହୋଇପାରିବେ । ଏହି ପ୍ରକଳ୍ପର ସଫଳ ସମାପ୍ତି ପରିପ୍ରେକ୍ଷୀରେ, ଟିପିଡବ୍ଲୁଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି ଯେ, "ଏହି ପ୍ରକଳ୍ପ ଦ୍ରୁତ, ସୁରକ୍ଷା ଏବଂ ନିର୍ଭରଯୋଗ୍ୟତା ସହିତ ଗ୍ରାମୀଣ ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବା ପାଇଁ ଆମର ମିଶନର ଏକ ଉଜ୍ଜ୍ୱଳ ଉଦାହରଣ । ବୈଷୟିକ ବାଧା ସମାଧାନ କରିବା ବ୍ୟତୀତ, ଏହା ଓଡ଼ିଶାର ସବୁଠାରୁ ଚ୍ୟାଲେଞ୍ଜିଂ ଭୂଖଣ୍ଡରେ ମଧ୍ୟ ନିର୍ଭରଯୋଗ୍ୟ ଏବଂ ଅନ୍ତର୍ଭୁକ୍ତ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରିବାର ଆମର କ୍ଷମତା ଉପରେ ଗ୍ରାହକଙ୍କ ବିଶ୍ୱାସ ସୃଷ୍ଟି କରେ।

## ଖୋର୍ଦ୍ଧାରୋଡ଼ ରେଳମଣ୍ଡଳରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ

ଜଟଣୀ,(ସବ୍ୟୁ): ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ପକ୍ଷରୁ ବିଶ୍ୱଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସଂଖ୍ୟା ସଂପର୍କିତ ସମସ୍ୟା ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ରେଳ କର୍ମଚାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରିବା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସା ଅଧିକ୍ଷକ ଡାକ୍ତର ସବିତା ଶତପଥୀଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା। ଡାକ୍ତର ଶତପଥୀ ଜନସଂଖ୍ୟା ବୃଦ୍ଧି ଦ୍ୱାରା ଜନସଚେତନତା ଏବଂ ସ୍ୱାସ୍ଥ୍ୟସେବାର ବିଭିନ୍ନ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ଡାକ୍ତର ଆର୍‌ଏନ୍ ପଣ୍ଡା ଏହି ଅବସରରେ ଯୋଗଦେଇ ପରିବାର ନିୟୋଜନ ଏବଂ ସ୍ୱାସ୍ଥ୍ୟସେବା ବିଷୟରେ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ଶିକ୍ଷା ଓ ସଚେତନତା ଦେବା ପାଇଁ ଚିକିତ୍ସା ବିଭାଗ ଦ୍ୱାରା ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ମୂଲ୍ୟବାନ ଅନ୍ତଦୃଷ୍ଟି ବିଷୟରେ କହିଥିଲେ। ବିଶ୍ୱ ଜନସଂଖ୍ୟା ଦିବସ ୨୦୨୫ ନିଷ୍ପକ୍ଷ ଏବଂ ଆଶାବାଦୀ ବିଶ୍ୱରେ ସେମାନେ ଚାହୁଁଥିବା ପରିବାର ଗଠନ କରିବା ପାଇଁ ଯୁବପିଢ଼ିଙ୍କୁ ସଶକ୍ତ କରିବା ଉପରେ ଏକ ସେମିନାର ଆୟୋଜନ କରାଯାଇଥିଲା। ଶେଷରେ କୁଇଜ୍ ପ୍ରତିଯୋଗିତା କରାଯାଇ ବିଜେତାଙ୍କୁ ଉପହାର ବଂଟନ କରାଯାଇଥିଲା।

# ଭିଏସ୍‌ଏସ୍ ନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟଶିବିର



ଭୁବନେଶ୍ୱର (ସବ୍ୟୁ): ଭିଏସ୍‌ଏସ୍ ନଗର ବରିଷ୍ଠ ନାଗରିକଭବନରେ ଶନିବାର ଏକ ମାଗଣା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି । ମଣିପାଲ ଡାକ୍ତରଖାନା ଓ ଏ.ଏସ୍.ଜି. ଆଖି ଡାକ୍ତରଖାନାର ଡାକ୍ତର ଓ ସହାୟକମାନେ ଆସିଚକ୍ଷୁ ପରୀକ୍ଷା, ଡାଇବେଟିସ୍, ବ୍ଲଡପ୍ରେସର ଓ ଇସିଜି ଭଳି ବହୁ ପରୀକ୍ଷା କରାଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭାପତି କୃପାସିନ୍ଧୁ ସାହୁଙ୍କ ତତ୍ତ୍ୱାବଧାନରେ ଓ ଉପ-ସଭାପତି ଇଂ ସୁରେଶ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଭିଏସ୍‌ଏସ୍ ନଗର ବରିଷ୍ଠ ନାଗରିକ ମଞ୍ଚର ମାସିକ ବୈଠକ ସହିତ ସ୍ୱାସ୍ଥ୍ୟଶିବିରରେ ସାଧାରଣ ସମ୍ପାଦକ ଭ୍ରମରବର ପ୍ରଧାନ, କୋଷାଧକ୍ଷ ଏସ୍ ନରସିଂଘରାଓ, ଡ. କୁମୁଦ ମିଶ୍ର, ମହେଶ୍ୱର ବିଶ୍ୱାଳ, ସରୋଜିନୀ ପରମଗୁରୁ, ଶଶିଭୂଷଣ ଦାସ, ଧରଣିଧର ରାଉତ, ପ୍ରଫୁଲ୍ଲ ମହାପାତ୍ର,ତ୍ରିଲୋଚନ ରଥ, ବିଜୟ କୁମାର ଦେ, ନବକିଶୋର ବେଉରା ଓ ରାମଚନ୍ଦ୍ର ସାମଲ ଆଦି ସହଯୋଗ କରିଥିଲେ। ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, ଯୁଗ୍ମ-ସମ୍ପାଦକ ଚିନ୍ତାମଣି ବାରିକ ଓ ଦୁର୍ଗାପୂଜା ସମିତିର ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦଙ୍କ ସହିତ ଭିଏସ୍‌ଏସ୍ ନଗରର ବହୁ ବାସିନ୍ଦାଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶେଷରେ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଶୀତଳଚନ୍ଦ୍ର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

## ବେଦାନ୍ତ ଆଲୁମିନିୟମ ଆକାଂକ୍ଷୀ ଜିଲ୍ଲା
# କାର୍ଯ୍ୟକ୍ରମ ଅଧିନରେ କଳାହାଣ୍ଡିର ଜାତୀୟ ମାନ୍ୟତାକୁ ପାଳନ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧିନରେ କଳାହାଣ୍ଡିର ଉଲ୍ଲେଖନୀୟ ପ୍ରଦର୍ଶନକୁ ପାଳନ କରିଛି, ଯାହା ନୀତି ଆୟୋଗର ଏକ ପ୍ରମୁଖ ପଦକ୍ଷେପ ଓ ଏହାର ଲକ୍ଷ୍ୟ ହେଉଛି ସାରା ଭାରତରେ ଅନୁନ୍ନତ ଜିଲ୍ଲାଗୁଡ଼ିକୁ ପରିବର୍ତ୍ତନ କରିବା । ଏହି ପ୍ରଶଂସନୀୟ ସଫଳତା ଲାଗି କମ୍ପାନିର ବିଭାଗୀୟ ପ୍ରତିନିଧି, ଜିଲ୍ଲା ପ୍ରଶାସନ ଓ କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛି। ଭବାନୀପାଟଣା ଜିଲ୍ଲା କଲେକ୍ଟୋରେଟ କାର୍ଯ୍ୟାଳୟର ନୀତି ଆୟୋଗର କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ସୁଶ୍ରୀ ଅନିତା କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ମହିଳା ଓ ଶିଶୁ ସ୍ୱାସ୍ଥ୍ୟର, ପୁଷ୍ଟିସାର, ଶିକ୍ଷା ଓ କୃଷି ସମେତ ଛଅଟି ପ୍ରମୁଖ ବିକାଶ ସୂଚକାଙ୍କ ମଧ୍ୟରୁ ପାଂଚଟିରେ ୧୦୦% ସଫଳତା ହାସଲ କରିବାରେ କଳାହାଣ୍ଡିକୁ ପ୍ରଶଂସା ମିଳିଛି। ଜିଲ୍ଲାକୁ ୯କୋଟିର କାର୍ଯ୍ୟଦକ୍ଷତା ପ୍ରୋତ୍ସାହନ ଟଙ୍କା ପ୍ରଦାନ କରାଯାଇଛି, ଯାହା ଗତ ଦଶନ୍ଧିରେ ଏହାର ଉନ୍ନତ ଅଭିବୃଦ୍ଧି ପ୍ରମାଣ ।

ଏକଦା ଅଭାବର ପ୍ରତୀକ ଭାବରେ କଳାହାଣ୍ଡିର ପରିଚୟକୁ ପୁନଃଲିଖନ କରାଯାଇଛି, ଓଡ଼ିଶାର ସବୁଠାରୁ ଅନୁନ୍ନତ ଜିଲ୍ଲା ମଧ୍ୟରୁ ଗୋଟିଏ ଗ୍ରାମୀଣ ବିକାଶର ଏକ ସମୃଦ୍ଧ ମଡେଲରେ ପରିଣତ ହୋଇଛି। ଉଲ୍ଲେଖନୀୟଯେ ବେଦାନ୍ତ କଳାହାଣ୍ଡିକୁ ସାମାଜିକ -ଅର୍ଥନୈତିକ ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଲାଗି ସରକାରୀ ପ୍ରତିନିଧି ଓ ଜିଲ୍ଲାପ୍ରଶାସନ ସହିତ ଘନିଷ୍ଠ ଭାବରେ ସଂପୃକ୍ତ ରହି କାର୍ଯ୍ୟ କରିଆସୁଛି। ଏହି ଜିଲ୍ଲାରେ ଲାଞ୍ଜିଗଡ଼ର କମ୍ପାନିର ବିଶ୍ୱସ୍ତରୀୟ ଆଲୁମିନା ରିଫାଇନାରୀ ମଧ୍ୟ ଅବସ୍ଥିତ। ଏହି ସଫଳତା ଉପରେ ମତଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ଆମେ କଳାହାଣ୍ଡିରେ ଲୋକମାନଙ୍କ ସହିତ ଏହି ମୁହୂର୍ତ୍ତକୁ ପାଳନ କରି ଆନନ୍ଦିତ। ଏହି ସଫଳତାରେ ସରକାର, ଗୋଷ୍ଠୀ ଏବଂ ଦାୟିତ୍ୱବାନ ଶିଳ୍ପ ଅଂଶୀଦାରମାନଙ୍କ ସହଯୋଗର ଶକ୍ତିକୁ ପ୍ରତିଫଳିତ କରିଛି। ବେଦାନ୍ତ ଆଲୁମିନିୟମ ଏହି ପରିବର୍ତ୍ତନରେ ଅଂଶୀଦାର ହୋଇ ଗର୍ବିତ ଏବଂ ଆମେ ଆଗାମୀ ପିଢି ପାଇଁ ଜିଲ୍ଲାର ପ୍ରଗତିକୁ ସମର୍ଥନ କରିବାକୁ ପ୍ରତିଶ୍ରୁତିବଦ୍ଧ।

କଳାହାଣ୍ଡିର ଏକ ଦୀର୍ଘକାଳୀନ ବିକାଶ ସହଯୋଗୀ ଭାବରେ, ବେଦାନ୍ତ ଆଲୁମିନିୟମ ଆସ୍ପିରେସନାଲ ଡିଷ୍ଟ୍ରିକ୍ସ ଲକ୍ଷ୍ୟ ସହିତ ସଂପୃକ୍ତ ମୁଖ୍ୟ କ୍ଷେତ୍ରଗୁଡ଼ିକ ଉପରେ ଅର୍ଥପୂର୍ଣ୍ଣ ଅବଦାନ ଦେଇଆସୁଛି। ସ୍ୱାସ୍ଥ୍ୟ ଓ ପୁଷ୍ଟି: ସାମୁଦାୟିକ ସ୍ୱାସ୍ଥ୍ୟ ଓ ପହଂଚକୁ ସୁଦୃଢ଼ କରିବା ଲାଗି ବେଦାନ୍ତର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଭ୍ୟାନ ଦୁର୍ଗମ ଅଂଚଳ ପରିଭ୍ରମଣ କରି ସେବା ପ୍ରଦାନ କରୁଛି। ଯେତେବେଳେକି ଲାଞ୍ଜିଗଡର ବେଦାନ୍ତ ହସପିଟାଲ ବାର୍ଷିକ ୬୦,୦୦୦ରୁ ଅଧିକ ଲୋକଙ୍କୁ ସେବା ପ୍ରଦାନ କରୁଛି। ଏହି କମ୍ପାନି ବାଙ୍କାକୁଣ୍ଡ ଅଂଚଳରେ ମା ସନ୍ତୋଷୀ ଜନ କଲ୍ୟାଣ ହସପିଟାଲ ମଧ୍ୟ ପରିଚାଳନା କରୁଛି ଓ ବାର୍ଷିକ ୨୫,୦୦୦ରୁ ଅଧିକ ଲୋକ ଏଠାରୁ ସେବା ପାଉଛନ୍ତି।

## ନବନିଯୁକ୍ତ ରାଜ୍ୟ ବିଜେପି ସଭାପତିଙ୍କୁ ସମ୍ବର୍ଦ୍ଧନା

କଟକ, (ସବ୍ୟୁ)ନବନିଯୁକ୍ତ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ କଟକ ବିଜେପିର ପ୍ରମୁଖ ନେତୃବୃନ୍ଦ ଓମ ପ୍ରକାଶ ରାୟ, ପ୍ରଦୀପ ସ୍ୱାଇଁ, ଲକ୍ଷ୍ମୀଧର ପ୍ରଧା, ଦୟାନିଧି ଲେଙ୍କା ଏବଂ ଦେବାଶିଷ ଘୋଷ ପ୍ରମୁଖ ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଭେଟି ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଦେବାଶିଷ ଘୋଷ ଏହି ଅବସରରେ ଶ୍ରୀଯୁକ୍ତ ସାମଲଙ୍କୁ ରାଜ୍ୟରେ ନିର୍ବାଚିତ ହୋଇଥିବା ବିଧାୟକଙ୍କ ସମାନ ସଂଖ୍ୟକ ୭୮ ଗୋଟି ପଦ୍ମ ଫୁଲରେ ନିର୍ମିତ ଏକ ମାଳ ପିନ୍ଧାଇ ଶୁଭେଚ୍ଛା ଜଣାଇଥିଲେ। ଦଳୀୟ କର୍ମୀମାନେ ଶ୍ରୀ ସାମଲଙ୍କ ନେତୃତ୍ୱରେ ଓଡ଼ିଶାରେ ବିଜେପିକୁ ଶକ୍ତିଶାଳୀ କରିବାକୁ ଦୃଢ଼ ଭାବେ ନିଜ ମତ ପ୍ରକାଶ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଦଳକୁ ତୃଣମୂଳ ସ୍ତରରେ ଶକ୍ତିଶାଳୀ କରିବା ଉପରେ ଆଲୋଚନା ହୋଇଥିଲା। ନେତୃବୃନ୍ଦ ବୁଥ ସ୍ତରରେ ସକ୍ରିୟ କମିଟି ଗଠନ, ଯୁବ ଓ ମହିଳା ଏବଂ ନିର୍ବାଚନ ପୂର୍ବରୁ ମତଦାତାଙ୍କ ସହ ସଂଯୋଗ ରକ୍ଷା କରିବା ପାଇଁ ବ୍ୟାପକ ଅଭିଯାନ ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ।

# ବାଲେଶ୍ୱର ଛାତ୍ରୀ ଆତ୍ମାହୂତି ଉଦ୍ୟମ ଘଟଣାରେ ରାଜ୍ୟ ସରକାର ଦାୟୀ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଫକୀର ମୋହନ ମହାବିଦ୍ୟାଳୟର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ ଘଟଣା ପାଇଁ କଲେଜ କର୍ତ୍ତୃପକ୍ଷ ଓ ପୋଲିସର ନିଷ୍କ୍ରିୟତା, ଏହାସହ ବାଲେଶ୍ୱର ସାଂସଦଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛି ବିଜେଡି । ରାଜ୍ୟରେ ନାରୀ ନ୍ୟାୟ ପାଇବା ପାଇଁ କାହା ପାଖରେ ଦ୍ୱାରସ୍ଥ ହେବ ବୋଲି ବିଜେଡି ପ୍ରଶ୍ନ କରିଛି ।

ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଶ୍ରୀମତୀ ଇପ୍ସିତା ସାହୁ କହିଛନ୍ତି ଯେ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଗତ ଜୁଲାଇ ୧ତାରିଖରେ ଲିଖିତ ଭାବେ ଜୈନିକ ଅଧାପକ ତାଙ୍କଠାରୁ ଶାରୀରିକ ସୁଖ ପାଇଁ ଚାହୁଁଥିଲା ଭଳି ସଂଗୀନ ଅଭିଯୋଗ କରିଥିଲେ, ଅଧ୍ୟକ୍ଷ ଏହି ଅଭିଯୋଗକୁ ଗୁରୁତର ସହ ନେଇନଥିଲେ । ଫଳରେ ଅଧ୍ୟକ୍ଷ କୌଣସି ତ୍ୱରିତ ପଦକ୍ଷେପ ନ ନେବାରୁ ଛାତ୍ରୀ ଜଣଙ୍କ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ । ସେଠାରେ ମଧ୍ୟ ନ୍ୟାୟ ପାଇବାରେ ବିଫଳ ହେବାରୁ ସେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ । ଯାହାକୁ ପ୍ରତାପ ଷଡଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି । କିନ୍ତୁ



ବିଡମ୍ବନାର କଥା ଶ୍ରୀ ଷଡଙ୍ଗୀ ଛାତ୍ରୀ ଜଣଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ଘଟଣାକୁ ହାଲକା ଭାବେ ନେବା ଦ୍ୱାରା ଆଜି ଛାତ୍ରୀ ଜଣଙ୍କ ଦୀର୍ଘ ୧୨ ଦିନ ଧରି ନ୍ୟାୟ ପାଇଁ ସଂଘର୍ଷ କରିବା ପରେ ବାଧ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ ।

ଛାତ୍ରୀ ଜଣଙ୍କ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟା ହୋଇଥିଲେ ମଧ୍ୟ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଓ ନ୍ୟାୟ ଦେଇପାରିଲେ ନାହିଁ । ହେଲେ ଜଣେ ସାଧାରଣ ଛାତ୍ରୀ ଏହି ସରକାରଠାରୁ ସୁରକ୍ଷା ଓ ନ୍ୟାୟ କିଭଳି ଆଶା କରିବ ? ଛାତ୍ରୀ ଜଣଙ୍କ ଏବିଭିପିର ସଦସ୍ୟା ହୋଇଥିଲେ ମଧ୍ୟ ଆମ ପାଇଁ ନାରୀର ସୁରକ୍ଷା ଓ ସମ୍ମାନ ସର୍ବଉପରେ । ଏହି ଛାତ୍ରୀଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଲଢେଇ ଜାରି ରଖିବ । ଏହି ବର୍ବରୋଚିତ ଘଟଣା ଘଟିଲା ପରେ କଲେଜ ଅଧ୍ୟକ୍ଷ ଯେଉଁ ଦାୟିତ୍ୱହୀନ ଭାବେ ଗଣମାଧ୍ୟମରେ ମନ୍ତବ୍ୟ ଦେଲେ ଯେ, ଏହା ଏକ ବଡ ଅଭିଯୋଗ ନୁହେଁ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି, ଅଧ୍ୟକ୍ଷ ଦୋଷୀଙ୍କୁ ସୁରକ୍ଷା ଦେବା ପାଇଁ ଆପ୍ରାଣ ଚେଷ୍ଟା କରୁଛନ୍ତି । ତେଣୁ ଅଧ୍ୟକ୍ଷଙ୍କୁ ତଦନ୍ତ ପରିସରଭୁକ୍ତ କରି ଗିରଫ କରାଯାଉ ବୋଲି ବିଜେଡି ଦାବି କରିଛି ।

ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀ ଭୁବନେଶ୍ୱର ସ୍ଥିତ ଏମ୍ସରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ସ୍ୱାସ୍ଥ୍ୟବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ବୁଝିବା ପାଇଁ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଏମ୍ସ ଗସ୍ତ କରି ପୀଡିତାଙ୍କ ଭାଇଙ୍କ ସହିତ ଘଟଣା ସଂପର୍କରେ ଆଲୋଚନା କରିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସ୍ନେହାଙ୍ଗୀନୀ ଛୁରିଆ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ମେୟର ଶ୍ରୀମତୀ ସୁଲୋଚନା ଦାସ, ବିଧାୟକ ଶ୍ରୀଯୁକ୍ତ ଗୌତମ ବୁଦ୍ଧ ଦାସ, ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର, ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଓ ମୁଖପାତ୍ର ଶ୍ରୀମତୀ ଇପ୍ସିତା ସାହୁ ପ୍ରମୁଖ ରହିଛନ୍ତି ।

# ୟୁକ୍ରେନ ଉପରେ ରୁଷର ବଡ଼ ହମଲା



କିଭ:ୟୁକ୍ରେନ ଉପରେ ରୁଷ ପକ୍ଷରୁ ଏକ ବଡ଼ ଆକ୍ରମଣ କରାଯାଇଛି । ଏଥିରେୟୁକ୍ରେନର ବ୍ୟାପକ କ୍ଷୟକ୍ଷତି ହୋଇଛି ବୋଲିୟୁକ୍ରେନୀୟ ବାୟୁସେନା କହିଛି ।ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି ଯେ ଶୁକ୍ରବାର ରାତିରେ ରୁଷୟୁକ୍ରେନ ଉପରେ ୫୯୭ଟି ଡ୍ରୋନ୍ ଏବଂ ୨୬ଟି କ୍ଷେପଣାସ୍ତ୍ର ମାଧ୍ୟମରେ ପ୍ରଚଣ୍ଡ ଆକ୍ରମଣ କରିଥିଲା । ଏହା ଗତ କିଛି ମାସ ମଧ୍ୟରେ ରୁଷ ଦ୍ୱାରା କରାଯାଇଥିବା ସବୁଠାରୁ ବଡ଼ ଆକ୍ରମଣ । ଜେଲେନସ୍କିଙ୍କ କହିବା ଅନୁଯାୟୀ, ଏହି ଡ୍ରୋନଗୁଡ଼ିକ ମଧ୍ୟରୁ ଅଧିକାଂଶ 'ଶାହେଦ' ଡ୍ରୋନ ଥିଲା, ଯାହା ଇରାନରେ ତିଆରି ହୋଇଥାଏ । ସେ ବିଶ୍ୱକୁ ରୁଷ ଉପରେ କଠୋର କଟକଣା ଲାଗୁ କରିବାକୁ ନିବେଦନ କରିଥିଲେ ଯାହାଦ୍ୱାରା ଏପରି ଆକ୍ରମଣ ବନ୍ଦ ହୋଇପାରିବ ।ୟୁକ୍ରେନୀୟ ବାୟୁସେନା କହିଛି ଯେ ସେମାନେ ୩୧୯ ଡ୍ରୋନ୍ ଏବଂ ୨୫ଟି କ୍ଷେପଣାସ୍ତ୍ର ଖସାଇ ଦେଇଛନ୍ତି । କିନ୍ତୁ ପ୍ରାୟ ୨୦ଟି ଡ୍ରୋନ୍ ଏବଂ ଗୋଟିଏ କ୍ଷେପଣାସ୍ତ୍ର ପାଞ୍ଚଟି ସ୍ଥାନରେ ପଡ଼ିବାରୁ କ୍ଷତି ହୋଇଥିଲା । ତଥାପି, ଏହି ପାଞ୍ଚଟି ସ୍ଥାନ କେଉଁ ତାହା ବାୟୁସେନା ପ୍ରକାଶ କରିନାହିଁ ।

# ୧୪ରେ ମହାକାଶରୁ ଫେରିବେ ଶୁଭାଂଶୁ



ନୂଆଦିଲ୍ଲୀ: ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପେଟନ୍ ଶୁଭାଂଶୁ ଶୁକ୍ଲାଙ୍କୁ ନେଇ ଗଠିତ ଆକ୍ସମ୍-୪ (ଆକ୍ସ-୪) ମିସନ ଆସନ୍ତା ୧୪ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ରୁ ଫେରିବେ ବୋଲି କମ୍ପାନି ସୋସିଆଲ ମିଡିଆରେ ଘୋଷଣା କରିଛି । ଆକ୍ସମ୍ ସ୍ପେସ୍ ପକ୍ଷରୁ କୁହାଯାଇଛି ଯେ, ଅନୁକୂଳ ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆକ୍ସମ୍ ମିସନ-୪ର କ୍ରୁମାନେ ଜୁଲାଇ ୧୪ ତାରିଖ ସୋମବାର ସକାଳ ୭ଟା ୫ ମିନିଟରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ଛାଡ଼ିବେ । ଆମେରିକାର ଏହି ମହାକାଶ ସଂସ୍ଥା କହିଛି ଯେ କମାଣ୍ଡର ପେଗି ହ୍ୱିଟସନ, ପାଇଲଟ ଶୁଭାଂଶୁ "ଶୁକ୍ସ" ଶୁକ୍ଲା, ମିସନ ସ୍ପେସାଲିଷ୍ଟ ସାଓଜ୍ "ସୁଏଭ" ଉଜନାସ୍କି-ଓ୍ୱିଜନିଉସ୍କି ଓ ଟିବୋର କାପୁ କକ୍ଷପଥରେ ସେମାନଙ୍କର ଶେଷ ଦିନର ସଦୁପଯୋଗ କରୁଛନ୍ତି, ଯାହା ମହାକାଶ ଅନୁସନ୍ଧାନର ଭବିଷ୍ୟତକୁ ଆକାର ଦେଇପାରିବ । ଚଳିତ ସପ୍ତାହ ପ୍ରାରମ୍ଭରେ ପୋଲାଣ୍ଡର ମହାକାଶଚାରୀ ଉଜନାସ୍କି-ଓ୍ୱିଜନିଉସ୍କିଙ୍କୁ ନିୟୋଜିତ କରିଥିବାୟୁରୋପୀୟ ମହାକାଶ ଏଜେନ୍ସି କ୍ରୁ ମେମ୍ବରଙ୍କ ପ୍ରତ୍ୟାବର୍ତ୍ତନ ଜୁଲାଇ ୧୪ରେ ହେବ ବୋଲି କହିଥିଲା । କାର୍ଯ୍ୟସୂଚୀ ଅନୁଯାୟୀ, ନିମ୍ନ କକ୍ଷପଥରେ ସେମାନଙ୍କ ରହଣି ଅବଧି ଦୁଇ ସପ୍ତାହ ପାଇଁ ଥିଲା, ଯାହା ଜୁଲାଇ ୧୦ରେ ଶେଷ ହେବା କଥା । ସ୍ପେସ୍ ଏକ୍ସ-୪ ଅଭିଯାନ ଜୁନ୍ ୨୬ରେ ସ୍ପେସ୍ଏକ୍ସ ଡ୍ରାଗନ୍ ମହାକାଶଯାନ "ଗ୍ରେସ୍' ଆଇଏସ୍ଏସ ଅବତରଣ କରିବା ପରଠାରୁ ଏହି କ୍ରୁମାନେ ୩୧ଟି ଦେଶକୁ ପ୍ରତିନିଧିତ୍ୱ କରୁଥିବା ୬୦ଟି ପରୀକ୍ଷଣରେ ନିୟୋଜିତ ହୋଇଛନ୍ତି । ଏଥିରେ ଉନ୍ନତ ବୈଜ୍ଞାନିକ ଅଧ୍ୟୟନ କରାଯାଇଛି ଓ ନୂତନ ଜ୍ଞାନକୌଶଳର ପରୀକ୍ଷଣ କରାଯାଇଛି ବୋଲି ଆକ୍ସମ୍ ସ୍ପେସ୍ କହିଛି । ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ପ୍ରତିନିଧିତ୍ୱ କରୁଥିବା ଶୁକ୍ଲା ସ୍ୱଦେଶୀ ଜ୍ଞାନକୌଶଳରେ ଡିଜାଇନ୍ ଓ ବିକଶିତ ୭ଟି ମାଇକ୍ରୋଗ୍ରାଭିଟି ପରୀକ୍ଷଣ କରୁଛନ୍ତି ।

# ରୋଜଗାର ମେଳା : ନିଯୁକ୍ତି ପତ୍ର ବାଣ୍ଟିଲେ ମୋଦି



ନୂଆଦିଲ୍ଲୀ: ଯୁବକମାନଙ୍କୁ ସ୍ଥାୟୀ ଚାକିରି ପ୍ରଦାନ କରିବା ପାଇଁ ଆମର ଅଭିଯାନ ନିରନ୍ତର ଜାରି ରହିଛି । ଏହି ପ୍ରକ୍ରିୟାରେ କୌଣସି ସୁପାରିଶ ନାହିଁ, କୌଣସି ଦୁର୍ନୀତି ନାହିଁ । ଆଜି, ୫୧,୦୦୦ ରୁ ଅଧିକ ଯୁବକଙ୍କୁ ନିଯୁକ୍ତି ପତ୍ର ଦିଆଯାଇଛି । ଲକ୍ଷ ଲକ୍ଷ ଯୁବକ ଏହିପରି ରୋଜଗାର ମେଳା ମାଧ୍ୟମରେ ଭାରତ ସରକାରଙ୍କ ସ୍ଥାୟୀ ଚାକିରି ପାଇସାରିଛନ୍ତିଛ ଏହି ଯୁବକମାନେ ଏବେ ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ଭାରତୀୟ ରେଳବାଇରେ ଆପଣଙ୍କର ଦାୟିତ୍ୱ ଆରମ୍ଭ କରିଛନ୍ତି । କିଛି ଏବେ ଦେଶର ସୁରକ୍ଷାର ରକ୍ଷକ ହେବେ, ଡାକ ବିଭାଗରେ ନିଯୁକ୍ତ ଅନ୍ୟମାନେ ପ୍ରତ୍ୟେକ ଗ୍ରାମକୁ ସରକାରୀ ସେବା ପହଞ୍ଚାଇବାରେ ସାହାଯ୍ୟ କରିବେ, କିଛି ସମସ୍ତେ ସ୍ୱାସ୍ଥ୍ୟ ମିଶନର ପାଦଚଲା ସୈନିକ ହେବେ, ଅନେକ ଯୁବ ବୃତ୍ତିଗତ ଆର୍ଥିକ ଅନ୍ତର୍ଭୁକ୍ତିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବେ, ଏବଂ ଅନ୍ୟମାନେ ଭାରତର ଶିଳ୍ପ ବିକାଶକୁ ଆଗକୁ ବଢ଼ାଇବେ । ଆପଣଙ୍କ ବିଭାଗ ଭିନ୍ନ ହୋଇପାରେ, କିନ୍ତୁ ଲକ୍ଷ୍ୟ ସମାନ ଏବଂ ସେହି ଲକ୍ଷ୍ୟ କ'ଣ? ଆମକୁ ଏହାକୁ ବାରମ୍ବାର ମନେ ରଖିବାକୁ ପଡିବ । ପ୍ରଥମେ । ଦେଶବାସୀଙ୍କ ସେବା କରିବା ପାଇଁ ଆପଣଙ୍କୁ ଏକ ମହାନ ମଞ୍ଚ ଦିଆଯାଇଛି । ଜୀବନର ଏତେ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଏହି ମହାନ ସଫଳତା ହାସଲ କରିବା ପାଇଁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଦିଲ୍ଲୀରେ ଭୁଶୁଡ଼ିଲା ୪ ମହଲା କୋଠା

## ଅନେକ ଫସିରହିଥିବା ଆଶଙ୍କା



ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀରେ ଏକ କୋଠା ଭୁଶୁଡ଼ି ପଡ଼ିଛି । ଶନିବାର ସକାଳେ ଦିଲ୍ଲୀରେ ଏକ ଚାରି ମହଲା କୋଠା ଭୁଶୁଡ଼ି ପଡ଼ିବା ପରେ ଅନେକ ଲୋକ ଭଗ୍ନାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି । ଉତ୍ତର-ପୂର୍ବ ଦିଲ୍ଲୀରେ ସକାଳ ୭:୦୫ ସମୟରେ ଏହି ଘଟଣା ଘଟିଥିବା ସୂଚନା ମିଳିଛ । ଏବେ ବି ଉଦ୍ଧାର କାର୍ଯ୍ୟ ଚାଲିଛି । ଘଟଣାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଏନେଇ ଜଣେ ଅଧିକାରୀ ଗଣମାଧ୍ୟମରେ କହିଛନ୍ତି, ଆମେ ସକାଳ ୭ଟାରେ ଏକ କୋଠା ଭୁଶୁଡ଼ିବା ସମ୍ପର୍କରେ ଏକ ଫୋନ୍ ପାଇଥିଲୁ ।ସାତୋଟି ଦମକଳ ବାହିନୀ ସମେତ ଅନେକ ଦଳ କାମ କରୁଛନ୍ତି । ଅଧିକ ସୂଚନା ଅପେକ୍ଷା କରାଯାଇଛ । ଭଗ୍ନାବଶେଷ ମଧ୍ୟରୁ ଚାରି ଜଣଙ୍କୁ ବାହାର କରାଯାଇଛି ଯେତେବେଳେ ଅତି କମରେ ତିନି ଜଣ ଏବେ ବି ଫସି ରହିଥିବା କୁହାଯାଉଛି । ଗଣମାଧ୍ୟମ ସଂସ୍ଥା ଏଏନ୍ଆଇ ଦ୍ୱାରା ସେୟାର କରାଯାଇଥିବା ଭିଡିଓ ଅନୁଯାୟୀ, ସ୍ଥାନୀୟ ଲୋକମାନେ ଭଗ୍ନାବଶେଷ ସଫା କରିବା ଏବଂ ଲୋକଙ୍କୁ ଉଦ୍ଧାର କରିବାରେ ସାହାଯ୍ୟ କରୁଥିବାର ଦେଖାଯାଉଛ ।ଏପ୍ରିଲ୍ ପୂର୍ବରୁ, ଦିଲ୍ଲୀର ମୁସ୍ତାଫାବାଦରେ ଏକ ଚାରି ମହଲା କୋଠା ଭୁଶୁଡ଼ିବା ପରେ ଅତି କମରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନ୍ୟ ୧୩ ଜଣଙ୍କୁ ଉଦ୍ଧାର କରାଯାଇଥିଲା । ଜଣେ ଅଧିକାରୀ ଏହାକୁ ପ୍ୟାନକେକ୍ ଭୁଶୁଡ଼ିବା ଭାବରେ ବର୍ଣ୍ଣନା କରିଥିଲେ, ଯେଉଁଥିରେ ସେ କହିଥିଲେ ଯେ ବଞ୍ଚିବାର ସମ୍ଭାବନା ଖୁବ୍ କମ୍ ।

# ହିମାଚଳରେ ବର୍ଷା : ମୃତ୍ୟୁ ସଂଖ୍ୟା ୯୨




ନୂଆଦିଲ୍ଲୀ : ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ଓ ଆକସ୍ମିକ ବନ୍ୟା ଆସିଛି । ପ୍ରାୟ ୯୨ ଜଣ ହିମାଚଳ ମୌସୁମୀ ବର୍ଷାରେ ପ୍ରାଣ ହରାଇଛନ୍ତି । ପ୍ରାୟ ୨୪୯ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ମଣ୍ଡି ଜିଲ୍ଲାଟି ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । ଏହି ଜିଲ୍ଲାରେ ୨୦୭ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ୯୨ ଜଣଙ୍କ ମୃତ୍ୟୁ ଘଟିଛି । ୧୭୨ ଆହାତ ହୋଇଥିବା ବେଳେ ୩୩ ଜଣ ନିଖୋଜ ଅଛନ୍ତି ।

ହିମାଚଳରେ ବିକ୍ଷିପ୍ତ ବର୍ଷା ଲାଗି ରହିଛି । ଏଥିଯୋଗୁଁ ଭୂସ୍ଖଳର ଆଶାଙ୍କା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ମଣ୍ଡି -ଧରମପୁର ଭାୟା କୋଟିଳ ଜାତୀୟ ରାଜପଥକୁ ବଡ ଗାଡି ଲାଗି ବନ୍ଦ କରିଦିଆଯାଇଛି । କାଇଞ୍ଚି ଠାରେ ଏକ ବଡ ଧରଣର ଭୂସ୍ଖଳନ ହୋଇଛି । ମଣ୍ଡି-କୁଲୁ ସେକସନ୍‌ରେ ମଧ ଯାତାୟାତ ବାଧାପ୍ରାପ୍ତ ହୋଇଛି । ପ୍ରାୟ ଲୋକଙ୍କୁ ୧୦ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ଯାତ୍ରୀମାନଙ୍କୁ କାଟଲା - କାମଣ୍ଡୋ ରାସ୍ତାରେ ଯାତାୟାତ ବନ୍ଦ ରହିଛି । ରାଜ୍ୟର ପ୍ରାୟ ୭୫୧ କୋଟିର କ୍ଷତି ହୋଇସାରିଲାଣି । ଜୁନ୍ ୨୦ ରୁ ମୌସୁମୀ ବର୍ଷା ଆରମ୍ଭ ହେଲାପରେ କେତେ ସଂଖ୍ୟକ କ୍ଷୟକ୍ଷତି ହୋଇଛି । ୪୮୩ ପାୱାର ଟ୍ରାନ୍ସଫର୍ମମର ଓ ୭୮୧ ଜଳ ଯୋଗାଣ ବ୍ୟବସ୍ଥା ଏବେ ବନ୍ଦ ରହିଛି । ସର୍ଚ୍ଚ ଅପରେସନ୍ ଜାରି ରହିଛି । ୨୭ ଜଣ ଭାସିଯାଇଥିବା ଅନୁମାନ କରାଯାଉଛି । ହିମାଚଳରେ ଏଥର ମୌସୁମୀରେ ୨୬ ପ୍ରତିଶତ ଅଧିକ ବର୍ଷା ହେବାରୁ ୩୧ ଆକସ୍ମିକ ବନ୍ୟା ଆସିଛି । ୨୨ ବାଦଲ ଫଟା ବର୍ଷା ଓ ୧୭ ଟି ବୃହତ୍ ଭୂସ୍ଖଳନ ହୋଇଛି । କର୍ତ୍ତୃପକ୍ଷଙ୍କ ପକ୍ଷରୁ ପର୍ଯ୍ୟଟକ ଓ ବାସିନ୍ଦାମାନଙ୍କୁ ଅନାବଶ୍ୟକ ଗସ୍ତକୁ ବନ୍ଦ କରିବାକୁ କୁହାଯାଇଛି । ସ୍ଥାନୀୟ ପାଣିପାଗ ବିଭାଗ ପକ୍ଷରୁ ପ୍ରବଳ ବର୍ଷା ନେଇ ୟଲୋ ଆଲାର୍ଟ ଜାରି କରାଯାଇଛି । ଜୁଲାଇ ୧୮ ପର୍ଯ୍ୟନ୍ତ ୧୨ ଜିଲ୍ଲାରେ ଅଧିକ ବର୍ଷା ହେବ ବୋଲି ଆକଳନ କରାଯାଇଛି ।

# ୟୁରୋପୀୟ ସଂଘ ଉପରେ ଟ୍ରମ୍ପ ଲଗାଇଲେ ୩୦% ଶୁଳ୍କ

ଓ୍ୱାସିଂଟନ : ମେକ୍ସିକୋ ଓ୍ୟୁରୋପୀୟ ସଂଘ ଉପରେ ଶୁଳ୍କ ବୋମା ପକାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଉଭୟଙ୍କ ଉପରେ ୩୦ ପ୍ରତିଶତ ଶୁଳ୍କ ବସାଯାଇଛି, ଯାହାକି ଅନ୍ୟାନ୍ୟ ଶୁଳ୍କ ଉପରେ ଅତିରିକ୍ତଭାବେ ଲାଗୁ ହେବ ।ଆମେରିକା ରାଷ୍ଟ୍ରପତି ଘୋଷଣା କରିଛନ୍ତି ଯେ ଆସନ୍ତା ମାସ ଆରମ୍ଭରୁ ମେକ୍ସିକୋ ଏବଂୟୁରୋପୀୟ ସଂଘରୁ ଆମଦାନି ହେଉଥିବା ସମସ୍ତ ସାମଗ୍ରୀ ଉପରେ ଆମେରିକାରେ ୩୦ ପ୍ରତିଶତ ଶୁଳ୍କ ଲାଗୁ କରାଯିବ । ସେ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ମେକ୍ସିକୋ ଏବଂୟୁରୋପୀୟ ସଂଘକୁ ପଠାଯାଇଥିବା ଶୁଳ୍କ ପତ୍ରଗୁଡ଼ିକୁ ସେୟାର କରିଛନ୍ତି ।

ଆମେରିକା ରାଷ୍ଟ୍ରପତି ଘୋଷଣା କରିଛନ୍ତି ଯେ ଆସନ୍ତା ମାସ ଆରମ୍ଭରୁ ଅର୍ଥାତ୍ ଅଗଷ୍ଟ ୧ ତାରିଖରୁ, ମେକ୍ସିକୋ ଏବଂୟୁରୋପୀୟ ସଂଘରୁ ଆମଦାନି ହେଉଥିବା ସମସ୍ତ ସାମଗ୍ରୀ ଉପରେ ଆମେରିକାରେ ୩୦ ପ୍ରତିଶତ ଶୁଳ୍କ ଲାଗୁ କରାଯିବ ।ଆମେରିକା ଦ୍ୱାରା ଲାଗୁ ହେବାକୁ ଥିବା ଶୁଳ୍କ ସମ୍ପର୍କରେ ଡୋନାଲ୍ଡ ଟ୍ରମ୍ପ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ୍ ପାର୍ଡୋ ଓ୍ୟୁରୋପୀୟ ସଂଘର ଅଧ୍ୟକ୍ଷା ଉର୍ସୁଲା ଭାନ ଡର ଲେନଙ୍କୁ ଏକ ଚିଠି ଲେଖିଛନ୍ତି ।ଏହି ଦୁଇ ପତ୍ରରେ ଲେଖାଯାଇଛି ଯେ ଅଗଷ୍ଟ ୧, ୨୦୨୫ ଠାରୁ, ଯୁକ୍ତରାଷ୍ଟ୍ର ମେକ୍ସିକୋ ଓ୍ୟୁରୋପୀୟ ସଂଘରୁ ଆମଦାନୀ ହେଉଥିବା ସମସ୍ତ ସାମଗ୍ରୀ ଉପରେ ୩୦ ପ୍ରତିଶତ ଶୁଳ୍କ ଲାଗୁ କରିବ, ଯାହାକି ଅନ୍ୟାନ୍ୟ ସମସ୍ତ ସେକଟରାଲ ଶୁଳ୍କ ସହିତ ଲାଗୁ ହେବ । ସେ ସ୍ପଷ୍ଟ କରିଛନ୍ତି ଯେ ଯଦିୟୁରୋପୀୟ କମ୍ପାନିମାନେ ଆମେରିକାରେ କାରଖାନା ବସାନ୍ତି ତେବେ କୌଣସି ଟାରିଫ ଲଗାଯିବ ନାହିଁ ।

# ଟ୍ରମ୍ପଙ୍କ ସହ ତୁର୍କୀର କଥାବାର୍ତ୍ତା ନେଇ ଚିନ୍ତାରେ ଇସ୍ରାଏଲ୍



ନୂଆଦିଲ୍ଲୀ: ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ବହୁତ ଭଲ ସମ୍ପର୍କ ରହିଛି । ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସମ୍ପ୍ରତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାମ ନୋବେଲ୍ ପୁରସ୍କାର ପାଇଁ ପଠାଇଛନ୍ତି, କିନ୍ତୁ ଏହି ସମୟ ମଧ୍ୟରେ ଟ୍ରମ୍ପ ସମସ୍ୟାରେ ପଡ଼ିଥିବା ପରି ମନେ ହେଉଛି । ଏକ ରିପୋର୍ଟ ଅନୁଯାୟୀ, ଇସ୍ରାଏଲ ଚାହୁଁନାହିଁ ଯେ ଆମେରିକା ତାର ଲଢୁଆ ଜେଟ୍ ଏଫ-୩୫ ତୁର୍କୀକୁ ବିକ୍ରୟ କରୁ । ଏହା ଉପରେ ଇସ୍ରାଏଲ ନିଜର ଅସନ୍ତୋଷ ପ୍ରକାଶ କରିଛି । ପ୍ରକୃତରେ ତୁର୍କୀ ଏକ ବଡ଼ ଯୋଜନା କରିଛି । ସେ ତାର ରୁଷୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏସ-୪୦୦କୁ ପାକିସ୍ତାନକୁ ବିକ୍ରୟ କରିବାକୁ ଯୋଜନା କରୁଛି । କିନ୍ତୁ ଏହା ତାଙ୍କ ପାଇଁ ସହଜ ହେବ ନାହିଁ । ତୁର୍କୀକୁ ଏସ-୪୦୦ ବିକ୍ରୟ କରିବା ପୂର୍ବରୁ ରୁଷର ଅନୁମତି ନେବାକୁ ପଡିବ । ସେ ଆମେରିକାର ଲଢୁଆ ଜେଟ୍ ଏଫ-୩୫ ବିକ୍ରି କରି କିଣିବାକୁ ଚାହୁଁଛି ଏବଂ ଇସ୍ରାଏଲ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛି । ଇସ୍ରାଏଲ କହିଛି ଯେ ତୁର୍କୀକୁ ଏଫ-୩୫ ମିଳିବା ସମଗ୍ର ମଧ୍ୟପ୍ରାଚ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ । ଜଣେ ଇସ୍ରାଏଲୀ ଅଧିକାରୀ ଏ ବିଷୟରେ ଡୋନାଲ୍ଡ ଟ୍ରମ୍ପଙ୍କ ସହ କଥା ହୋଇଛନ୍ତି ।

ଇସ୍ରାଏଲ ବିଶ୍ୱାସ କରେ ଯେ ଯଦି ତୁର୍କୀକୁ ଏଫ-୩୫ ଦିଆଯାଏ, ତେବେ ରୁଷ ଏହାର କ୍ଷମତା ଏବଂ ଶକ୍ତି ବିଷୟରେ ଏକ ଧାରଣା ପାଇଯିବ । ରୁଷର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏସ-୪୦୦କୁ ବହୁତ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ । ଭାରତ ମଧ୍ୟ ଏଥିରେ ବହୁତ ବିଶ୍ୱାସ ରଖିଛ । ତୁର୍କୀ ୨୦୧୭ରେ ପ୍ରାୟ ୨.୫ ବିଲିୟନ ଆମେରିକୀୟ ଡଲାରରେ ଏସ-୪୦୦ ପାଇଁ ରୁଷ ସହିତ ଏକ ଚୁକ୍ତି କରିଥିଲା । ଆମେରିକା ଏବଂ ନାଟୋ ଏହାକୁ ଅନେକ ଥର ବିରୋଧ କରିଥିଲେ । ଏହି କାରଣରୁ, ଏହାକୁ ଏଫ-୩୫ ଲଢୁଆ ଜେଟ୍ କାର୍ଯ୍ୟକ୍ରମରୁ ବାଦ ଦିଆଯାଇଥିଲ । । କିନ୍ତୁ ବର୍ତ୍ତମାନ ତୁର୍କୀର ଏଫ-୩୫ ପାଇଁ ଇଚ୍ଛା ଜାଗ୍ରତ ହୋଇଛି ।

# କୋଲକାତା ଆଇଆଇଏମ୍ ଦୁଷ୍କର୍ମ ଘଟଣାର ନୂଆ ମୋଡ଼

କୋଲକାତା : କଲିକତା ଆଇଆଇଏମ୍ କ୍ୟାମ୍ପସରେ ଦୁଷ୍କର୍ମ ଘଟଣାରେ ଏକ ନୂତନ ମୋଡ଼ ଆସିଛି । ପୀଡ଼ିତା ଦୁଷ୍କର୍ମ କଥା କହୁଥିବାବେଳେ ତାଙ୍କ ପିତା କହିଛନ୍ତି ଯେ ସେ ଅଟୋରୁ ଖସିପଡ଼ି ଆହତ ହୋଇଯାଇଛନ୍ତି ।ଶୁକ୍ରବାର ରାତିରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, କଲିକତା କ୍ୟାମ୍ପସରେ ଜଣେ ଝିଅକୁ ବଳାତ୍କାର କରାଯାଇଥିବା ଖବର ସାମ୍ନାକୁ ଆସିଥିଲା । ପୁଲିସ ଏହି ମାମଲାରେ ଅଭିଯୁକ୍ତକୁ ମଧ ଗିରଫ କରିଛି । ଶନିବାର ଅଭିଯୁକ୍ତକୁ କୋର୍ଟରେ ହାଜର କରାଯାଇଥିଲାଛ ସେଠାରୁ ତାଙ୍କୁ ୭ ଦିନିଆ ପୁଲିସ ହେପାଜତକୁ ପଠାଯାଇଥିଲା । କିନ୍ତୁ ଶନିବାର ହିଁ ପୀଡିତାଙ୍କ ବାପା ଏହି ମାମଲାରେ ଏକ ବଡ଼ ବୟାନ ଦେଇ ଏକ ନୂତନ ମୋଡ଼ ଆଣିଥିଲେ । ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ସେ ବଳାତ୍କାର ଘଟଣାକୁ ଅସ୍ୱୀକାର କରିଥିଲେ । ପୀଡିତାଙ୍କ ବାପା କହିଛନ୍ତି ଯେ ସେ ଝିଅ ସହିତ କଥା ହୋଇଛି । କିନ୍ତୁ ସେ ଯୌନ ନିର୍ଯାତନାକୁ ଅସ୍ୱୀକାର କରିଛନ୍ତି । ସେ କହିଛନ୍ତି ଯେ ତାଙ୍କ ଝିଅ ଅଟୋରିକ୍ସାରୁ ପଡ଼ିଯାଇଛି ।ଶନିବାର ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ପିତା କହିଛନ୍ତି ଯେ ଶୁକ୍ରବାର ରାତି ସାଢେ ୯ଟା ରେ ତାଙ୍କୁ ଏକ ଫୋନ୍ ଆସିଥିଲା ଯେଉଁଥିରେ ତାଙ୍କୁ କୁହାଯାଇଥିଲା ଯେ ତାଙ୍କ ଝିଅ ଅଟୋରୁ ପଡ଼ି ଚେତାଶୂନ୍ୟ ହୋଇଯାଇଛି । ତାଙ୍କୁ କୁହାଯାଇଥିଲା ଯେ ତାଙ୍କୁ ଏସଏସକେଏମ ହସ୍ପିଟାଲର ନ୍ୟୁରୋଲୋଜି ବିଭାଗରେ ଭର୍ତ୍ତି କରାଯାଇଛି ଏବଂ ପୋଲିସ ତାଙ୍କୁ ଉଦ୍ଧାର କରି ସେଠାକୁ ନେଇଛି ।

# ମୋତେ ଫାଶୀ ଦଣ୍ଡ ହେଉ : ରାଧିକାଙ୍କ ବାପା

ନୂଆଦିଲ୍ଲୀ: ଗୁରୁଗ୍ରାମରେ ଟେନିସ୍ ଖେଳାଳି ରାଧିକା ଯାଦବ ହତ୍ୟା ମାମଲାର ପୁଲିସ ନିରନ୍ତର ତଦନ୍ତ ଜାରି ରଖିଛି । ଜୁଲାଇ ୧୨ ତାରିଖରେ କୋର୍ଟ ରାଧିକାଙ୍କ ହତ୍ୟା ଅଭିଯୁକ୍ତ ପିତା ଦୀପକ ଯାଦବଙ୍କୁ ୧୪ ଦିନର ନ୍ୟାୟିକ ହାଜତକୁ ପଠାଇ ଦେଇଛନ୍ତି । ଦୀପକ ଯାଦବ ବି ପୁଲିସ ସମ୍ମୁଖରେ ନିଜର ଅପରାଧ ସ୍ୱୀକାର କରିଛନ୍ତି । ଟେନିସ୍ ଖେଳାଳି ରାଧିକା ଯାଦବଙ୍କ କାକା ବିଜୟ ଯାଦବ ଝିଆରି ହତ୍ୟା ଘଟଣାକୁ ନେଇ କହିଛନ୍ତି, ହତ୍ୟା କରିବା ପରେ ଭାଇ ଦୀପକ ମୋତେ କହିଥିଲେ," ଯେ ମୁଁ ମୋ କନ୍ୟାକୁ ହତ୍ୟା କରିଛି । ମୋତେ ଫାଶୀ ଦିଆଯିବ ଉଚିତଛ ମୋ ବିଷୟରେ ଏପରି ରିପୋର୍ଟ କର ଯେପରି ମୁଁ ନିଶ୍ଚିତ ଭାବେ ଫାଶୀ ପାଇବି, କାରଣ ଆଗକୁ ମୁଁ ଆଉ ବଞ୍ଚିବାକୁ ଚାହୁଁ ନାହିଁ ।

ମୁଁ ଯଦି ପୂର୍ବରୁ ଜାଣି ଥାଆନ୍ତି ଭାଇଙ୍କ ମନରେ ଏଭଳି କିଛି ଧାରଣ ଅଛି । ନିଶ୍ଚିତ ଭାବେ ତାହାର ସମାଧାନ କରି ଦେଇଥାଆନ୍ତିଛ ଯାହାଫଳରେ ଏମିତି ଏକ ଆଘଟଣ ଘଟି ନଥାଆନ୍ତା । କିନ୍ତୁ ଏବେ ତ ସବୁକିଛି ଛାରଖାର ହୋଇଗଲା ।

# ନିର୍ବାଚନ ପୂର୍ବରୁ ନୀତିଶ କୁମାରଙ୍କ ମାଷ୍ଟରଷ୍ଟ୍ରୋକ୍



ପାଟନା: ବିହାରରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ସମସ୍ତ ରାଜନୈତିକ ଦଳ ଜୋରସୋରରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ପୂର୍ବରୁ ମହିଳାମାନଙ୍କ ପାଇଁ ସଂରକ୍ଷଣ ଥିବା ବେଳେ ନିକଟରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମାଷ୍ଟରଷ୍ଟ୍ରୋକ୍ ଖେଳି ବିହାରରେ ସରକାରୀ ପଦବୀରେ ସିଧାସଳଖ ନିଯୁକ୍ତିରେ ମୂଳନିବାସୀ ମହିଳାଙ୍କୁ ୩୫ ପ୍ରତିଶତ ସଂରକ୍ଷଣ ଦେବା ଓ ପେନସନ ବୃଦ୍ଧି ନିଷ୍ପତ୍ତି ନେଇଥିଲେ ।ସମ୍ପ୍ରତି ନୀତିଶ କୁମାର ରାଜ୍ୟର ପ୍ରତ୍ୟେକ ପରିବାର ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଏଣିକି ଉପଭୋକ୍ତା ମାଗଣାରେ ୧୦୦ୟୁନିଟ ପର୍ଯ୍ୟନ୍ତ ବିଜୁଳି ପାଇପାରିବେ । ଏହି ପ୍ରସ୍ତାବକୁ ଅର୍ଥ ବିଭାଗ ପକ୍ଷରୁ ମଞ୍ଜୁରୀ ମିଳିଯାଇଥିବା ବେଳେ କ୍ୟାବିନେଟର ମୋହର ଲାଗିବା ବାକି ଅଛି । ପ୍ରସ୍ତାବ ମୁତାବକ ଉପଭୋକ୍ତାଙ୍କୁ ୧୦୦ୟୁନିଟ ପର୍ଯ୍ୟନ୍ତ ବିଜୁଳି ବ୍ୟବହାର କରିବା ପର୍ଯ୍ୟନ୍ତ କେଣସି ପ୍ରକାର ଶୁଳ୍କ ପ୍ରଦାନ କରିବାକୁ ପଡ଼ିବ ନାହିଁ । ଏହାପରେ ଯେତିକି ବିଜୁଳି ଉପଭୋକ୍ତା ଖର୍ଚ୍ଚ କରିବେ ସେଇ ଅନୁଯାୟୀ ଚାର୍ଜ ପୈଠ କରିବାକୁ ହେବ । ନୀତିଶ କୁମାରଙ୍କ ମାଗଣା ୧୦୦ୟୁନିଟ ବିଜୁଳି ସେବା ଦ୍ୱାରା ଅନେକ ପରିବାର ଏହାଦ୍ୱାରା ଉପକୃତ ହେବେ । ତେବେ ଏଯାବତ ଏହି ମାଗଣା ବିଜୁଳି ଯୋଜନାର ରୂପରେଖା କ'ଣ ହେବ ତାହା ସ୍ପଷ୍ଟ ହୋଇନାହିଁ । ଏହା କ୍ୟାବିନେଟ ମଞ୍ଜୁରୀ ଉପରେ ନିର୍ଭର କରୁ । ମାଗଣା ବିଜୁଳି ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ ମିଳିବା ପରେ ଯାଇ ଏହାକୁ ଉପଭୋକ୍ତା କିପରି ବ୍ୟବହାର କରିବେ ତାହା ଜଣାପଡ଼ିବ । ତେବେ ଏହି ଯୋଜନାର ଆର୍ଥିକ ଭାର ରାଜ୍ୟ ସରକାର ବହନ କରିବେ ତେଣୁ ପ୍ରଥମେ ଅର୍ଥ ବିଭାଗ ପକ୍ଷରୁ ମଞ୍ଜୁରୀ ପାଇଁ ଆବେଦନ କରାଯାଇଥିଲା ।

# ଚର୍ଚ୍ଚାରେ ଟ୍ରମ୍ପଙ୍କ "ଦୁଇ ସପ୍ତାହ' ଚେତାବନୀ

ଓ୍ୱାସିଂଟନ: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ନିଜର "ଦୁଇ ସପ୍ତାହ'ର ଚେତାବନୀ ବାକ୍ୟ ନେଇ ଫେରିଛନ୍ତ । ରୁଷ୍ ଉପରେ ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନ ଘୋଷଣା ନିମନ୍ତେ ସେ ଏହି ସମୟସୀମା ଧାର୍ଯ୍ୟ କରିଛନ୍ତି, ଯାହା ଉଭୟ ସହଯୋଗୀ ଓ ଶତ୍ରୁପକ୍ଷଙ୍କୁ ଦ୍ୱନ୍ଦ୍ୱରେ ପକାଇଦେଇଛ । ଗତକାଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ଏକ ଫୋନ୍ ସାକ୍ଷାତ୍କାରରେ ଟ୍ରମ୍ପ କହିଥିଲେ, ମୁଁ ଭାବୁଛି ସୋମବାର ମୁଁ ରୁଷ୍ ଉପରେ ଏକ ବଡ଼ ବୟାନ ଦେବି । ମସ୍କୋ ଓ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପାଇଁ ଏହା କ'ଣ ହୋଇପାରେ ସେ ନେଇ କଳ୍ପନାଜଳ୍ପନା ଜୋର ଧରିଛି । । ଶେଷ ଥର ପାଇଁ ଟ୍ରମ୍ପ ଜୁନ୍ ୧୯ ତାରିଖରେ "ଦୁଇ ସପ୍ତାହ' କଥା କହିଥିଲେ ଯେତେବେଳେ ଇସ୍ରାଏଲ ଓ ଇରାନ୍ ମଧ୍ୟରେ ଯୁଦ୍ଧ ଚାଲିଥିଲା । କିନ୍ତୁ ଏହାର ମାତ୍ର ଦୁଇ ଦିନ ପରେ ଆମେରିକା ଇରାନର ପରମାଣୁ ସ୍ଥଳରେ ବୋମା ମାଡ଼ କରିଥିଲା ।ରୁଷ୍-ୟୁକ୍ରେନ୍ ଯୁଦ୍ଧ ଜାରି ରହିଛି ଏବଂ ରୁଷ୍ ରାଷ୍ଟ୍ରପତିଙ୍କ ସହ ଟ୍ରମ୍ପଙ୍କ ଏକାଧିକ ଟେଲିଫୋନ୍ କଥାବାର୍ତ୍ତା ପରେ ମଧ ପୁଟିନ୍ ସେନାୟୁକ୍ରେନ ଉପରେ ଆକ୍ରମଣକୁ ଆହୁରି ତୀବ୍ର କରିଛି । ରାଜଧାନୀ କିଭ୍ରେ ତିନି ଦିନ ଧରି ଧ୍ୱଂସଲୀଳା ଜାରି ରହିଛିଛ ତେଣୁ ଟ୍ରମ୍ପଙ୍କ ଏହି "ଦୁଇ ସପ୍ତାହ' ବକ୍ତବ୍ୟ ଆଉ ଏକ ଭୟଙ୍କର ଓ ରହସ୍ୟମୟ ଅର୍ଥ ବହନ କରୁଛି । ବିଶେଷକରି ରୁଷ୍ ବିରୋଧରେ କୌଣସି ସଶସ୍ତ୍ର ପଦକ୍ଷେପ ଏକ ପରମାଣୁ ଯୁଦ୍ଧ କିମ୍ବା ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ କରିପାରେ । ଦୁଇ ଦିନ ତଳେ ଆମେରିକାର ଗଣମାଧ୍ୟମ ଦାବି କରିଥିଲା ଯେ ୨୦୨୪ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଅଭିଯାନ ସମୟରେ ଟ୍ରମ୍ପଙ୍କ ଏକ ଅଡିଓକୁ ହାସଲ କରିଛି, ଯେଉଁଥିରେ ସେ କହିଛନ୍ତି ଯେ ଯଦି ରୁଷିଆୟୁକ୍ରେନରେ ପ୍ରବେଶ କରେ ତେବେ ସେ ପୁଟିନଙ୍କୁ ମସ୍କୋରୁ ବାହାର କରିବାକୁ ବୋମାମାଡ଼ କରିବେଛ ତେବେ ରୁଷିଆର ଟାର୍ଗେଟP କୁ ଆକ୍ରମଣ କରିବା ପାଇଁ ହ୍ୱାଇଟମ୍ୟାନ୍ ଏୟାରଫୋର୍ସ ବେସରେ ପୁଣି ଥରେ ବି-୨ ପ୍ରସ୍ତୁତ କରାଯାଉଛି କି? ଏଭଳି କୌଣସି ପଦକ୍ଷେପ ରେଡ୍ ଲାଇନ୍ ଅତିକ୍ରମ କରିବ ବୋଲି ପୁଟିନ୍ ବାରମ୍ବାର ଚେତାବନୀ ଦେଇ ଆସୁଛନ୍ତି ଏବଂ ଉଭୟ ପାରମ୍ପରିକ ଓ ପରମାଣୁ ବାହିନୀ ଦ୍ୱାରା ବଡ଼ ଧରଣର ପ୍ରତିଶୋଧ ନିଆଯାଇପାରେ ।

## ଜାତୀୟ ସବଜୁନିୟର ମହିଳା ହକି

# ଫାଇନାଲରେ ଓଡିଶା




ରାଞ୍ଚି, ୧୨।୭(ସବ୍ୟୁ) : ୧୫ ତମ ହକି ଇଣ୍ଡିଆ ଜାତୀୟ ସବଜୁନିୟର ମହିଳା ହକି ଚାମ୍ପିଅନସିପରେ ଓଡିଶାର ଜମାଣିଆ ପ୍ରଦର୍ଶନ ଜାରି ରହିଛି । ଶନିବାର ଅନୁଷ୍ଠିତ ସେମିଫାଇନାଲରେ ଓଡିଶା ୧-୦ ଗୋଲରେ ହକି ହରିୟାଣାକୁ ଧରାସାୟୀ କରି ଫାଇନାଲରେ ପ୍ରବେଶ କରିଛି ।ଦ୍ୱିତୀୟ ସେମି ଲଢେଇରେ ହକି ଝାଡଖଣ୍ଡ ୧-୦ ଗୋଲରେ ହକି ମିଜୋରାମକୁ ହରାଇଥିଲା । ତେଣୁ ଟାଇଟଲ ଲଢେଇରେ ଓଡିଶା ଓ ଝାଡଖଣ୍ଡ ମୁହାଁମୁହିଁ ହେବେ ।

ପ୍ରଥମ ସେମିଫାଇନାଲରେ ଓଡିଶା ଦଳ ହରିୟାଣାକୁ କଡା ଟକ୍କର ଦେଇଥିଲା । ମ୍ୟାଚର ୪୫ ତମ ମିନିଟରେ ସୁଦୀପା ବା ବିଜୟ ସୂଚକ ଗୋଲ କରିଥିଲେ । ତେବେ ଓଡିଶା ଫାଇନାଲରେ ପ୍ରବେଶ କରିଛି । ଦ୍ୱିତୀୟ ସେମିଫାଇନାଲରେ ମଧ୍ୟ କଡା ଲଢେଇ ଦେଖିବାକୁ ମିଳିଥିଲା । ଶକ୍ତିଶାଳୀ ଝାଡଖଣ୍ଡକୁ ଏତେ ସହଜରେ ମ୍ୟାଚ ଟେକି ଦେଇନଥିଲା ମିଜୋରାମ । ୨୬ ମିନିଟରେ ଜାର୍ଣ୍ଣସୋଏ ମୁଣ୍ଡା ବିଜୟ ସୂଚକ ଗୋଲ ଦେଇଥିଲେ । ଝାଡଖଣ୍ଡ ମ୍ୟାଚ ଜିତିଥିଲେ ବି ମିଜୋରାମର ଶ୍ରେଷ୍ଠ ଡିଫେନ୍ସକୁ ଭେଦ କରିବାରେ ସକ୍ଷମ ହୋଇନଥିଲା । ତେଣୁ କେବଳ ଗୋଟିଏ ଗୋଲ ବ୍ୟବଧାନରେ ଝାଡଖଣ୍ଡ ବିଜୟ ହୋଇ ଫାଇନାଲରେ ପ୍ରବେଶ କରିଛି ।ଆଗାମୀ ୧୪ ତାରିଖ ସୋମବାର ଫାଇନାଲ ମ୍ୟାଚ ଓଡିଶା ଓ ଝାଡଖଣ୍ଡ ମଧ୍ୟରେ ଖେଳାଯିବ । ତୃତୀୟ ସ୍ଥାନ ପାଇଁ ହରିୟାଣା ଓ ମିଜୋରାମ ପରସ୍ପରକୁ ଭେଟିବେ ।

# ଦ୍ରାବିଡ, ଗାଙ୍ଗୁଲିଙ୍କୁ ପଛରେ ପକାଇଲେ ରାହୁଲ

ଲଣ୍ଡନ, ୧୨।୭(ଏଜେନ୍ସି) : ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାର ତୃତୀୟ ମ୍ୟାଚରେ ଲୋକେଶ ରାହୁଲଙ୍କ ଆକର୍ଷଣୀୟ ପ୍ରଦର୍ଶନ ଦେଖିବାକୁ ମିଳିଛି । ତୃତୀୟ ଟେଷ୍ଟର ପ୍ରଥମ ଇନିଂସରେ ସେ କ୍ୟାରିୟର ଦଶମ ଶତକ ହାସଲ କରିଛନ୍ତି । ରାହୁଲ, ଦ୍ରାବିଡ ଓ ସୌରଭ ଗାଙ୍ଗୁଲିଙ୍କୁ ସେ ପଛରେ ପକାଇଛନ୍ତି । ଲର୍ଡ୍ସରେ ସେ ଦ୍ୱିତୀୟ ଭାରତୀୟ ବ୍ୟାଟର ଭାବେ ଏକାଧିକ ଶତକ ମାରିଛନ୍ତି । ଦିଲ୍ଲୀପ ଭେଙ୍ଗସରକାର ଲର୍ଡ୍ସରେ ସର୍ବାଧିକ ୩ଟି ଶତକ ମାରିଥିଲେ । ରାହୁଲ ୨ଟି ଶତକ ସହ ତାଙ୍କୁ ପଛକୁ ରହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାହୁଲ ଦ୍ରାବିଡ, ମହମ୍ମଦ ଆଜାରୁଦ୍ଦିନ୍, ସୌରଭ ଗାଙ୍ଗୁଲି ଗୋଟିଏ ଲେଖାଏଁ ଶତକ ମାରିଥିଲେ । ରାହୁଲ ୧୭୭ ବଲରେ ୧୩ ଚୌକା ସହାୟତାରେ ଶତକ ପୂରଣ କରିଥିଲେ । ସେ ବିଶ୍ୱର ୧୩ ତମ ବ୍ୟାଟର ଭାବେ ଭ୍ରମଣକାରୀ ଦଳ ପକ୍ଷରୁ ଲର୍ଡ୍ସରେ ଶତକ ମାରିଛନ୍ତି । ସେହିଭଳି ସେନା ଦେଶର ଷଷ୍ଠ ବ୍ୟାଟର ଭାବେ ସର୍ବାଧିକ ଶତକ ମାରିଛନ୍ତି । ତାଙ୍କ ଆଗରେ ସଚ୍ଚିନ ତେନ୍ଦୁଲକର, ବିରାଟ କୋହଲି, ରୋହିତ ଶର୍ମା, ରାହୁଲ ଦ୍ରାବିଡ ଓ ସୌରଭ ଗାଙ୍ଗୁଲି ରହିଛନ୍ତି ।



# ଇଂଲଣ୍ଡ ୩୮୭, ଭାରତ ୩୮୭



ଲଣ୍ଡନ, ୧୨।୭ (ଏଜେନ୍ସି) : ଆଣ୍ଡରସନ-ତେନ୍ଦୁଲକର ଟେଷ୍ଟର ଶୃଙ୍ଖଳାର ତୃତୀୟ ମ୍ୟାଚ ବେଶ ରୋଚକ ରହିଛି । ଐତିହାସିକ ଲର୍ଡ୍ସରେ ଖେଳାଯାଉଥିବା ତୃତୀୟ ଟେଷ୍ଟରେ ଭାରତ ପ୍ରଥମ ଇନିଂସରେ ୩୮୭ ରନ୍‌ରେ ଅଲଆଉଟ୍ ହୋଇଛି । ଇଂଲଣ୍ଡ ପ୍ରଥମ ଇନିଂସରେ ୩୮୭ ରନ୍ କରିଥିବାରୁ ଉଭୟ ଦଳର ସ୍କୋର ସମାନ ହୋଇଛି । ଭାରତ ପକ୍ଷରୁ ଲୋକେଶ ରାହୁଲ ଶତକ ଅର୍ଜନ କରିଥିବା ବେଳେ ରିଷଭ ପନ୍ତ ୭୪ ଓ ରବିନ୍ଦ୍ର ଜାଡେଜା ୭୨ ରନ୍ କରିଥିଲେ । କରୁଣ ନାଏର ୪୦ ଓ ନୀତିଶ କୁମାର ରେଡ୍ଡି ୩୦ ରନ୍ କରିଥିଲେ । ଇଂଲଣ୍ଡ ପକ୍ଷରୁ କ୍ରିଷ ୱକ୍ସ ୩ଟି ୱିକେଟ୍ ନେଇଥିବା ବେଳେ ଜୋଫରା ଆର୍ଚର ଓ ବେନ୍ ଷ୍ଟୋକ୍ସ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ । ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଇଂଲଣ୍ଡ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରି ଗୋଟିଏ ଓଭରରେ ୨ ରନ୍ କରିଛି । ଜ୍ୟାକ୍ କ୍ରାଓଲି ୨ ରନ୍ ଓ ବେନ୍ ଡକେଟ୍ ବିନା ସ୍କୋରରେ ଅପରାଜିତ ଅଛନ୍ତି ।

ଦ୍ୱିତୀୟଦିନରଅସମାପ୍ତଇନିଂସ୧୪୫/୩ ରୁ ଭାରତ ଖେଳ ଆରମ୍ଭ କରିଥିଲା । ଲୋକେଶ ରାହୁଲ ୫୩ ଓ ରିଷଭ ପନ୍ତ ୧୯ ରନରୁ ନିଜ ନିଜର ଇନିଂସକୁ ଆଗେଇ ନେଇଥିଲେ । ରାହୁଲ ୧୭୭ ବଲର ସମ୍ମୁଖୀନ ହୋଇ ୧୩ ଟି ଚୌକା ସହାୟତାରେ ୧୦୦ ରନ୍ କରିଥିଲେ । ପନ୍ତ ୧୧୨ ବଲରୁ ୮ ଚୌକା ଓ ଦୁଇଟି ଛକା ସହାୟତାରେ ୭୪ ରନ୍ କରିଥିଲେ । ରବିନ୍ଦ୍ର ଜାଡେଜା ମଧ୍ୟ ଉଚ୍ଚ କୋଟିର ଖେଳିଛନ୍ତି । ସେ ୧୩୧ ବଲରୁ ୮ ଚୌକା ଓ ଗୋଟିଏ ଛକା ସହାୟତାରେ ୭୨ ରନ୍ କରିଥିଲେ । ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡି ୯୧ ବଲରୁ ୩୦ ରନ୍ କରିଥିଲେ । ୱାଶିଂଟନ ସୁନ୍ଦର ୨୩ ରନ କରିଥିବା ବେଳେ ଆକାଶ ଦୀପ ୭ ରନ୍ କରି ଆଉଟ ହୋଇଥିଲେ । ମାତ୍ର ୩ ରନ୍ ମଧ୍ୟରେ ଭାରତ ଶେଷ ୩ ୱିକେଟ୍ ହରାଇଥିଲା ।ତେଣୁ ୧୧୯.୨ ଓଭରରେ ୩୮୭ ରନ୍ କରି ଭାରତ ଅଲଆଉଟ୍ ହେବା ସହ ପାଳି ଶେଷ ହୋଇଛି ।

ଏହି ମ୍ୟାଚ୍ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳ ପକ୍ଷରୁ ଜ୍ୟାକ୍ କ୍ରା । ଓ ଲି ଓ ବେନ୍ ଡକେଟ୍ ଭଲ ଆରମ୍ଭ କରିଥିଲେ ବି ବଡ ପାର୍ଟନରସିପ୍ କରିପାରନଥିଲେ । ଡକେଟ୍ ୨୩ ଓ କ୍ରାଓଲି ୧୮ ରନ୍ କରିଥିଲେ । ଓଲି ପୋପ୍ ଓ ଜୋରୁଟଙ୍କ ମଧ୍ୟରେ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା । ରୁଟ୍ ୧୦୪ ରନର ଶତକୀୟ ଇନିଂସ ଖେଳିଥିଲେ । ସେହିପରି ବେନ୍ ଷ୍ଟୋକ୍ସ ୪୪ ରନ୍ କରିଥିବା ଜେମିଥ୍ ସ୍ମିଥ୍ ଓ ବ୍ରେଡନ୍ କାର୍ସେ ଅର୍ଦ୍ଧଶତକ ଅର୍ଜନ କରିଥିଲେ । ଇଂଲଣ୍ଡ ପ୍ରଥମ ଇନିଂସ ୩୮୭ ରନ କରିଥିଲା । ଭାରତ ପକ୍ଷରୁ ଯଶପ୍ରୀତ ବୁମରା ୫ଟି, ନୀତିଶ ରେଡ୍ଡି ଓ ମହମ୍ମଦ ସିରାଜ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ ।

# ସର୍ବଭାରତୀୟ ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ

## ମୁଖ୍ୟ ଡ୍ର ପ୍ରତିଯୋଗିତା ଆରମ୍ଭ




ଭୁବନେଶ୍ୱର, ୧୨।୭ (ସବ୍ୟୁ) : କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ସଟଲ ବ୍ୟାଡମିଣ୍ଟନ ଷ୍ଟାଡିୟମରେ ଯୋନେକ୍ସ ସନରାଇଜ ସର୍ବଭାରତୀୟ ସିନିୟର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଡ୍ର ପ୍ରତିଯୋଗିତା ଆରମ୍ଭ ହୋଇଛି । ମୁଖ୍ୟ ଡ୍ର ଖେଳର ମିକ୍ସଡସ ବିଭାଗରେ ପ୍ରି-କ୍ୱାଟର ଲାଇନର ଅଫ୍ ଚୂଡାନ୍ତ ହୋଇଛି ।

ଓଡିଶାର ତନ୍ମୟ ସାହୁ ଓ ହର୍ଷିତା ରାଉତଙ୍କ ଯୋଡି ୨୧-୧୮, ୧୭-୨୧, ୧୯-୨୧, ଗେମରେ ତାମିଲନାଡୁର ହରିଭାରତୀ ବି ଓ ଧନ୍ୟା ଏନ୍‌ଙ୍କ ଠାରୁ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପରାଜିତ ହୋଇ ଅଭିଯାନ ଶେଷ କରିଛନ୍ତି । ଉତ୍ତରପ୍ରଦେଶର ଧ୍ରୁବ ରାୱତ ଓ ମନିଷା କେ ୨୧-୧୬, ୨୨-୨୪, ୨୧-୧୪ ଗେମରେ ବିଭି ଓ ଏନ ଓଏସିସଙ୍କୁ ପରାସ୍ତ କରିଛନ୍ତି ।

କର୍ଣ୍ଣାଟକର ଦ୍ୱିତୀୟ ସିଡ ଆସିଥ ସୂର୍ଯ୍ୟା ଓ ଅମୃତା ପି ଏବଂ ପଞ୍ଚମ ସିଡ ମହାରାଷ୍ଟ୍ର- ଦିଲ୍ଲୀ ଯୋଡି ନୀତିନ କୁମାର - ରୀତିକା ଥାକେର ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପ୍ରି-କ୍ୱାଟର ଫାଇନାଲରେ ପ୍ରବେଶ କରିଛନ୍ତି । ମହିଳା ସିଙ୍ଗଲ୍ସରେ ପ୍ରଥମ ସିଡ ଉତ୍ତରପ୍ରଦେଶର ମାନସୀ ସିଂ, ଦ୍ୱିତୀୟ ସିଡ ଗୁଜରାଟର ଶ୍ରେୟା ଲେଲେ, ତୃତୀୟ ସିଡ ଆସାମର ଇସାରାଣୀ ବରୁଆ ଓ ଚତୁର୍ଥ ହରିୟାଣାର ଜିଆ ରାୱତ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ରାଉଣ୍ଡ ୩୨ ରେ ପହଞ୍ଚିଛନ୍ତି ।

ପୁରୁଷ ସିଙ୍ଗଲ ରେ ପ୍ରଥମ ସିଡ କର୍ଣ୍ଣାଟକର ରଘୁନାଥ ଏମ., ଦ୍ୱିତୀୟ ସିଡ ମହାରାଷ୍ଟ୍ରର ଦର୍ଶନ ପୂଜାରୀ, ତୃତୀୟ ସିଡ ମହାରାଷ୍ଟ୍ରର କୌଶଳ ଧର୍ମମେର ନିଜ ନିଜ ମ୍ୟାଚ ଜିତି ରାଉଣ୍ଡ ୩୨ ରେ ପହଂଚି ଯାଇଥିବା ବେଳେ ଅଣ ସିଡେଡ଼ ଖେଳାଳି କର୍ଣ୍ଣାଟକର ହେମନ୍ତ ଏମ. ଜି. ପ୍ରତିଯୋଗୀତାର ଚତୁର୍ଥ ସିଡ ରାଜସ୍ଥାନର ସଂସ୍କାର ସାରସ୍ୱତଙ୍କୁ ୧୩/୨୧,୨୧/୧୭ ଓ ୨୧/୮ ପଏଣ୍ଟରେ ହରାଇ ପ୍ରତିଯୋଗିତାରେ ଏକ ବଡ ବିପର୍ଯ୍ୟୟ ଘଟାଇଛନ୍ତି ।

ମହିଳା ଡବଲରେ ପ୍ରଥମ ସିଡ କର୍ଣ୍ଣାଟକର ଶିଖା ଗୌତମ ଓ ଅଶ୍ୱିନୀ ଭଟ୍ଟ, ଦ୍ୱିତୀୟ ସିଡ ତାମିଲନାଡୁର ଶ୍ରେୟା ବାଲାଜୀ ଓ ଏସ. ଦୀପ୍ତା, ତୃତୀୟ ସିଡ କର୍ଣ୍ଣାଟକ ଉତ୍ତର ପ୍ରଦେଶର ଅମୃଥା ପି. ଓ ସୋନାଲି ସିଂ, ଚତୁର୍ଥ ସିଡ ମହାରାଷ୍ଟ୍ରର ଅନଘା କାରଣ୍ଡୀକାର ଓ ସିୟା ସିଂ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପ୍ରି- କ୍ୱାର୍ଟର ଫାଇନାଲରେ ନିଜ ସ୍ଥାନ ସୁରକ୍ଷିତ ରଖିଛନ୍ତି । ରାଜ୍ୟ ସରକାରଙ୍କ ସହଯୋଗ ରେ ଆୟୋଜିତ ଏହି ସର୍ବ ଭାରତୀୟ ପ୍ରତିଜୋଗୀତା ଓସବା ସଭାପତି ରାଜେଶ ପ୍ରଭାକର ପାଟିଲ ଏବଂ ଓସବା ରାଜ୍ୟ ସଂପାଦକ ନିଳିନ କୁମାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି । ଖେଳ ସୁପରିଚାଳନା ପାଇଁ ପ୍ରଦୀପ କୁମାର ପଟ୍ଟନାୟକ, ସମୀର ଦାସ, ସୌଭାଗ୍ୟ ଜଗଦେବ, ଶୈଳେନ୍ଦ୍ର ଚୌଧୁରି, ମନୋରଂଜନ ପଣ୍ଡା, ସୁରେଶ ପଣ୍ଡା, କମଳ ଦାସ,ସୁରୁଲାଲ ମଟଝରୀ, ପ୍ରୀତପାଳ ସିଂ, ଅଜିତ ମହାନ୍ତି, ଦୀପକ ମହାନ୍ତି ଅବଦୁଲ ହାକିମ, ଅନନ୍ତ ବେହେରା, ସନ୍ଦିପ ମିଶ୍ର ପ୍ରମୁଖ ବିଭିନ୍ନ କମିଟିର ତଦାରଖ କରୁଛନ୍ତି ।

# ଧୋନୀଙ୍କ ସମକକ୍ଷ ହେଲେ ପନ୍ତ




ଲଣ୍ଡନ, ୧୨।୭ (ଏଜେନ୍ସି) : ଭାରତୀୟ ୱିକେଟ୍ କିପର ରିଷଭ ପନ୍ତ ଇଂଲଣ୍ଡ ବିପକ୍ଷ ଲର୍ଡ୍ସ ଟେଷ୍ଟରେ ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଭାରତର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଏକ ରେକର୍ଡ ସହ ସମକକ୍ଷ ହୋଇଛନ୍ତି । ସେନାଦେଶ(ଦ. ଆଫ୍ରିକା ଇଂଲଣ୍ଡ , ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ) ବିପକ୍ଷରେ ସର୍ବାଧିକ ଅର୍ଦ୍ଧଶତକ ହାସଲ କରିବାରେ ସେ ଧୋନୀଙ୍କ ସମକକ୍ଷ ହୋଇଛନ୍ତି । ପନ୍ତ ୫୩ ଇନିଂସରେ ଓ ଧୋନୀ ୬୦ ଇନିଂସରେ ୧୩ ଟି ଲେଖାଏଁ ଅର୍ଦ୍ଧଶତକ ହାସଲ କରିଛନ୍ତି । ଉଭୟ ୱିକେଟ୍ କିପର ଇଂଲଣ୍ଡ ବିପକ୍ଷରେ ମଧ୍ୟ ୮ଟି ଲେଖାଏଁ ଅର୍ଦ୍ଧଶତକ ହାସଲ କରିଛନ୍ତି । ପନ୍ତ ଚଳିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ଭଲ ପ୍ରଦର୍ଶନ ଦେଖାଇଛନ୍ତି । ସେ ୪୦୦ ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛନ୍ତି । ଇଂଲଣ୍ଡ ମାଟିରେ ଘରୋଇ ଦଳ ବିପକ୍ଷରେ ପନ୍ତ ସର୍ବାଧିକ ରନ୍ ସଂଗ୍ରହ କରିଛନ୍ତି । ସେ ଟମ ବ୍ଲୁଣ୍ଡେଲଙ୍କୁ ପଛରେ ପକାଇଛନ୍ତ । ୨୦୨୨ ରେ ବ୍ଲୁଣ୍ଡେଲ୍ ୩୮୩ ରନ୍ କରିଥିଲେ । ଲୋକେଶ ରାହୁଲ ଓ ପନ୍ତ ଇଂଲଣ୍ଡ ବିପକ୍ଷରେ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ସର୍ବାଧିକ ୩ ଥର ଶତକୀୟ ପାର୍ଟନରସିପ୍ କରିଛନ୍ତି ।

# ଏପସିଲନ ଫାଉଣ୍ଡେଶନ ପକ୍ଷରୁ ସ୍ପୋର୍ଟସ କୋର୍ଟ, କ୍ରିକେଟ ପିଚ ଉଦ୍‌ଘାଟିତ




ଝାରସୁଗୁଡ, ୧୨।୭ (ସବ୍ୟୁ) : ଏପସିଲନ କାର୍ବନ ପ୍ରାଇଭେଟ ଲିମିଟେଡର ସିଏସଆର ଶାଖା, ଏପସିଲନ ଫାଉଣ୍ଡେଶନ ଓଡିଶାର ବେରୁଣପଦି ଅଂଚଳରେ ଅବହେଳିତ ପିଲାମାନଙ୍କୁ ସେବା ଯୋଗାଉଥିବା ଏକ ଅଣଲାଭକାରୀ ଦାତବ୍ୟ ବିଦ୍ୟାଳୟ ଉତ୍କଳ ଗୌରବ ଇଂଟରନ୍ୟାଶନାଲ ସ୍କୁଲରେ ଏକ ନବନିର୍ମିତ ସ୍ପୋର୍ଟସ କୋର୍ଟ ଓ କ୍ରିକେଟ ପିଚ୍‌ର ଉଦ୍‌ଘାଟନ କରିଛି । ଏହି କ୍ରୀଡା କମ୍ପ୍ଲେକ୍ସ ଭିତିଭୂମି ୩୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବା ସହ କ୍ରିକେଟ, ହକି ଓ ତୀରନ୍ଦାଜୀ କ୍ରୀଡା କ୍ଷେତ୍ରରେ ଢାଂଚାଗତ ପ୍ରଶିକ୍ଷଣ ପାଇଁ ସୁବିଧା ପ୍ରଦାନ କରିବା ଲାଗି ପ୍ରସ୍ତୁତ ରହିଛି । ଶୃଙ୍ଖଳା, ଦଳଗତ କାର୍ଯ୍ୟ ଓ କ୍ରୀଡା ମନୋଭାବର ମୂଲ୍ୟକୁ ପ୍ରୋତ୍ସାହିତ କରି ଯୁବ କ୍ରୀଡା ପ୍ରତିଭାମାନଙ୍କୁ ବିକଶିତ କରିବା ପାଇଁ ଏହି ଭିତିଭୂମିକୁ ପରିକଳ୍ପନା କରାଯାଇଛି । ଏହି ସ୍ପୋର୍ଟସ କମ୍ପ୍ଲେକ୍ସର ଉଦ୍‌ଘାଟନ ସମାରୋହରେ ୭୦ରୁ ଅଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟତ୍ରୀ ଉତ୍ସାହପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିଥିଲେ ଏବଂ ସମାରୋହରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ, ଆକର୍ଷଣୀୟ କାର୍ଯ୍ୟକଳାପ ଏବଂ ବିଦ୍ୟାଳୟର ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହ ସାର୍ଥକ ଆଲୋଚନା ଆଦି ଅନ୍ତର୍ଭୁକ୍ତ ଥିଲା ।

ଏହି ଅବସରରେ ଏପ୍‌ସିଲନ ଫାଉଣ୍ଡେଶନର ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିକ୍ରମ ହାଣ୍ଡା କହିଛନ୍ତି, "ଗ୍ରାମାଂଚଳ କ୍ରୀଡା ଭିତିଭୂମି କ୍ଷେତ୍ରରେ ନିବେଶ କରି ଆମେ ପିଲାମାନଙ୍କୁ ଜୀବନ କୌଶଳ, ନେତୃତ୍ୱ ଗୁଣବତା ଓ ଏକ ସୁସ୍ଥ ଭବିଷ୍ୟତ ପାଇଁ ମାର୍ଗ ପ୍ରଦାନ କରି ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛୁ । ଆମେ ଆଶା କରୁଛୁ, ଏହି ସ୍ପୋର୍ଟସ କମ୍ପ୍ଲେକ୍ସ ଅଂଚଳର ଯୁବ ପ୍ରତିଭାମାନଙ୍କ ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ସଫଳ ହେବା ଲାଗି ଏକ ଲଂଚ୍‌ପ୍ୟାଡରେ ପରିଣତ ହେବ ଏବଂ ସକ୍ରିୟ ଓ ସୁସ୍ଥ ଜୀବନଶୈଳୀର ଏକ ସଂସ୍କୃତିକ ଅନୁପ୍ରାଣିତ କରିବ ।" ଏହି ପଦକ୍ଷେପ ଗ୍ରାମାଂଚଳ ଭାରତରେ କ୍ରୀଡା ଭିତିଭୂମିକୁ ଉନ୍ନତ କରିବା ପାଇଁ ଏପ୍‌ସିଲନ ଫାଉଣ୍ଡେଶନର ବିସ୍ତୃତ ଲକ୍ଷ୍ୟର ଅଂଶ ଅଟେ, ଯାହା ଅବହେଳିତ ସମୁଦାୟର ପିଲାମାନେ ଯେପରି ଦୀର୍ଘାବଧି ବିକାଶ ପାଇଁ ଗୁଣାତ୍ମକ ଭୌତିକ ଶିକ୍ଷା ଓ ସୁଯୋଗ ପାଇପାରିବେ ତାହା ନିଶ୍ଚିତ କରୁଛି ।

# ୧୬ ରୁ ସାହାଣୀ କପ୍

ଭୁବନେଶ୍ୱର, ୧୨।୭(ସବ୍ୟୁ) : ୬୪ ତମ ସିନିୟର ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ସାହାଣୀ କପ୍ ଆଗାମୀ ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏହି ପ୍ରତିଯୋଗିତା ବ୍ରହ୍ମପୁର, ବୌଦ୍ଧ, କେନ୍ଦ୍ରପଡା କେନ୍ଦୁଝର ଜୋନ୍‌ରେ ଖେଳାଯିବ । ବ୍ରହ୍ମପୁର ଜୋନ୍‌ରେ ୮ ଟି ଦଳ, ଯଥା ଗଞ୍ଜାମ, ଗଜପତି, ନବରଙ୍ଗପୁର, ଭୁବନେଶ୍ୱର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି ଓ ରାୟଗଡା ଅଛନ୍ତି । ବୌଦ୍ଧ ଜୋନ୍‌ରେ ବରଗଡ, କଳାହାଣ୍ଡି, ଦେବଗଡ, ନୟାଗଡ, ବୌଦ୍ଧ, ନୂଆପଡା, ବଲାଙ୍ଗିର, କନ୍ଧମାଳ ଓ ସମ୍ବଲପୁର ରହିଛନ୍ତି । କେନ୍ଦ୍ରପଡା ଜୋନ୍‌ରେ କଟକ, ପାରାଦୀପ ପୋର୍ଟ ଟ୍ରଷ୍ଟ, ଖୋର୍ଦ୍ଧା, ପୁରୀ । କେନ୍ଦ୍ରାପଡା, ଭଦ୍ରକ, ଜଗତସିଂପୁର ଓ ଝାରସୁଗୁଡା ରହିଛନ୍ତି । କେନ୍ଦୁଝର ଜୋନ୍‌ରେ ସୁନ୍ଦରଗଡ, ସୁବର୍ଣ୍ଣପୁର, ବାଲେଶ୍ୱର, ଢେଙ୍କାନାଳ, କେନ୍ଦୁଝର, ଯାଜପୁର, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଓ ଅନୁଗୁଳ ସ୍ଥାନ ପାଇଛନ୍ତି । ସମସ୍ତ ଜୋନର ୮ ଟି ଲେଖାଏଁ ଦଳକୁ ଦୁଇଗୋଟି ଗ୍ରୁପରେ ବିଭକ୍ତ କରାଯାଇଛି । ଗ୍ରୁପ ପର୍ଯ୍ୟାୟ ମ୍ୟାଚ ୧୬ ରୁ ୨୧ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ପ୍ରତ୍ୟେକ ଦିନ ସବୁ ଜୋନ୍‌ରେ ଦୁଇଟି ଲେଖାଏଁ ମ୍ୟାଚ ହେବ ।

# ପାରା ଆଥଲେଟିକ୍ସ ଇଣ୍ଟରନ୍ୟାସନାଲ ଚାମ୍ପିଅନସିପ : ଓଡିଶାକୁ ୧୧ ପଦକ

ଭୁବନେଶ୍ୱର, ୧୨।୭ (ସବ୍ୟୁ) : ସପ୍ତମ ଇଣ୍ଡିଆନ ଓପନ୍ ପାରା ଆଥଲେଟିକ୍ସ ଇଣ୍ଟରନ୍ୟାସନାଲ ଚାମ୍ପିଅନସିପରେ ଓଡିଶା ୧୧ ପଦକ ଜିତିଛି । ଏଥିରେ ୪ ଟି ସ୍ୱର୍ଣ୍ଣ, ୫ ଟ ରୌପ୍ୟ ଓ ୨ ଟି ବ୍ରୋଞ୍ଜ ପଦକ ରହିଛି । ଓଡିଶାର ଜୟନ୍ତୀ ବେହେରା ମହିଳା ଟି -୪୭ ୧୦୦ ମିଟର, ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୪୦୦ ମିଟରରେ ରୌପ୍ୟ ପଦକ ହାସଲ କରିଛନ୍ତି ।

ମହିଳା ଟି-୪୭ ୧୦୦ ମିଟର ଦୌଡରେ ଜୟନ୍ତୀ ଫିନସିଂ ଲାଇନକୁ ୧୩.୩୭ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଆନ୍ଧ୍ରପ୍ରଦେଶର ଭବାନୀ ଭାଲାସ ୧୩.୫୬ ସେକେଣ୍ଡ ସହ ରୌପ୍ୟ ପଦକ ଏବଂ ଦିଲ୍ଲୀର କୀର୍ତ୍ତି ଚୌହାନ ୧୪.୦୭ ସେକେଣ୍ଡ ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

ମହିଳା ଟି-୪୭ ୨୦୦ ମିଟର ଦୌଡରେ ଜୟନ୍ତୀ ଫିନସିଂ ଲାଇନକୁ ୨୭.୮୭ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଆନ୍ଧ୍ରର ଭବାନୀ ଭାଲାସ ୨୯.୧୦ ସେକେଣ୍ଡ ସହ ରୌପ୍ୟ ପଦକ ଏବଂ ହରିୟାଣାର ମାଫି ୩୧.୦୩ ସେକେଣ୍ଡ ସହ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ ।

ମହିଳା ଟି-୪୭ ୪୦୦ ମିଟର ଦୌଡରେ ଗୁଜରାଟର ବୁମବାଦ୍ୟା ଅଞ୍ଜା ରୋହିତ ଭାଇ ୧ :୦୧.୨୦ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ, ଜୟନ୍ତୀ ବେହେରା ୧:୦୫.୩୦ ସେକେଣ୍ଡ ସହ ରୌପ୍ୟ ପଦକ ଏବଂ ହରିୟାଣାର ମାଫି ୧:୧୧.୫୦ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।




ଓଡିଶାର ସୁଚିତ୍ରା ପରିଡା ମହିଳା ଏଫ୍-୫୫ ଜାଭେଲିନ୍ ଥ୍ରୋରେ ୧୭.୮୪ ମିଟର ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଉତ୍ତରାଖଣ୍ଡର ଗରିମା ଜୋସି ୧୫.୯୮ ମିଟର ସହ ରୌପ୍ୟ ପଦକ ଏବଂ ଉତ୍ତରପ୍ରଦେଶର ଫତିମା ଖାତୁନ ୧୬.୨୬ ମିଟର ସହ ବ୍ରୋଞ୍ଜ ପଦକ ଜିତିଛନ୍ତି । ମହିଳା ଏଫ-୫୫ ସଟ୍‌ପୁଟରେ ତାମିଲନାଡୁର କୀର୍ତ୍ତିକା ଜୟଚନ୍ଦ୍ରନ ୬.୦୬ ମିଟର ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଓଡିଶା ସୁଚିତ୍ରା ପରିଡା ୫.୭୫ ମିଟର ସହ ରୌପ୍ୟ ପଦକ ଏବଂ ମହାରାଷ୍ଟ୍ରର ଆଶା ଜଲନ୍ଧର ପାଟିଲ ୪.୮୧ ମିଟର ସହ ବ୍ରୋଞ୍ଜ ପଦକ ଜିତିଛନ୍ତି । ଓଡିଶାର ଜାନକୀ ଓରାମ ମହିଳା ଟି-୧୨ ୧୦୦ ମିଟରରେ ରୌପ୍ୟ ପଦକ, ୨୦୦ ମିଟରେ ବ୍ରୋଞ୍ଜ ପଦକ, ଲଙ୍ଗଜମ୍ପରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।

କମଳାକାନ୍ତ ନାୟକ ପୁରୁଷ ଏଫ୍ -୫୪/୫୫ ଜାଭେଲିନ୍ ଥ୍ରୋରେ ରୌପ୍ୟ, ୮୦୦ ମିଟର ଦୌଡରେ ରୌପ୍ୟ, ୪୦୦ ମିଟର ଦୌଡରେ ବ୍ରୋଞ୍ଜ ପଦକ ଜିତିଛନ୍ତି ।


ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଉକ୍ତ ବ୍ୟକ୍ତି କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ପେମେଣ୍ଟ କରି ରସିଦ୍‌କୁ ବିଜ୍ଞାପନ ସହ ୭୦୭୮୫୩୩୧୨୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୦୭୮୫୩୩୧୨୪ରେ ଯୋଗାଯୋଗ କରନ୍ତୁ ।



Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି